ସ୍ରଷ୍ଟା

ଡ.ନାରାୟଣ ସାହୁ

Digitized by PPRACHIN, SOA

ମୃଷା

ନାଟ୍ୟକାର ନାରାୟଣ ସାହୁ

ତୃପ୍ତି

ଭୁବନେଶ୍ୱର

Digitized by PPRACHIN, SOA

ମୂଷା

ନାଟ୍ୟକାର ନାରାୟଣ ସାହୁ

ପ୍ରକାଶକ : ତୃପ୍ତି, ଭୁବନେଶ୍ୱର
ଅକ୍ଷର : ରଂଜନା, ପ୍ରଚ୍ଛଦ : ରମାକାନ୍ତ
ମୁଦ୍ରଣ : ଏଥେନା ବୁକ୍‌ସ୍, ଭୁବନେଶ୍ୱର-୨
ପ୍ରଥମ ସଂସ୍କରଣ : ୨୦୧୫
ପୃଷ୍ଠା : ୧୨୮, **ମୂଲ୍ୟ : ଟ.୧୩୦/-**

Musha (Mouse)

Narayana Sahoo

Published by : Trupti, Bhubaneswar
Page Design : Ranjana, Cover Design : Ramakanta
Printed at : Athena Books, Bhubaneswar-2
E-mail : rkdas. athena@gmail.com
1st Edition : 2015
Page : 128, **Price : Rs.130/-**
ISBN 13 978-93-80758-65-7

Digitized by PPRACHIN, SOA

ସୂଚୀ

୧. ମୂଷା – ୫ ରୁ ୫୬
୨. ଦୂର ଆକାଶର ତାରା – ୫୭ ରୁ ୧୨୮

Digitized by PPRACHIN, SOA

ଇଏ ଏମିତି ଏକ ଅଜବ ଦୁନିଆ, ଯୋଉଠି ସବୁଥାଇ ମଧ କିଛି ନାହିଁ । ସତ୍‌ପଥରେ ଯାଇ ଜଣେ ଲହୁ ଲୁହାଣ ହୁଏ । ଆଉ ଜଣେ ବିନା ପରିଶ୍ରମରେ ଅନ୍ୟର ସଂପଦ ଅପହରଣ କରି ଧନୀ ହୁଏ । ପାପପୁଣ୍ୟର ଏ ସଂଘର୍ଷ ଯୁଗ ଯୁଗ ଧରି ଚାଲିଛି । ବୟସ ହୁଏତ ହାରଜିତ୍‌ର ଦାଗଟାକୁ ଭୁଲାଇ ଦେଇପାରେ, ହେଲେ ଯା' ଭିତରେ ରକ୍ତ ଟକ୍‌ମକ୍ ହେଇ ଫୁଟୁଛି, ସିଏ କାହିଁକି ଏତେ ଶୀଘ୍ର ବଶ୍ୟତା ସ୍ୱୀକାର କରିବ ? ଜୀବନର ଶେଷ ରକ୍ତବିନ୍ଦୁ ଝରିବାଯାଏ ସେ ଲଢ଼ିବ । ଅପ୍ରାପ୍ତିର ଅନୁଶୋଚନା ତାର ପଥରୋଧ କରିପାରିବ ନାହିଁ ।

ଦୁଷ୍ମନ୍ତ... ଅରବିନ୍ଦ... ଏମାନେ ଶୋଚନୀୟ ଭାବେ ହାରିଗଲେ । ସବୁ ପାଇ ମଧ ସେମାନେ କିଛି ପାଇପାରିଲେ ନାହିଁ । ହେଲେ ଭାରତ ? କନ୍ୟାକୁମାରୀଠାରୁ ହିମାଚଳ ପର୍ଯ୍ୟନ୍ତ ଯିଏ ପ୍ରଶସ୍ତ, ତାକୁ କିଏ ବାଂଧି ରଖିବାକୁ ସାହସ କରିବ ? କୋଟିଏ କାରଗିଲ ମଧ ତାକୁ କୁରନିସ୍ କରିବ । ସତରେ ସିଏ ଆଜି ଏତେ ଉପରକୁ ଚାଲିଯାଇଛି । ହାତ ବଢ଼ାଇଲେବି ପାଉନି । ଦୂର ଆକାଶର ତାରା ହୋଇଯାଇଛି ସିଏ । ହଁ, ତଳେ ଥାଇ ଆମେ ଅନ୍ତତଃ ତାକୁ ସାଲ୍ୟୁଟ୍ ତ ଦେଇପାରିବା...

<u>ଚରିତ୍ର</u>

ଦୁଷ୍ମନ୍ତ

ଭାରତ

ମୁରାରୀ

ଅରବିନ୍ଦ

ଦୁର୍ଯ୍ୟୋଧନ

କଙ୍ଗାରୁ

ପୋଲିସ ଅଫିସର

ଦେବିକା

ଶକୁନ୍ତଳା

Digitized by PPRACHIN, SOA

ରାଗ
ପ୍ରଥମ ଦୃଶ୍ୟ

ଚରିତ୍ର : ନାରଦ,ଗଣେଶ, ଶିକ୍ଷକ, କିଛି ଛାତ୍ର, ହରି, ମଧୁ, ରାମ, ରମେଶ, ଗଦା, ବଟ, ସନାତନ, ରାମବାବୁ

(ମଞ୍ଚରେ ଭରି ରହିଥିଲା ଧୂମକୁଣ୍ଡଳୀ । ସୀମିତ ଆଲୋକ ମଧ୍ୟରେ ଦେଖାଗଲା ଗୋଟିଏ ମୂର୍ତ୍ତି । ପରେ ପରେ ଭାସି ଆସିଲା ଶ୍ଳୋକ)

"ଖର୍ବଂ ସ୍ଥୂଳତନୁଂ ଗଜେନ୍ଦ୍ର ବଦନଂ ଲମ୍ବୋଦରଂ ସୁନ୍ଦରମ୍
ପଶ୍ୟନ୍ଦନ ମଦଗନ୍ଧଲୁବ୍ଧ ମଧୂପବ୍ୟାଲୋକ ଗଣ୍ଡସ୍ଥଳମ୍ ।
ଦନ୍ତାଘାତ ବିଦାରିତାରି ରୁଧିରୈ ସିନ୍ଦୂର ଶୋଭାକରମ୍
ବନ୍ଦେ ଶୈଳସୂତାସୂତଂ ଗଣପତିଂ ସିଦ୍ଧିପ୍ରଦ କାମଦମ୍ ।"

(ଦେବର୍ଷି ନାରଦଙ୍କ କଣ୍ଠସ୍ୱର ଶୁଭୁଛି । ଧୂମ କୁଣ୍ଡଳୀ ଉଭେଇ ଯାଉଛି । ପ୍ରବେଶ କରିଛନ୍ତି ନାରଦ)

ନାରଦ : 'ନାରାୟଣ'... 'ନାରାୟଣ'....

ଗଣେଶ : ଆସନ୍ତୁ ଦେବର୍ଷି ନାରଦ । ହଠାତ୍ ଅସମୟରେ ଆଗମନର ଉଦ୍ଦେଶ୍ୟ ?

ନାରଦ ଗଣପତି, ଆପଣ ଥାଉଁ ଥାଉଁ ଭାରତବର୍ଷରୁ ବିଦ୍ୟାର ଅଧୋଗତି ଘଟିବ ! ଏହା ଶୋଭନୀୟ ନୁହେଁ ଦେବ ।

ଗଣେଶ : ହଁ, ଦେବର୍ଷି ! ଭାରତ ଆଜି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଉପସ୍ଥିତ । ସର୍ବତ୍ର ସଙ୍କଟ ଆଉ ସଙ୍କଟ ।

ନାରଦ : ଏ ପରିସ୍ଥିତିରେ ଆପଣ କିଛି ଗୋଟାଏ ଉପାୟ କରନ୍ତୁ । ନଚେତ୍ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିବ । ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, ଶିକ୍ଷାବିଭାଗ ସବୁଠି ଶିକ୍ଷା ନାମରେ ଭ୍ରଷ୍ଟାଚାର । ଏହାର କ'ଣ କିଛି ପ୍ରତିକାର ନାହିଁ ?

Digitized by PPRACHIN, SOA

ଗଣେଶ	ଅବଶ୍ୟ ଅଛି । ଶିକ୍ଷାର ସଂସ୍କାର ଅତ୍ୟନ୍ତ ଆବଶ୍ୟକ ।
ନାରଦ	ଆହୁରି ଉତ୍ତମ ହେବ, ଯଦି ଆପଣ ଥରେ ସ୍ୱଚକ୍ଷୁରେ ମର୍ତ୍ତ୍ୟମଣ୍ଡଳର
ଶିକ୍ଷା	ବ୍ୟବସ୍ଥାକୁ ଅନୁଧ୍ୟାନ କରି ଆସନ୍ତେ ।
ଗଣେଶ	ଆପଣଙ୍କ ଅଭିପ୍ରାୟ ମୁଁ ବୁଝିପାରୁଛି । ତା' ହେଲେ ଏକ ପରିକ୍ରମାର ବ୍ୟବସ୍ଥା କରାଯାଉ । ଶୁଭସ୍ୟ ଶୀଘ୍ରମ ।
ନାରଦ	ଯଥା ଆଜ୍ଞା, ଗଣପତି ।
	(ପରିକ୍ରମା ଆରମ୍ଭ କରିଛନ୍ତି ଗଣେଶ ଏବଂ ନାରଦ ମଞ୍ଚ ଅନ୍ଧାର)

Digitized by PPRACHIN, SOA

ଦ୍ୱିତୀୟ ଦୃଶ୍ୟ

(କୌଣସି ଏକ ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀକକ୍ଷ । ଶିକ୍ଷକ କ୍ଲାସ ରୁମ୍‌ରେ ଢୋଳଉ ଥିଲେ । ଟେବୁଲ ଉପରେ ବହିଟି ଖୋଲା ହୋଇ ରହିଥିଲା । ପିଲାଏ ଶ୍ରେଣୀକକ୍ଷରେ ତାସ୍ ଖେଳୁଥିଲେ । ହଠାତ୍ କୌଣସି କାରଣରୁ ପିଲାମାନଙ୍କ ଭିତରେ ପାଟିତୁଣ୍ଡ ହୋଇଛି । ଶିକ୍ଷକଙ୍କ ନିଦ ଭାଙ୍ଗିଯାଇଛି ।)

ଶିକ୍ଷକ ହଁ, ଶିବାଜୀ କେଉଁ ମସିହାରେ ଜନ୍ମଗ୍ରହଣ କରିଥିଲେ ? ମରହଟ୍ଟା ଶାସନ ପ୍ରଣାଳୀରେ ସେ କି ପ୍ରକାର ପରିବର୍ତ୍ତନ ଆଣିଥିଲେ ? ସେ କେବେ ମୃତ୍ୟୁବରଣ କଲେ ଏବଂ କିପରି ? ହିନ୍ଦୁ ସାମ୍ରାଜ୍ୟ ସ୍ଥାପନରେ ତାଙ୍କର କି ପ୍ରକାର ଅବଦାନ ଥିଲା ? ଏବଂ -

ଛାତ୍ର(୧) ସାର୍, ଆଜି ଇତିହାସ ନାହିଁ ।

ଶିକ୍ଷକ ନଥିଲେ କ'ଣ ପାଠ ଜାଣିନା ? ଆଚ୍ଛା ସାହିତ୍ୟ ବହି ଏଠୁ କିଏ ନେଲା ? ଦେଲ ସାହିତ୍ୟ ବହି...

ଛାତ୍ର(୨) : ଆମେ ସାହିତ୍ୟ ବହି ଆଣିନୁ ।

ଶିକ୍ଷକ : ଆଉ କ'ଣ ମୋ ମୁହଁ ଦେଖିବାକୁ ଆସିଛ ? କେତେଥର କହିଛି ସାହିତ୍ୟ ବହି ପ୍ରତିଦିନ ଆଣିବ ବୋଲି । ଦେଶର ସାହିତ୍ୟ ନଜାଣିଲେ, ସମାଜ ଆଗେଇବ କିପରି ? ନଜାଣି ମହାପୁରୁଷ କହିଛନ୍ତି - 'ଉଚ୍ଚ ହେବା ପାଇଁ କର ଯେବେ ଆଶା, ଉଚ୍ଚ କର ଆଗେ ନିଜ ମାତୃଭାଷା' ।

ଛାତ୍ର(୩) : ସାର୍, ନିଦ ଲାଗୁଛି । ସାହିତ୍ୟ ଛାଡ଼ି ଆଉ କିଛି...

ଶିକ୍ଷକ : ମୂର୍ଖଦଳ, ତମେମାନେ କୋଉଠୁ ଜାଣିବ ସାହିତ୍ୟର ମହତ୍ୱ ? ସାହିତ୍ୟର ରସ ଯେତିକି ପରିମାଣରେ ଭିତରକୁ ଯିବ, ତନୁ-ମନ-ପ୍ରାଣ ସେତିକି ପୁଲକିତ ହୋଇ ଉଠିବ ।

Digitized by PPRACHIN, SOA

ଛାତ୍ର(୪)	ସାର୍, ଏ ପୁଲକିତ'ଟା କ'ଣ ?
ଶିକ୍ଷକ	କିଏ ଜାଣିଛ; କୁହ ? ଆରେ କେହି ଜାଣିନା ? ଠିକ୍ ଅଛି । ଟିଉସନ କ୍ଲାସରେ ମନେ ପକେଇଦେବ । ବୁଝେଇଦେବି । ହଁ, କୁହ । କବିବର ରାଧାନାଥ ରଥଙ୍କ ଶ୍ରେଷ୍ଠ କାବ୍ୟ ନାମ କ'ଣ ?
ଛାତ୍ର(୨)	ସାର୍, ଚିଲିକା । ଆମ ଘର ପାଖରୁ ମୋଟେ ତିନି କିଲୋମିଟର ।
ଶିକ୍ଷକ	ଆରେ ସେଠି ଭଲ ଜିନିଷ କ'ଣ ମିଳେ ? କଙ୍କଡ଼ା ନା ଚିଙ୍ଗୁଡ଼ି ?
ଛାତ୍ର(୧)	ସାର୍ କଙ୍କଡ଼ାର କେତେଟା ଗୋଡ଼ ?
ଶିକ୍ଷକ	ଆଉ କ୍ଲାସରେ ଗଣିକରି ଆସି ମତେ କହିବୁ । ହଁ, କୁହ ରଥେ ଚିଲିକା ଲେଖିଲାବେଳେ ତାଙ୍କ ଆଖି ଆଗରେ କ'ଣ ଥିଲା ?
ଛାତ୍ର(୩)	ମୋଟା ଚଷମା ।
ଛାତ୍ର(୨)	କଙ୍କଡ଼ା ।
ଛାତ୍ର(୪)	ଚିଙ୍ଗୁଡ଼ି ।
ଶିକ୍ଷକ	ମୂର୍ଖ ।
ଛାତ୍ର(୧)	ସାର୍, ରାଧାନାଥ କେବେ ମଲେ ?
ଶିକ୍ଷକ	କିଏ କହିଲା ରାଧାନାଥ ମରିଛନ୍ତି ? ମୁଁ ନିଜେ ବାବୁଜୀଙ୍କୁ ଗୋପବନ୍ଧୁ ଭବନରେ ଦେଖିଆସିଛି । କଟକ ବକ୍ସିବଜାର ଛକ ପାଖରେ ଯେଉଁ ଗୋପବନ୍ଧୁ ଭବନ ଅଛି, ସେଇଠି ରହୁଛନ୍ତି ।
ଛାତ୍ର(୨)	ସାର୍ ବହିରେ ତ ସ୍ୱର୍ଗତଃ ରାଧାନାଥ ଲେଖାହୋଇଛି ।
ଶିକ୍ଷକ	ମୁଦ୍ରଣ ଦୋଷ । ଏ ଦେଶରେ ଭଲ ଛାପାଖାନାଟିଏ ଅଛି ? କୋଉ ଶୁଦ୍ଧ ପାଠ ଜାଣିଥିବା ଲୋକ ଅଛନ୍ତି । ଛାତ୍ର ଛାତ୍ରୀଗଣ, ଆଜି ଦେହଟା ଭଲ ଲାଗୁନି ।
ଛାତ୍ର(୩)	ସାର୍, ଆମ ଭିତରେ ଛାତ୍ରୀ କେହି ନାହାନ୍ତି ।
ଶିକ୍ଷକ	ଓ, ହୋ...(ବିରକ୍ତ ହୋଇ)
ଛାତ୍ର(୪)	ସାର୍, ବେଲ ବାଜି ଗଲାଣି ।
ଶିକ୍ଷକ	ଆରେ ଆଉ ବସିଛ କାହିଁକି ? ତମକୁ ଅଧିକା ପାଠ ପଢ଼େଇଲେ କ'ଣ ମୋ ଦରମା ବଢ଼ିଯିବ ?

(ପିଲାଏ ଚାଲିଯାଇଛନ୍ତି । ଟେବୁଲ ଉପରେ ମୁଣ୍ଡ ରଖି ଘୁଙ୍ଗୁଡ଼ି ମାରିଛନ୍ତି ଶିକ୍ଷକ । ଆସିଛନ୍ତି ଗଣେଶ ଏବଂ ନାରଦ ।)

Digitized by PPRACHIN, SOA

ନାରଦ	ନାରାୟଣ... ନାରାୟଣ । ଏ ସୃଷ୍ଟି କେମିତି ଚାଲିବ ? ଇଏ ହେଉଛନ୍ତି ଜ୍ଞାନଦାତା 'ଗୁରୁ' । ଛାତ୍ରମାନଙ୍କ ଭବିଷ୍ୟତ ଗଢ଼ିବେ ଏଇମାନେ ।
ଗଣେଶ	ଶିକ୍ଷାର ଏପରି ନୈତିକ ଅଧଃପତନ ଘଟିବ ଯା' କେବେ ମୁଁ ଆଶା କରିନଥିଲି ।
ନାରଦ	ସ୍ୱଚକ୍ଷୁରେ ଦେଖିଲେ ତ ! ପ୍ରାଥମିକ ପର୍ଯ୍ୟାୟରୁ ଶିକ୍ଷାର ମାନଦଣ୍ଡ ଯଦି ଏଇଆ ହୁଏ, ତାହାହେଲେ ସମାଜ କାହା ଉପରେ ନିର୍ଭର କରି ବଞ୍ଚି ରହିବ ?
ଗଣେଶ	ଦେବର୍ଷି, ମୁଁ ମର୍ମାହତ । ଗୁରୁକୁଳାଶ୍ରମ ବୁଡ଼ିଯିବା ପରେ ମୁଁ ଅଧିକ ନିର୍ଭର କରିଥିଲି ପ୍ରାଥମିକ ଶିକ୍ଷା ଉପରେ । ମୋର ଆଶା ଥିଲା, ଏଇମାନେ ହିଁ ହେବେ ମରୁର ଆଲୋକ । ହେଲେ,ଆଜି ମୁଁ ଯାହା ଦେଖୁଛି...(ବିବ୍ରତଭାବ)
ନାରଦ	ଯା'ର କିଛି ଗୋଟାଏ ପ୍ରତିକାର କରନ୍ତୁ ବିଘ୍ନନାଶନ । ଦେଖୁନାହାନ୍ତି, ଶିକ୍ଷକ ପଦଧାରୀ ଏ ମହାମୂର୍ଖ କିପରି ନିଶ୍ଚିନ୍ତ ହୋଇ ଘୁଙ୍ଗୁଡ଼ି ମାରୁଛି ।
ଗଣେଶ	କର୍ତ୍ତବ୍ୟରେ ଘୋର ଅବହେଳା । ତାହା ପୁଣି ଶିକ୍ଷକର ! ଦିନେ ଗୁରୁ ହିଁ ଥିଲେ ସମାଜର ସର୍ବୋଚ୍ଚ ପଦବୀଧାରୀ ବ୍ୟକ୍ତି । କିନ୍ତୁ ଆଜି ? ଏସବୁ କ'ଣ ଯେ ଘଟିଚାଲିଛି !
ନାରଦ	ଏହିମାନଙ୍କ ହାତରେ ପୁଣି ଗଢାହେବେ ଦେଶର ଭବିଷ୍ୟ !
ଗଣେଶ	ଲଜ୍ଜା ସଙ୍କୋଚ ସବୁକିଛି ଏମାନେ ବିସର୍ଜନ ଦେଇଦେଲେ ।
ନାରଦ	ଉଚିତ ହେବ, ତା' ମୁହଁରୁ କିଛି ଶୁଣିବା ।
ଗଣେଶ	ସିଏ କ'ଣ ଆଉ ଶୁଣାଇବ । ମୁଖଶାଳା ହିଁ ମନ୍ଦିରର ପରିଚୟ ଦେଇ ସାରିଲାଣି ।
ନାରଦ	ତଥାପି, ଆସିଛେ ଯେତେବେଳେ....
ଗଣେଶ	ଯାହା ଉଚିତ ଭାବୁଛନ୍ତି କରନ୍ତୁ । ମୋର ଆପତ୍ତି ନାହିଁ ।
ନାରଦ	ଶିକ୍ଷକ ମହାଶୟ... ଶିକ୍ଷକ ମହାଶୟ... ଉଠନ୍ତୁ । (ଡାକିଛନ୍ତି)
ଶିକ୍ଷକ	କାହିଁକି ଡିଷ୍ଟର୍ବ କରୁଛ ?
ନାରଦ	ଶ୍ରେଣୀକକ୍ଷରେ ଶୟନ କରିବା ଆଦୌ ସମୀଚନ ନୁହେଁ ।
ଶିକ୍ଷକ	ମଣିଷକୁ ଟିକିଏ ଶାନ୍ତିରେ ଶୋଇବାକୁ ମଧ ଦେବନାହିଁ । ହଇହୋ, କାହିଁକି ଗେଜର ଗେଜର ହଉଛ ? କ'ଣ ଦରକାର ?

Digitized by PPRACHIN, SOA

ଗଣେଶ	ଶିକ୍ଷକ ବନୟୀ ହେବା ବାଞ୍ଛନୀୟ । 'ବିଦ୍ୟା' ସମ୍ପଦେ ନମନ୍ତି ବୁଦ୍ଧାଃ ।
ଶିକ୍ଷକ	ଆଃ. ସଂସ୍କୃତ ମତେ ଶିଖେଇଲା ! କୋଉଠୁ ଆସି ଏ ହତଭାଗା ଦି'ଟା ଜୁଟିଗଲେ ! ହଇହୋ ବାବୁ, ମୋଠି କିଛି କାମ ଅଛି ?
ନାରଦ	ମହାଭାଗ ! ଆପଣ ସମ୍ମାନୀୟ । ଏଭଳି ପଦବୀରେ ଥାଇ ପଦର ଅବମାନନା କରୁଛନ୍ତି କାହିଁକି ?
ଶିକ୍ଷକ	ସକାଳୁ କ'ଣ ପକେଇଛ ? ଝଡ଼େଇ ହବାକୁ ଆଉ କୋଉଠି ଜାଗା ମିଳିଲା ନାହିଁ ? ଏଇଠିକି ଚାଲି ଆସିଲ ?
ଗଣେଶ	ଦୁଃଖ ଲାଗୁଛି । ମର୍ତ୍ତ୍ୟମଣ୍ଡଳରେ ଶିକ୍ଷାର ଏଭଳି ଅଧଃପତନ ଘଟିବ, ମୁଁ ଭାବି ନଥିଲି । ଧିକ୍ ଶିକ୍ଷକ ! ଧିକ୍ ତୁମ ଶିକ୍ଷା ।
ଶିକ୍ଷକ	ଆଃ, ଯେମିତି ସ୍ୱର୍ଗରୁ ସାଙ୍ଗେ ସାଙ୍ଗେ ଗଳିଛ ! ହଇହୋ ଭକୁଆ ବନେଇବାକୁ ଆଉ କାହାକୁ ପାଇଲନାହିଁ ? ଏ ଦରିଦ୍ର ମାଷ୍ଟରଟା ପଛରେ କାହିଁକି ପଡ଼ିଛ ? କ'ଣ ଦରକାର କହୁନ । କୋଉଠୁ ଆସିଛ ?
ନାରଦ	ଦେବଲୋକରୁ ଆସିଛୁ । ଆମ୍ଭେ ମହର୍ଷି ନାରଦ...
ଶିକ୍ଷକ	(ଗାଡ଼େଇ କରି ନାରଦକୁ ଚାହିଁ) କାହିଁ ଥୋବଡ଼ାରୁ ତ ଜଣାପଡୁନି । ଆଉ ଇଏ କୋଉ ଜଙ୍ଗଲରୁ ଧରା ହେଇଛନ୍ତି ?
ନାରଦ	ଯେ ହେଉଛନ୍ତି ବିଘ୍ନବିନାଶନ ପାର୍ବତୀନନ୍ଦନ ଗଜାନନ ଗଣେଶ ।
ଶିକ୍ଷକ	ବାଛି ବାଛି କଥାଟାଏ କହିଲ ! ପାର୍ବତୀନନ୍ଦନ ! ହଇହେ ଶିବ କି ପାପ କରିଥିଲେ ? ତାଙ୍କ ନାଁ ଧରିଲନି କାହିଁକି ?
ନାରଦ	ଅର୍ଥକୁ କଦର୍ଥ କରନି, ମହାଭାଗ ! ଆମେ ଦୁହେଁ ଦେବଲୋକରୁ ଆସିଛୁ । ଶିକ୍ଷା ବ୍ୟବସ୍ଥା ଅବଲୋକନ କରୁଛୁ ।
ଶିକ୍ଷକ	ଭଲରେ ଭଲରେ ବାହାରିଯାଅ । ନଇଲେ ବଳିଆ କୁକୁରକୁ ଡ଼ାକିଦେବି । ଭିଣି ପକେଇବ । ଗାଲୁ ପେଲିବାକୁ ଆଉ କୋଉଠି ସ୍ଥାନ ମିଳିଲାନି ? ଯାଅ... ବାହାରିଯାଅ ।
ନାରଦ	ଜଣେ ଶିକ୍ଷକ ପକ୍ଷେ କ୍ରୋଧ ଆଦୌ ଶୋଭନୀୟ ନୁହେଁ । ଛାତ୍ରଛାତ୍ରୀମାନେ ଆପଣଙ୍କଠାରୁ କ'ଣ ଶିକ୍ଷା ଲାଭ କରିବେ ?
ଶିକ୍ଷକ	ବାଜେ କଥା ବନ୍ଦକର । ଯୋଉ ବାଟେ ବାଟେ ଆସିଛ, ସେହି ବାଟେ ବାଟେ ଯାଅ । ହଇହେ, ଚାକିରୀ ତ ଛୋଟ ! ପାଠ ପଢ଼େଇବି ?

Digitized by PPRACHIN, SOA

ଗଣେଶ	କର୍ତ୍ତବ୍ୟରେ ଅବହେଳା କରି ତମେ ଖୁସି ହୋଇପାରୁଛ ?
ଶିକ୍ଷକ	ଧରିନିଅ, ଭଲଭାବେ ମୋ କର୍ତ୍ତବ୍ୟ ମୁଁ କଲି । କ'ଣଟା ମିଳିବ ମତେ ? ଦରମା ବଢ଼ିଯିବ ? ନା' ରାଷ୍ଟ୍ରପତି ପୁରସ୍କାରଟା ମିଳିଯିବ ?
ନାରଦ	ନିଜେ ନିର୍ମଳ ହେଲେ ତ ସମାଜକୁ ନିର୍ମଳ କରିବ ।
ଶିକ୍ଷକ	ଆଜିକାଲି ଯୁଗରେ ବେଶି ନିର୍ମଳ ହେଲେ ନିର୍ମୂଳ ହୋଇଯିବ । ଇନିସପେକ୍ଟରଠାରୁ ଆରମ୍ଭ କରି ମନ୍ତ୍ରୀଯାଏ ସମସ୍ତଙ୍କୁ ଚାନ୍ଦା ଦବୁ । ଯଦି ଚାନ୍ଦା ଦବୁ, କାହିଁକି ପାଠ ପଢ଼େଇବୁ ?
ଗଣେଶ	'ଚାନ୍ଦା' ! କ'ଣ କହୁଛ, ଶିକ୍ଷକ ?
ଶିକ୍ଷକ	ବିଶ୍ୱାସ ହଉନି ଯଦି, କ୍ଷେତ୍ର ଉପରକୁ ଯାଅ, ଦେଖିବ । ଶିକ୍ଷା ବିଭାଗଟା ଗୋଟାଏ ହରିଲୁଟ୍ ଡ଼ିପାଟମେଣ୍ଟ ହୋଇଗଲାଣି । ପୋଷ୍ଟିଙ୍ଗ, ପ୍ରମୋଶନ୍, ଟ୍ରାନ୍ସଫର୍ ସବୁ କାମ ପାଇଁ ଏଠି ଭାତିଆ ଦବାକୁ ହୁଏ ।
ଗଣେଶ	ନାରଦ, ଏ ସବୁ କ'ଣ ମୁଁ ଶୁଣୁଛି ?
ନାରଦ	ମୁଁ କହୁ ନଥିଲି, ମର୍ତ୍ତ୍ୟରେ ଶିକ୍ଷାର ଅଧଃପତନ ଘଟିଛି ବୋଲି । ଏ ସବୁ ତାର ଗୋଟିଏ ଗୋଟିଏ ନମୁନା ।
ଗଣେଶ	ଦେଶପାଇଁ ଜାତି ପାଇଁ ନିଜକୁ ସଂଶୋଧନ କରିବା ଉଚିତ୍ ।
ଶିକ୍ଷକ	ବାଜେ କଥା ଶୁଣିବାକୁ ମୋ ପାଖରେ ବେଳ ନାହିଁ । ହଇହେ ଗୋସେଇଁ, ଚେହେରା ତ ବେଶ୍ ପାଇଛ ! ଖଟୁନା, ଖାଇବ । କେତେଦିନ ଏମିତି ପୋଡ଼ା ଭାତରେ ଚଳିବ ? ଯାଅ... ଯାଅ.. ।
ନାରଦ	ଆମକୁ ଭୁଲ୍ ବୁଝନି । ବେଳହୁଁ ନିଜର ଚରିତ୍ର ସଂଶୋଧନ କର ଶିକ୍ଷକ ।
ଶିକ୍ଷକ	ଭଲରେ ଯିବ, ନା' ପିଲାଙ୍କୁ ଡ଼ାକିବି ? ଗଳା ଧକ୍କା ଦେଇ ଛାଡ଼ି ଦେଇ ଆସିବେ । ଆରେ ଏ ଦି'ଟା ଯାକ ପାଜି ଅଛନ୍ତି । ଚାଲ ... ଚାଲ ।
	(ଟାଣି ଟାଣି ନେଇ ବାହାରେ ଛାଡ଼ିଛନ୍ତି ଶିକ୍ଷକ ମଞ୍ଚ ଅନ୍ଧାର)

Digitized by PPRACHIN, SOA

ତୃତୀୟ ଦୃଶ୍ୟ

(କୌଣସି ଏକ କଲେଜର ଗେଟ୍ । କଲେଜର ନାମ ଫଳକରେ କାଳି ବୋଳୁଥିଲେ କେତେଜଣ ଛାତ୍ର । ଭୋର ସମୟ ।)

ରାମ — ଆରେ, ଜଲ୍‌ଦି କାମ ସାର । ପ୍ରିନିସ୍‌ପାଲ୍ ପୋଲିସ ମଗେଇ ଦେବ ।

ହରି — ତାଡ଼ିବ । ଆଜି ପ୍ରିନ୍‌ସପାଲ ଅଫିସ୍ ବୋଡ୍‌ରେ କାଳି ଲଗେଇବା ।

ମଧୁ — କାମଟା ପ୍ରକୃତରେ ସେଇଠୁ ଆରମ୍ଭ କରିଥିଲେ ଭଲ ହୋଇଥାନ୍ତା ।

ରାମ — ଆରେ ବାବା ଦି'ଟା ଏଇ ଆଡ଼କୁ ଝପଟିଛନ୍ତି(ଦୂରକୁ ଲକ୍ଷ୍ୟ କରି) ।

ହରି — ଚିଲମ ସଜାଡ଼ିବାକୁ ଭଲ ଯାଗା ମିଳି ନଥିବ । ଏଇଟା ଛାଇଯାଗା ।

(ଆସିଛନ୍ତି ନାରଦ ଏବଂ ଗଣେଶ)

ମଧୁ — ବାବା, ଏଇଟା ବଢ଼ିଆ ଯାଗା । ମନ ଶାନ୍ତି କରି ପିଅନ୍ତୁ ।

ଗଣେଶ — ବତ୍ସ, ଅସମୟରେ ଏ ସବୁ କ'ଣ କରୁଛ ?

ରାମ — (ଆଖି ଆଗରେ ହାତ ହଲାଇ) ଦେଖାଯାଉଛି ?

ଗଣେଶ — ଆମ୍ଭେ ଚକ୍ଷୁଷ୍ମାନ୍ । ସବୁ ଦେଖିପାରୁ ।

ରାମ — ହଇହୋ ବାବା, ଦେଖିପାରୁଛ ଯଦି, ପଚାରୁଛ କ'ଣ ? ନା ବୁଝି ପାରୁନ ? ଏଇଟା ଓରିଶା ନୁହେଁ, ଓଡ଼ିଶା ।

ନାରଦ — ବାଳକେ ! ଯାହା କରୁଛ, ତାହା କ'ଣ ଉଚିତ୍ ? ରାତିରେ ଏସବୁ-

ହରି — ହେ, ସିଧାସଳଖ କହ । ପ୍ରିନ୍‌ସପାଲ୍ ଲୋକ ନୁହଁ ତ ? ମୋର ସନ୍ଦେହ ହଉଛି ଏ ଦୁଇଟାକୁ ଦେଖି ।

ନାରଦ — ସନ୍ଦେହର ପ୍ରୟୋଜନ ନାହିଁ । ଆମ୍ଭେ ନାରଦ, ସେ ହେଉଛନ୍ତି ବିଦ୍ୟାଦାତା ଗଣେଶ ।

ମଧୁ — ତା' ହେଲେ ଅନ୍ଧାରି ବିଜେ କ'ଣ ପାଇଁ ? ଆମକୁ ଯଦି ସେୟାର ଦବ, ତମ ସାଙ୍ଗରେ ମିଶିଯିବୁ । କୁହ, କାହା ଘର ଲୁଟିବ ?

Digitized by PPRACHIN, SOA

ଗଣେଶ	ବତ୍ସ, ଏ କ'ଣ କହୁଛ ? ଆମ୍ଭେ ମର୍ତ୍ତ୍ୟ ମଣ୍ଡଳରେ ଶିକ୍ଷାର ଅବସ୍ଥା ଅନୁଧ୍ୟାନ ପାଇଁ ଦେବପୁରୀରୁ ଆସିଛୁ ।
ମଧୁ	ଆଚ୍ଛା ଗଣେଶ ଭାଇ, ଗୋଟାଏ କଥା ପଚାରିବି । କିଛି ମାଇଣ୍ଡ୍ କରିବନି । ଗଣେଶଙ୍କର ଥନ୍ତଲ ପେଟ ତ ଥାଏ, ହେଲେ ତମର ସେଇଟା କାହିଁ ?
ହରି	ସତ କୁହ । ଏ ଡୁପ୍ଲିକେଟ ଗଣେଶ ନାଁରେ କେତେ ଯାଗାରେ ଡ଼କାୟତି କରିଛ ?
ନାରଦ	ବିଶ୍ୱାସ କର, ବାଳକେ । ଶିକ୍ଷା ବ୍ୟବସ୍ଥା ଲକ୍ଷ୍ୟ କରିବା ପାଇଁ ଆମ୍ଭେ ଆସିଛୁ । ସେ ହେଉଛନ୍ତି ଗଣପତି । ବିଶ୍ୱକଲ୍ୟାଣ ପାଇଁ ଏ ଯାତ୍ରା...
ରାମ	ଟି.ଏ.ଡ଼ି.ଏ କେତେ ? ଅନ୍ୟ ବାବଦରେ କେତେ ?
ହରି	କୋଉ ଫାର୍ମ ପଠେଇଛି ? ଏଜେଣ୍ଟକମିଶନ କେତେ ?
ଗଣେଶ	ବତ୍ସ, ଆମ୍ଭେ ଦେବଲୋକରୁ ଆସିଛୁ ।
ମଧୁ	ବାବା, ତମେ ଭଲ ଭାଷୁଛ । ଏମ୍.ଏଲ. ଏ. କି ମନ୍ତ୍ରୀ ହଉନ । ବେଶ୍ ଦି' ପଇସା ହାତ ଚିକ୍‌ଣ ହବ ।
ନାରଦ	ଏସବୁ କ'ଣ କହୁଛ, ବତ୍ସ ! ପୂଜ୍ୟପୂଜାର ବ୍ୟତିକ୍ରମ ଘଟିଲେ ସମାଜ ରହିବନି ।
ହରି	'ସମାଜ' ନ ରହୁ । ଏଠି 'ସମ୍ବାଦ' ଅଛି । କିଛି ଅସୁବିଧା ହବନି ।
ଗଣେଶ	ଉଦ୍ଭଟ ଚିନ୍ତାଧାରା ପରିତ୍ୟାଗ କର, ବାବା ।
ରାମ	ଖାସା ପଦୁଟିଏ କହିଲ, ବାବା !
	(ସିଗାରେଟ ଲଗାଇଛି ମଧୁ । ଦେଉଛି ହରିକୁ)
ହରି	ବାବା ଚଳିବ ? ଇମ୍ପୋର୍ଟେଡ୍... ।
ନାରଦ	ବାଳକେ, କାହାକୁ କ'ଣ କହୁଛ ?
ରାମ	ହଉ ହେଲା ବାବା, ତମେ ଆଗ ନିଅ ।
ମଧୁ	ଚିଲମ ଅଛି ଯଦି, ବାହାର କର । ଆହୁରି ଭଲ ଜିନିଷ ଅଛି ।
ଗଣେଶ	ବାଳକେ ! ନିଶାପାନ ସର୍ବଦା ବର୍ଜନୀୟ ।
ରାମ	ହେରୋଇନ୍, କୋକେନ ବ୍ୟବସାୟୀମାନେ ବଞ୍ଚିବେ କେମିତି ?
ନାରଦ	ବତ୍ସ, ବେଳହୁଁ ସାବଧାନ ହୁଅ ।
ହରି	ଦେଖ ବାବା, ଭାଗବତ ଲୋକଦେଖି ଶୁଣିଇଲେ ଚଳିବ । ଏଠି ସେଗଡ଼ାକ କାଟୁ କରିବନି ।

Digitized by PPRACHIN, SOA

ରାମ	ଜାଣିଲ ବାବା, ତମେ କୋଉଠୁ ଜାଣିବ ନିଶାର ମହତ୍ । ଯିଏ ଖାଇଛି ସିଏ ଜୁରିଛି । ଯିଏ ନ ଖାଇଛି, ସିଏ ବି ଜାଣିଛି ।
ନାରଦ	ନାରାୟଣ.. ନାରାୟଣ... ନୈତିକ ଅଧଃପତନ...
ମଧୁ	ଏଇ 'ନାରାୟଣ' 'ନାରାୟଣ' ଛଡ଼ା ଆଉ କ'ଣଟା ଜାଣିଛ ?
ନାରଦ	ବାଳକେ 'ନାରାୟଣ' ନାମ କୀର୍ତ୍ତନ ହେଉଛି ଦୁର୍ଲ୍ଲଭ ରତ୍ନ ।
ରାମ	ସେଇଆକୁ ଖାଇ ପିଇ ବଞ୍ଚୁନ । ଏଣେତେଣେ କାହିଁକି ବୁଲୁଛ ?
ଗଣେଶ	ବତ୍ସ, ଆମ୍ଭମାନଙ୍କୁ ବୁଝିବାକୁ ଚେଷ୍ଟାକର ।
ହରି	ବାବା, କେତେଦିନ ଏମିତି ଏ ଦୁନିଆକୁ ହାରକିନ୍ ଦେଖେଇ ଚାଳିବ ? କିଛି ନ କରିପାରିଲେ, ଗୋଟାଏ ଯାତ୍ରା ପାର୍ଟି ଗଢୁନ । ଭଲ ଦି' ପଇସା ରୋଜଗାର ହେବ ।ନେତାଏ ରାଜନୀତି ଛାଡ଼ି ଯାତ୍ରା ପାର୍ଟି କଲେଣି ।
ରାମ	ଆହେ ସରିଲା ନା ନାହିଁ ?
ନାରଦ	କ'ଣ ?
ରାମ	'ଭାଷଣ' ।
ଗଣେଷ	ଏ ସବୁ ତୁମମାନଙ୍କର ହିତ ପାଇଁ । ନିଜକୁ ସଂଶୋଧନ କର ।
ହରି	ଆଃ, କାହିଁକି ସେ ବାଜେ କଥାକୁଡ଼ାକ ଶୁଣାଉଛ ? ପାଠ ପଢ଼ିଲେ ବି ଚାକିରୀ ନାହିଁ । ଆମେ ବେଶ୍ ଭଲ ଅଛୁ ।
ନାରଦ	କେତେଦିନ ଏମିତି ଚାଳିବ ? ବେଳହୁଁ ସଚେତନ ହୁଅ ।
ରାମ	ସତ କହିଲ ବାବା, କଲେଜରେ କିଛି କାମ ଥିଲା ନା, ଆଉ କିଛି ?
ମଧୁ	ଅବଶ୍ୟ ୨୨୮ ସିଟ୍ ପୂରଣ ହୋଇଯାଇଛି । ତଥାପି ହେଡ୍ କ୍ଲର୍କ ସାଙ୍ଗରେ କଥାବାର୍ତ୍ତା କର । ପରସେଣ୍ଟେଜ୍ ଦେଇପାରିଲେ ସିଟ୍ ମିଳିବ । ଯଦି ଆଡ୍‌ମିସନ ଦବାକୁ ଚାହୁଁଛ, ତା'ହେଲେ ଶୀଘ୍ର କଥାବାର୍ତ୍ତା କର । ଏଠି ସବୁ ସମ୍ଭବ ।
ଗଣେଶ	ବତ୍ସ ମନରେ ସଂଶୟ ଜାତ ହେଉଛି । ଯାହା କହିଲ, ସେ ସବୁ କ'ଣ ସତ୍ୟ ?
ମଧୁ	ଆପଣଙ୍କ ରାଣ ପକେଇ କହୁଛି, ହଣ୍ଡ୍ରେଡ୍ ପରସେଣ୍ଟ ପିଓର ଟ୍ରୁଥ । ଇଂରାଜୀ ବୁଝିପାରଉଛ ତ ? ମାନେ ପୂରାପୂରି ସତ ।

Digitized by PPRACHIN, SOA

ହରି ଖାଲି ସେତିକି ନୁହେଁ । ଆମ କଲେଜରେ ହଲ୍‌ବି ନିଲାମ୍ ହୁଏ । ପାଞ୍ଚହଜାର, ପନ୍ଦରହଜାର, ସବଜେକ୍ଟ ଅନୁସାରେ ମାଲ ଦବାକୁ ହୁଏ । ପନ୍ଦର ଦେଇପାରିଲେ ଝାଡ଼ିଝୁଡ଼ି ହେଇ ବସିବ । ନିଶ୍ଚିତ ପାଶ୍ ।

ରାମ ବେଶି କିଛି ନୁହେଁ ଖାତା ପଛରେ ଗୋଡ଼େଇଥିଲେ ଖର୍ଚ୍ଚ ହେଇନଥାନ୍ତା ? ଏକ୍‌ଜାମିନରକୁ ବଟି ଦେଇନଥାନ୍ତ ? ଟାବୁଲେଟର୍ ପଇସା ନେଇ ନଥାନ୍ତା ?

ଗଣେଶ ଏସବୁ କ'ଣ ମୁଁ ଶୁଣୁଛି ? (କାନରେ ହାତଦେଇ)

ନାରଦ ମୁଁ ଯାହାସବୁ କହୁଥିଲି, ନିଜ ଆଖିରେ ଦେଖୁଛନ୍ତି ତ ପ୍ରଭୁ !

ହରି ଏ ସବୁରେ ପାପ ଲାଗେନା । ମହାପୁଣ୍ୟ । ଦେଶସେବା । ଜାତିସେବା । ଏ ହେଉଛି ଶିକ୍ଷାସେବା ।

ମଧୁ 'ବିଦ୍ୟାର୍ଥୀ ସେବା' । ହଁ, କହିପାର ପବିତ୍ର ପାପ ।
(ସମସ୍ତେ - ହୋ - ହୋକ୍ର ହସି ଉଠିଛନ୍ତି)

ନାରଦ ଅଯଥା ସମୟର ଅପବ୍ୟୟ ପାଇଁ ତୁମ୍ଭମାନଙ୍କୁ ଭବିଷ୍ୟତରେ ବହୁ ମୂଲ୍ୟ ଦେବାକୁ ପଡ଼ିବ । ସଚେତନ ହୁଅ ।

ରାମ ବାବା, ଏଗୁଡ଼ାକ ଆମକୁ ନ ଶୁଣେଇ ସେମାନଙ୍କୁ କୁହ । ସରକାର ଆଇନ କଲେ, କୌଣସି ଲେକ୍‌ଚରର ଟିଉସନ କରିପାରିବେ ନାହିଁ । ହେଲେ କିଏ ମାନିଲା ? ସବୁ ଚାଲିଛି ଏଠି । ଯେଉଁମାନେ ଆଇନ କରନ୍ତି, ପ୍ରଥମେ ତାଙ୍କର ପିଲାଏ ଟିଉସନ ହୁଅନ୍ତି ।

ହରି ଖାଲି ସେତିକି ନୁହେଁ । ଯଦି ଭାଲ୍ୟୁ ଏସନ ସେଣ୍ଟର ଆଡ଼େ ଯାଆନ୍ତେ, ନିଜେ ଆଖିରେ ଦେଖିଆସନ୍ତ । ଖାତା ଦେଖା କେମିତି ଚାଲିଛି ! ଶିକ୍ଷା କେମିତି ଚାଲିଛି ? ଆଉ ପଙ୍ଗପାଳମାନେ କିପରି ଚରିବୁଲି ଖାଉଛନ୍ତି ...
(ଗଣେଶ ଓ ନାରଦ ବିବ୍ରତ ହୋଇପଡ଼ିଛନ୍ତି ପିଲାଏ ହସିଛନ୍ତି ମଞ୍ଚ ଅନ୍ଧକାର ହୋଇଛି)

Digitized by PPRACHIN, SOA

ଚତୁର୍ଥ ଦୃଶ୍ୟ

(କୌଣସି ଏକ କଲେଜର ଭାଲ୍ୟୁଏସନ ଜୋନ୍ । ଜୋନ୍ ଅଫିସରେ ବସିଛନ୍ତି ଜୋନ୍ ଅଫିସର । ଘର ଭିତରେ ପରୀକ୍ଷା ଖାତା ଗଦା ହୋଇଛି । ଜୋନ୍ ଅଫିସର ରମେଶ ବାବୁଙ୍କ ପାଖରେ ଖାତାରେ ଲେଖି ଚାଲିଛି ଗଦାଧର । ପରୀକ୍ଷା ଖାତାଗୁଡ଼ିକୁ ବିଡ଼ା (ପ୍ୟାକେଟ) କରି ବାନ୍ଧୁଛି ବଟ ।

ରମେଶ — ଗଦାବାବୁ, କଟକ ଜିଲ୍ଲା କାମ ସରିଲା ?

ଗଦାଧର — କଟକ ସାରି ବାଲେଶ୍ୱର ଧରିଛି ।

ରମେଶ — ଦେଖିଲ ଦେଖିଲ 112c ଟା କାହା ପାଖରେ ପଡ଼ିଛି ?

ଗଦାଧର — (ଖାତା ଦେଖି) ଅଜିତ ବାବୁଙ୍କ ପାଖରେ ।

ରମେଶ — ହେ ସେଇଟା ବାଢେଲୋକଟା । କରିବନି । ଏଇଟା ଶିକ୍ଷାମନ୍ତ୍ରୀଙ୍କ ଖାସ୍ ଲୋକଙ୍କ ରୋଲ ନମ୍ବର ।

ଗଦାଧର — ତା' ହେଲେ କାହାପାଖରେ ପକେଇବି ?

ରମେଶ — ଚୌଧୁରୀ ପାଖରେ ପକେଇଦିଅ । ଆମ ଲୋକଟା ।

ଗଦାଧର — ହଁ, ସାର୍ କରିଦେଉଛି ।

ରମେଶ — ବଟ, ଏ ଲିଷ୍ଟ ନିଅ (ଲିଷ୍ଟ ଦେଇ) । ଦେଖିକରି ବାନ୍ଧିବ ।

ଗଦାଧର — (ଲିଷ୍ଟ ଦେଖି) ସାର୍, ଏତେଗୁଡ଼ାଏ ରୋଲ୍ ନମ୍ବର ?

ରମେଶ — ସମାଜ ଭିତରେ ବଞ୍ଚିବାକୁ ହେଲେ ସମସ୍ତଙ୍କ ମୁହଁକୁ ତ ପୁଣି ଅନେଇ ଚଳିବାକୁ ହବ । ଆରେ ବଟ, ବେଳହୁଁ ସାହାଯ୍ୟ କରିଥା । କାମରେ ଆସିବ ।

ଗଦାଧର — ସାର୍ ବଟ କହୁଥିଲା....

ରମେଶ — କ'ଣ କହୁନ ।

ଗଦାଧର — ବାନାର୍ଜୀବାବୁ ପାଖରେ ତା'ର କେତେଟା ଖାତା ପଡ଼ିଯାଇଛି ।

ବଟ — ଯେ କୌଣସି ପ୍ରକାରେ କରିବାକୁ ହବ, ସାର୍ । ନଇଲେ ମୋ ପ୍ରେଷ୍ଟିଜ୍ ରହିବନି ।

Digitized by PPRACHIN, SOA

ରମେଶ	ଲୋକଟା ଭଲ ନୁହେଁ । ଠିକ୍ ଅଛି, ଚିଫ୍‌ଟା ଆମ ଲୋକ । ସିଏ ନିଶ୍ଚୟ କରିବ ।
ବଟ	ଯଦି ସାର୍, ଚିଫ୍ ନକଲା ?
ରମେଶ	ଆଗ ପରୀକ୍ଷାକୁ ଚିଫ୍ ତ ଦୂରେ ଥାଉ, ଖାତା ବି ପାଇବନି । ଆରେ ସେ ଦାୟିତ୍ୱ ମୋତେ ଲାଗିଲା । ହଁ, ସେ ଲିଷ୍ଟ ଅନୁସାରେ, ରୋଲ ନମ୍ବର ଗୁଡ଼ାକ ପକେଇବୁ ।
	(ଅଧ୍ୟାପକ ସନାତନ ଖାତା ବିଡ଼ା ଧରି ଆସିଛନ୍ତି)
ଗଦାଧର	ସାର୍ ସରିଗଲା ? ଏତେ ଶୀଘ୍ର ?
ସନାତନ	ଖାତା ଦେଖିବା ବି ଗୋଟାଏ ପ୍ରକାର ଆର୍ଟ । ସେଇଟା ସମସ୍ତଙ୍କ କ୍ଷେତ୍ରରେ କ'ଣ ସମାନ ହବ ? ତାର ବାସ୍ନା ନିଆରା ।
ବଟ	ସାର୍, ମୋ ରୋଲ ନମ୍ବର ଦି'ଟା ?
ସନାତନ	ସତୁରୀ, ଏକସ୍ତରୀ । ନା' ଆଉ ଦରକାର ?
ବଟ	ଠିକ୍ ଅଛି, ସାର୍ । ଆଉ କ'ଣ ହବ ?
ସନାତନ	ରମେଶବାବୁ, ଆମ ଫାଷ୍ଟ ପେପରଟା ଆଉ କେତେ ଦିନ ଯିବ ?
ରମେଶ	ଆଉ ଚାରିଦିନ । ହେଲେ ଆପଣଙ୍କର ସରୁନି (ହସି) ।
ବଟ	ସାର୍, ଦୁଇଟା ପ୍ୟାକେଟ୍ ମୁଁ ଆପଣଙ୍କ ପାଇଁ ଲୁଚାଇ ଆଲମୀରା ତଳକୁ ପେଲିଦେଇଛି ।
ସନାତନ	ଆଉ ଯଦି କିଛି ରୋଲନମ୍ବର ଥାଏ, କହିବ(ହସି) ।
ରମେଶ	ସାର୍, ଆପଣ ଆମ ଲୋକ । ଆପଣଙ୍କୁ କହିବାରେ ଲଜ୍ଜା ସଂକୋଚ କ'ଣ ? ରାଧେରାଧେ, ତମର ଅଧେକୁ ଆମର ଅଧେ ।
ଗଦାଧର	ସେକେଣ୍ଡ ପେପରରେ ତିନିଜଣ ଆବସେଣ୍ଟ । ଏଇଟା ସରିଯାଉ । ସେଥିରେ ଆପଣ ବି ଦେଖିବେ ।
	(ଆଉ ଜଣେ ଅଧ୍ୟାପକ 'ରାମବାବୁ' ଆସିଛନ୍ତି)
ରାମବାବୁ :	ଆରେ ସନାତନ ବାବୁ, ଆପଣ ଏଠି । ? ଆପଣ ଜଟଣୀରେ ଦେଖୁଛନ୍ତି ?
ସନାତନ :	ହଁ, +୨ ଖାତା ଦୁଇଦିନ ଯିବ । ଦେଶସେବା । କରିବାକୁ ତ ହବ ।
ରାମବାବୁ :	ଦେଶର ମଙ୍ଗଳ । ଛାତ୍ରଛାତ୍ରୀମାନଙ୍କର କଲ୍ୟାଣ । ଯା' ହଉ ଆପଣ ଏକା ସାଙ୍ଗରେ ଦୁଇ ଯାଗାରେ ଖାତା ଦେଖିପାରୁଛନ୍ତି, ସେଇଟା ବଡ଼କଥା ।

Digitized by PPRACHIN, SOA

ସନାତନ ସ୍କୁଟରଟା ଅଛି ବୋଲି ଚଳି ଯାଉଛି । ନଇଲେ ନାକେଦମ୍ ହୁଅନ୍ତା ମଣିଷ ।

ରାମବାବୁ ଖାତା ଦେଖା ସରିଗଲା ବୋଧେ ?

ସନାତନ ହଁ, ସକାଳୁ ଆସିଲିଣି ।

ରାମବାବୁ ଆପଣଙ୍କର ତ ଆଉ କିଛି କାମ ନାହିଁ । ଖାତା ଦେଖାଟା ଗୋଟାଏ ଆର୍ଟ... ପ୍ରକାର ବିଜିନେସ୍...

ସନାତନ ଆଜିକାଲି ଯାହା ଯୁଗ ହେଲାଣି, ଚଳି ହଉନି । ଦରମା ପଇସା ଗଣ୍ଡାକରେ ଆପଣ କ'ଣଟା କରିପାରିବେ ? ହଉ ଯାଉଛି ।(ପ୍ରସ୍ଥାନ)

ରାମବାବୁ : ରମେଶ ବାବୁ, ଅଧ୍ୟାପକଙ୍କୁ ଜାଣିଛନ୍ତି ?

ରମେଶ : ଏଇତ ଆପଣମାନଙ୍କ କଥାବାର୍ତ୍ତା ଯାହା ଶୁଣୁଛି । ସିଏ କୋଉ କଲେଜର ? ସବ୍‌ଜେକ୍ଟ କ'ଣ ?

ରାମବାବୁ ଗୋଟାଏ ଡ଼କାୟତ । ଏକା ସାଙ୍ଗରେ ତିନି ତିନିଟା ଯାଗାରେ ଖାତା ଦେଖୁଛି । +୨ ଆଉ +୩ ପାଶ୍ ଏବଂ ଅନର୍ସ ସବୁ ଚଳେଇଛି ।

ରମେଶ ଲୋକଟା ତା'ହେଲେ ଭଲ ଜଣାପଡୁନି । ମୁଁ କଣ୍ଟ୍ରୋଲ୍‌ରଙ୍କୁ ଏ କଥାଟା ଜଣେଇଦେବି ।

ରାମବାବୁ ଖାଲି ସେତିକି ନୁହେଁ ଯୁଆଡ଼େ ଯିବ, ସେଠିକା ଲୋକଙ୍କୁ ପଟେଇଦେବ । ସବୁ ଜୋନ୍ ଅଫିସରଙ୍କ ସହିତ ତାର ଭିତିରି ସମ୍ପର୍କ ଅଛି । ସେମାନଙ୍କ ଭିତରେ ବଟି କାରବାର ବି ଚଳେ ।

ଗଦାଧର ହେଲେ ସାର୍, ଆମ ଜୋନ୍‌ରେ ସେ ସବୁ ହୋଇ ପାରିବିନି । ଆପଣ ରମେଶବାବୁଙ୍କୁ ଜାଣିନାହାନ୍ତି । ତାଙ୍କୁ ହାତେଇବା କାଠିକର ପାଠ ।

ରାମବାବୁ ଆମର ଆଉ କେତେ ଦିନ ଯିବ ?

ଗଦାଧର କହୁଛି, ସାର୍ ।

ରମେଶ ସାର୍‌ଙ୍କ ପ୍ୟାକେଟ୍ ଦେଇଦିଅ ।

ଗଦାଧର (ରେଜିଷ୍ଟର ଦେଖି) ସାର୍, ଆପଣଙ୍କର ସରିଯାଇଛି ।

ରାମବାବୁ ଏତେ ଖାତା ଥିଲା । ସରିଗଲା ?

ରମେଶ ସେକେଣ୍ଡ ସିଫ୍‌ଟରେ ଆଉ ପାଞ୍ଚଜଣ ଏକ୍‌ଜାମିନର ଆସି ପହଞ୍ଚିଗଲେ । ସେଇଥିଲାଗି ସରିଗଲା । କଣ୍ଟ୍ରୋଲର ସଦାବେଳେ ଫୋନ୍ କରୁଛନ୍ତି । ଜୋନ୍‌କାମ ଜଲ୍‌ଦି ସାର ।

ବଟ ତା' ହେଲେ ସାର୍‌ଙ୍କୁ ବିଲ୍ କାଗଜପତ୍ର ଦେଇଦିଅ ।

Digitized by PPRACHIN, SOA

ରମେଶ	ଟଙ୍କାତ ନାହିଁ । ବିଲ୍ ଦେଇଦେଲେ କ'ଣ ହେବ ।
ରାମବାବୁ	ତା' ହେଲେ ?
ଗଦାଧର	କାଲି ଦେଇଦେବେ ସାର୍ ।
ରାମବାବୁ	କାଲିର ଡ଼ି.ଏ. ମୁଁ ଚାର୍ଜ କରିବି(ବିରକ୍ତ ହୋଇ) ।
ରମେଶ	କାଲିକି ଆସନ୍ତୁ । ଯାହା ଗୋଟାଏ କିଛି କରିବା ।
	(ବିରକ୍ତ ହୋଇ ଚାଲିଯାଇଛନ୍ତି ରାମବାବୁ । ଆସିଛନ୍ତି ଗଣେଶ ଏବଂ ନାରଦ ।)
ନାରଦ	ବାଃ ବଢ଼ିଆ ପାଲା ଚାଲିଛି ।
ବଟ	ହୋ ବାବୁ, ଯାଡ଼େ କାହିଁକି କ୍ଷଣ ଭଳିଆ ମାଡ଼ି ଆସୁଛ ?
ଗଦାଧର	ଖାତାପତ୍ର କାମ ଥିବ । ବାବା, ତମର କ'ଣ କିଏ ପରୀକ୍ଷା ଦେଇଛି ? ଆର୍ଟସ ... ସାଇନ୍ସ ନା କମର୍ସ ?
ଗଣେଶ	ଏସବୁ କ'ଣ ଚାଲିଛି ? ଆମେ ଦୁହେଁ ଏଇ କିଛି ସମୟ ଧରି ତମମାନଙ୍କ କଥାବାର୍ତ୍ତା ଶୁଣୁଥିଲୁ ।
ରମେଶ	ସିଧା କହୁନାହାନ୍ତି । କୋଉ ଖାତାରେ ମାର୍କ ଦରକାର ? କେତେ ଦରକାର ?
ଗଦାଧର	ଶୁଣନ୍ତୁ । ପାଖକୁ ଆସନ୍ତୁ । ବେଶି ଲାଗିବନି । ପେପର ପିଛା ମୋଟେ ପାଞ୍ଚଶହ ଟଙ୍କା । ସାଇନ୍ସ ଖାତା ହେଲେ ଆଠଶହ ଲାଗିବ ।
ରମେଶ	କୋଉ ପେପର ଦରକାର ? ଆରେ ଏଥିରେ ଲାଜ କ'ଣ ? ପଇସା ଦବ ମାର୍କ ନବ । ଟଙ୍କାଟା ଆମେ ଏକା ନଉନୁ । ଏଥିରେ ସମସ୍ତଙ୍କ ପରସେଣ୍ଟେଜ୍ ଅଛି ।
ନାରଦ	କ'ଣ ଭାବୁଛନ୍ତି ପ୍ରଭୁ ? ଆଉ ଅପେକ୍ଷା କରିବେ ?
ଗଣେଶ	'ନା'... । ମୁଁ ଶ୍ୱାସରୁଦ୍ଧ ହୋଇଯାଉଛି ।
ବଟ	ଆରେ ପଳେଇ ଯାଉଛନ୍ତି କାହିଁକି ? କନ୍‌ସେସନ୍ ଦବା । ଲୁହ... ଲୁହ... ଶୁଣ..ଶୁଣ..
	(ଗଣେଶ ଏବଂ ନାରଦ ଚାଲିଯାଉଥିଲେ । ହସୁଥିଲେ ସେମାନଙ୍କୁ ଚାହିଁ ଅନ୍ୟମାନେ ମଞ୍ଚ ଅନ୍ଧାର ହୋଇଛି)

Digitized by PPRACHIN, SOA

ପଞ୍ଚମ ଦୃଶ୍ୟ

(ଖାଲିମଞ୍ଚ । ମଞ୍ଚରେ ଥିଲେ ନାରଦ ଏବଂ ଗଣେଶ । ଗଣେଶ ବିଷଣ୍ଣ ଦେଖାଯାଉଥିଲେ)

ନାରଦ — କ'ଣ ଆଉ ଚିନ୍ତା କରୁଛନ୍ତି ?

ଗଣେଶ — କିଛି ଭାବିପାରୁନି, ଦେବର୍ଷି ।

ନାରଦ — ଆପଣ ଥାଉଁ ଥାଉଁ ଶିକ୍ଷା ବିଭାଗରେ ଯଦି ଏଇଭଳି ଅଧୋଗତି ଲାଗି ରହେ, କ'ଣ ହେବ ଶିକ୍ଷାର ଭବିଷ୍ୟତ ?

ଗଣେଶ — ସେହି ପ୍ରଶ୍ନ ମୋତେ ବାରମ୍ବାର ଆନ୍ଦୋଳିତ କରୁଛି ।

ନାରଦ — କିଛି ଉପାୟ କରନ୍ତୁ । ନଚେତ୍ ମୂଲ୍ୟବୋଧର ବିନାଶ ଘଟିବ ।

ଗଣେଶ — ମୁଁ ଅନୁଭବ କରିପାରୁଛି ଶିକ୍ଷାର ସଂସ୍କାର ଅବଶ୍ୟମ୍ଭାବୀ । ପ୍ରତିଟି ପାହାଚରେ ଦୁର୍ନୀତି । ଏ ଦୁର୍ନୀତିର ମୂଳୋତ୍ପାଟନ ନ ହେଲେ, ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିବ ।

ନାରଦ — ବେଳହୁଁ, ପ୍ରତିକାର କରନ୍ତୁ ।

ଗଣେଶ — ହଁ, ଦେବର୍ଷି । ଆସନ୍ତୁ, ଏଥର ଦେବଲୋକ ପ୍ରତ୍ୟାବର୍ତ୍ତନ କରିବା । ଆମର ପରିକ୍ରମା ଶେଷ ହୋଇଛି ।

ନାରଦ — ନା, ପ୍ରଭୁ ! ପରିକ୍ରମାର ଶେଷ ଏ ଯାଏ ଆସି ନାହିଁ ।

ଗଣେଶ — ତାହେଲେ ?

ନାରଦ — ମତେ ଅନୁସରଣ କରନ୍ତୁ । ଆହୁରି ଅଛି ।

(ଉଭୟ ନାରଦ ଓ ଗଣେଶ ପୁନଶ୍ଚ ପରିକ୍ରମାରେ ବାହାରିଛନ୍ତି ପୁନଶ୍ଚ ମଞ୍ଚ ଅନ୍ଧକାର ହୋଇଛି)

Digitized by PPRACHIN, SOA

ବିରାଗ

ଚରିତ୍ର : ନାରଦ, ଗଣେଶ, ଲୁନା, କୁଳପତି, ଛାତ୍ରନେତାଗଣ(୩), ପ୍ରଫେସର, ମନୋଜ, ଦିବାକର, ନରହରି, ଦାସ, ପଟ୍ଟନାୟକ ଓ ମହାନ୍ତି ।

ପ୍ରଥମ ଦୃଶ୍ୟ

(ମଞ୍ଚ ଖାଲି । ସମୟ ଦିବସ । ହଠାତ୍ ଗୋଟାଏ ଗାଡ଼ି ଆକ୍ସିଡ଼େଣ୍ଟର ଶବ୍ଦ ଶୁଭିଛି । ମଞ୍ଚ ଉପରକୁ ଛିଟିକି ପଡ଼ିଛନ୍ତି ଗଣେଶ ।)

ଗଣେଶ : ବିନାଶ କାଳେ ବିପରୀତ ବୁଦ୍ଧିଃ ।

ନାରଦ : ପ୍ରଭୁ, ଆପଣ ସୁସ୍ଥ ତ ?

ଲୁନା : ଚାଲ୍...ଚାଲ୍... (ନାରଦଙ୍କୁ ଧକ୍କା ଦେଇ ଆଣିଛି)

ନାରଦ : ଓଃ, ମାରୁଛ କାହିଁକି ? ଭୁଲ୍ କରିବ, ସେଥିରେ ପୁଣି...

ଲୁନା : ଓ୍ୱାନ ୱେ ଟ୍ରଫିକ୍ । କେମିତି ରାସ୍ତାରେ ଚାଲିବାକୁହୁଏ, ଜାଣିନା ? ନିଜେ ମରିଥାନ୍ତ, ଶେଷରେ ମତେ ବି ମାରିଥାନ୍ତ । ଦୋଷ ହୋଇଥାନ୍ତା ହିରୋହୋଣ୍ଡା ଚାଳକର ।

ଗଣେଶ ଟିକିଏ ଧୀରେ ସୁସ୍ଥେ ଗାଡ଼ି ଚଳାଇଲେ କ'ଣ କ୍ଷତି ହୁଅନ୍ତା ?

ଲୁନା (ଆଗପଛ ଚାହିଁ) ବସ୍ସ୍ ! ମତେ କ'ଣ ବାଣ୍ଟୁରୀ ପାଇଲ ? ଲଗେଇବି ଦି'ଟା ଯେ ଥଣ୍ଡା କରିଦେବି ।

ନାରଦ ଯୁବକ, ସେ ହେଉଛନ୍ତି ଗଣପତି । ଆମ୍ଭେ ନାରଦ । ଏ ରାସ୍ତାରେ ଚାଲିବାରେ ଆମ୍ଭେ ଅଭ୍ୟସ୍ତ ନୋହୁଁ । ତ୍ରୁଟି ମାର୍ଜନୀୟ ।

ଲୁନା ମାଡ଼ ଖାଇଲେ ସବୁ ଅଭ୍ୟାସରେ ପଡ଼ିଯିବ ।

ଗଣେଶ ବତ୍ସ, ତୁମ୍ଭ ପରିଚୟ ?

ଲୁନା ଆମ୍ଭେ ବିଶ୍ୱ ବିଦ୍ୟାଳୟ ଛାତ୍ରଃ । ନାମଃ ଲୁନା ମହାପାତ୍ରଃ(ଥଟ୍ଟା) ।

ନାରଦ ତା'ହେଲେ ତୁମ୍ଭେ ତ କହିପାରିବ, ବିଶ୍ୱବିଦ୍ୟାଳୟ ଶିକ୍ଷା ପ୍ରସଙ୍ଗରେ ।

ଲୁନା କ'ଣଟା ଅଛି ଯେ ଜାଣିବ ! ଏଠି ସବୁ ହରିଲୁଟ୍ ଚାଲିଛି ।

Digitized by PPRACHIN, SOA

ଗଣେଶ	ବିଷାଦବାଦୀ ହୁଅନା, ବତ୍ସ ! ସତତ ଆଶାବାଦୀ ହୁଅ ।

ଲୁନା	ଭାଇସ୍ ଚାନସେଲର, କର୍ମଚାରୀ, ଶିକ୍ଷକ ସମସ୍ତେ ମିଳିମିଶି ବିଶ୍ୱବିଦ୍ୟାଳୟକୁ ଖୋଳ କରି ଚାଲିଛନ୍ତି । ଇଲେକ୍‌ସନ୍‌ରେ ଆମେ ନେତାଏ କିଛିଟା ଚାନ୍ଦା ଉଠଉଥିଲୁ । ଶେଷକୁ ସେଇଟା ବି ବନ୍ଦ କରିଦେଲେ, ଆମେ କେତେ ବା ଖାଇ ଯାଉଥିଲୁ !

ନାରଦ	ବତ୍ସ, ତା'ହେଲେ ବିଶ୍ୱବିଦ୍ୟାଳୟ ପ୍ରଶାସନ କରୁଛି କ'ଣ ?

ଲୁନା	କାହାକୁ କେତେ ମିଳିବ, ସେଇଆ ବସି ହିସାବ କରୁଛନ୍ତି ।

ଗଣେଶ	ବତ୍ସ, ଏକ ସମ୍ବାଦ ବାହାରିଥିଲା । "କର୍ମଚାରୀମାନଙ୍କ ଦରମା ଦେବାକୁ ଯାଇ କୁଳପତି ମହାଶୟ ନିଜ ଗାଡ଼ି ବିକ୍ରୟ କରିଦେଇଛନ୍ତି ।" ଏହା କ'ଣ ସତ୍ୟ ?

ଲୁନା	କୁମ୍ଭୀର କାନ୍ଦଣା । ନିଉଜ୍ ପେପର ହେଡ୍‌ଲାଇନ୍‌ରେ ରହିବା ପାଇଁ ଏଇଟା ଗୋଟାଏ ଚାଲ୍ । ହଁ, ଶୁଣ । ପାଖକୁ ଆସ । ଅସଲ କଥା ହଉଛି, ସେଇଟା ପୁରୁଣା ମଡ଼େଲ ଗାଡ଼ି । କେତେ ଦିନ କୁଳପତି ମହାଶୟ ଘଣ୍ଟ ଘୋଡ଼େଇ ଚାଲିଥାନ୍ତେ ? ଯାହାକୁ, ବିକିଲେ, ସେ ବି ତାଙ୍କଠୁ ବଳି ବଡ଼ ଟାଉଟର ।

ନାରଦ	କି ବିଷମ ସମସ୍ୟା !

ଗଣେଶ	ତା'ହେଲେ ଶିକ୍ଷା ଚାଲିଛି କେମିତି ? ଭୟଙ୍କର ସ୍ଥିତି । ବିଡ଼ମ୍ବନା !

ଲୁନା	ଏ, ସତ କୁହ । ତମେ ଦି' ଜଣ କିଏ ? ତମର କ'ଣ ବୁଝିବା ଦରକାର ? କ'ଣଟା କରିପାରିବ ତମେ ?

ନାରଦ	ବତ୍ସ, ସ୍ୱୟଂ ଗଣନାଥ ଆସିଛନ୍ତି । ମର୍ତ୍ତ୍ୟମଣ୍ଡଳରେ ଶିକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିବାକୁ ।

ଲୁନା	ଓ, (ହସି)ବିଦ୍ୟାଦାତା ଗଣେଶ, ଆଉ ତେମେ ତା' ହେଲେ ନାରଦ ମହର୍ଷି । ହଉ, ଆସିଲ ଭଲ କଲ । ଏବେ ଭୂଷଣ୍ଡପୁର ବିଶ୍ୱ ବିଦ୍ୟାଳୟକୁ ପଶିବା ହଉ । ଆସ ଅନେଇଛ କ'ଣ ? ଯାହା ନ ଦେଖିଥିବ, ତାହା ଦେଖିବାକୁ ମିଳିବ ଏଠି । ନା'ଟା ମନେ ରହିଲା ତ ?

ନାରଦ	ଭୂଷଣ୍ଡପୁର ବିଶ୍ୱବିଦ୍ୟାଳୟ ।

ଲୁନା	ଓ, ସଂସ୍କୃତ ବି ଜାଣିଛ ! ଭଲ କଥା । ଦେଶକୁ ଟେକି ଧରିବ । ଆସ ଠିଆହେଲ କାହିଁକି ?

(ଲୁନା ପଛେ ପଛେ ନାରଦ, ଗଣେଶ ଚାଲିଲେ ମଞ୍ଚ ଅନ୍ଧକାର ।)

Digitized by PPRACHIN, SOA

ଦ୍ୱିତୀୟ ଦୃଶ୍ୟ

(କୁଳପତିଙ୍କ କାର୍ଯ୍ୟାଳୟ । କୁଳପତି ଗୋଟାଏ ଫାଇଲ୍‌ରେ ଦସ୍ତଖତ କରୁଥିଲେ । ଶୁଭିଲା ପିଲାମାନଙ୍କର ଆୱାଜ୍ ।)

ସ୍ଲୋଗାନ : 'କୁଳପତି ଡ଼ାଉନ୍ ଡ଼ାଉନ୍'
'କୁଳପତି ତମେ ଗାଦି ଛାଡ଼'
'ଯଦି ନ ଛାଡ଼, ପଡ଼ିବ ମାଡ଼' ।
(କୁଳପତି ତରତର ହୋଇ ଫାଇଲ ରଖି ପଳାଇ ଯାଉଥିବା ବେଳେ ପଶି ଆସିଛନ୍ତି ତିନିଜଣ ଛାତ୍ରନେତା । ଜଣେ ତାଙ୍କୁ ଜୋର୍ କରି ସିଟ୍‌ରେ ବସାଇ ଦେଇଛି ।)

ଛାତ୍ରନେତା(୧) : ଭାରତ ସିଆଣିଆ, ଖସି ପଳଉଥିଲ। ହଁ କ'ଣ ଠିକ୍ କଲ ?

କୁଳପତି : କୋଉକଥା ?

ଛାତ୍ରନେତା(୨) : ଆରେ ଏଇଟା ପକ୍କା ଗାଲୁଆ । କାଲି କଥା ଭୁଲିଗଲାଣି । ମାଡ଼ ଦରକାର ହେଲାଣି ।

ଛାତ୍ରନେତା(୩) : ଇଲେକ୍‌ସନ କେବେ declare କରୁଛ ?

କୁଳପତି : ବନ୍ୟା ତା' ପରେ ବାତ୍ୟା... । ଏ ସମୟରେ ତମେମାନେ ଇଲେକ୍‌ସନ ଚାହୁଁଛ ? ରାଜ୍ୟର ସବୁ ସାଂସ୍କୃତିକ ଉତ୍ସବ ଯେତେବେଳେ ବାତିଲ, ସେତେବେଳେ ତମେମାନେ ... ।

ଛାତ୍ରନେତା(୧) : ଫାଲ୍‌ତୁ କଥା ବନ୍ଦ କର । ବାତ୍ୟା ନ ହୋଇଥିଲେ, ମାଲ୍ କୋଉଠୁ ପାଇଥାନ୍ତ ? ୟୁ.ଜି.ସି. ଟଙ୍କା ଚଳୁକଲ । ଷ୍ଟେଟ ଗଭର୍ଣ୍ଣମେଣ୍ଟ ଟଙ୍କା ବି ସଫାକଲ । ଆଉ କେତେ ଖାଇବ ?

ଛାତ୍ରନେତା(୨) : ଏତେ କଥାରେ ଆମର ମୁଣ୍ଡ ଖେଳାଇବା ଦରକାର ନାହିଁ । ସଫା କହିଦିଅ, ଇଲେକ୍‌ସନ୍ କେବେ କରୁଛ ?

କୁଳପତି : ସରକାର ମନା କରିଛନ୍ତି, ଏ ବର୍ଷ ଇଲେକ୍‌ସନ ବନ୍ଦ ।

ଛାତ୍ରନେତା(୩) : ସେ ସବୁକଥା ଆମେ ଜାଣୁନା । ଇଲେକ୍‌ସନ ହବ ହିଁ ହବ ।

Digitized by PPRACHIN, SOA

କୁଳପତି : ଏଭଳି ପରିସ୍ଥିତିରେ ତମେମାନେ କେମିତି ଇଲେକ୍‌ସନ କଥା ଚିନ୍ତା କରିପାରୁଛ ?

ଛାତ୍ରନେତା(୧) : ଶୁଣ । ଆମକୁ ଆମ ପାଉଣା ଦେଇଦିଅ । ତେଣିକି ଯାହା କରୁଛ କର ନଇଲେ କ'ଣ ହେବ, ସେ କଥା ତମେ ଭଲଭାବେ ଜାଣିଛ ।

କୁଳପତି : କ'ଣ ମତେ ଧମକ ଦେଉଛ ?

ଛାତ୍ରନେତା(୨) : ଧମକ ନୁହେଁ, ଚେତାବନୀ । ସିଧା ରାସ୍ତାରେ ନ ଆସିଲେ, ଆମକୁ ବି ଖେଳିଆସେ ।

ଛାତ୍ରନେତା(୩) : ଚବିଶ ଘଣ୍ଟାରେ ଗାଦି ଛାଡ଼ି ପଳେଇବ । କ'ଣଟା ଚାହୁଁଛ ?

କୁଳପତି : ଭାବିଛ, ଜୋର ଜବରଦସ୍ତି ମୋଠୁଁ ଟଙ୍କା ଆଦାୟ କରିବ ? ନା' କଦାପି ନୁହେଁ । କେବେ ବି ନୁହେଁ ।

ଛାତ୍ରନେତା(୧) : ଆବେ କ'ଣ ହାତରୁ ଦଉଛୁ !

କୁଳପତି : ପ୍ରଥମେ ବ୍ୟବହାର ଶିଖ । ଭାବିଛ, ଦୁର୍ନୀତି ନିବାରଣ ମଞ୍ଚଟା ଗଠନ କରିଦେଇ ହୋହଲ୍ଲା କରିଦେଲେ ମୁଁ ଦବିଯିବ ?

ଛାତ୍ରନେତା(୨) : ଆରେ ଏଇଟା କାଲୁଆ ବୋଡ଼ା । କିଛି ମାଲପା ଦରକାର କରୁଛି ।

ଛାତ୍ରନେତା(୩) : ବେଶି ନାହିଁ । ଲକ୍ଷେ ଟଙ୍କା ଦେଇଦିଅ । ଆମେ ଆଉ କିଛି କରିବୁନି ।

କୁଳପତି : ଟଙ୍କା ପଇସାର ମୂଲ୍ୟ ତମେମାନେ ଜାଣ ? ଭାବିଛ ତିନିହେଁ ଏକ୍‌ସପ୍ରେସିଡ଼େଣ୍ଟ ହୋଇଗଲ ବୋଲି, ମୁଁ ତମମାନଙ୍କୁ ଡ଼ରିମରି ଟଙ୍କା ଦେଇଦେବି ?

ଛାତ୍ରନେତା(୧) : କଣ୍ଟ୍ରୋଲରକୁ କହିଦିଅ । ଆମେ ନେଇଯିବୁ ।

ଛାତ୍ରନେତା(୩) : ଚାହୁଁଛ କ'ଣ ? ଯୋଉଠୁ ନଉ, ସେଠୁଁ ନବୁ । ନନ୍‌ଅଡ଼ିଟେଡ୍ ଫଣ୍ଡ । ତା'ର ତ କିଛି ହିସାବ ନାହିଁ । ପ୍ରତି ମାସରେ ତମେ ଯେଉଁ ବଟି ନିଅ... ! ମାନେ ଗସ୍ତ ନାଁରେ । (ହସି)

ଛାତ୍ରନେତା(୩) : ଓହୋ, ତମେ ନିଅ କି ମନ୍ତ୍ରୀକୁ ଦିଅ, ସେଥିରେ ଆମର କିଛି କହିବାର ନାହିଁ । ହେଲେ ଆମ ଭାଗଟା ଦେଇ ପକାଅ ।

କୁଳପତି : ବାଜେ କଥା ବନ୍ଦ କର ।

ଛାତ୍ରନେତା(୧) : ଭାରି ବାଧୁଛି, ନୁହେଁ ? କେତେ ଲୋକଙ୍କୁ କେତେ ମାଣିଆ ଦେଇ ଏ ଭି.ସି. ପୋଷ୍ଟ ହାସଲ କରିଛ !

କୁଳପତି : ଭଲରେ ଯିବ, ନା' – ?

ଛାତ୍ରନେତା(୨) : ସେ ଭୁଲ୍ କରିବନି, ଆମେ ଜାଣୁ । କୁହ ଟଙ୍କାଟା କେବେ ଦବ ? ଦୁଇଦିନ ସମୟ ଦେଲୁ । ତା' ନ ହେଲେ ପ୍ରଥମ ନିଆଁ ଏଇଠୁ ଜଳିବ ।

Digitized by PPRACHIN, SOA

କୁଳପତି — ହଉ ଯାଅ..ଯାଅ.. । ଯାହା କରିବ କର ।
(ତିନିହେଁ ଚାଲିଯାଇଛନ୍ତି । ବିବ୍ରତ ଅବସ୍ଥାରେ ପଦଚାଳନା କରୁଛନ୍ତି କୁଳପତି । ଆସିଛନ୍ତି ନାରଦ, ଗଣେଶ ।)

କୁଳପତି — ତମେ ଦିହେଁ ? କ'ଣ ଦରକାର ? କିଏ ତୁମେମାନେ ?

ନାରଦ — ତେବେ ଟଙ୍କା ପଇସା ଆଦୌ ନୁହେଁ । ଡରନ୍ତୁନି ।

କୁଳପତି — ତା' ହେଲେ ?

ନାରଦ — ମହାଶୟ ହେଉଛନ୍ତି ବିଘ୍ନବିନାଶକ ଗଣେଶ । ଆମ୍ଭେ ନାରଦ ।

କୁଳପତି — କ'ଣ କହିଲେ ? ଆଉଥରେ ।

ନାରଦ — (ଆଙ୍ଗୁଳି ନିର୍ଦ୍ଦେଶ କରି) ସେ ଗଣେଶ, ଆଉ ଆମ୍ଭେ ନାରଦ ।

କୁଳପତି — ହଠାତ୍ ସ୍ୱର୍ଗ ଛାଡ଼ି ଏ ଅଳିଆ ଗଦାକୁ ଆଗମନର ଅଭିପ୍ରାୟ ?

ଗଣେଶ — ବତ୍ସ, ଉଚିତ କଥାଟାକୁ ଉପଲବ୍ଧ କରିଛ । ବିଶ୍ୱବିଦ୍ୟାଳୟରେ ପାଠପଢ଼ା ହେଉନି, ଶୁଣିବାକୁ ମିଳୁଛି ।

କୁଳପତି — ଆଉ କ'ଣ ହଉଛି ? ଏତେ ପ୍ରଫେସର, ରିଡ଼ର, ଲେକ୍‌ଚରର ଏଠି କ'ଣ ଘାସ କାଟୁଛନ୍ତି ?

ନାରଦ — ବିରକ୍ତ ହୁଅ ନାହିଁ, ବତ୍ସ । କହିପାରିବ ବିଶ୍ୱବିଦ୍ୟାଳୟର ଏ ପ୍ରକାର ଅଧୋଗତି ପାଇଁ ଦାୟୀ କିଏ ?

କୁଳପତି — କ'ଣଟା କରିପାରିବ ?

ଗଣେଶ — ନିଶ୍ଚୟ ବ୍ୟବସ୍ଥା କରିବୁ ।

କୁଳପତି — ଅଫିସରେ ଲୋକ ଦରକାର । ସରକାର କହୁଛନ୍ତି, ଆପଏଣ୍ଟମେଣ୍ଟ ବନ୍ଦ । କାମ କେମିତି ଚଳିବ ? ବାଧ ହୋଇ ଟିଚିଙ୍ଗ୍ ଷ୍ଟାଫ ସେ କାମ ଚଳାଉଛନ୍ତି । ତେଣୁ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେବା ସ୍ୱାଭାବିକ ।

ନାରଦ — ଶୁଣିବାକୁ ମିଳୁଛି, ଆପଣ ନିଜ ସୁବିଧା ପାଇଁ ନିଜ ଲୋକଙ୍କୁ ସେ ସବୁ ପୋଷ୍ଟରେ ରଖିଛନ୍ତି । ଏ କଥା କ'ଣ ମିଛ ?

କୁଳପତି — ସତ କୁହ କିଏ ତମେ ? ବାହାର ଏଠୁ । ଆପଏଣ୍ଟମେଣ୍ଟ ନ ନେଇ ଭିତରକୁ ଆସିଲ କେମିତି ?

ଗଣେଶ — ବେଶି ସମୟ ନବୁନି । ଆଉ କେତୋଟି ପ୍ରଶ୍ନ ଅଛି ।

କୁଳପତି — ମୋର ସମୟ ନାହିଁ । ଯିବ ନା' ହରିସିଂକୁ ଡ଼ାକିବି ? (ପାଟିକରି ଡ଼ାକିବା) ହରିସିଂ, ଏ ଦି'ଟାକୁ ବାହାର କରିଦେ ତ... ।

Digitized by PPRACHIN, SOA

ନାରଦ	ପରିସ୍ଥିତି ଖରାପ ହେବା ପୂର୍ବରୁ ଆମେ ଚାଲିଯିବା ଭଲ । ଭାତ ହାଣ୍ଡିରୁ ଗୋଟାଏ ଚିପିଲେ ଜଣା ପଡ଼ିଯାଏ । ଆସନ୍ତୁ ପ୍ରଭୁ..
ଗଣେଶ	କୁଳପତି ବେଳହୁଁ ସାବଧାନ ହୁଅ । ବିଶ୍ୱବିଦ୍ୟାଳୟ ପ୍ରଶାସନ ଏବଂ ଶିକ୍ଷା ବ୍ୟବସ୍ଥାର ସଂସ୍କାର ଆଣିବାକୁ ଚେଷ୍ଟାକର, ନଚେତ୍ ପସ୍ତେଇବ ।
କୁଳପତି	ଯାଅ.. ବାହାର । ଉପଦେଶ ବହୁତ ପାଇଛି । ହୁଁ...
	(ଗଣେଶ ଏବଂ ନାରଦ ବାହାରିଗଲେ ମଞ୍ଚ ଅନ୍ଧକାର)

Digitized by PPRACHIN, SOA

ତୃତୀୟ ଦୃଶ୍ୟ

(ବିଶ୍ୱବିଦ୍ୟାଳୟର କୌଣସି ଏକ ପ୍ରଫେସରଙ୍କ କୋଠରୀ । ପ୍ରଫେସର ଫୋନ୍‌ରେ କଥାବାର୍ତ୍ତା ହେଉଥିଲେ ।)

ପ୍ରଫେସର ଆରେ ଆପଣ ସେଥିପାଇଁ ଆଦୌ ଚିନ୍ତା କରନ୍ତୁନି । ସେ କେମିତି ପ୍ରଥମ ଶ୍ରେଣୀରେ ପ୍ରଥମ ହବ, ତା କଥା ମୁଁ ବୁଝିବି । ×× ଆଉ ଆମ କଥା କ'ଣ କଲେ ? ×× ଆପଣ ମନ୍ତ୍ରୀ ଥାଉଁ ଥାଉଁ ମୁଁ ଯଦି ଏ ବର୍ଷ ସାହିତ୍ୟ ଏକାଡ଼େମୀ ଆୱାଡ଼ଟା ନ ପାଇଲି, ଭାରି ବାଧିବ ×× ହଁ... ହଁ... ରହିଲି ଆଜ୍ଞା.. ।

(ଫୋନ ରିସିଭର ରଖିଛନ୍ତି । ଭିତରକୁ ଆସିଛି ଛାତ୍ର ମନୋଜ)

ପ୍ରଫେସର ଆସ... ଆସ... ମନୋଜ । ମୁଁ ତମକୁ ଅପେକ୍ଷା କରିଥିଲି । ପାଣି ବିଲ୍ ପେମେଣ୍ଟ କରିଦେଲ ?

ମନୋଜ ହଁ, ରସିଦ୍ ନିଅନ୍ତୁ ।

ପ୍ରଫେସର ହଁ, ଆଉ ଗୋଟାଏ କାମ ଥିଲା । ଟେଲିଫୋନ୍ ବିଲ୍‌ଟା କାଲି ଦେଇଦେବ ।

ମନୋଜ ହଁ ସାର୍ ।

ପ୍ରଫେସର ପଢ଼ାପଢ଼ି କେମିତି କରୁଛ ମନୋଜ ? ପରିଶ୍ରମ କର । ଏ ସେକେଣ୍ଡ୍ ସେମିଷ୍ଟାରରେ ସେଭେନ୍‌ଟି ପରସେଣ୍ଟ ଆଣିଲେ ଯାଇଁ ତମର ଆଉଟ୍‌ଷ୍ଟ ହେବ ।

ମନୋଜ ମୁଁ ପଢୁଛି । କିନ୍ତୁ ଆପଣ ଚେଷ୍ଟା ନକଲେ -

ପ୍ରଫେସର ମୁଁ ସିନା ଗୋଟାଏ ପେପରରେ ତମକୁ ଉଠେଇଦେବି, ହେଲେ ଅନ୍ୟ ତିନିଟା ପେପରରେ ? ଗୋଟାଏ ପୁଣି ବାହାରକୁ ଯିବ ।

ମନୋଜ ମୁଁ ଚେଷ୍ଟା କରୁଛି, ସାର୍ ।

Digitized by PPRACHIN, SOA

ପ୍ରଫେସର	ଆମ ଘର ବାଟ ଦେଇ ଯିବ । କ'ଣ ଯଦି କାମ ଥାଏ ?
ମନୋଜ	ଯିବି, ସାର୍ ।
	(ମନୋଜ ବାହାରି ଯାଉଛି । ଆସିଛନ୍ତି ଦିବାକର ବାବୁ । ଜଣେ କର୍ମଚାରୀ)
ଦିବାକର	ସାର୍, ନମସ୍କାର ।
ପ୍ରଫେସର	ଆସ ଦିବାକର । ଆଉ ତମ ୟୁନିୟନ ଖବର କ'ଣ ?
ଦିବାକର	କର୍ମଚାରୀ ୟୁନିୟନ ସେକ୍ରେଟାରୀ ହେବାଟା ଗୋଟାଏ ପାପ । ଭୋଟ ଦେଇଛନ୍ତି ବୋଲି ସମସ୍ତଙ୍କର ଦାବି ପୂରଣ କରିବ ?
ପ୍ରଫେସର	ନେତାଙ୍କ ଭଳି ତମେ କହୁନ । ପ୍ରତିଶ୍ରୁତି ଦେବାଟା ମୋ କାମ । ତାକୁ ପାଳନ କରିବା ସରକାରଙ୍କ କାମ । ଅଥରଟିର କାମ ।
ଦିବାକର	ବାଢ଼େଇ ପକେଇବେ, ସାର୍ ।
ପ୍ରଫେସର	ମେଡ଼ିକାଲ ଆଲାଉନ୍‌ସଟା କେବେ ମିଳୁଛି ? କ'ଣ ସେଇ ତିନି ହଜାର ନା' ଅଧିକ ?
ଦିବାକର	ରଜ ପୂର୍ବରୁ ମିଳିବ । ଭି.ସି.ଙ୍କୁ ବହୁତ କହିଛୁ । ତାଙ୍କର ଏକାଜିଦ୍, ପଇସା ନାହିଁ । ତିନିରୁ ଟପିବନି । ତା'ପରେ ଅନ୍ୟ ୟୁନିଭରସିଟି ସେଇ ତିନି ଦେଇଛନ୍ତି ।
ପ୍ରଫେସର	ପାଟିତୁଣ୍ଡ କର । ଯଦି ମିଳୁ ମିଳୁ କିଛି ମିଳିଗଲା...
ଦିବାକର	ଅନ୍ତତଃ ଏ ଭାଇସ ଚାନ୍‌ସେଲର୍ ହାତରୁ ପାଇବା ବଡ଼ କଷ୍ଟ ।
ପ୍ରଫେସର	ହଁ ଦିବାକର, ତମକୁ ଡ଼କେଇବାର କାରଣ ହଉଛି - ମନୋଜ ଘର ତମ ଗାଁରେ ?
ଦିବାକର	ପାଖ ଗାଁରେ । ଭଲ ପିଲା । ଖାନଦାନୀ ଘର ।
ପ୍ରଫେସର	କେମିତିକା ଷ୍ଟାଟସ ?
ଦିବାକର	କୋଠାଘର । ଫାର୍ମ ଅଛି । ବହୁତ ଜମିବାଡ଼ି । ଗୋଟାଏ ଭଉଣୀ ଅଛି ? ବାହା ହେଇନି ।
ପ୍ରଫେସର	ମନ୍ଦ ହବନି ।
ଦିବାକର	ପ୍ରସ୍ତବଟା ପକେଇବି ସାର୍ ?
ପ୍ରଫେସର	ଏବେ ନୁହେଁ । ଆଗ ପରୀକ୍ଷାଟା ସରୁ ।
ଦିବାକର	ହଁ, ଚାବିକାଠି ତ ଆପଣଙ୍କ ହାତରେ । ରାଜିହବ ତ' ଫାଷ୍ଟକ୍ଲାସ, ନହେଲେ ଭାଗ୍ୟ ଖରାପ ।

Digitized by PPRACHIN, SOA

ପ୍ରଫେସର	କଥାଟା ତା' ବାପାଙ୍କ କାନରେ ପକେଇଦବାକୁ ପଡ଼ିବ ।

ଦିବାକର	ସାର୍, ବିଶ୍ୱବିଦ୍ୟାଳୟ ପ୍ରଫେସରଙ୍କ ଘରେ ବନ୍ଧୁ ବାନ୍ଧିବାକୁ କାହାକୁ ଗଣ୍ଠେଇବ ?

ପ୍ରଫେସର	ଗାଁ ଗହଳି ଲୋକ ।

ଦିବାକର	ସାର୍ ଆପଣଙ୍କ ଝିଅ ଗାଁରେ ଚଳି ପାରିବ ତ ?

ପ୍ରଫେସର	ନା'..ନା'.. ମୋଟେ ନୁହେଁ । ମନୋଜକୁ ସହରଯାଗା ଦେଖି ପୋଷ୍ଟିଙ୍ଗ୍ ଦବାକୁ ହବ । ଅବଶ୍ୟ ସେଇଟା ବଡ଼ କଥା ନୁହେଁ ।

ଦିବାକର	ମୁଁ ତା'ହେଲେ କଥା ଆଗଉଛି, ସାର୍ ।

ପ୍ରଫେସର	ହଁ, ସେ ହାଉସ୍ ବିଲଡିଙ୍ଗ ଲୋପ କଥାଟା ଟିକିଏ ବୁଝାବୁଝି କରିଥିବ ।

ଦିବାକର	ହଁ ସାର୍ ଭୁଲିଯାଇଥିଲି କହିବାକୁ । ସେ ଲୁନାକୁ ପାନେ ଦଉ ନାହାନ୍ତି କାହିଁକି ? ଚାବିକାଠି ତ ଆପଣଙ୍କ ହାତରେ । ପିଲାଟା ଆଉ ମଣିଷ ମାନୁନି ।

ପ୍ରଫେସର	ଆଚ୍ଛା, ଏମିତି କଥା । ବେକ ଶଣ୍ଢାଟାକୁ ମୋଡ଼ି ଦବା । ଠିକ୍ ଅଛି । ଦେଖ ତା' ରେଜଲଟ୍ କ'ଣ ହଉଛି ।

ଦିବାକର	ଯାଉଛି ସାର୍ ।

(ଦିବାକର ଚାଲିଯାଇଛି । ଆସିଛନ୍ତି ଭିତରକୁ ଗଣେଶ ଏବଂ ନାରଦ)

ନାରଦ	ପ୍ରଫେସର ତମେ ଯାହା କରୁଛ, କ'ଣ ଠିକ୍ କରୁଛ ?

ପ୍ରଫେସର	ତମେ କିଏ ? ମୁଁ ତ ଚିହ୍ନିନି ତମମାନଙ୍କୁ ।

ଗଣେଶ	ଆମ୍ଭେ ଗଣେଶ । ସେ ହେଉଛନ୍ତି ନାରଦ ।

ନାରଦ	ବିଶ୍ୱବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିବାକୁ ଆସିଛୁ ।

ପ୍ରଫେସର	ତୁମକୁ କିଏ ପଠେଇଛି ?

ଗଣେଶ	ଆମ୍ଭେ ସ୍ୱଇଚ୍ଛାରେ ଆସିଛୁ ?

ପ୍ରଫେସର	କ'ଣ କିଛି ମିଳିଲା ? ତଥ୍ୟ !

ନାରଦ	ଘୋର ଅନ୍ୟାୟ । ଜାଣିଶୁଣି ଗୋଟାଏ ପିଲାକୁ ?

ପ୍ରଫେସର	ଓ, ଆମ କଥାବାର୍ତ୍ତା ତା' ହେଲେ ଲୁଚି ଲୁଚି ଶୁଣୁଥିଲ ? ହଉ ହେଲା । କ'ଣଟା କରିପାରିବ ?

ନାରଦ	ଅନ୍ୟାୟ ପ୍ରଫେସର । ବିଶ୍ୱବିଦ୍ୟାଳୟର ଜଣେ ପ୍ରଫେସର ହୋଇ ଏଭଳି ଅନୀତି କାମ କରିବ ?

Digitized by PPRACHIN, SOA

ପ୍ରଫେସର	ଅନୀତି ! ଅନ୍ୟାୟ ! ଏଗୁଡ଼ାକ ଏଠି ମୂଲ୍ୟହୀନ । ଏଠି ଆମ ଶାସନ ଚାଲେ । ଏକ୍ସାମ୍ସ ଟେଷ୍ଟ ଆମେ କରୁ । ରେଜଲଟ୍ ବି ଆମେ ବାହାରକରୁ । ଆଡ୍‌ମିସନର ଚାବିକାଠି ଆମ ହାତରେ ।
ଗଣେଶ	ଏ ତ ଅନ୍ୟାୟ ! !
ପ୍ରଫେସର	ମନ୍ତ୍ରୀ, ନେତା ଯାହାସବୁ କରୁଛନ୍ତି, ସେଗୁଡ଼ାକ ସବୁ ନ୍ୟାୟ ? ଦରିଦ୍ର ଟିଚର କଣ'ଟା କରିପକାଇଲେ ବୋଲି, ଆଖିକୁ ଦିଶିଯାଉଛି !
ନାରଦ	ସମ୍ମାନଜନକ ପଦବୀରେ ରହି ଏମିତି କଥା କହିବାକୁ ଜିଭ ଲେଉଟୁଛି ?
ପ୍ରଫେସର	ଏଠି ସମସ୍ତଙ୍କୁ ସାଟିସ୍‌ଫାଏ କରିବାକୁ ହୁଏ । ନେତା, ମନ୍ତ୍ରୀ, ବଡ଼ବଡ଼ିଆ । କାହାକଥା ଟାଳିବ ? ଏଭଳି, ସ୍ଥିତିରେ ତମେ ଯଦି ଥାନ୍ତ କ'ଣ କରନ୍ତ ?
ଗଣେଶ	ତା' ବୋଲି ଜାଣିଶୁଣି ଅନ୍ୟାୟ କରିବ ?
ପ୍ରଫେସର	ଅନ୍ୟାୟର ସଂଜ୍ଞା ବଦଳିଯାଇଛି ଆଧୁନିକ ଯୁଗରେ । ଯେ ପାରିବ, ସେ ବଞ୍ଚିବ । ଏଠି ପ୍ରତି ଦୁଇବର୍ଷରେ ହେଡ଼ସିପ୍ ରୋଟେସନ୍ ହୁଏ । କାହିଁକି ଜାଣିଛ ? ସମସ୍ତଙ୍କୁ ବାଣ୍ଟିକୁଣ୍ଟି ଖାଇବାକୁ ସୁଯୋଗ ଦିଆଯାଏ ।
ନାରଦ	ଏତେ ପାପର ଭାରା ଏ ବିଶ୍ୱବିଦ୍ୟାଳୟ ସହି ପାରିବ ? ଆସନ୍ତୁ, ପ୍ରଭୁ ! ଯା'ର କିଛି ପ୍ରତିକାର କରିବାକୁ ପଡ଼ିବ । (ଗଣେଶ, ନାରଦ ଚାଲିଯାଇଛନ୍ତି)
ପ୍ରଫେସର	ହଁ, ଯାଅ...ଯାଅ... । ନୀତି-ନିୟମ, ପୁଣ୍ୟ, ଧର୍ମର କୋର୍ଡ଼ ଅଫ କଣ୍ଡକ୍ଟ ତିଆରି କରିବ । କହିଲେ କ'ଣ ନା' ଅନ୍ୟାୟ ଅନୀତି.. ପାପ ! ହୁଁ... (ମୁହଁ ବୁଲେଇଛନ୍ତି ତାଚ୍ଛଲ୍ୟରେ ମଞ୍ଚ ଅନ୍ଧକାର)

Digitized by PPRACHIN, SOA

ଚତୁର୍ଥ ଦୃଶ୍ୟ

(ମଞ୍ଚରେ ବିଚରଣ କରୁଥିଲେ ନାରଦ ଏବଂ ଗଣେଶ । ଉଭୟ ବିବ୍ରତ ପରି ଜଣା ପଡୁଥିଲେ)

ଗଣେଶ — ନାରଦ, ଏ ପୁଣି କୋଉଁ ସ୍ଥାନ ? ସିଡ଼ିରେ ଉଠି ଉଠି ମୋ ଗୋଡ଼ ବଥେଇଲାଣି । ୧୧ଟା ବାଜିଲାଣି କେହି ଅଫିସ୍‌ରେ ନାହାଁନ୍ତି ।

ନାରଦ — ଲିଫ୍‌ଟ ଅଛି । ହେଲେ ପ୍ରବଳ ଭିଡ଼ । ହଁ, ଏ ସ୍ଥାନଟା ହେଉଛି, ଶିକ୍ଷା କାର୍ଯ୍ୟାଳୟ । ଯା'କୁ ଲୋକେ କହୁଛନ୍ତି ଡ଼ି.ପି.ଆଇ. ଅଫିସ୍ ।

ଗଣେଶ — ଏଠି ତା'ହେଲେ କ'ଣ ସେହି ଏକା ଅବସ୍ଥା ?

ନାରଦ — ଦେଖିବା, ଏଠି କି ପ୍ରକାର କାର୍ଯ୍ୟ ଚାଲିଛି । ସବୁଠି ଦୁର୍ନୀତିର ଜୟଗାନ । କୋଉ ଆନ୍ଦାଜରେ ଆଉ କ'ଣ କରିପାରିବ ?

ଗଣେଶ — ଭୀଷଣ ବାଧୁଛି ।

ନାରଦ — ପ୍ରଭୁ, ଆସନ୍ତୁ ଛପି ଯିବା । ଏଇ ଆଡ଼କୁ ଦୁଇ ଜଣ ଆସୁଛନ୍ତି । ସେମାନଙ୍କ ଚାଲିଚଳନ ସନ୍ଦେହଜନକ ।(ନାରଦ ଗଣେଶ ଦୁହେଁ ଅନ୍ତଃରାଳକୁ ଚାଲିଯାଇଛନ୍ତି । ଆସିଛନ୍ତି ନରହରି ଏବଂ ଅଧାପକ ଦାସ । ଅଧାପକ ସିଗାରେଟ୍ ଦେଇଛନ୍ତି ।)

ନରହରି — କ'ଣ ଦାସ ବାବୁ, ତମେ ଜଣେ ଅଧାପକ ହେଇଛ, ଏତେ ଶସ୍ତା ସିଗାରେଟ୍ ଖାଉଛ ?

ଦାସ — ନରହରି ବାବୁ, ଯାହା ଆସୁଛି, ପଙ୍ଗପାଳ ଦଳ ସବୁ ଖାଇଯାଉଛନ୍ତି । କ'ଣ କରିବି, କହୁ ନାହାନ୍ତି ।

ନରହରି — ବାଟ କରିବାକୁ ପଡ଼ିବ ନା' ।

ଦାସ — ନରହରି ବାବୁ, ସାର୍‌ଙ୍କୁ ମୋ କଥାଟା -

Digitized by PPRACHIN, SOA

ନରହରି — କହିଦେଇଛି । ଖାଲି କ'ଣ କଥାରେ ଆଜିକାଲି କାମ ହଉଛି । ଟାଉନ୍ ଏରିଆରେ ପୋଷ୍ଟିଙ୍ଗ୍ ପାଇଁ କୋଡ଼ିଏ ହଜାର । ତଳକୁ ଖସିଲେ ପନ୍ଦର, ପୂରାପୂରି ରୁରାଲ୍‌କୁ ଗଲେ ଦଶ । କୋଉଟା ଦରକାର ?

ଦାସ — ପନ୍ଦରଟା ଭାଇ ଦେଖ । କୋଉଠୁ ଏତେ ପାଇବି ? ମଝାମଝି ରହିଲେ ଚଳିବ ।

ନରହରି — ତେମେ ଯାହାକୁହ କେହି ରିସ୍କ ନବାକୁ ପ୍ରସ୍ତୁତ ନୁହଁନ୍ତି ।

ଦାସ — ସାର୍ ଏତେ ନେଇ କ'ଣ କରୁଛନ୍ତି ?

ନରହରି — ବିଶ୍ୱଗର୍ଭ ଯାହା ଆସିବ, ସିଧା ପଶଯିବ । ଘରଟା ତାଙ୍କର ଅଧା ପଡ଼ିଛି । ସେଥିରେ ପୁଣି ମିନିଷ୍ଟରଙ୍କ ସେୟାର୍ ।

ଦାସ — ସମସ୍ତେ ମିଳିମିଶି ଶିକ୍ଷା ବିଭାଗଟାକୁ ହରିଲୁଟ୍ କରିଦେଲେ ।

ନରହରି — ତମେ ତ ପୁଣି ଟିଉସନ ଚଳେଇଛ । ଆଉନ ତା' ବାଟରେ । ତମେ ତମ ବାଟରେ ।

ଦାସ — ଦରମା ଟଙ୍କାରେ ସଂସାର ଚଳେଇବା ଭାରି କଷ୍ଟ ।

ନରହରି — ହେଃ, ତମେ ତ ଏମିତି । ଆମ କଥା ଥରେ ଭାବିଲ, ଆମେ କେମିତି ଚଲୁଚୁ ?

ଦାସ — ନିଜ ରକ୍ଷଣ ଅସମ୍ଭାଳ, ସିଏ ପୁଣି ଅନ୍ୟ କଥା ଭାବିବାକୁ କୋଉଠୁ ସମୟ ପାଇବ ?

ନରହରି — ଆଃ, ତମେ ତ ସବୁକଥାରେ କୁହେଇବ । ଆରେ ଭାଇ, ଭାବଟା ଦୁଇପଟରୁ ହେବା ଭଲ ନା' । ଦଉଥିବ, ନଉଥିବ । ତା'ହେଲେ ସଂସାରରେ ମୁଣ୍ଡ ଟେକି ବାଟ ଚାଲିପାରିବ ।

ଦାସ — ଆଚ୍ଛା, ନରହରି ବାବୁ, ଆଜି ଯାହା ପେପରରେ ବାହାରିଛି, ସେଇଟା କ'ଣ ସତ ?

ନରହରି — କୋଉ କଥା ? ପେପରରେ କ'ଣ ସବୁ ସତ କଥା ବାହାରେ ? କିଛି ମାଲ୍ ପକେଇ ଦିଅ । ମିଛକଥା ବି ସତ, ଆଉ ସତ କଥା ମିଛ ହୋଇଯିବ । ସବୁ ଏଠି ଚାଲିଛି । ଏମାନେ ତ ପୁଣି ଗଣତନ୍ତ୍ରରେ ଜାଗ୍ରତ ପ୍ରହରୀ ।

ଦାସ — ହେଲେ ଯୋଉ ଟ୍ରନସଫର୍ କଥାଟା ବାହାରିଛି... ? କ'ଣ ଅନେଇଛ'ମ ? ଲୋକଟା ତିନିବର୍ଷ ହେଲା ମଲାଣି, ତାକୁ ଟ୍ରାନ୍‌ସଫର କରିଛ ? ଅଧ୍ୟାପକ ରଥ ମହାଶୟ ଓଡ଼ିଆ ଅଧ୍ୟାପକ ।

Digitized by PPRACHIN, SOA

ନରହରି		ସେଇଥିଲାଗି ତ ଅଫିସ୍ ଖାଲି ଉଠୁଛି ପଡୁଛି । ମନ୍ତ୍ରୀ ବି ଭାରି ରାଗି ଯାଇଛନ୍ତି ।

ଦାସ		ଯିଏ ନାହିଁ, ସିଏ ରାଗିବ । ହଁ ସେ ଯେଉଁ ଏମ୍. ଏଲ୍.ଏ.ଙ୍କୁ ଟ୍ରାନ୍ସଫର କରାଯାଇଛି –

ନରହରି		ଏମ୍. ଏଲ୍.ଏ. ମହାଶୟ ଅଧ୍ୟାପକଙ୍କ ଟ୍ରାନ୍ସଫର ପାଇଁ ସୁପାରିଶ କରିଥିଲେ ।

ଦାସ		ହେଲେ ଅର୍ଡ଼ର୍ ବାହାରିଲା, ଏମ୍. ଏଲ୍.ଏ.ଙ୍କ ଟ୍ରାନ୍ସଫର ।

ନରହରି		ମନ୍ତ୍ରୀ ବି କଡ଼ା ତାଗିଦ୍ କରିଛନ୍ତି ।

ଦାସ		ଡ଼ାଇରେକ୍ଟର କ'ଣ ପାନ କରନ୍ତି କି ?

ନରହରି		କାହିଁକି, ପାନଟା କ'ଣ ଖରାପ ? ନ ପିଇଲେ ପାନ ଦୋକାନ ଚାଲିବ କେମିତି ? ଦୋକାନ ନ ଚାଲିଲେ ଅବକାରୀ ବିଭାଗ ବଞ୍ôବ କେମିତି ? ଆଉ ଅବକାରୀ ବିଭାଗରୁ ମାଲ୍ ନ ଆସିଲେ, ଦେଶର ଉନ୍ନତି ହବ କେମିତି ?

ଦାସ		ମାନିବାକୁ ପଡ଼ିବ, ଗୁରୁ ।

ନରହରି		ଦାସବାବୁ, ପଳେଇ ଚାଲ । ସାର୍ ଆସୁଛନ୍ତି ।

(ଉଭୟ ମଞ୍ଚରୁ ବାହାରି ଯାଇଛନ୍ତି, ଆସିଛନ୍ତି ପଟ୍ଟନାୟକ ଏବଂ ମହାନ୍ତି)

ମହାନ୍ତି		ସାର୍, ମତେ ଟିକିଏ ସାହାଯ୍ୟ କରନ୍ତୁ । ଆପଣ ଦୟା ନ କଲେ ମୁଁ କୋଉ କୂଳର ହେବିନି ।

ପଟ୍ଟନାୟକ		ଡ଼ଃ, ମହାନ୍ତି, ମତେ ଆଉ ସେ ଝାମେଲାରେ ପୁରାଅନି । କେମିତି କ'ଣ କହି ବୁଝାଇବି ? ସବୁ କଥା ପେପରରେ ବାହାରି ଯାଉଛି ।

ମହାନ୍ତି	:	ସାର୍ ଆପଣ ଥାଉଁ ଥାଉଁ ମୁଁ ଭାସିଯିବି ?

ପଟ୍ଟନାୟକ	:	ମନ୍ତ୍ରୀଙ୍କ ପିଏ. ସେଦିନ ମତେ ଫୋନ କରି କହୁଛି, ପଟ୍ଟନାୟକ, ଶୀଘ୍ର ଆସି ସାର୍‌ଙ୍କୁ ଦେଖା କରିବ । ନଚେତ୍ ଚକ ଘୂରି ଯାଇପାରେ ।

ମହାନ୍ତି	:	କାଲି ସକାଳେ ଆମରି ଆଗରେ ଲଙ୍ଗଳା ହୋଇ ଡ଼େଉଁଥିଲା । ମନ୍ତ୍ରୀ ହୋଇଗଲା ବୋଲି ଇନ୍ଦ୍ରଚନ୍ଦ୍ର ମାନୁନି ।

ପଟ୍ଟନାୟକ		ମଲା ଲୋକଟା ଭୁଲ ବଶତଃ ଟ୍ରାନ୍ସଫର ହୋଇଗଲା । ହେଲେ ଏମ୍. ଏଲ୍.ଏ. ନା'ଟା କେମିତି ବାହାର କରିଦେଲ ? ଡ୍ରାଫ୍ଟ କ'ଣ ପୂର୍ବରୁ ଦେଖି ନଥିଲ ?

Digitized by PPRACHIN, SOA

ମହାନ୍ତି ସାର୍, ସମସ୍ତେ ମୋ ମୁଣ୍ଡରେ ଦୋଷ ଲଦି ଦଉଛନ୍ତି । ଏଥିରେ କ'ଣ ଅନ୍ୟ କାହାରି ତ୍ରୁଟି ନାହିଁ ?

ପଟ୍ଟନାୟକ ତମ ଦସ୍ତଖତରେ ବାହାରିଛି । ସେଇଟା ହେଲା ବଡ଼ ଦୋଷ ।

ମହାନ୍ତି ଆପଣ ଛୁଟିରେ ଥିଲେ । ବାଧ ହୋଇ ମତେ -

ପଟ୍ଟନାୟକ ତମେ ଯାଇ ହାଇକମାଣ୍ଡଙ୍କୁ ତାଙ୍କ ଘରେ ଥରଟେ ଦେଖା କର ।

ମହାନ୍ତି ମାନେ ?

ପଟ୍ଟନାୟକ ସେଇଟା କ'ଣ କୁହାଯାଏ ? ବୁଦ୍ଧି ବିଚାରି ପରିବେଶ ଦେଖି ଯାହା କିଛି ଭୋଗ ଚଢ଼େଇବ । ସବୁ ଠିକ୍ ହୋଇଯିବ । ହାଇକମାଣ୍ଡଙ୍କ ଅନୁଗ୍ରହ ମିଳିଗଲେ ଆଉ କାହାରିକୁ ଖାତିର କରିବାର ନାହିଁ । (କାଣ)

ପଟ୍ଟନାୟକ ହଁ ଯାଅ । ଦେଖିଚାହିଁ କଥାବାର୍ତ୍ତା କରିବ । (ମହାନ୍ତି ବାହାରି ଯାଉଛନ୍ତି । ସିଗାରେଟ୍ ଲଗାଉଛନ୍ତି ପଟ୍ଟନାୟକ । ଆସିଛନ୍ତି ଗଣେଶ ଏବଂ ନାରଦ । ତାଳି ମାରି ମାରି ଆସିଛନ୍ତି....)

ଗଣେଶ ବାଃ..ବାଃ... ପଟ୍ଟନାୟକ । କି ଚମତ୍କାର ଉପଦେଶ ।

ନାରଦ ଶିକ୍ଷା ବିଭାଗର ଉନ୍ନତି କେବଳ ତମ ହାତରେ ହିଁ ସମ୍ଭବ ହେବ ।

ପଟ୍ଟନାୟକ ତମ ଦୁହିଁଙ୍କ ପରିଚୟ ? ମୋଠି କ'ଣ ଦରକାର ?

ନାରଦ ଆମେ ବଦଳି ପାଇଁ ଆସିନୁ, କି କାହାରି ସୁପାରିଶ ପାଇଁ ଆସିନୁ ।

ପଟ୍ଟନାୟକ ତା'ହେଲେ ?

ଗଣେଶ ମର୍ତ୍ତ୍ୟକୁ ଆସିଥିଲୁ ଶିକ୍ଷାର ଅବସ୍ଥା ଦେଖିବାପାଇଁ । ହେଲେ ଯାହା ସ୍ୱଚକ୍ଷୁରେ ଦେଖିଲୁ, ଅତ୍ୟନ୍ତ ହୃଦୟ ବିଦାରକ ।

ପଟ୍ଟନାୟକ (ଉଭୟଙ୍କୁ ଗାଢ଼େଇ ଦେଖି)ପାତାଳରୁ ନା' ସ୍ୱର୍ଗରୁ ? କୋଉଠୁ ?

ନାରଦ ସ୍ୱର୍ଗରୁ ବତ୍ସ । ଆମ୍ଭକୁ ଚିହ୍ନି ପାରୁନା ? ପ୍ରଭୁ ଗଣପତି, ଆମ୍ଭେ ମହର୍ଷିନାରଦ ।

ପଟ୍ଟନାୟକ ନିଅ (ସିଗାରେଟ୍ ଦେଖାଇ) ।

ନାରଦ ବତ୍ସ, ତୁମ୍ଭକୁ ଲଜ୍ଜା ଲାଗୁନି ? ପ୍ରଭୁ ଗଣେଶଙ୍କୁ ନିଶାଦ୍ରବ୍ୟ ଅର୍ପଣ କରୁଛ ? ଔଦ୍ଧତ୍ୟର ବି ସୀମା ଅଛି ।

ପଟ୍ଟନାୟକ ଫାଲତୁ କଥାବାର୍ତ୍ତା ବନ୍ଦକର । କୁହ କ'ଣ ଦରକାର ? କିଏ ପଠେଇଛି ?

ଗଣେଶ ବିଶ୍ୱାସ କର ବତ୍ସ । ନାରଦ ଯାହା କହୁଛନ୍ତି, ତାହା ସତ୍ୟ । ଏଥିରେ ସନ୍ଦେହର ଅବକାଶ ନାହିଁ ।

Digitized by PPRACHIN, SOA

ପଟ୍ଟନାୟକ		ହଇହୋ, ତମ ଦି'ହିଙ୍କି ଛାଡ଼ି ଯଦି ସ୍ୱୟଂ ବ୍ରହ୍ମା - ବିଷ୍ଣୁ - ମହେଶ୍ୱର ଆସନ୍ତି, ତଥାପି ଏ ଶିକ୍ଷା ବିଭାଗଟାକୁ ହଜାଡ଼ି ପାରିବେନି । ଆମର ଅଧାଅଧି ସମୟ ଦାନାର୍ଥେ ଯାଉଛି । କେମିତି ଶିକ୍ଷାର ଉନ୍ନତି ହବ ବୋଲି ଭାବୁଛ ? ଯଦି ଦାନ ଦବୁ, କ'ଣ ପକେଟରୁ ଦବୁ ? କାହା ମୁଣ୍ଡରେ ତ ପୁଣି ହାତ ବୁଲାଇବାକୁ ପଡ଼ିବ ।
ନାରଦ		ଏକଥା ତମେ ଏମିତି ଖୋଲାଖୋଲି ଭାବେ କହି ପାରୁଛ ? ପୁଣି ଶିକ୍ଷା ବିଭାଗର ସର୍ବୋଚ୍ଚ ପଦରେ ରହି ?
ପଟ୍ଟନାୟକ		ମୁଁ କିଛି ଲୁଚାଉନି । ଲୁଚାଇବାକୁ ଚାହେଁନା । ଯୋଉ ପ୍ରଶ୍ନ ମତେ ପଚାରୁଛ, ସେକଥାଟା ମନ୍ତ୍ରୀଙ୍କୁ ପଚାରୁନ ? ଏ ଦେଶର ଶିକ୍ଷିତ ଜନସାଧାରଣଙ୍କୁ ପଚାରୁନ ? ଏ ଦିଗରେ କ'ଣ କାହାରି କିଛି କର୍ତ୍ତବ୍ୟ ନାହିଁ ? (ନାରଦ ଏବଂ ଗଣେଶ ପରସ୍ପରର ମୁହଁକୁ ଚାହିଁଛନ୍ତି)
ପଟ୍ଟନାୟକ		ମୁଁ ଜାଣେ ଏ ପ୍ରଶ୍ନର ଉତ୍ତର ମିଳିବା ସହଜ ନୁହେଁ ।
ନାରଦ		ଆମ୍ଭ ଉପରେ ଭରସା ରଖ, ବନ୍ଧୁ । ଆମ୍ଭେ ସେମାନଙ୍କୁ ଏ ପ୍ରଶ୍ନ ନିଶ୍ଚୟ ପଚାରିବୁ ।
ପଟ୍ଟନାୟକ		ହଁ, ପଚାରିବ ! ସେମାନଙ୍କୁ ପଚାରିବା ତ ଦୂରର କଥା, ଆଗ ପାଖକୁ ପଶି ଦେଖାଅ ।
ଗଣେଶ		ବନ୍ଧୁ, ତମେ ତମ ପ୍ରଶ୍ନର ଉତ୍ତର ନିଶ୍ଚୟ ପାଇବ ।
ପଟ୍ଟନାୟକ		ହଉ, ଦେଖାଯାଉ । ମୁଁ ଅପେକ୍ଷା କରୁଛି । କେବେ ମୋ ପ୍ରଶ୍ନର ଉତ୍ତର ମିଳୁଛି ! ଆଉ ଡେ଼ରି କ'ଣ ପାଇଁ ?
ନାରଦ		ଆସନ୍ତୁ ପ୍ରଭୁ ।
		(ଉଭୟ ଯିବାକୁ ଉଦ୍ୟତ ହେଲାବେଳେ ପଛରୁ ଡ଼ାକିଛି ପଟ୍ଟନାୟକ)
ପଟ୍ଟନାୟକ		ହଁ, ଶିକ୍ଷା ବିଭାଗ ଉପରେ କିଛି ଧାରଣା ଅଛି ତ ? ଆଗରୁ ସେଇଟା ଗୋଟାଏ ଥିଲା । ଏବେ ସେଇଟା ଦି'ଫାଳ । ଯୋଉଠି ଦରକାର, ସେଠିକି ଯିବ ?
		(ଗଣେଶ ଏବଂ ନାରଦ ଚାଲି ଯାଇଛନ୍ତି ମନକୁ ମନ ହସି ଉଠିଛନ୍ତି ପଟ୍ଟନାୟକ)
ପଟ୍ଟନାୟକ	:	ଏମାନେ ପୁଣି କରିବେ ଶିକ୍ଷା ସଂସ୍କାର ? ହୁଁ... !
		(ମୁଖମଣ୍ଡଳରେ ତାଚ୍ଛଲ୍ୟ ଭାବ । ତା'ରି ଭିତରେ ଅନ୍ଧାର ହୋଇଛି ମଞ୍ଚ)

Digitized by PPRACHIN, SOA

ଅନୁରାଗ

ଚରିତ୍ର — ନାରଦ, ଗଣେଶ, କୁଳପତି, ପାପନା, ଅନାଦୁରାଇ, ଏକ୍ସ, ଓ୍ୱାଇ, ଜେଡ୍ ।

(ସୂଚନା : ପୂର୍ବର ସେହି ଭୂଷଣ୍ଡପୁରର ବିଶ୍ୱବିଦ୍ୟାଳୟର କୁଳପତିଙ୍କ ଅଫିସ୍ । କୁଳପତି ମହାଶୟ ପେପର ପଢୁଥିଲେ । ଗୋଟିଏ ନିଉଜ୍ ପଢ଼ି ସେ ଅସ୍ୱାଭାବିକ ଭାବେ ଚିତ୍କାର କରିଉଠିଛନ୍ତି ।)

କୁଳପତି — ସେକ୍ରେଟାରୀ..ସେକ୍ରେଟାରୀ... 'ପାପନା'... 'ପାପନା'

ପାପନା : ସାର୍, କୁହନ୍ତୁ । କ'ଣ କରିବ ? ଡ଼ିକ୍‌ଟେସନ୍ ଦେବେ, ସାର୍ ?

କୁଳପତି : ଆଜି ଖବରକାଗଜ ପଢ଼ିଛ ?

ପାପନା : ଓ, 'ଆମଖବର' ତ ! ଗାଲୁଆ ପେପର । କିଏ କାହିଁକି ଯିବ ସେଥିରେ ସମୟ ନଷ୍ଟ କରିବାକୁ ।

କୁଳପତି — ତା' ହେଲେ ଏଥିରେ ଯାହାସବୁ ବାହାରିଛି, ତାହା କ'ଣ ମିଛ ?

ପାପନା — କିଛି ଗୋଟାଏ ହଟଚମେଟ ପାଇଁ ବେଳେବେଳେ ଖବରକାଗଜ ବାଲା ଏ ଏମିତି କରିଥାନ୍ତି । ସେଇଆ ବାହାରିଛି, ସାର୍ !

କୁଳପତି — ଷଣ୍ଢକୁଦ ମହାବିଦ୍ୟାଳୟରେ ମାସ୍ କପି । ଅଧ୍ୟାପକମାନେ ଏଥିରେ ସାହାଯ୍ୟ କରୁଛନ୍ତି । ଗେଦାବରୀଶ ହଲ୍‌ରେ ପରୀକ୍ଷା ଦେଲେ ପାଞ୍ଚ ହଜାର..ଗୋପବନ୍ଧୁ ହଲ୍‌ରେ ପରୀକ୍ଷା ଦେଲେ ଦଶହଜାର ଫିସ୍ ଏସବୁ କ'ଣ ? ଏଇଟା ପରୀକ୍ଷା ନା ମାଛହାଟ ?

ପାପନା — ଗୁଳାପି ଗପ ସାର୍ । ଭାରି ଖରାପ ଲାଗୁଛି ।

କୁଳପତି — ଏ କଲେଜ ପ୍ରିନ୍‌ସପାଲ କିଏ ?

ପାପନା — ଏଜୁକେସନ ମିନିଷ୍ଟରଙ୍କ ଶାଳକ ରବିକାନ୍ତ ଶର୍ମା... ।

କୁଳପତି — ସିଏ ଯେତେବଡ଼ ହେଉନା କାହିଁକି, ଆଇନ୍ ସମସ୍ତଙ୍କ ପାଇଁ ସମାନ । ଆମର ସ୍କାଡ୍ କିଏ କିଏ ଯାଇଥିଲେ ?

Digitized by PPRACHIN, SOA

ପାପନା		ପ୍ରଫେସର ଏକ୍ସ ଆଉ ପ୍ରଫେସର ୱାଇ ... ।
କୁଳପତି		ତୁରନ୍ତ ଡ଼କାଅ ସେମାନଙ୍କୁ ଗୋଟାଏ ଆଖଡ଼ା ଚାଲିଛି । ଶିକ୍ଷା ନାଆଁରେ ବେପାର ।
ପାପନା	:	ସାର୍, ଫୋନକରି ଡ଼କେଇବି ?
କୁଳପତି	:	ପଚାରୁଛ କ'ଣ ? ଶୀଘ୍ର ଡ଼କାଅ । (ଫୋନ୍ କରିଛି ପାପନା)
ପାପନା	:	ହାଲୋ, ପ୍ରଫେସର ଏକ୍ସ ଅଛନ୍ତି ? ଦିଅନ୍ତୁ... । ସାର୍, ଭିସି ଖୋଜୁଛନ୍ତି । ସାଙ୍ଗେ ସାଙ୍ଗେ ଆସନ୍ତୁ ।... ପରେ ଖାଇବେ । ଆସନ୍ତୁ । ଅର୍ଜେଣ୍ଟ କାମ... । (ରିସିଭର ରଖି)ସାର୍ ଆସୁଛନ୍ତି ।
କୁଳପତି		ୱାଇକୁ ଡ଼ାକ ।
ପାପନା		ସେ ଲୋକର ଦେଖାମିଳିବା ଭାରି କଷ୍ଟ । ବାବୁ କୋଉଠି ସଭାସମିତିରେ ଭାଷଣ ଦେଉଥିବେ ।
କୁଳପତି	:	ପ୍ରଫେସର ନ ହେଇ ବକ୍ତା ହେବା କଥା ଥିଲା । ସମସ୍ତଙ୍କ ଠିପି ବନ୍ଦ କରିଦେବି । ଲଗାଅ.. ।
ପାପନା		ଲଗାଉଛି ସାର୍ । (ଫୋନ୍ କରି)ସାର୍..ସାର୍... । ମୁଁ ପାପନା କହୁଛି । ଭି.ସି.ଙ୍କ ସେକ୍ରେଟାରୀ । ସାର୍ ଆପଣଙ୍କ ଉପରେ ଭୀଷଣ ରାଗିଛନ୍ତି । .. କ'ଣ କହିଲେ... ମିଟିଙ୍ଗ ଅଛି... । ନା..ନା..ଶୀଘ୍ର ଆସନ୍ତୁ... ଅର୍ଜେଣ୍ଟ ଦରକାର... । ହଁ ହଁ ଆସନ୍ତୁ । (ରିସିଭର ରଖି) ଆସୁଛନ୍ତି, ସାର୍ ।
କୁଳପତି		ଏମାନେ ନିଜକୁ ସବୁ କ'ଣ ଭାବୁଛନ୍ତି ? ଦଉଛି ଥଣ୍ଡାକରି ଏମାନଙ୍କୁ ।
ପାପନା		ସାର୍, ଷଣ୍ଢକୁଦ କଲେଜ ମାମଲାରେ ଆପଣ ମୁଣ୍ଡ ପୂରାନ୍ତୁନି । ଏକଥା ଆଜି ନୂଆକରି ଘଟୁନି । କୋଡ଼ିଏ ବର୍ଷ ହେଲାଣି ଏମିତି ଚାଲିଛି ।
କୁଳପତି		ହେଲେ ମୋ ଅମଳରେ ଏସବୁ ହୋଇପାରିବିନି । କ'ଣ ପାଇଲେଣି ଏମାନେ ମୋତେ ।
ପାପନା		ସାର୍, ଯାହାକିଛି କରିବେ, ଭାବିଚିନ୍ତି କରିବେ । ସେମାନେ ୟୁନିଅନ୍ ପିଲାଙ୍କୁ ଆପଣଙ୍କ ପଛରେ ଲଗେଇଦେବେ ।
କୁଳପତି		ମୋର ପୋଜିସନ୍‌କୁ ଭୟ ନାହିଁ । ଯୋଉଠିକି ଗଲେ ଢ଼ିଙ୍କି ଧାନ କୁଟିବ । ମୋ ପୁରୁଣା ଜାଗାରେ ପୁଣି ପ୍ରଫେସର ହେଇ ରହିବି ।
ପାପନା		ଆପଣ ଏଠି ବେଶିଦିନ ଟେକିଲା ଭଳିଲା ଲାଗୁନି । ମୋ କହିବା କଥା କହିଦେଲି । ତେଣିକି ଯାହା ଆପଣଙ୍କ ଭାଗ୍ୟରେ ଥିବ । (ପ୍ରଫେସର ଏକ୍ସ ପ୍ରବେଶ କଲେ । ବିବ୍ରତ ଜଣାପଡୁଥିଲେ ।)

Digitized by PPRACHIN, SOA

ଏକ୍ସ	ନମସ୍କାର, ସାର୍ ।
କୁଳପତି	ପାପନା, ୱାଇ ଆସିଲେ ଛାଡ଼ିଦେବ । ଆଉ କାହରିକୁ ଛାଡ଼ିବନି । କହିଦେବ, କନ୍‌ଫିଡ଼େନ୍‌ସିଆଲ ମିଟିଂ ଚାଲିଛି... ।
ପାପନା	ଓକେ, ସାର୍....(ପ୍ରସ୍ଥାନ)
ଏକ୍ସ	ସାର୍, ହଠାତ୍ କ'ଣ ଦରକାର ପଡ଼ିଲା ?
କୁଳପତି	ଷଣ୍ଢକୁଦ କଲେଜକୁ ତମେ ଯାଇଥିଲ ?
ଏକ୍ସ	ମୁଁ ଏକା ନୁହେଁ, ୱାଇ ମଧ୍ୟ ଯାଇଥିଲେ ।
କୁଳପତି	ଆଜିକାର ଖବରକାଗଜ ପଢ଼ିଛ ?
ଏକ୍ସ	ମାସ୍ କପି ନିଉଜ୍ ତ ?
କୁଳପତି	ତା'ମାନେ ତମେମାନେ ସବୁ ଜାଣ ?
ୱାଇ	(ପ୍ରବେଶକରି) ସାର୍, ନମସ୍କାର । ଆଜି ଗୋଟାଏ ମିଟିଂ ମୋର ମର୍ଡର ହୋଇଗଲା ।
କୁଳପତି	ମିଟିଂ ପାଇଁ ସରକାର ତମକୁ ଦରମା ଦଉନାହାନ୍ତି । ତୁମେ ୟୁଜିସି ସ୍କେଲ ପାଉଛ ପିଲାଙ୍କୁ ପାଠ ପଢ଼ାଇବା ପାଇଁ ।
ୱାଇ	ସାର୍, କ'ଣ ଏମିତି କହୁଛନ୍ତି । ପ୍ରଫେସର ହୋଇଗଲା ପରେ ଆଉ କି ପାଠ ପଢ଼େଇବୁ ?
ଏକ୍ସ	ହଁ, ସାର । ୱାଇ ଠିକ୍ କହୁଛି । ପ୍ରଫେସରମାନେ କ'ଣ ପାଠ ପଢ଼ାନ୍ତି ?
କୁଳପତି	ଏଇଟା ବିଶ୍ୱବିଦ୍ୟାଳୟ ନା ଚିଡ଼ିଆଖାନା ? କି ବିଚିତ୍ର ନୀତି !
ୱାଇ	ସାର୍, ଖାଲି ଏଇଠି ନୁହେଁ, ସାରା ଦେଶଟା ଯାକ ଦେଖନ୍ତୁ । ସବୁଠି ଏଇ ପାଣିପାଗ । ସାର୍ ଏସବୁ ଛାଡ଼ନ୍ତୁ ।
କୁଳପତି	ହଁ... । ତା' ହେଲେ ତମେମାନେ କାହିଁକି ଯାଇଥିଲ ?
ଏକ୍ସ	ଆମେ ଦି' ଜଣଯାକ ଆମ ରିପୋର୍ଟ ଦେଇସାରିଛୁ ।
ୱାଇ	ସେଣ୍ଟର କ୍ୟାନ୍‌ସେଲ ପାଇଁ ଲେଖିଛୁ ।
କୁଳପତି	ତା'ହେଲେ ଏଯାଏ କାର୍ଯ୍ୟାନୁଷ୍ଠାନ କାହିଁକି ହେଇନି ?
ଏକ୍ସ	ଆମ କାମ ଆମେ ସାରିଦେଇଛୁ । ମୂଷା ଉପଦ୍ରବ କଥା ଆପଣ ଜାଣନ୍ତି ।
ୱାଇ	ସବୁବର୍ଷ ଏଇଆ ହୁଏ । ରିପୋର୍ଟ ଆସେ । ଫାଇଲ୍ ରହେ । କାର୍ଯ୍ୟାନୁଷ୍ଠାନ ପୂର୍ବରୁ ଫାଇଲ୍‌କୁ ମୂଷା ଖାଇଯାଏ । ଆଗ ମୂଷା ମରାଯାଉ ।

Digitized by PPRACHIN, SOA

କୁଳପତି	କ'ଣ ଏସବୁ ହଉଛି ।
ଏକ୍ସ	ନିଛକ ସତ କଥା । ମୂଷା ଉପଦ୍ରବକୁ ବନ୍ଦ କରିବା ସହଜ ନୁହେଁ । ଦୁଇ ତିନିଥର ମୂଷାମରା ଯନ୍ତା ଅର୍ଡ଼ର ଦିଆଯାଇଥିଲା । ଯନ୍ତା ମଧ ଆସିଲା । ହେଲେ ସେଥିରେ ମୂଷା ପଡ଼ିଲେନି ।
ଏକ୍ସ	(ହସି) ସେଇ ଯନ୍ତାକୁ ସଜାଡ଼ିଲାବେଳେ ଆମ କଣ୍ଟ୍ରୋଲରଙ୍କ ଗୋଟାଏ ଆଙ୍ଗୁଳି ମଧ କଟି ଯାଇଥିଲା ।
କୁଳପତି	ଆଜିର ଘଟଣା ବଡ଼ ସାଂଘାତିକ । ଏ ଘଟଣା ପେପରରେ ବାହାରିଛି । କାଲି ସକାଳେ ଆସେମ୍ବ୍ଲିରେ ଉଠିବ । କ'ଣ ଯେ ହବ... ।
ଏକ୍ସ	ଆପଣ କାହିଁକି ବ୍ୟସ୍ତ ହେଉଛନ୍ତି ? କିଛି ହବନି ।
କୁଳପତି	ଭି.ସି, ହେଲେ ଜାଣିବ, ଏଗୁଡ଼ାକ କେମିତି ପିଞ୍ଚକରେ... ।
ୱାଇ	ଆମ ଲୋକଙ୍କ ଭୁଲା ମନ । ସାର୍, ଆଠ ଦଶଦିନ ଗଲେ ଲୋକେ ଏସବୁ ଭୁଲିଯାଇଥିବେ ।
କୁଳପତି	ଚାନ୍‌ସେଲରଙ୍କ କାନରେ କଥାଟା ପଡ଼ିଲେ, ତାଙ୍କୁ ମୁଁ କି ଉତ୍ତର ଦେବି ? ନା... ମତେ କିଛି ଗୋଟାଏ କରିବାକୁ ପଡ଼ିବ । ଠିକ୍ ଅଛି, ତମେ ଯାଅ ।
	(ଏକ୍ସ ଏବଂ ୱାଇ ଦୁହେଁ ବାହାରି ଯାଉଛନ୍ତି । ଭିତରକୁ ଆସିଛନ୍ତି ପାପନା)
ପାପନା	ସାର୍, ମୁଁ କହୁ ନଥିଲି । କିଛି ହବନି ।
କୁଳପତି	ପାପନା, ଏମାନେ ଯେଉଁ ରିପୋର୍ଟ ଦେଇଥିଲେ -
ପାପନା	ଠିକ୍ ସମୟରେ ଠିକ୍ ଜାଗାରେ ପହଞ୍ଚିଥିଲା । ଠିକ୍ ସମୟରେ ଏନ୍‌କ୍ୱାରୀ ମଧ କରାଯାଇଥିଲା । ଠିକ୍ ଲୋକ ମଧ ଏନ୍‌କ୍ୱାରୀ କମିଟିର ଚେୟାରମ୍ୟାନ୍ ଥିଲେ ।
କୁଳପତି	ଚେୟାରମ୍ୟାନ୍ କିଏ ଥିଲେ ?
ପାପନା	ପ୍ରଫେସର ଜେଡ୍...
କୁଳପତି	ଏନ୍‌କ୍ୱାରୀ କମିଟି କି ରିପୋର୍ଟ ଦେଇଥିଲା ?
ପାପନା	ପ୍ରତିବର୍ଷ ଯେଉଁଭଳି ରିପୋର୍ଟ ଦିଆଯାଏ । ମାନେ, ଫାଇଲ୍ ଭିତରେ ଥିବା ସମସ୍ତ କାଗଜପତ୍ର ମୂଷା ଖାଇଯାଇଥିବାରୁ, ଆବଶ୍ୟକୀୟ ପ୍ରମାଣ ଅଭାବରୁ ଷଣ୍ଢକୁଦ କଲେଜକୁ ଦୋଷମୁକ୍ତ କରାଗଲା ।

Digitized by PPRACHIN, SOA

କୁଳପତି — ଓଃ, କି ସାଂଘାତିକ ବ୍ୟାପାର ! ମଣିଷ ଏଠି କେମିତି ଚଳିବ ।

ପାପନା — ସାର୍, ଟିକିଏ ଆଖିବୁଜି ଦିଅନ୍ତୁ । ସବୁ ଦେହସୁହା ହୋଇଯିବ । ତା'ରି ଭିତରେ ଆପଣଙ୍କ ଟର୍ମ ମଧ୍ୟ ପାଇଯାଇଥିବ ।

କୁଳପତି — ଏମାନେ ବାଘଭାଲୁଠାରୁ ବି ଭୟଙ୍କର....

(ବିରକ୍ତ ହୋଇ ଉଠି ଚାଲିଗଲେ କୁଳପତି । ତାଙ୍କୁ ଅନୁସରଣ କଲେ ପାପନା । ଟେଲିଫୋନ୍ ରିଂ ହୋଇଛି । ମଞ୍ଚକୁ ଆସିଛନ୍ତି ଗଣେଶ ଓ ନାରଦ)

ଗଣେଶ — ଏଇଟା କାହିଁକି ଶବ୍ଦ କରୁଛି ?

ନାରଦ — ଏଠିକାର ଭାଷାରେ ଯାକୁ ଟେଲିଫୋନ୍ କୁହାଯାଏ । ଏହା ମାଧ୍ୟମରେ କଥାବାର୍ତ୍ତା କରାଯାଏ । ଆପଣ ଧରନ୍ତୁ । ଯା'ର କମାଲ ଜାଣିପାରିବେ ।

ଗଣେଶ — (ସତର୍କ ହୋଇ ରିସିଭର ଉଠାଇଲେ) ମହାଭାଗ, ଆମ୍ଭେ ଗଣପତି । କିସ କାର୍ଯ୍ୟ ?... ଏଁ 'ଘୋଡ଼ାଡ଼ିମ୍ବ'... । ସେଇଟି କି ପ୍ରକାର କାର୍ଯ୍ୟ ?..... ଏଁ 'ବାଜେ ଲୋକ'.. ! ବୃଥାରେ କ୍ରୋଧ କାହିଁକି କରୁଛନ୍ତି ? ... ଏଁ ।

ନାରଦ — ଦିଅନ୍ତୁ, ଗଣପତି । ଆପଣ ପାରିବେନି । (ରିସିଭର ଧରି)ହଁ, କୁହ । .. କିଏ 'ଆନାଦୁରାଇ'... ! କାହାକୁ ଖୋଜୁଛନ୍ତି ?... ଦୁଇଜଣଯାକ କେହି ନାହାନ୍ତି । କ'ଣ ହେଲା 'ବ୍ଲଡ଼ିଫୁଲ୍' । ହଁ...ହଁ....

ଗଣେଶ — ଏ ବ୍ଲଡ଼ିଫୁଲଟା କ'ଣ ? କି ପଦାର୍ଥ ?

ନାରଦ — ସେମିତି ଶବ୍ଦ ମୁଁ ଶୁଣି ନାହିଁ । ବୋଧହୁଏ ତାହା ଇଂରାଜୀ ଭାଷାର ।

ଗଣେଶ — କ'ଣ ସବୁ ଚାଲିଛି ଏଠି... । କାଗଜପତ୍ର ମୂଷା ଖାଇଗଲା !

ନାରଦ — କେତେବେଳେ ଯେ ଏ ମୂଷା ଶିକ୍ଷାବିଭାଗଟାକୁ ଖାଇଯିବ, କିଛି କହିହଉନି !

ଗଣେଶ — ହଁ, ବଡ଼ ଚିନ୍ତାର ବିଷୟ । ଦେଶରେ ଜ୍ଞାନୀ ଥାଉଁ ଥାଉଁ କେହି ଏ ବିଷୟରେ ଚିନ୍ତା କରୁନାହାନ୍ତି ? ତାହା ପୁଣି ରାଜ୍ୟ ରାଜଧାନୀରେ ।

ନାରଦ — ଶୁଖିଲାବାରିରେ କିଏ କାହିଁକି ଝଡ଼େଇହବ ! କ'ଣ କିଛି ମିଳିବ, ସେମାନଙ୍କୁ ଏଥିରୁ... ।

ଗଣେଶ — ସ୍ୱାର୍ଥ ପାଇଁ କାର୍ଯ୍ୟ ! ସବୁଠି ସ୍ୱାର୍ଥ ।

ନାରଦ — ବିନା ସ୍ୱାର୍ଥରେ ଏଠି କେହି କିଛି କରନ୍ତି ନାହିଁ । ଯେଉଁଦିନ ସ୍ୱାର୍ଥ ଲୋପ ପାଇବ ସେଦିନ ସେମାନଙ୍କ କ୍ରିୟାଶକ୍ତି ମଧ୍ୟ ହଜିଯିବ ।

ଗଣେଶ — ଦେବର୍ଷି, କ'ଣ ଯେ ଆପଣ କହୁଛନ୍ତି ।

Digitized by PPRACHIN, SOA

ନାରଦ	ଯନ୍ତ୍ରଣାଦାୟକ ହେଲେ ବି ସତ୍ୟ । ଏ ତ ଗୋଟାଏ ଉଦାହରଣ ଦେଖିଲେ । ଆହୁରି ଘଟଣା ସବୁ ରହିଛି, ଯାହାକୁ ଆପଣ ଆଦୌ ସହ୍ୟ କରିପାରିବେନି ।
ଗଣେଶ	ତାହା ପୁଣି କି ଧରଣର ?
ନାରଦ	ଆସନ୍ତୁ ଗଣପ୍ତି । ଧୀରେ ଧୀରେ ଆପଣ ସମସ୍ତ ବିଷୟ ଅବଗତ ହୋଇପାରିବେ । ସବୁଠି ଦୁର୍ନୀତିର ଚେର, ଆସନ୍ତୁ ।
	(ପରିକ୍ରମାରେ ବାହାରିଲେ ଗଣେଶ ଏବଂ ନାରଦ । ମଞ୍ଚ ଅନ୍ଧକାର ହେଲା ।)

Digitized by PPRACHIN, SOA

ଦ୍ୱିତୀୟ ଦୃଶ୍ୟ

(ଚାନ୍‌ସେଲରଙ୍କ ସେକ୍ରେଟାରୀ ଆନାଦୁରାଇଙ୍କ ଅଫିସ୍ । ଆନାଦୁରାଇ ବିବ୍ରତ ଅବସ୍ଥାରେ ପଦଚାରଣା କରୁଥିଲେ ମନକୁ ମନ କହିଚାଲିଥିଲେ ।)

ଆନାଦୁରାଇ : ଏମାନେ କେହି ଭଲଲୋକ ନୁହନ୍ତି । ତାଙ୍କ ଆଗରେ ମତେ ନଙ୍ଗା କରିଦେବେ । ସବୁଗୁଡ଼ାଏ ପାଜି..ହିପୋକ୍ରାଟ୍.. !

ଗଣେଶ : ଧୈର୍ଯ୍ୟଧର ବତ୍ସ ! ଆମ୍ଭେ ସବୁ କହିବୁ ।

ଆନାଦୁରାଇ : ମୁଁ ପଚାରୁଛି, କେମିତି ଭିତରକୁ ଆସିଲ ? କିଏ ତମ ଦିହିଙ୍କି ଛାଡ଼ିଲା ?

ନାରଦ : ଆମ୍ଭେ ଦେବର୍ଷି ନାରଦ । ଏ ହେଉଛନ୍ତି ଗଣପତି ।

ଆନାଦୁରାଇ : ଓହୋ, ମୋ ମୁଣ୍ଡଟାକୁ ଏମାନେ ଖରାପ କରିଦେବେ । (ଟେଲିଫୋନ୍ ରିଙ୍ଗ୍‌ହେବାରୁ ରିସିଭର ଉଠାଇଛନ୍ତି) ଏଇଟା ବି ମୋ ସାଙ୍ଗରେ ବାଦ ସାଧୁଛି । ... ସରି, ଆରେ ତମକୁ କହିନି... ଓହୋ... ସମସ୍ତେ ମିଳିମିଶି ମୋ ମୁଣ୍ଡଟାକୁ..ସରି କହିଲି... ଖାଇବା ବନ୍ଦ.... (ରିସିଭର ରଖିଛନ୍ତି ।)

ଗଣେଶ : କି ସମସ୍ୟା ବତ୍ସ ?

ଆନାଦୁରାଇ : କୋଉଟା ନାହିଁ କାହିଁକି ଯେ ମଣିଷ ସେକ୍ରେଟାରୀ ହେଇ ଆସିଲା...

ନାରଦ : ନିଃସଂକୋଚରେ ପ୍ରକାଶକର । ହୁଏତ ଗଣପତି କିଛି ପ୍ରତିକାର ବ୍ୟବସ୍ଥା କରିପାରନ୍ତି ।

ଆନାଦୁରାଇ : କ'ଣ ଟା କରିବେ ?

ଗଣେଶ : ତଥାପି ବତ୍ସ, ସତ୍ୟମ୍ ବଦ ।

ଆନାଦୁରାଇ : ଏଇ ଭୂଷଣ୍ଡପୁର ୟୁନିଭରସିଟି କଥା ।

ନାରଦ : କ'ଣ ହେଇଛି ? କିଛି ଗୁରୁତର ସମସ୍ୟା ?

ଆନାଦୁରାଇ : କ'ଣ ନ ହେଇଛି ! କଥା ଯାଇଁ ଅସେମ୍ବ୍ଲିରେ ଉଠିଲାଣି । ବିରୋଧୀବାଲାଏ ବିଧାନସଭାକୁ ଉଠାପକା କରୁଛନ୍ତି । ଚାନ୍‌ସେଲର ମୋତେ ବସେଇ

Digitized by PPRACHIN, SOA

ଉଠେଇ ଦଉନାହାନ୍ତି... । ଆମ ଅର୍ଡର ଉପରେ ବିଶ୍ୱବିଦ୍ୟାଳୟ କିଛି କାମ କରୁନି ।

ଗଣେଶ : କି ସମସ୍ୟା ?

ଆନାଦୁରାଇ : ଭୂଷଣ୍ଡପୁର ବିଶ୍ୱବିଦ୍ୟାଳୟର ତିନିଜଣ ପ୍ରଫେସର ସେଣ୍ଟ୍ରାଲ ଲାଇବ୍ରେରୀରୁ କିଛି ବହି ହରଣଚାଲ କରିନେଇଛନ୍ତି ।

ନାରଦ : ବହି ହରଣଚାଲ..! ଏ ତ ନୂତନ ସମସ୍ୟା...! ଏଭଳି ସମସ୍ୟା କେବେ ପୂର୍ବରୁ ଘଟିଥିଲା ?

ଆନାଦୁରାଇ : ସେମାନେ କେହି ବହି ଫେରାଉନାହାନ୍ତି । ତିନିଜଣଯାକ ଏବେ ରିଟାୟାର୍ଡ... । ଚାନ୍‌ସେଲରଙ୍କ ଅର୍ଡରକୁ ବି ବେଖାତିର ।

ନାରଦ : କି ଜଘନ୍ୟ ଅପରାଧ ! ଗୁରୁତର ସଙ୍କଟ ।

ଆନାଦୁରାଇ : ବାରମ୍ବାର ସେମାନଙ୍କୁ ଚିଠି ଲେଖି କିଛି ଲାଭ ହେଉନି । ଭାଇଚାନ୍‌ସେଲର ଥକି ପଡ଼ିଲେଣି । ସମସ୍ତ ପ୍ରକାର ପ୍ରାପ୍ୟ ବିଶ୍ୱବିଦ୍ୟାଳୟରୁ ସେମାନେ ନେଇଯାଇଛନ୍ତି ।

ଗଣେଶ : ସମସ୍ୟା ଦାରୁଣ ! ଅଧ୍ୟାପକର ପୁଣି ଚୌର୍ଯ୍ୟବୃତ୍ତି ।

ନାରଦ : ଚେଷ୍ଟାକର ବତ୍ସ । କିଛି ଅସାଧ ହେବନି । ଦୋଷୀ ଦଣ୍ଡପାଉ । ହେଲେ ମନେରଖିବ, କୌଣସି ନିର୍ଦ୍ଦୋଷ ବ୍ୟକ୍ତି ଯେମିତି ଶାସ୍ତି ନ ପାଏ ।

ଆନାଦୁରାଇ : ହେଲେ ତମ ଦି'ଜଣଙ୍କର ଏଥିରେ କ'ଣ ଦରକାର ? କାହିଁକି ମୁଣ୍ଡ ଖେଳାଉଛ ? କୁହ, ସତକୁହ କିଏ ତୁମେ ?

ଗଣେଶ : ବିଶ୍ୱାସକର ବତ୍ସ ! ଆମ୍ଭେ ଗଣପତି । ସେ ହେଉଛନ୍ତି ଦେବର୍ଷି ନାରଦ ।

ଆନାଦୁରାଇ : (ସନ୍ଦେହରେ) ହଳ ବୁଲେଇବା ପାଇଁ ଆଉ କୋଉଠି ଯାଗା ପାଇଲାନି ! ଯିବ ନା' ସିକ୍ୟୁରିଟି ଡ଼ାକିବି ?

ନାରଦ : ବିରକ୍ତ ହୁଅନି ବତ୍ସ । ଆମ୍ଭେ ଆପେ ଆପେ ଚାଲିଯାଉଛୁ ।

ଗଣେଶ : ତେବେ ବତ୍ସ । ଧୀରସ୍ଥିର ଭାବେ ଘଟଣାକୁ ବିଚାର କରି, ନ୍ୟାୟସଂଗତ ନିଷ୍ପତ୍ତି ନେବ ।

ନାରଦ : ଆସନ୍ତୁ ଗଣପତି...

(ଦେବର୍ଷି ନାରଦ ଓ ଗଣେଶ ବାହାରିଗଲେ । ଭିତରକୁ ଆସିଲେ କୁଳପତି)

କୁଳପତି : ମର୍ଣିଙ୍ଗ୍ ସାର୍... ।

ଆନାଦୁରାଇ : ହ୍ୱାଟ୍ ମର୍ଣିଙ୍ଗ୍.. । ମୋ ଅବସ୍ଥା ଆସି ଘାଇଲା ହେଲାଣି.. ।

Digitized by PPRACHIN, SOA

କୁଳପତି : ସାର୍, ଚାନସେଲର କିଛି -

ଆନାଦୁରାଇ : ମୋ ମୁଣ୍ଡଟାକୁ ସେ ଖାଇସାରିଲେଣି । ଏତେ ଡ଼େରି କାହିଁକି ହେଲା ? କି ପାଲା ଲଗେଇଲ ଯେ ବିଧାନସଭା ଉଠୁଛି ପଡୁଛି ।

କୁଳପତି : ସାର୍, ଏବିଷୟରେ ସିଣ୍ଡିକେଟ୍ ସବ୍ କମିଟି ଏନ୍‌କ୍ୱାରୀ କରିସାରିଛି ।

ଆନାଦୁରାଇ : ଯଦି ସରିଛି, ରେଜଲ୍‌ଟା ଜଣଉନି କାହିଁକି ? ସାଧାରଣ ଜନତାଙ୍କ ମନରେ ବି ସନ୍ଦେହ । ପ୍ରଫେସର ତିନିଜଣଯାକ ସେଣ୍ଟ୍ରାଲ ଲାଇବ୍ରେରୀର ବହି ଖାଇ ଯାଇଛନ୍ତି ।

କୁଳପତି : ସାର୍ କଥା କ'ଣ କି ?

ଆନାଦୁରାଇ : କ'ଣ କଥା କଥା ହଉଛି ? ଦୋଷୀ ଦଣ୍ଡ ପାଇବା ଦରକାର । ନଚେତ୍ ସମସ୍ତଙ୍କ ସନ୍ଦେହ ହେବ ଯେ ତମେ ସେମାନଙ୍କୁ ସମର୍ଥନ କରୁଛ ।

କୁଳପତି ସାର୍ ଏଡ଼େବଡ଼ ଭୁଲ ମୁଁ କରିବି ?

ଆନାଦୁରାଇ : ଶୀଘ୍ର କୁହ । କ'ଣ ବାହାରିଲା ? ଦୋଷୀ କିଏ ?

କୁଳପତି : ସେଇ 'ଗାତୁଆ' ସାର୍...

ଆନାଦୁରାଇ : ଏ ଗାତୁଆ ପୁଣି କିଏ ?

କୁଳପତି : 'ମୂଷିକ', ମାଉସ୍ ସାର । କଥା କ'ଣକି, କମିଟି ଯେଉଁ ରିପୋର୍ଟ ଦେଇଥିଲା, ରିପୋର୍ଟ ଯେଉଁ ଫାଇଲ୍‌ରେ ଥିଲା.....

ଆନାଦୁରାଇ : ତାକୁ ମୂଷାମାନେ ଖାଇ ସଫା କରିଦେଇଛନ୍ତି । ଖାଲି ସେ ଫାଇଲ୍ ନୁହେଁ, ଆହୁରି ବହୁ ଗୁରୁତ୍ୱପୂର୍ଣ୍ଣ ଫାଇଲ୍ ମଧ୍ୟ ମୂଷା ଖାଇଯାଇଛି । କେତେଜଣ ଅଧ୍ୟାପକଙ୍କୁ ସସ୍‌ପେନସନ୍ ଲେଟର ଦିଆଯାଉଥିଲା, କେତେଜଣ କର୍ମଚାରୀଙ୍କୁ ବିଶ୍ୱବିଦ୍ୟାଳୟ ଜମି ହଡ଼ପ ସମ୍ପର୍କରେ ଲେଟର ଦିଆଯାଇଥିଲା, ଏସବୁ ସେଇମାନଙ୍କ ପେଟରେ ପଶିଛି । ଏକଥା ଲୋକେ ଶୁଣିଲେ କ'ଣ ଭାବିବେ ? ହେଲେ କାର୍ଯ୍ୟାନୁଷ୍ଠାନ କ'ଣ କଲ ?

କୁଳପତି ଭୂଷଣପୁର ବିଶ୍ୱବିଦ୍ୟାଳୟ ଚାରିପଟେ ବାଉଣ୍ଡାରୀ ନିର୍ମାଣ କରାଯାଇ ମୂଷା ବିଷ ବିଛାଇ ଦିଆଯାଇଛି ।

ଆନାଦୁରାଇ : ଗୁଡ୍, ବହୁତ ଭଲକାମ । ହେଲେ ଭିତରେ ରହୁଥିବା ମୂଷାମାନଙ୍କ ପାଇଁ କ'ଣ କରିଛ ?

କୁଳପତି ସାର୍, ପ୍ରଥମେ ବାହ୍ୟ ଶତ୍ରୁଙ୍କୁ ରୋକାଯାଇ ପାରିଲେ ଆଭ୍ୟନ୍ତରୀଣ ଶତ୍ରୁ କ'ଣ ବଞ୍ଚିଯିବେ ?

Digitized by PPRACHIN, SOA

ଆନାଦୁରାଇ	:	ଆଉ ବେଳ ନାହିଁ, ଯାହା କରିବା କଥା ତୁରନ୍ତ କର । ଅର୍ଡ଼ର ଫାଇଲ୍‌ଟା ଦେଖେଇଲ...
କୁଳପତି	:	ସାର୍, ଫାଇଲ୍‌ଟା ଛାଡ଼ି ଆସିଛି ।
ଆନାଦୁରାଇ	:	କାହିଁକି ଆସିଛ ? କ'ଣ ମୋ ଥୋବଡ଼ା ଦେଖିବାକୁ ? (ପାପନା ଆସିଛି ଫାଇଲ୍ ନେଇ)
ପାପନା		ମଣିଙ୍ଗ୍ ସାର୍ । ସାର୍ ଫାଇଲ୍‌ଟା ଛାଡ଼ି ଆସିଥିଲେ, ସେଇଟା ମୁଁ ନେଇ ଆସିଛି ।
ଆନାଦୁରାଇ	:	ଏଇ ପାପନା ହେଉଛି ସଚ୍ଚା ଦେଶଭକ୍ତ । ପାରିବ ତ ଏଭଳି ଡ଼ିଭୋଟେଡ଼୍ କର୍ମଚାରୀଙ୍କୁ ପ୍ରମୋଶନ ଦିଅ । ପାପନା, ମୁଁ ତମ ପାଇଁ ଚାନ୍‌ସେଲରଙ୍କୁ ଲେଖିବି ।
ପାପନା	:	ସାର୍, ଉଦ୍ଧାର ହେଇଗଲି । ଆପଣଙ୍କ ଋଣ ଶୁଝିପାରିବିନି ।
ଆନାଦୁରାଇ	:	(ଫାଇଲ୍‌ର କାଗଜପତ୍ର ଦେଖି), କମିଟି ରିପୋର୍ଟ ସମ୍ପର୍କରେ ଅର୍ଡ଼ର କାହିଁ ?
କୁଳପତି	:	ପାପନା, ଅର୍ଡର କାହିଁ ?
ପାପନା	:	ଅର୍ଡ଼ର ତ ନ ଥିଲା ।
ଆନାଦୁରାଇ	:	କେମିତି ତମେ କି ଭି.ସି. ହେଇଛ ? ରିପୋର୍ଟ ଦେବାପାଇଁ ତମେ ଅର୍ଡ଼ର ଦେଇନା ? କାଗଜ କାହିଁ ?
କୁଳପତି	:	ଥିଲା ସାର୍, ହେଲେ....
ଆନାଦୁରାଇ	:	ଥିଲା ଯଦି ଗଲା କୁଆଡ଼େ ? ଆଛା ପ୍ରଫେସର ତିନିଜଣଙ୍କ ଉପରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛ ?
ପାପନା		ସେଇଠି ଡ଼େଞ୍ଜର ସାର୍ । ସେମାନେ ମଣିଷ ନୁହନ୍ତି, ଗୋଟାଏ ଗୋଟାଏ ଆଟମବମ୍ ।
ଆନାଦୁରାଇ	:	ଭୟକରି ଛାଡ଼ିଦେଇଛ ?
କୁଳପତି	:	ସାର୍ ଆପଣଙ୍କ ଡ଼ିସିସନ ପାଇଁ ମୁଁ ଅପେକ୍ଷା କରିଛି । ସେମାନଙ୍କ ପଛରେ ଲାଗିଲେ ମୋ ଆସନ ହଲେଇଦେବେ । ଛାତ୍ର ଗଣ୍ଡଗୋଳ ସୃଷ୍ଟି କରିଦେବେ ।
ପାପନା		ହଁ ସାର୍ । ତିନିଜଣଯାକ ଧୂର୍ତ୍ତ... । ସହଜେ ସେମାନଙ୍କୁ କାବୁ କରିହେବନି ।
ଆନାଦୁରାଇ	:	ତା' ହେଲେ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କଡ଼ାକଡ଼ି କରିବାକୁ ହେବ ।

Digitized by PPRACHIN, SOA

କୁଳପତି		ସେତିକି ଦୟାକରନ୍ତୁ ସାର୍ ।
ପାପନା		ହଁ, ସାର୍, ଦୋଷୀ ଦଣ୍ଡପାଇବା ଉଚିତ୍ ।
ଆନାଦୁରାଇ :	ଠିକ୍ ଅଛି । ଆଜି ଏଇଠୁ ହାତେ ହାତେ ଚିଠି ନେଇଯିବ ।
ପାପନା :	ସାର୍ ସେ ତିନିଜଣଙ୍କୁ କଠିନ ଦଣ୍ଡ ଦିଅନ୍ତୁ ।
ଆନାଦୁରାଇ :	ଚାନସେଲରଙ୍କ ସ୍ୱାଭାବ ତ ଜାଣିଛ । ସେ କାହାକୁ ଛାଡ଼ିବେନି । ଠିକ୍ ଅଛି । ମୁଁ ସାର୍‌ଙ୍କୁ କନ୍‌ସଲ୍‌ଟ କରିଆସେ ।

(ଭିତରକୁ ଯାଇଛନ୍ତି ଆନାଦୁରାଇ । ହାତରେ ନେଇଛନ୍ତି ଫାଇଲ୍ ।)

ପାପନା		ସାର୍, କିଛି ଭାବିପାରୁଛନ୍ତି ?
କୁଳପତି		କୋଉ କଥା ?
ପାପନା		ଏଇ ପନିସ୍‌ମେଣ୍ଟ କଥା । ତିନିଜଣ ପ୍ରଫେସରଙ୍କୁ କି ପ୍ରକାର ପନିସ୍‌ମେଣ୍ଟ ହୋଇପାରେ ।
କୁଳପତି		ଜେଲ୍ ।
ପାପନା		ନା ସାର୍ । ପ୍ରେଷ୍ଟିଜ୍ ଇସୁ । ଜୋରିମାନା ହେଲେ ଭଲ ହୁଅନ୍ତା ।
କୁଳପତି		ଦେଖାଯାଉ, ଚାନସେଲର କ'ଣ କରୁଛନ୍ତି ।
ପାପନା		ସାର୍, ମୋ କଥା ଟିକିଏ ମନେପକାଇ ଦେବେ ।
କୁଳପତି		ଆନାଦୁରାଇ ସାହେବ ତ ଧୂମ୍ ଟେକୁଛନ୍ତି । ତମର ପ୍ରମୋଶନ ନିଶ୍ଚିତ । ହେଲେ ହଠାତ୍ ତମ ପ୍ରତି ଏ ଅଯୋଚିତ ଅନୁଗ୍ରହର କାରଣ କ'ଣ ?
ପାପନା		କିଛି ଅଛି !
କୁଳପତି		ଓ, ବୁଝିଗଲି । ଆଉ ଫେଣେଇବା ଦରକାର ନାହିଁ ।
ପାପନା		ସାର୍, ଆନାଦୁରାଇ ସାହେବଙ୍କଠାରୁ ତାଙ୍କ ସ୍ତ୍ରୀ ଆହୁରି ବଢ଼ିଆ ଲୋକ । ଖଣ୍ଡିଖଣ୍ଡି ଓଡ଼ିଆ କହୁଛନ୍ତି ।
କୁଳପତି		କିନ୍ତୁ ସାର୍‌ଙ୍କୁ କିଏ କହିବ ନନ୍‌ଓଡ଼ିଆ ବୋଲି !
ପାପନା		ତାଙ୍କ ପିଲା ଦୁଇଟା ବି ଭଲ ପଢୁଛନ୍ତି । ବଡ଼ଟା ଆଇ.ଏ.ଏସ୍ ପାଇଁ ପ୍ରସ୍ତୁତି ଚଳେଇଛି ।
କୁଳପତି :	ତମେ ଯା' ଭିତରେ ବହୁତ ବାଟ ଆଗେଇଯାଇଛ !
ପାପନା :	ସବୁ ଆପଣଙ୍କ ଆଶୀର୍ବାଦରୁ ସାର୍ ।
କୁଳପତି :	ସାର୍ ଆସୁଛନ୍ତି । (ନୀରବ ରହିବାକୁ ଇଙ୍ଗିତ)
ଆନାଦୁରାଇ :	(ପ୍ରବେଶ କରି) ମୁଁ କହୁନଥିଲି, ସାର୍ କେବେ ଛାଡ଼ିବେନି । ସେଇଆ ହେଲା ?

Digitized by PPRACHIN, SOA

କୁଳପତି	:	ସେମାନଙ୍କୁ କି ପନିସ୍‌ମେଣ୍ଟ ମିଳିଲା ?
ଆନାଦୁରାଇ	:	ଭୂଷଣ୍ଡପୁର ବିଶ୍ୱବିଦ୍ୟାଳୟରୁ ତିନିମାସ ମଧ୍ୟରେ ସେମାନେ ମୂଷାବଂଶ ନିପାତ କରିବେ । ସେମାନଙ୍କୁ ବିଶ୍ୱବିଦ୍ୟାଳୟ ତରଫରୁ ଏଥିପାଇଁ ସବୁକିଛି ଯୋଗାଇ ଦିଆଯିବ ।
ପାପନା		କି ସୁନ୍ଦର ପନିସ୍‌ମେଣ୍ଟ । ଚାନ୍‌ସେଲରଙ୍କୁ ମାନିବାକୁ ପଡ଼ିବ । ହାତରେ ନ ମାରି ଭାତରେ ମାରିଛନ୍ତି ।
କୁଳପତି	:	ସାରଙ୍କୁ ମାନିବାକୁ ହେବ । ସାର୍, କର୍ତ୍ତବ୍ୟର ଖିଲାପ ହେଲେ ?
ଆନାଦୁରାଇ	:	ଏଇଟା ଚାନ୍‌ସେଲରଙ୍କ ଅର୍ଡ଼ର । ମୁଣ୍ଡରୁ ଗଣ୍ଡି ଅଲଗା ହେଇଯିବ ।
ପାପନା	:	ସାର୍, ସେମାନେ ତିନିଜଣଯାକ ରିଟାୟାଡ୍ ।
ଆନାଦୁରାଇ	:	ଆଇନ୍ କାହାରିକୁ ଛାଡ଼ିବନି । ପେନ୍‌ସନ୍... ଗ୍ରାଚୁଇଟି...ସବୁ ବନ୍ଦ କରିଦିଅ । କୁଆଡ଼େ ଯିବେ ସେମାନେ ... ।
କୁଳପତି		ହଁ, ସେଇଆ ହେବ । ସାର୍ ସୁପ୍ରିମ୍‌କୋର୍ଟ ଅର୍ଡର ଦେଇଛନ୍ତି । ଟିକିଏ କେଁ ରହିଯାଉଛି ।
ଆନାଦୁରାଇ	:	ବରଂ ଭଲ ହେବ, ସେମାନଙ୍କୁ ଜଣେଇଦିଅ, ମୂଷିକମରା ଅଭିଯାନ ସେମାନେ ଖୁବ୍‌ଶୀଘ୍ର ଆରମ୍ଭ କରିଦିଅନ୍ତୁ । ତିନିମାସ ମଧ୍ୟରେ ଲକ୍ଷ୍ୟ ହାସଲ କରିବାକୁ ପଡ଼ିବ ।
ପାପନା		ସାର୍, ଯଦି ଭିଜିଲାନ୍‌ସ ଚଢ଼ାଉ କରାଯାଏ, ତା'ହେଲେ ଜଣକ ଘରୁ ସବୁ ବାହି ମିଳିଯିବ ।
ଆନାଦୁରାଇ	:	ଆଇନ୍‌କୁ ତା' ବାଟରେ କାର୍ଯ୍ୟ କରିବାକୁ ଛାଡ଼ିଦିଅ । ଦେଖିବ କିଛିଦିନ ପରେ ସବୁ ସଜାଡ଼ି ହୋଇଯିବ । ହଁ, ସେମାନଙ୍କୁ ଜଣେଇଦବ, ମଝିରେ ମଝିରେ ସର୍‌ପ୍ରାଇଜ୍ ଚେକିଙ୍ଗ୍ ହେବ ।
କୁଳପତି		ହଁ, ସାର୍ । ସେଇଟା ନିହାତି ଦରକାର । ଆପଣଙ୍କ ସାହାଯ୍ୟକୁ ଆଦୌ ଭୁଲିବାର ନୁହେଁ ସାର୍ । (ହଠାତ୍ ମଞ୍ଚ ଅନ୍ଧକାର ହୋଇଛି)
ଆନାଦୁରାଇ	:	ପାୱାରକଟ୍ । ଇନଭର୍ଟର ଅଚଳ । ଫାଇଲ୍‌ଟା ଦିଅ... ।
ପାପନା	:	ସାର୍, ମୁଁ ପାପନା ।
ଆନାଦୁରାଇ	:	ଦିଅ ଚଳିବ । ଆସ୍ତେ ଯାଅ । ଗୋଡ଼ହାତ ଖଣ୍ଡିଆ ହେବ । ହୁସିଆର୍...
କୁଳପତି	:	ଆପଣ ବ୍ୟସ୍ତ ହୁଅନ୍ତୁନି । ଅନ୍ଧାରରେ କାମ କରିବା ଅଭ୍ୟାସ ଆମର ଅଛି ।
ଆନାଦୁରାଇ	:	ଗୁଡ୍... ଭେରିଗୁଡ୍...ଭେରି ଭେରି ଗୁଡ୍... (ହସୁଥିଲେ ଅନ୍ଧାର ଭିତରେ ଆନାଦୁରାଇ)

Digitized by PPRACHIN, SOA

ଚତୁର୍ଥ ଦୃଶ୍ୟ

(ବିଶ୍ୱବିଦ୍ୟାଳୟର ପ୍ରାଙ୍ଗଣ... । ପାତଳ ଅନ୍ଧାର ଲାଗି ରହିଥିଲା । ତା'ରି ଭିତରେ ତିନିଜଣ ଲୋକ ସ୍ପୋର୍ଟମ୍ୟାନ୍ ଡ୍ରେସ୍ ପିନ୍ଧି ସନ୍ତର୍ପଣରେ ଆଗଉଥିଲେ । ଜଣକ ହାତରେ ଠେଙ୍ଗା, ଅନ୍ୟ ଜଣକ ହାତରେ ଖଣ୍ଡା ଏବଂ ଶେଷ ଜଣକ ହାତରେ ବନ୍ଧୁକ ଥିଲା । ସେମାନେ କାହାକୁ ଖୋଜୁଥିଲେ । ଖୋଜି ଖୋଜି ମଞ୍ଚ ଉପରୁ ବାହାରିଗଲା ପରେ ମଞ୍ଚକୁ ଆସିଛନ୍ତି ନାରଦ ଏବଂ ଗଣେଶ ।)

ଗଣେଶ — ମହର୍ଷି, ଏ ଅନ୍ଧାର ଏମିତି କେତେଦିନ ଲାଗି ରହିବ ?

ନାରଦ — ପାୱାରକଟ୍ ଚାଲିଛି ।

ଗଣେଶ — ସେଇଟା କି ଜିନିଷ ?

ନାରଦ — ଏ ବର୍ଷ ବର୍ଷା ନାହିଁ । ବର୍ଷା ନ ଥିବାରୁ ଜଳ ବିଦ୍ୟୁତ୍ ଉତ୍ପନ୍ନ ହୋଇପାରୁନି । ସେଇଥିଲାଗି ଏ ପ୍ରକାର ଅବସ୍ଥା ।

ଗଣେଶ — କି ବିଷମ ସମସ୍ୟା । ପରୀକ୍ଷାର୍ଥୀଗଣ ଭୀଷଣ ଅସୁବିଧାର ସମ୍ମୁଖୀନ ହେଉଥିବେ । କିଛି କରିହେବନି ?

ନାରଦ — ପ୍ରଭୁ, ଯା ବି ଶୁଣାଯାଉଛି । ବିଦ୍ୟୁତ୍‌ଶକ୍ତି ଅଭାବ ନାମରେ ଦେଶରେ କୃତ୍ରିମ ଅଭାବ ସୃଷ୍ଟି କରାଯାଉଛି ।

ଗଣେଶ — ଏସବୁ ସମସ୍ୟା ଯାହାହେଉ ସ୍ୱର୍ଗରେ ନାହିଁ । ଦେବ ଲୋକ ଏସବୁର ବହୁ ଉର୍ଦ୍ଧ୍ୱରେ ।

ନାରଦ — ମର୍ତ୍ତ୍ୟରେ ଯାହାସବୁ ଅଛି, ଦେବତାମାନେ ତାଙ୍କ ଜୀବଦ୍ଦଶା ଭିତରେ ବି ଦେଖିବାକୁ ପାଇବେ ନାହିଁ ।

ଗଣେଶ — ହେଲେ ସେମାନେ ଅମର । ଅତୁଳ ଐଶ୍ୱର୍ଯ୍ୟର ଅଧିକାରୀ ।

ନାରଦ — ମର୍ତ୍ତ୍ୟରେ କମ୍ପ୍ୟୁଟର ଅଛି, ଟେଲିଭିଜନ ଅଛି, ଇଣ୍ଟରନେଟ୍ ଅଛି । ଏସବୁ ଦେବତାମାନଙ୍କ ମୁଣ୍ଡକୁ କେବେ ଜୁଟିବ । ସେଇଥିଲାଗି

Digitized by PPRACHIN, SOA

	ମୁଁ କହେ, ମଣିଷମାନେ ଭାଗ୍ୟବାନ୍ । ମରନ୍ତୁ ପଛେ, ଯାହା ଚାହିଁବେ ପାଇପାରିବେ ।
ଗଣେଶ	ଦେବର୍ଷି, ମୁଁ ଆପଣଙ୍କ କଥାରୁ କିଛି ବୁଝିପାରୁନି ।
ନାରଦ	ସାରାଜୀବନ ତ ସଂସ୍କୃତ ପଢି ପଢି ଆସିଲେ । ଇଂରାଜୀ ବା ହିନ୍ଦୀ କିଛି କିଛି ପଢିବା ଦରକାର ଥିଲା । ତା'ପରେ ମୁଁ ତ ବିଶୁଦ୍ଧ ଓଡ଼ିଆରେ କହୁଛି । ବୁଝିବାରେ ଆଦୌ ଅସୁବିଧା ହେଉନଥିବ ।
ଗଣେଶ	ସବୁ ବୁଝୁଛି, ହେଲେ ମଝିରେ ମଝିରେ ଆପଣ ଯେଉଁ ବିଜାତୀୟ ଭାଷାର ଗୋଟିଏ ଗୋଟିଏ ଶବ୍ଦ ପ୍ରୟୋଗ କରୁଛନ୍ତି ସେହିଗୁଡ଼ାକ ବୁଝିହଉନି ।
ନାରଦ	ଆଉ କିଛିଦିନ ଏ ମର୍ତ୍ତ୍ୟମଣ୍ଡଳରେ ବୁଲାବୁଲି କଲେ ସବୁ ଅଭ୍ୟାସ ହୋଇଯିବ ।
ଗଣେଶ	ଦେବର୍ଷି, ସେମାନେ ପୁଣି ଏଇଦିଗକୁ ଫେରୁଛନ୍ତି ।
ନାରଦ	ଶୀଘ୍ର ଲୁଚିଯାଆନ୍ତୁ ।
	(ଉଭୟ ଲୁଚି ଯାଇଛନ୍ତି । ପୂର୍ବୋକ୍ତ ତିନିଜଣ ମଣିଷ ମଞ୍ଚକୁ ଆସିଛନ୍ତି ଏଇ ତିନିଜଣ ମଣିଷ ହେଉଛନ୍ତି ଏକ୍ସ, ୱାଇ, ଜେଡ୍ । ହାତରେ ଗୋଟିଏ ମୂଷାମରାଯନ୍ତ୍ର। ତା'ଭିତରେ ଗୋଟିଏ ମଣିଷର ପ୍ରତିକୃତି)
ଏକ୍ସ	ଆଉ କେତେଦିନ ଏମିତି ଖୋଜି ଚାଲିବା ?
ୱାଇ	ଗୋଟିଏ ମୂଷାର ବି ଦେଖା ଦର୍ଶନ ନାହିଁ ।
ଜେଡ୍	ଏ ଅନ୍ଧାର ଭିତରେ... କାମ କରିବା ଭାରି କଷ୍ଟ ।
ଏକ୍ସ	ସେମାନେ ଆଲୋକକୁ ଭୟ କରନ୍ତି ।
ୱାଇ	ଅନ୍ଧାର ଭିତରେ ଲୁଚିଲେବି ସେମାନଙ୍କୁ ଧରିବା ସହଜ ।
ଜେଡ୍	ଏଯାଏ ତ ଗୋଟିଏ ବି ମାରିପାରିଲେନି । କ'ଣ କରିବା ? ପୁଣି ଯଦି କୁଳାଧିପତିଙ୍କ ଦପ୍ତରରୁ ଆଉ କିଛି ଅର୍ଡ଼ର ଆସି ପହଞ୍ଚେ...
ଏକ୍ସ	ମାର ଗୁଳି ସେ ଅର୍ଡ଼ରକୁ । କୋଉଠି ଦୁର୍ନୀତି ନାହିଁ ? କୋଉଠି ମୂଷା ନାହାନ୍ତି ? ଝାମେଲା ଯେଉଁଠି ମୂଷା ସେଇଠି ।
ୱାଇ	କପାଳ ମନ୍ଦ । କହିବା କାହାକୁ ?
ଏକ୍ସ	ଥାଉ, ଅନୁସନ୍ଧାନ ସେତିକି ଥାଉ । ବସ, ବିଶ୍ରାମ ନେବା ।

Digitized by PPRACHIN, SOA

ଜେଡ୍	ହଁ, ଭାରି ଥକା ଲାଗୁଛି ।
ୱାଇ	କ'ଣ କରିବା ? ପନିସ୍‌ମେଣ୍ଟ ତ ପାଇଛେ ।
ଏକ୍ସ	ତିନିମାସରୁ ଅଢ଼େଇମାସ ବିତିଗଲାଣି । ଆଉ ମାତ୍ର ପନ୍ଦରଦିନ ।
ଜେଡ୍	ଆମେ ଗୋଟିଏ ବି ମୂଷାକୁ ମାରିପାରିଲେନି ।
ୱାଇ	ଏ ପେପରବାଲା ବି ମଣିଷକୁ ଶୋଇବସେଇ ଦଉନାହାନ୍ତି । ଯାହା ପାରୁଛନ୍ତି କାଗଜରେ ଲେଖି ପକାଉଛନ୍ତି ।
ଏକ୍ସ	ଆରେ ଭାଇ, କିଛି ଗୋଟାଏ ଯୋଜନା କର । କ'ଣ କରାଯାଇପାରେ ଭାବ ।
ୱାଇ	ମୁଁ ଭାବୁଛି, ଲୋକମାନଙ୍କୁ କିଛି ଟଙ୍କା ଆଡ୍‌ଭାନ୍‌ସ ଦବା । ସେମାନେ ଯୋଉଠୁ ଯେମିତି ହଉ କିଛି ମଲାମୂଷା ଯୋଗାଡ଼ କରନ୍ତୁ ।
ଜେଡ୍	ହଁ, ଆଇଡ଼ିଆ ମନ୍ଦ ନୁହେଁ । ସେଇଆକୁ 'ସୋ' କରି ଆମେ ଖୁସିରେ ଖସିଯାଇପାରିବା ।
ଏକ୍ସ	କେତେ ଆଡ୍‌ଭାନ୍‌ସ ଦେବା ?
ୱାଇ	ହଜାର ଟଙ୍କା ।
ଜେଡ୍	ବହୁତ ବେଶି ହୋଇଯିବ ।
ଏକ୍ସ	ତା'ହେଲେ ?
ୱାଇ	ମୂଷା ପିଛା ପାଞ୍ଚଟଙ୍କା । ଠିକ୍ ହେବ ।
ଜେଡ୍	ଦାଣ୍ଡର ଭିକାରୀ ବି ରାଜି ହବନି । ଦରଦାମ ଆସି କୋଉଠି ହେଲାଣି । ଏତେ ଶସ୍ତାରେ କିଏ ରାଜିହେବ ?
ଏକ୍ସ	ଠିକ୍ ଅଛି । ମୂଷା ପିଛା ଦଶଟଙ୍କା ଦେବା । ପଛପଟେ ବସ୍ତିରେ ଶହେ ଦେଢ଼ଶହଯାଏ କେଳା ପରିବାର ଅଛନ୍ତି ।
ୱାଇ	ତୁରନ୍ତ ସେମାନଙ୍କୁ କାମରେ ଲଗେଇଦେବା ।
ଜେଡ୍	ହାତରେ ସମୟ ମାତ୍ର ପନ୍ଦରଦିନ । ତା'ରି ଭିତରେ ମୂଷାବଂଶ ନିପାତ କରିବାକୁ ହେବ ।
	(କାର୍ ଦୂରରେ ପାର୍କ କରିବାର ଶବ୍ଦ । ମଞ୍ଚକୁ ଆସିଛନ୍ତି ଆନାଦୁରାଇ । ଟର୍ଚ୍ଚ ଲାଇଟ୍ ହାତରେ ଅଛି ।)
ଜେଡ୍	କ'ଣ ମଣିଷ ଦେଖାଯାଉନି ?

Digitized by PPRACHIN, SOA

ଆନାଦୁରାଇ : ହ୍ୱାଟ୍ ?

ଆନାଦୁରାଇ : (ସାଙ୍ଗେ ସାଙ୍ଗେ ଲାଇଟ୍ ଆସିଯାଇଛି । ଆନାଦୁରାଇଙ୍କୁ ଦେଖି ତିନିଜଣ ତଳକୁ ମୁହଁ କରିଛନ୍ତି ।)

ତିନିହେଁ : ସରି ସାର୍, ଭେରି ଭେରି ସରି ।

ଆନାଦୁରାଇ : ଓକେ । କେତେ ମୂଷା ମଲେ ?

ଏକ୍ସ : ସାର୍... ସାର୍...

ଆନାଦୁରାଇ : ତିନିଜଣ ପ୍ରଫେସର ମୂଷା କେଇଟାକୁ ମାରିପାରିଲେନି ? ସେମ୍.. ଭେରି ଭେରି ସେମ୍...

ୱାଇ : ସାର୍, ଆଉ ମାତ୍ର ଦଶବାରଟା ରହିଯାଇଛନ୍ତି ।

ଆନାଦୁରାଇ : ସେଇ ଦଶବାରଟି ହେଉଛନ୍ତି ରିଅଲ ପାରାସାଇଟ୍ ।

ଜେଡ୍ : ସାର୍, ଦୁଇ ତିନିଦିନ ଭିତରେ ସେ ଦଶବାରଟି ମଧ୍ୟ ନିପାତ ହେଇଯିବେ ।

ଆନାଦୁରାଇ : ଚାନ୍‌ସେଲର ଭାରି ତାଗିଦ୍ କରିଛନ୍ତି । ପ୍ରଥମେ ବିଶ୍ୱବିଦ୍ୟାଳୟରୁ ତା'ପରେ ଡି.ପି.ଆଇ. ଅଫିସ୍‌ରୁ ଏବଂ ପରେ ପରେ ସମଗ୍ର ରାଜ୍ୟର ଶିକ୍ଷାକ୍ଷେତ୍ରରୁ ମୂଷାବଂଶ ନିପାତ କରିବାକୁ ହେବ ।

ଏକ୍ସ ସାର୍, ଆମ ମିଶନ ନିଶ୍ଚୟ ସଫଳ ହେବ ।

ୱାଇ ସାର୍, ଆମେ ଭାବୁଛୁ, ଏଇ ଦଶବାରଟି ମୂଷାଙ୍କର ଛବି, ଟେଲିଭିଜନ୍‌ରେ ପ୍ରସାରିତ ହେବା ଉଚିତ୍ । କାରଣ ଏମାନଙ୍କ ବଂଶଧର ମଧ୍ୟ ସାରା ରାଜ୍ୟରେ ଅଛନ୍ତି । ଜଣେ ଦେଖିଲେ, ଭବିଷ୍ୟତ ପାଇଁ ସତର୍କ ହୋଇପାରିବ ।

ଆନାଦୁରାଇ : ହଁ, ସତକଥା ।

ଏକ୍ସ : ପେପର ଫ୍ଲାସ୍ କରିବାକୁ ହେବ ।

ଆନାଦୁରାଇ : ନିଉଜ୍ ମେଡ଼ିଆ, ରେଡ଼ିଓ, ଟେଲିଭିଜନ ସବୁଠି ଏଇ ମୂଷାମାନଙ୍କ ଛବି ପ୍ରଦର୍ଶିତ ହେବ । ମୁଁ ଚାନସେଲରଙ୍କ ଅର୍ଡ଼ର ନେଇଆସିବି ।

ୱାଇ ପ୍ରଥମେ ଶିକ୍ଷାନୁଷ୍ଠାନ, ତା'ପରେ ଅନ୍ୟ ଅନୁଷ୍ଠାନ... ଏଇପରି ସମଗ୍ର ରାଜ୍ୟରେ ମୂଷାମରା ଅଭିଯାନ ଅତି ସତର୍କତାର ସହିତ ସଫଳ କରାଇବାକୁ ହେବ ।

ଜେଡ୍ ରାଜ୍ୟ ପରେ ରାଜ୍ୟ... ଏହିପରି ସମଗ୍ର ଦେଶରୁ ମୂଷାବଂଶ ନିପାତ ହେବ ।

Digitized by PPRACHIN, SOA

ଏକ୍ସ — ସେଦିନ ମଣିଷ ଶାନ୍ତିରେ ନିଃଶ୍ୱାସ ମାରିବ, ଯେଉଁଦିନ ସମୂଳେ ମୂଷାବଂଶ ଏ ଦେଶରୁ ନିପାତ ହୋଇଯିବ ।

ଆନାଦୁରାଇ : ସମଗ୍ର ମାନବଜାତି ଏ ମୂଷାମରା ଅଭିଯାନରେ ସାମିଲ ହେବ । ବିଶ୍ୱରୁ ମୂଷାବଂଶ ଲୋପହେବ । ବିଶ୍ୱରେ ସତ୍ୟ, ଧର୍ମ, ନ୍ୟାୟ ପୁନଃ ପ୍ରତିଷ୍ଠା ହେବ ।(ମୂଷାଯନ୍ତାକୁ ଦେଖାଇ) ଯାରି ଭିତରୁ ଭବିଷ୍ୟତର ସ୍ୱର ଶୁଣାଯିବ ।

ଏକ୍ସ : ସାର୍, ଆମମାନଙ୍କ କଥା ଟିକିଏ ଚାନସେଲର୍ଙ୍କ କାନରେ ପକେଇଦେବେ । ଆପଣ ତ ହର୍ତ୍ତାକର୍ତ୍ତା ଦୈବବିଧାତା ।

ୱାଇ — ଆପଣ ଚାନସେଲରଙ୍କ ସେକ୍ରେଟାରୀ । ଆପଣ ସବୁ ପାରିବେ ।

ଜେଡ୍ — ସାର୍, ଆମମାନଙ୍କୁ ଏତିକି ଦୟା କରନ୍ତୁ ।

ଆନାଦୁରାଇ : ଓକେ, ମାଇଁ ବଏକ୍... । ପ୍ରୋସିଡ୍... । ୱାନ.. ଟୁ... ଥ୍ରୀ...ଷ୍ଟାର୍ଟ । (ତିନିହେଁ ମାର୍ଚ୍ଚିଙ୍ଗ କରିବାରେ ଲାଗିଲେ । ଆନାଦୁରାଇ ମଞ୍ଚରୁ ବାହାରିଗଲେ । ତାଙ୍କୁ ଅନୁସରଣ କରି ସେହି ଦିଗରେ ତିନିହେଁ ମାର୍ଚ୍ଚିଙ୍ଗ କରି କରି ବାହାରିଲେ । ଯନ୍ତାଉପରେ ଆଲୋକ ନିବନ୍ଧ । ପରେ ପରେ ମଞ୍ଚକୁ ଆସିଛନ୍ତି ନାରଦ ଏବଂ ଗଣେଶ ।)

ନାରଦ — ଗଣପତି, ନିଜ ଆଖିରେ ତ ଦେଖିଲେ । ଶିକ୍ଷା ବିଭାଗର ଏ ଫାର୍ସକୁ । ଏମାନେ ବିଶ୍ୱବିଦ୍ୟାଳୟର ପ୍ରଫେସର । ବିଶ୍ୱବିଦ୍ୟାଳୟକୁ ଦୁର୍ନୀତିମୁକ୍ତ କରିବା ପାଇଁ ବାହାରିଛନ୍ତି ।

ଗଣେଶ — ବୁଝିପାରୁନି, ଏମିତି ଅଧୋଗତି କାହିଁକି ହଉଛି ?

ନାରଦ — ଏସବୁ ହେଉଛି ୟୁଜିସି କ୍ୟାରିଅର୍ ଆଡ୍‌ଭାନ୍‌ସମେଣ୍ଟର କମାଲ । ଥରେ ପ୍ରମୋଶନ ପାଇଗଲେ ଆଉ ତଳକୁ ଖସିବାର ନାହିଁ । ଦରମା ତ କମିବାର ନାହିଁ । କିଏ କାହିଁକି ପାଠ ପଢାଇବ । ଆଉ ପାଠ ନ ପଢ଼େଇଲେ, ଯେତେସବୁ ବାଜେ ଚିନ୍ତା ମୁଣ୍ଡକୁ ଜୁଟିବ ।

ଗଣେଶ — (ନୀରବରେ କିଛି ଭୋଟାଏ ଚିନ୍ତା କରୁଥିଲେ)

ନାରଦ — କ'ଣ ଆଉ ଭାବୁଛନ୍ତି ?

ଗଣେଶ — ଭାବୁଛି, ଯା'ର ପ୍ରତିକାର କିପରି କରାଯାଇପାରିବ ? ଯେମିତି ହଉ ଶିକ୍ଷାରେ ସଂସ୍କାର ଆଣିବାକୁ ପଡ଼ିବ ।

ନାରଦ — ହଁ, ଗଣପତି । ତା' ନହେଲେ ଶିକ୍ଷାର ଅଧୋଗତି ଘଟିବ । ଆପଣ ଅବିଳମ୍ବେ କିଛି ଗୋଟାଏ କରନ୍ତୁ । ହେଲେ ମୋର ଏକାନ୍ତ ଅନୁରୋଧ,

Digitized by PPRACHIN, SOA

ପ୍ରଥମେ ମୂଷା ଉପଦ୍ରବ ବନ୍ଦ କରନ୍ତୁ । ଏ ଜନ୍ତା ଭିତରୁ ପ୍ରଥମେ ମୂଷାଟିକୁ ବାହାର କରି ଦୂରକୁ ଫିଙ୍ଗି ଦିଅନ୍ତୁ ।

ଗଣେଶ · ତାହା ହିଁ ହେବ ଦେବର୍ଷି ନାରଦ ।

(ମୂଷା ଯନ୍ତା ଭିତରୁ ଗଣେଶ ବାହାର କରିଛନ୍ତି ମଣିଷର ପ୍ରତିମୂର୍ତ୍ତିକୁ ଏବଂ ଦର୍ଶକଙ୍କଆଡ଼କୁ ଦେଖାଇଛନ୍ତି)

ଗଣେଶ : ଏଇ ହେଉଛି ଦୁର୍ନୀତିର ଅସଲ ନାୟକ ।

(ଧୀରେ ଧୀରେ ମଞ୍ଚ ଅନ୍ଧକାର ହୋଇଆସିଛି)

Digitized by PPRACHIN, SOA

ଯେତିକି ବୁଝିଛି "ମୂଷାକୁ"

ଡ. ବାବାଜୀଚରଣ ପଟ୍ଟନାୟକ

କାହିଁ କେଉଁକାଳରୁ ପ୍ରବାଦଟିଏ ଚଳିଆସିଛି – 'କାବ୍ୟେଷୁ ନାଟକେ ରମ୍ୟଂ ତତ୍ର ରମ୍ୟା ଶକୁନ୍ତଳା ।' କାଳିଦାସଙ୍କ ରଚିତ 'ଅଭିଜ୍ଞାନ ଶାକୁନ୍ତଳମ' କେବଳ ରମଣୀୟ ନାଟକ ନୁହେଁ, ମନୋହର କାବ୍ୟ ମଧ୍ୟ । ଅଭିନୟ ଓ ପଠନ ମାଧ୍ୟମରେ ଦ୍ରଷ୍ଟା – ଶ୍ରୋତା ଏବଂ ପାଠକ ଏଥିରୁ ରସାସ୍ୱାଦନ କରିପାରନ୍ତି । ପୁଣି 'ନାଟ୍ୟଂ ଭିନ୍ନରୁଚେର୍ଜନସ୍ୟ ବହୁଧାପ୍ୟେକଂ ଦୃଶ୍ୟତେ, ଅର୍ଥାତ୍ ନାଟକ ହେଉଛି ଏକମାତ୍ର କଳା ଯାହାଦେଇ ଭିନ୍ନଭିନ୍ନ ରୁଚିର ଲୋକମାନଙ୍କ ମନୋରଞ୍ଜନ ହୋଇପାରେ । ଏଇଥିପାଇଁ ମୁନିମାନେ ନାଟ୍ୟକଳାକୁ 'ଶାନ୍ତଂ-କ୍ରତୁଂ-ଚାକ୍ଷୁଷଂ' [ମାଳବିକାଗ୍ନିତ୍ରମ] ଅର୍ଥାତ୍ ଶାନ୍ତିପ୍ରଦ ଚକ୍ଷୁ-ଯଜ୍ଞ କହିଥାନ୍ତି । ଆଧୁନିକ ବିଶ୍ୱର ଶ୍ରେଷ୍ଠ ନାଟ୍ୟକାର ସେକ୍‌ସପିୟରଙ୍କ ସମ୍ବନ୍ଧରେ ସାମୁଏଲ ଜନସନ୍ ଲେଖିଛନ୍ତି – A play read, affects the mind like a play a play acted. ଅଭିନୟ କରିଥାରେ ପ୍ରଦର୍ଶିତ ନାଟକଭଳି ସେକ୍‌ସପିୟରଙ୍କ ନାଟକ ବହି ପଢ଼ାଳିଏ ଅନୁରୂପ ମାନସିକ ପ୍ରଭାବ ଉପଲବ୍ଧି କରିଥାନ୍ତି । ଏସବୁ କଥା ଏଇଥିପାଇଁ ଲେଖିବାକୁ ପଡୁଛି ଯେ, ପ୍ରଫେସର ନାରାୟଣ ସାହୁଙ୍କ ତିନୋଟି ସେଟ ପରିକଳ୍ପିତ ଛୋଟ ନାଟକ 'ମୂଷା' ପାଂଡୁଲିପି ପଢ଼ି ଅନୁଭବ କରିହୋଇଛି, ଚରିତ୍ରମାନଙ୍କର ଅଭିନୟ ବିଶ୍ୱବିଦ୍ୟାଳୟ ସ୍ତରରେ ଲେଖକ ଶ୍ରୀ ସାହୁ ସ୍ନାତକୋତ୍ତର ଓଡ଼ିଆ ଛାତ୍ରଛାତ୍ରୀମାନଙ୍କର ଶିକ୍ଷାଦାତା, ଗବେଷକ-ଗବେଷିକାମାନଙ୍କର ପରାମର୍ଶଦାତା ଓ ସର୍ବୋପରି ଶିକ୍ଷାବିଭାଗୀୟ ପ୍ରଶାସନକୁ ଅଙ୍ଗେନିଭେଇଥିବା ଅଥବା ପାଖରୁ ଦେଖିଥିବା ସହୃଦୟ । ଏ ପାଠକ ମଧ୍ୟ ସରକାରୀ ମହାବିଦ୍ୟାଳୟ ସ୍ତରରେ ଅନୁରୂପ ଅଭିଜ୍ଞତାର ଉପଭୋକ୍ତା । ତେଣୁ 'ମୂଷା' ପାଂଡୁଲିପି ପଢିବା କାଳରେ ଚିତ୍ର-ଚରିତ୍ରାନୁଭବକୁ ସ୍ମୃତି ପୃଷ୍ଠା ଆଉଡେଇ ଅଭିନୟରୀତିରେ ଉପଭୋଗ କରିହୋଇଛି ।

ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରର ଶିକ୍ଷା ବ୍ୟବସ୍ଥାରେ ସଂଘଟିତ, ପୀଡ଼ାପ୍ରଦ ଘଟଣାବଳୀକୁ ନାଟ୍ୟକାର ପ୍ରଫେସର ସାହୁ ଦର୍ଶକ ଓ

Digitized by PPRACHIN, SOA

ପାଠକମାନଙ୍କପକ୍ଷେ ଉପଭୋଗ୍ୟ ହେବା ନିମିତ୍ତ ହାସ୍ୟକର ଶୈଳୀ ଉପଯୋଗ କରିବାପାଇଁ ପାରୁ ପର୍ଯ୍ୟନ୍ତେ ଚେଷ୍ଟା କରିଛନ୍ତି । ପୁରାଣ ପରମ୍ପରା ସ୍ମୃତିରେ ଜନସାଧାରଣ ତାଙ୍କ ଉଦ୍ଦେଶ୍ୟ ଘେନାକରିବା ପାଇଁ ସେ ନାରଦ ଏବଂ ଗଣେଶଙ୍କୁ ଚରିତ୍ରରୂପେ ସଂଯୋଜନ କରାଇଛନ୍ତି । ହେଲେ; ବାସ୍ତବ ଘଟଣା ସମ୍ବନ୍ଧରେ ଲେଖକଙ୍କ ଅନୁଭବ ଏତେ ତୀବ୍ର ଓ ମାର୍ମିକ ଯେ, ଅଭିବ୍ୟକ୍ତ ସଂଳାପ ପ୍ରତ୍ୟକ୍ଷ ଓ ବ୍ୟଞ୍ଜନାଧର୍ମୀ ହେବା ଭିନ୍ନ ଅନ୍ୟଥା ହୋଇପାରିନାହିଁ । ଶିକ୍ଷକଙ୍କ ସଂଳାପରୁ ଶୁଣିହେଉଛି ପ୍ରଫେସର ସାହୁଙ୍କୁ - 'ଶିକ୍ଷା ବିଭାଗଟା ଗୋଟାଏ ହରିଲୁଟ ଡିପାର୍ଟମେଣ୍ଟ ହୋଇଗଲାଣି । ପୋଷ୍ଟିଙ୍ଗ, ପ୍ରମୋଶନ, ଟ୍ରାନ୍‌ସଫର ସବୁ କାମପାଇଁ ଏଠି ଭାଡିଆ ଦବାକୁ ହୁଏ ।" ମହାବିଦ୍ୟାଳୟମାନଙ୍କ 'ସରକାର ଆଇନକଲେ, କୌଣସି ଲେକଚରର ଟିଉସନ କରିପାରିବେ ନାହିଁ । ହେଲେ କିଏ ମାନିଲା ? ସବୁ ଚାଲିଛି ଏଠି । ଯେଉଁମାନେ ଆଇନ କରନ୍ତି ପ୍ରଥମେ ତାଙ୍କରି ପିଲାଏ ଟିଉସନ ହୁଅନ୍ତି ।" ଛାତ୍ର-ଛାତ୍ରୀଙ୍କ ପରୀକ୍ଷା-ଖାତା ମୂଲ୍ୟାୟନ ପାଇଁ ବ୍ୟବସ୍ଥା କରାଯାଇଥିବା ଭାଲୁଏସନ ସେଣ୍ଟର ଗୁଡ଼ିକରେ ଜଣେ ଜଣେ ଅଧ୍ୟାପକ ଦୁଇ - ତିନି ଜାଗାରେ ଏକା ଦିନରେ ଖାତା-ଦେଖୁଥିବା ଦେଖାଯାଉଛି । ଖାତା ଦେଖାଟା ସେମାନଙ୍କ ପାଇଁ "ଗୋଟାଏ ଆର୍ଟ ଗୋଟେ ପ୍ରକାର ବିଜିନେସ ।" ଅଧିକନ୍ତୁ 'ପଇସା ଦବ ମାର୍କ ନବ'ର ବେପାରି ଫିସାଦି - କାରସାଦି ଭିତରେ ଶିକ୍ଷାଧାରାର ପବିତ୍ରତା ନଷ୍ଟ ହୋଇଛି । ବିଶ୍ୱବିଦ୍ୟାଳୟର କୁଳପତିଙ୍କ ପ୍ରତି ଛାତ୍ର-ଛାତ୍ରୀଙ୍କର ସମ୍ମାନ ନାହିଁ; ପ୍ରଫେସରମାନେ ପାଠପଢ଼ା ଛାଡ଼ି କେଉଁ ପିଲାକୁ ପରୀକ୍ଷାରେ ପ୍ରଥମ କରାଇବେ ସେଲାଗି ବ୍ୟସ୍ତ ରହୁଛନ୍ତି । ଏମିତି 'ପ୍ରତିଟି ପାହାଚରେ ଦୁର୍ନୀତି ।' ନ' ତାଲାଠାରୁ ଆରମ୍ଭକରି କୁଳାଧିପତିଙ୍କ କାର୍ଯ୍ୟାଳୟରେ ଘଟୁଥିବା ଘଟଣାମାନଙ୍କୁ ନାଟ୍ୟାୟିତ କରିଛନ୍ତି ପ୍ରଫେସର ସାହୁ । ଦୁର୍ନୀତି ସମ୍ବନ୍ଧୀୟ ସମସ୍ତ କାଗଜପତ୍ରକୁ ମୂଷାମାନେ ଖାଇଯିବାର ଅପବୁଆ ଉଠୁଛି । ମୂଷା ଯେ ଏହି ଦୁର୍ନୀତିଗ୍ରସ୍ତ ବ୍ୟକ୍ତି ଚରିତ୍ର - ଏହାହିଁ ପ୍ରତିପାଦନ କରାଯାଇଛି ନାଟକରେ । ସାଂପ୍ରତିକ ଶିକ୍ଷାବ୍ୟବସ୍ଥାକୁ ବିଶ୍ୱସ୍ତରୀତିରେ ପ୍ରତିଫଳିତ କରାଇବାର ଯଥାର୍ଥ ଦର୍ପଣ ହୋଇଛି 'ମୂଷା' ନାଟକ ।

ଅବଶ୍ୟ, ଓଡ଼ିଶାର ଶିକ୍ଷା ବ୍ୟବସ୍ଥାରେ ପରିଲକ୍ଷିତ ଦୁର୍ଗତିକୁ ଗାଳ୍ପିକ, ପ୍ରାବନ୍ଧିକ ଓ କବିମାନେ କଦବାକେମିତି ଆଂଶିକଭାବେ ଉପସ୍ଥାପନ କରିଥିବା ଦେଖିହୋଇଛି । ଯେପରି; ଗାଳ୍ପିକ ରବିପଟ୍ଟନାୟକ ଏକଦା ଲେଖିଥିଲେ - "ସ୍କୁଲ ଜୀବନର ଓଡ଼ିଆ ଶିକ୍ଷକମାନେ ବୋଧହୁଏ ଓଡ଼ିଆଭାଷାକୁ ହତ୍ୟାକରିବାର ପ୍ରଥମ ଷଡଯନ୍ତ୍ରକାରୀ ମଣିଷ ତା'ପରେ ତା'ର କବର ଦିଅନ୍ତି ଓଡ଼ିଆ ସାହିତ୍ୟର ଅଧ୍ୟାପକମାନେ ।" [ସମ୍ବାଦ- ୨ ୯ - ୮-୧ ୯ ୮ ୫] ସାଂପ୍ରତିକ କାଳର ଗୁରୁମାନଙ୍କୁ କବି ବ୍ରଜନାଥ ରଥ 'ଅ-ଗୁରୁ' ବୋଲି ସମ୍ବୋଧନ କରିଛନ୍ତି । ଯେପରି;

Digitized by PPRACHIN, SOA

ଅ- ଗୁରୁ ଯେତେ ଦେଖ ଗୁରୁ ଯେ
କୁହାର ତାଙ୍କୁ ହାତେ ଦୂରୁ ଯେ
ଟିଉସନରୁ ଛାଣି
ନିଅନ୍ତି ଟଙ୍କା ଟାଣି
ପାଠଦେଖିଲେ ଥରେ ଭୂରୁ ଯେ
ଅ-ଗୁରୁ ଶାଠେ ସେ ଯେ ଗୁରୁ ଯେ । [ଝଙ୍କାର - ଅକ୍ଟୋବର - ୧୯୯୩]

କବି ଶରତଚନ୍ଦ୍ର ପ୍ରଧାନ ତାଙ୍କ 'ବତ୍ରିଶ ସିଂହାସନ'ରେ ବିଶ୍ୱବିଦ୍ୟାଳୟରେ ଶିକ୍ଷା, ଶିକ୍ଷକ ଓ ଗବେଷକମାନଙ୍କପ୍ରତି ବ୍ୟଙ୍ଗାତ୍ମକ କଟାକ୍ଷ ହାଣିଛନ୍ତି ।

କିନ୍ତୁ ନାରାୟଣ ସାହୁଙ୍କ ଏହି କ୍ଷୁଦ୍ର ନାଟକଟି ସାଂପ୍ରତିକକାଳର ଶିକ୍ଷା ବ୍ୟବସ୍ଥାରେ ପରିଲକ୍ଷିତ ଯାବତୀୟ ବିଶୃଙ୍ଖଳାକୁ ପ୍ରକାଶ କରିପାରିଛି । ଘଟଣାସବୁ ଏତେ ଜଣାଶୁଣା ଓ ବାସ୍ତବ ଯେ, ଯେକୌଣସି ପାଠକ ଅଥବା ଅଭିନୟ ଦର୍ଶକ/ସଂଳାପ ଶ୍ରୋତାପକ୍ଷେ ନିଜ ଅନୁଭୂତିର ଚିତ୍ରାନୁକୃତ ଚରିତ୍ର ଉପଲବ୍ଧି ଏବଂ ଭାବ ପ୍ରକାଶକ୍ଷମ ଭାଷା - ଧ୍ୱନି ଆପଣାର ଲାଗିବା ସ୍ୱାଭାବିକ । ରାଗ, ଅନୁରାଗ ଓ ବିରାଗ - ଗୋଟିଏ ଗୋଟିଏ ସେଟ ଓ ସେଟଗୁଡ଼ିକ ଯଥାକ୍ରମେ ପାଞ୍ଚ, ଚାରିଦୃଶ୍ୟ ବିଶିଷ୍ଟ । ମଞ୍ଚ ସଜ୍ଜାରେ ଜଟିଳତା ନାହିଁ । ପୁରାଣର ଚରିତ୍ର ଯଥା; ଗଣେଶ ଓ ନାରଦଙ୍କୁ ବିଷୟାନୁରୂପ ପ୍ରସଙ୍ଗରେ ସୋଚ୍ଚାର କରାଇବାଦ୍ୱାରା ଘଟଣାପ୍ରବାହ ପ୍ରତି ପାଠକୀୟ/ ଦର୍ଶକୀୟ ଉଦ୍‌ବେଗ ସୃଷ୍ଟି କରାଯାଇ ପାରିଛି । ସାହିତ୍ୟର ଯେକୌଣସି ବିଭାଗର ଅଧ୍ୟୟନ ହେଉଛି ପାଠକର ଶବ୍ଦ ବୁଝାମଣାନେଇ ବସ୍ତୁ ସମ୍ବନ୍ଧୀୟ ଚିତ୍ର ଉପଲବ୍ଧି । କିନ୍ତୁ ନାଟକର ସଂଳାପ ପଠନ ବା ଶ୍ରବଣ ମାତ୍ରକେ ଯେକେହି ଚଳତ୍‌ଶକ୍ତି ସମ୍ପନ୍ନ ଚରିତ୍ରକୁ ଆଖି ଆଗରେ ଭାସିଯିବା ଦେଖି ଶବ୍ଦରୁ ଉପଲବ୍ଧ ଚିତ୍ରକୁ ସମଝିପାରନ୍ତି । ତେଣୁ ନାଟକର ଭାଷା ଚିତ୍ର ଓ ଚରିତ୍ରର - ଏଥିର ସତ୍ୟତା 'ମୂଷା' ନାଟକ ପାଠରୁ ଜାଣି ହେଉଛି । ଓଡ଼ିଶାର ଶିକ୍ଷାନୁଷ୍ଠାନମାନଙ୍କରେ ଏହାର ଅଭିନୟ କରାଗଲେ; ସମାଜ ସଂସ୍କାର, ଲୋକ ବ୍ୟବହାର ଶିକ୍ଷା ଯେ ନାଟକ ରଚନାର ଉଦ୍ଦେଶ୍ୟ ତାହା ସହଜେ ବୁଝିହୁଅନ୍ତା । ପୁସ୍ତକଟିର ପାଠକଘେନାଘେନି ଓ ଦର୍ଶକଙ୍କ ମିତ୍ରୋଚିତ ଆଦର ସୁଲଭ ହେବ - ଏହା ମୋର ଦୃଢ଼ ବିଶ୍ୱାସ ।

ଡ.ବାବାଜୀଚରଣ ପଟ୍ଟନାୟକ

Digitized by PPRACHIN, SOA

ଦୂର ଆକାଶର ତାରା

Digitized by PPRACHIN, SOA

Digitized by PPRACHIN, SOA

Digitized by PPRACHIN, SOA

ଦୂର ଆକାଶର ତାରା

ପ୍ରଯୋଜନା : ସଂକଳ୍ପ ନାଟ୍ୟସଂସ୍ଥା, ରାଉରକେଲା

ମଞ୍ଚ : ସିଭିକ ସେଣ୍ଟର, ରାଉରକେଲା

ପ୍ରଥମ ଅଭିନୟ : ୨.୧୨.୨୦୦୭ (ଲୋକନାଟକ ମହୋତ୍ସବ)

ମଞ୍ଚ ସଜ୍ଜା : ପାର୍ଥ ମହାନ୍ତି

ସଂଗୀତ : ଶରତ ଧଳ

ନିର୍ଦ୍ଦେଶନା : ଚିତ୍ତରଣା, ସହ ନିର୍ଦ୍ଦେଶନା : କୁଂଜନ ବୋଷ

ଭୂମିକାରେ :

ଦୁଷ୍ମନ୍ତ		ଗଙ୍ଗାଧର ଜେନା
ଅରବିନ୍ଦ		ଗୁରୁପଦ ସ୍ୱାଇଁ
ଭାରତ		ସରୋଜ କବି
ମୁରାରୀ		ଅଶୋକ ବଳ
କଙ୍ଗାରୁ		ଶ୍ରୀକାନ୍ତ ବାରିକ
ଦୁର୍ଯ୍ୟୋଧନ	:	ନିମାଇଁ ଆଚାର୍ଯ୍ୟ
ପୋଲିସ ଇନ୍ସପେକ୍ଟର	:	କିଶୋର ମହାନ୍ତି
ହାବିଲଦାର	:	ଦ୍ୱିଜବର ବସ୍ତିଆ
ଶକୁନ୍ତଳା	:	କନକଲତା ଦାସ
ଦେବିକା		ସସ୍ମିତା ମିଶ୍ର
ଛୋଟ ଭାରତ		ଲକି
ଛୋଟ ଦେବିକା		ପୂଜା

ପୁରସ୍କାର	:	୩ୟ ଶ୍ରେଷ୍ଠ ନିର୍ଦ୍ଦେଶନା, ୩ୟ ଶ୍ରେଷ୍ଠ ପ୍ରଯୋଜନା, ୨ୟ ଶ୍ରେଷ୍ଠ ସଙ୍ଗୀତ,
ଦ୍ୱିତୀୟ ଅଭିନୟ	:	୩.୧୦.୨୦୦୮
ପ୍ରଯୋଜନା	:	କଳାକାର, ବାଲେଶ୍ୱର
ନିର୍ଦ୍ଦେଶନା	:	ରାମଚନ୍ଦ୍ର ମହାପାତ୍ର

Digitized by PPRACHIN, SOA

ପ୍ରସ୍ତାବନା

ମନ୍ତ୍ରୀ ଅରବିନ୍ଦ ପଟ୍ଟନାୟକଙ୍କ ଚାମ୍ବର । ରେସିଡେନ୍‌ସିଆଲ ଅଫିସ । ଟେବୁଲ ଉପରେ ଫୋନ୍, ଅନ୍ୟ ଫାଇଲ କାଗଜପତ୍ର । ମଞ୍ଚରେ ଝାପ୍‌ସା ଅନ୍ଧାର । ସେହି ଅନ୍ଧାର ଭିତରେ ଦୁଇଟି ଚରିତ୍ର ଆସିବେ । ସେମାନେ ଛାୟାମୂର୍ତ୍ତି ଭଳି ମନେ ହେବେ । ଅର୍ଥାତ୍ ସେମାନଙ୍କୁ ଚିହ୍ନିହେବ ନାହିଁ ।

ମଂଚରେ ବିବ୍ରତ ଅବସ୍ଥାରେ ପଦଚାଳନା କରୁଛି କଙ୍ଗାରୁ । କାହାକୁ ଯେପରି ଅପେକ୍ଷା କରିଛି । ବାହାରୁ ଆସିଛନ୍ତି ପୋଲିସ ଅଫିସର । ଉଭୟଙ୍କ ମଧ୍ୟରେ କଥାବାର୍ତ୍ତା ଜାରି ରହିଛି । ସବୁ କିଛି ମୂକ ଅଭିନୟ ମଧ୍ୟରେ ସୀମିତ ରହିବ । ପୋଲିସ ଅଫିସର ଜଣକ ଏକ କ୍ୟାସେଟ୍ ପକେଟରୁ କାଢ଼ି ଦେଇଛନ୍ତି । କଙ୍ଗାରୁ ହାତରେ ଧରି ପରୀକ୍ଷା କରିଛି କ୍ୟାସେଟ୍‌କୁ । ଫୋନ୍ ରିଙ୍ଗ ହୋଇଛି । ସେହି ଅନ୍ଧାର ଭିତରେ ରିସିଭର ଉଠାଇଛି କଙ୍ଗାରୁ । ପୁଣି ମଂଚ ଗଭୀର ଅନ୍ଧକାର ଭିତରେ ବୁଡ଼ିଯାଇଛି ।

Digitized by PPRACHIN, SOA

ପ୍ରଥମ ଦୃଶ୍ୟ

[ହେଡ଼ମାଷ୍ଟର ଦୁଷ୍ମନ୍ତବାବୁଙ୍କ ଘରର ଡ୍ରଇଂରୁମ୍ । ଦୁଷ୍ମନ୍ତ ଘରେ ନଥିଲେ । ଖବରକାଗଜ ଉପରେ ଆଖି ବୁଲାଉଥିଲେ ଶକୁନ୍ତଳା । ଆସିଛି ଦେବିକା । ପାଦଛୁଇଁ ପ୍ରଣାମ କରିଛି । ହଠାତ୍ ଦେବିକାକୁ ଦେଖି ହତବତେଇ ଯାଇଛନ୍ତି ଶକୁନ୍ତଳା...]

ଦେବିକା : ମୁଁ ଜାଣିଛି, ଆପଣ ମତେ ମନେପକାଇ ପାରିବେନି ! କୁହନ୍ତୁ, ମୁଁ କିଏ ? ଚଟାପଟ୍ କୁହନ୍ତୁ....

ଶକୁନ୍ତଳା (ମନେପକାଇବାକୁ ଚେଷ୍ଟାକରି) ନା', ମନେପଡୁନି ।

ଦେବିକା : ମୁଁ ଜାଣିଛି, ମନେପଡ଼ିବନି ! କେନ୍ଦ୍ରାପଡ଼ା.... ବଗଡ଼ା.... ଅରଡ଼ା ସାହି.... ଆଉ କିଛି ?

ଶକୁନ୍ତଳା : ଥାଉ ଥାଉ.... ଏଥର ହେଇଗଲା । 'ଦେବିକା'.... ନା' ?

ଦେବିକା : ମନେପକାଇବା ପାଇଁ ଏତେ ସମୟ ନେବେ !

ଶକୁନ୍ତଳା : ଭୁବନେଶ୍ୱର କେବେ ଆସିଲୁ ମା ?

ଦେବିକା : ମୁଁ ଏଠି ସାଇକୋଲଜିରେ ଏବର୍ଷ ଆଡ୍‌ମିସନ୍ କରିଛି । ହଷ୍ଟେଲରେ ରହୁଛି ।

ଶକୁନ୍ତଳା : ତୋ' ମା' ଦେବଯାନୀ ଥିଲେ କେତେ ଖୁସି ହୋଇଥାନ୍ତା ! ତା' ଝିଅ ବି ଏମ୍.ଏ. ପଢୁଛି । ପାଦ ତାର ମାଟିରେ ଲାଗୁନଥାନ୍ତା !

ଦେବିକା : ମାଉସୀ, ବୋଉ ଚାଲିଯିବା ଆସି ୫ବର୍ଷ ହେଇଗଲା । ବାପା ତ ଏଠି ରାଜନୀତି କଲେ ! ଦାଦା ଖୁଡ଼ିଙ୍କପାଖରେ ମୁଁ କେତେଦିନ ରହିଥାନ୍ତି !

ଶକୁନ୍ତଳା : ହଁ ମା'.... ବାପ ପୁଅ ତ ଏଠି । ତୁ ଆଉ କାହିଁକି ଗାଁରେ ପଡ଼ି ରହିଥାନ୍ତୁ ! ଯେତେହେଲେ ସେମାନେ ଦାଦାଖୁଡ଼ି.... !

ଦେବିକା : ମାଉସୀ, ସେମାନେ ମତେ କେବେ ହତାଦର କରିନାହାନ୍ତି । ବୋଉର ଅଭାବଟା ମୁଁ କେବେ ଅନୁଭବ କରିନି ।

Digitized by PPRACHIN, SOA

ଶକୁନ୍ତଳା : ଗୋଟି ଗୋଟି ହୋଇ ସବୁ କଥା ମନେପଡ଼ିଯାଉଛି । ତୋ ମା' ଆଉ ମୁଁ, ଆମେ ଦିହେଁ ଥିଲୁ ଗୋଟିଏ ଗାଁର ଝିଅ । ବାହା ବି ହେଲୁ ଗୋଟିଏ ଗାଁରେ । ଜଗନ୍ନାଥଙ୍କ ପାଖରେ ସତ୍ୟ ବି କରିଥିଲୁ । ଦିଁ ସମୁଦ୍ରଣୀ ହବୁ ।

[ଲାଜେଇ ଯାଇଛି ଦେବିକା]

ଛାଡ଼ ସେ କଥା । ସିଏ ଆଗ ଚାଲିଗଲା । ମତେ ଛାଡ଼ି ଦେଇଗଲା (ଦୀର୍ଘଶ୍ୱାସ ଛାଡ଼ିଛନ୍ତି)

ଦେବିକା : ମାଉସୀ, ମଉସା.... ?

ଶକୁନ୍ତଳା : ତାଙ୍କ ସ୍କୁଲ ଭଲ ତ ସିଏ ଭଲ । କି ହେଡମାଷ୍ଟର ହେଇଛନ୍ତି ଯେ, ଅଧାଅଧି ସମୟ ତାଙ୍କର ସେଇ ସ୍କୁଲରେ କଟୁଛି । ସମୟ ତ ସରିବାକୁ ବସିଲାଣି । କାହିଁକି ଏତେ ଖଟୁଛନ୍ତି । ସିଏ କ'ଣ ମୋ କଥା ଶୁଣୁଛନ୍ତି !

ଦେବିକା ମଉସାଙ୍କର କ'ଣ ଷାଠିଏ ବର୍ଷ ହେଇଗଲାଣି ?

ଶକୁନ୍ତଳା ମାସ କେଇଟାରେ ରିଟାୟାରମେଣ୍ଟ । ତାଙ୍କର କ'ଣ କୋଉ କଥାକୁ ଖାତିର ଅଛି !

ଦେବିକା ମାଉସୀ, ଭାରତ ଭାଇ.... ?

ଶକୁନ୍ତଳା : ଭିତରେ ପଢୁଛି । 'ଭାରତ'...., 'ଭାରତ'.... ଆଇଲୁ ଦେଖିବୁ, କିଏ ଆସିଛି....

ଦେବିକା : ମାଉସୀ, ଭାରତ ଭାଇଟା ଭଲ ପିଲା । ସିଏ କାହିଁକି ଇଲେକସନ୍‌ରେ ମାତିଛନ୍ତି ? ପୁଣି ଭାଇ ବିରୁଦ୍ଧରେ ପ୍ରଚାର କରୁଛନ୍ତି । ଏ ସହରରେ ସମସ୍ତେ ଜାଣନ୍ତି, ଭାଇ କେମିତିକା ପିଲା.... !

ଭାରତ : (ଘର ଭିତରୁ ଆସି) ତୁ କ'ଣ ମତେ ଧମକ ଦବାକୁ ଆସିଛୁ ! ଗୁଣ୍ଡା ବଦମାସ୍‌ମାନେ ଇଲେକସନ୍‌ରେ ଜିତିଲେ, ଏ ଦେଶର ଅବସ୍ଥା କ'ଣ ହବ ଜାଣିଛୁ ?

ଦେବିକା : ଦେଖୁଛ ମାଉସୀ .... !

ଶକୁନ୍ତଳା : ଆରେ ଭାରତ, ଏମିତି କ'ଣ କଥାବାର୍ତ୍ତା କରୁଛୁ ! ଅରବିନ୍ଦ ମଉସା ଜାଣିଲେ, କ'ଣ ଭାବିବେ !

ଭାରତ : ସିଏ ଭଲ ଭାବେ ଜାଣିଛନ୍ତି ତାଂକ ପୁଅ ଦୁର୍ଯ୍ୟୋଧନ ହାରିବ । ମଉସାଙ୍କ ପକେଟ୍‌ରୁ ଟଙ୍କା ଯିବ, ହେଲେ ଅଲଗା ପିଲା ଭୋଟ ପାଇବ ।

Digitized by PPRACHIN, SOA

ଶକୁନ୍ତଳା : ମା' ତୁ କ'ଣ ଏତିକି କଥା ବାପାକୁ ବୁଝେଇ ପାରୁନୁ ? କ'ଣ ମିଳିବ ସେ ଇଲେକସନ୍‌ରୁ !

ଦେବିକା : କେହି ମୋ କଥା ଶୁଣିବାକୁ ପ୍ରସ୍ତୁତ ନୁହଁନ୍ତି । ତମେ (ଭାରତକୁ)ତ ଅନ୍ତତଃ ଭାଇ ବିରୁଦ୍ଧରେ ପ୍ରଚାରଟା ବନ୍ଦ କରିପାରନ୍ତ !

ଭାରତ : ତୁ କ'ଣ ଚାହୁଁଛୁ, ଗୁଣ୍ଡା ବଦମାସ ମଦୁଆ ଏମାନେ ସମସ୍ତେ ରାଜନୀତି କରନ୍ତୁ ! ଏଇନେ ବିଧାନସଭାରେ ଯାହାସବୁ ହଉଛି, ସମସ୍ତେ ଦେଖୁଛନ୍ତି.... ଜାଣିଛନ୍ତି....

ଶକୁନ୍ତଳା : ତୁ କାହିଁକି ସେଥିରେ ମୁଣ୍ଡ ପୂରାଉଛୁ ! ତୁ ଚାହିଁଲେ କ'ଣ ସେସବୁ ରୋକିପାରିବୁ ?

ଭାରତ : ଏ ବର୍ଷ ଇଲେକସନରେ ଦୁର୍ଯ୍ୟୋଧନ ବହୁତ ଭୋଟ୍‌ରେ ହାରିବ । ୟୁନିଭରସିଟିସାରା ତାର ଚିତ୍ରଚରିତ୍ର ବିଷୟରେ ଜାଣନ୍ତି । ତା'ପରେ ବି ସିଏ–

ଦେବିକା : ଭାଇର ଶୁଭାକାଙ୍କ୍ଷୀ ହିସାବରେ ତମେ ତ ଚୁପ୍ ହେଇପାରନ୍ତେ !

ଭାରତ : ତୁ ତାହେଲେ ଆସିଛୁ ତୋ ଭାଇ ପାଇଁ ଓକିଲାତି କରିବାକୁ ? ଦେବି ଦି' ଚଟକଣା, ଛାଡ଼ି ପଳେଇବୁ !

[ଗୋଡ଼େଇଛି ମାରିବାକୁ । ଦେବିକା ଲୁଚିଛି ଶକୁନ୍ତଳାଙ୍କ ପଛପଟେ]

ଦେବିକା : ଦେଖୁଛ ମାଉସୀ....

ଭାରତ : ଆରେ ସେ ଦଶଟା ଭୋଟ ପାଇବ କି ନାହିଁ, ସନ୍ଦେହ । ପିଲାଯାକ ତା'ଠୁ ଖାଇବେ, ହେଲେ ସତ୍ୟକୁ ଭୋଟ୍ ଦେବେ ।

ଦେବିକା : ତମେ କାହିଁକି ସତ୍ୟ ଲାଗି ପ୍ରଚାର କରୁଛ ? ଭାଇ କ'ଣ ତମର ଏତେ ପର ? ତମେ ଭଲା ନୀରବ ରହିଯାଆନ୍ତ.... ! ଭାଇ ଭାରି ଖରାପ ଭାବୁଛି.... । ବାପାଙ୍କୁ କହୁଥିବା ମୁଁ ଶୁଣିଛି ।

ଶକୁନ୍ତଳା : ହଁ, ଭାରତ.... ଦେବିକା ଠିକ୍ କଥା କହୁଛି । କ'ଣ ଦରକାର ଆମର ସେ ଝଗଡ଼ାଝାଟିରେ ମୁଣ୍ଡ ପୂରେଇବା ?

ଭାରତ : ତୁ ବୁଝିପାରିବୁନି ବୋଉ । ତତେ (ଦେବିକାକୁ) କିଏ କହୁଥିଲା ଆମ ଘରକୁ ଆସିବାକୁ ? ୟୁନିଭରସିଟି ମ୍ୟାଟରେ ଏଠି ପକାନା.... । ହଉ ଆସିଲୁ, ଆସିଲୁ, ଭଲକଲୁ । ଏଥର ଯା'.... ।

Digitized by PPRACHIN, SOA

ଶକୁନ୍ତଳା : ଆରେ ! ଏତେ ଦିନ ପରେ ପିଲାଟା ଘରକୁ ଆସିଛି । ଖାଲି ଖାଲି ଚାଲିଯିବ ! କ'ଣ ଏମିତି ସେମିତି କହୁଛୁ ?

[ଦେବିକା ଖଡେଇ ହେଇଛି । ବିରକ୍ତ ହୋଇଛି ଭାରତ]

ଭାରତ : ହଉ ଯଦି କହୁଛୁ, ବାଲି ପୁଳାଏ ତା' ପାଟିରେ ଭର୍ତ୍ତି କରିଦେ । ସିଏ ଖାଉ, ଆଉ ଚୁପ୍‌ଚାପ ଯାଉ ।

ଦେବିକା : ଏଁ.... ଏଁ....ହନୁ....

[ଖଡେଇ ହେଉଛି ଜିଭ ଦେଖେଇ । ମାରିବାକୁ ଗୋଡ଼ାଇଛି ଭାରତ । ଘର ଭିତରକୁ ଚାଲିଯାଇଛି ଦେବିକା । ପଛେ ପଛେ ଭାରତ । ଶକୁନ୍ତଳାଙ୍କ ମୁହଁରେ ତୃପ୍ତିର ହସ । ଆସିଛନ୍ତି ବାହାରୁ ଦୁଷ୍ମନ୍ତ । ଶକୁନ୍ତଳା ଜାଣିପାରି ନାହାନ୍ତି । ଉପସ୍ଥିତି ଜାହିର କରିଛନ୍ତି । ତଥାପି ଶକୁନ୍ତଳା ନିଜ ଭାବନା ଭିତରେ ବୁଡ଼ି ରହିଛନ୍ତି ।]

ଦୁଷ୍ମନ୍ତ : କ'ଣ ହେଇଛି ? 'ଶକୁନ୍ତଳା'.... !

ଶକୁନ୍ତଳା : ଏଁ (ପ୍ରକୃତିସ୍ଥ ହୋଇ) ! ନା' କିଛି ନାହିଁ ।

ଦୁଷ୍ମନ୍ତ : କିଛି ଅଛି । କ'ଣ ଭାବୁଥିଲ ?

[ଘରଭିତରୁ ହସ ଶୁଭିଛି ଦୁହିଁଙ୍କର]

ଭିତରେ କିଏ ?

ଶକୁନ୍ତଳା : ଦେବିକା ଆସିଛି । କ'ଣ ଚାହିଁଛ ? ତମ ସାଙ୍ଗ ଅରବିନ୍ଦ ବାବୁଙ୍କ ଝିଅ ମ'.... !

ଦୁଷ୍ମନ୍ତ : ସିଏ ଏଠିକି କାହିଁକି ଆସିଛି ? ଭାରତ ତା' ପାଲରେ ପଡ଼ିଲେ ନଷ୍ଟ ହେଇଯିବ ।

ଶକୁନ୍ତଳା : ଆସ୍ତେ କୁହ । ପିଲା ଦି'ଟା ଘର ଭିତରେ ଅଛନ୍ତି । ତମେ କ'ଣ ଆମ ସତ୍ୟ କଥା ଭୁଲିଗଲ ?

ଦୁଷ୍ମନ୍ତ : ହୁଁ ! (ବେଖାତିର) ସତ୍ୟ ! ସେଗୁଡ଼ାକ ଆଜିକାଲି କିଛି କାମ ଦବନି । ଦୁନିଆ ବହୁତ ବଦଳିଗଲାଣି ।

ଶକୁନ୍ତଳା : ଦେବଯାନୀ ମତେ କଥା ଦେଇଛି ।

ଦୁଷ୍ମନ୍ତ : ହେଲେ ଅରବିନ୍ଦ ତ ଦେଇନି ! ସିଏ ଏଇନେ ମନ୍ତ୍ରୀ, କ୍ଷମତାରେ

Digitized by PPRACHIN, SOA

ଅଛି । ତମକୁ କାହିଁକି ପଚାରିବ ! ଚିଠି ଲେଖି ପଠେଇଦେଲା । ଭଣଜା କଥା ବୁଝିବ । ମୁଁ ଯେମିତି ତା' ପାଖେ ଚାକିରୀ କରିଛି !

ଶକୁନ୍ତଳା : ଏମିତି କ'ଣ କହୁଛ ! ଯାହା ହେଲେ ବି ସିଏ ତମ ସାଙ୍ଗ । ଏଇନେ ମନ୍ତ୍ରୀ....

ଦୁଷ୍ମନ୍ତ : କେତେବେଳେ ସାଙ୍ଗ ଥିଲା । ଏଇନେ ଟଙ୍କା ପଇସା, ପାୱାର ହଉଛି ତା' ସାଙ୍ଗ । ଦରକାର ନ ପଡ଼ିଲେ ସେ କେବେ କାହାରି କଥା ସ୍ମରଣ କରେନା.... ସ୍ୱାର୍ଥପର.... !

ଶକୁନ୍ତଳା : ଦେବିକା ୟୁନିଭରସିଟିରେ ପଢୁଛି ।

ଦୁଷ୍ମନ୍ତ : ଏଠିକି କାହିଁକି ଆସିଛି ?

ଶକୁନ୍ତଳା : ତମ ସାଙ୍ଗର ଝିଅ ! ଏଠିକି ଆସିବାଟା କ'ଣ ଅପରାଧ ?

ଦୁଷ୍ମନ୍ତ : ଶକୁନ୍ତଳା, ତମେ ଅରବିନ୍ଦକୁ ଜାଣିନା । ବିନା କାରଣରେ ସେ କେବେ ଗୋଟି ଚଳାଏନି । କିଛି ଗୋଟାଏ ମତଲବ ଥିବ !

ଶକୁନ୍ତଳା : ତମର ମାଷ୍ଟର ନ ହେଇ ନେତା ହବା ଉଚିତ ଥିଲା ! ପ୍ରତ୍ୟେକ କଥାରେ ସନ୍ଦେହ ! ସିଏ ତା' ଭାଇ ପାଇଁ କହିବାକୁ ଆସିଛି । ଦୁର୍ଯ୍ୟୋଧନ ଇଲେକସନ୍‌ରେ ଠିଆ ହେଇଛି । ଭାରତ ତାକୁ ସମର୍ଥନ ଦେଉ....

ଦୁଷ୍ମନ୍ତ : ୟୁନିଭରସିଟିରେ ସମୟ ହେଲାନି ! ଆସିଛି ଘରକୁ ବୁଝେଇବାକୁ ! ଆଜିକାଲିକା ପିଲାଙ୍କର ବିଚିତ୍ର ସ୍ୱଭାବ ।

ଶକୁନ୍ତଳା : ଭାରତ ଆଉ ଜଣକୁ ସମର୍ଥନ କରୁଛି । ସିଏ ପିଲାଟି ଜିତିଯିବ । ଦୁର୍ଯ୍ୟୋଧନର ପୋଜିସନ ଭଲ ନାହିଁ ।

ଦୁଷ୍ମନ୍ତ : ଆଛା, ପାଠପଢ଼ା ଛାଡ଼ି ପୁଅ ତାହେଲେ ଆମର ରାଜନୀତି କଲେଣି !

ଶକୁନ୍ତଳା : ସ୍କୁଲ କଲେଜର ଇଲେକସନ୍, ସେଇଟା ପୁଣି ବି ରାଜନୀତି ! କଣ ମନ୍ତ୍ରୀ ନା' ଏମ୍.ଏଲ୍.ଏ. ହଉଛନ୍ତି !

ଦୁଷ୍ମନ୍ତ : ଜାଣିନ, ଶକୁନ୍ତଳା ! ବିଷମଞ୍ଜି ଏଇସବୁ ଯାଗାରେ ହିଁ ପୋତା ହୋଇଥାଏ । କଲେଜ ଆଉ ୟୁନିଭରସିଟିରେ ଏ ରାଜନୀତିର ଚେରଟା ଖୁବ୍ ଶୀଘ୍ର ମାଡ଼ିଯାଇଥାଏ ।

ଶକୁନ୍ତଳା : ଏକଥାଗୁଡ଼ାକ ମୋ ମୁଣ୍ଡରେ ଧରୁନି । ଚାଲିଲ, ଗୋଡ଼ହାତ ଧୋଇ ଖାଇବ ।

Digitized by PPRACHIN, SOA

ଦୁଷ୍ମନ୍ତ : ମୁଣ୍ଡ ଥିଲେ ସିନା ଯାଇ ଧରିବ ! 'ଭାରତ'.... 'ଭାରତ' ଡାକିଲି ତାକୁ । ମୁଁ ପଚାରେ.... ସେ କେବେଠାରୁ ଏ ରାଜନୀତିରେ ମୁଣ୍ଡ ପୁରେଇଲାଣି.... !

ଶକୁନ୍ତଳା : ଓହୋ, ତମେ ଚାଲିଲ ଖାଇବ....

[ଠେଲି ଠେଲି ଦୁଷ୍ମନ୍ତଙ୍କୁ ବାଥ୍‌ରୁମ୍ ଆଡକୁ ନେଇ ଯାଇଛନ୍ତି ଶକୁନ୍ତଳା । ବେଡରୁମ୍ ଭିତରୁ ଶୁଭୁଥାଏ ଖୋଲା ହସ....]

◆

Digitized by PPRACHIN, SOA

ଦ୍ୱିତୀୟ ଦୃଶ୍ୟ

[ମନ୍ତ୍ରୀ ଅରବିନ୍ଦ ବାବୁଙ୍କ ଡ୍ରଇଂରୁମ୍ । ମୋବାଇଲ ଫୋନ୍‌ରେ ଅରବିନ୍ଦ କଥାବାର୍ତ୍ତା କରୁଥିଲେ । ମନ୍ତ୍ରୀ ବିବ୍ରତ ଜଣାପଡୁଥିଲେ । ପିଅନ କଙ୍ଗାରୁ କିଛି ବୁଝିପାରୁନଥିଲା ।]

ଅରବିନ୍ଦ : ତାକୁ ବୁଝେଇ ନେଇଆସ । ହାରଜିତ୍ ଜୀବନରେ ଲାଗି ରହିଛି। ଏତେଟା ଭାଂଗିପଡ଼ିବା ଠିକ୍ ନୁହେଁ ।

କଙ୍ଗାରୁ : ସାର୍, କ'ଣ ହେଇଛି ?

ଅରବିନ୍ଦ : (ବିରକ୍ତ ହୋଇ) ଲେମ୍ବୁଲୁଣ.... ! ଆରେ ନା' ଡମକୁ କହୁନି । ଶୁଣ, ମୁଁ ଗାଡ଼ି ପଠେଇଦେଇଛି । ତାକୁ ନେଇଆସ । (ମୋବାଇଲ ଅଫ୍‌କରି) ଓହୋ, ଆଜିକା ପିଲାଏ ଶାନ୍ତିରେ ଟିକିଏ ନିଶ୍ୱାସ ମାରିବାକୁ ଦେବେନି.... ! ପାଣି ନ ପେଇ ଛାଡ଼ିବନି.... !

କଙ୍ଗାରୁ : ସାର, ପାଣି ନା' କଫି ଆଣିବି ?

ଅରବିନ୍ଦ : (ବିରକ୍ତ ହୋଇ) କଙ୍ଗାରୁ, ତୁ ସତରେ ଗୋଟାଏ କଙ୍ଗାରୁ । ତୋ ମୁଣ୍ଡରେ କିଛି ନାହିଁ ।

କଙ୍ଗାରୁ : ହଁ, ସାର୍ ।

ଅରବିନ୍ଦ : କ'ଣ ହଁ ସାର୍ ?

କଙ୍ଗାରୁ : ନାହିଁ ସାର୍ ।

ଅରବିନ୍ଦ : ନାଁଟା କଙ୍ଗାରୁ, ବୁଦ୍ଧି ବିବେକ ମଧ୍ୟ କଙ୍ଗାରୁ । ଟିକିଏ ସାଧାରଣ ଜ୍ଞାନ ନାହିଁ । କେଉଁ ପରିସ୍ଥିତିରେ କେମିତି କଥାବାର୍ତ୍ତା କରିବାକୁ ହୁଏ, ଜାଣିନୁ ?

କଙ୍ଗାରୁ : ହଁ, ସାର୍ । ଆପଣ ଯାହା କହିଲେ ସବୁ ସତ ।

ଅରବିନ୍ଦ : କଙ୍ଗାରୁ, ତୁ ସତରେ ଗୋଟାଏ ଗଜମୂର୍ଖ ।

Digitized by PPRACHIN, SOA

କଙ୍ଗାରୁ : ମୁଁ କ'ଣ ମନାକଲି !

ଅରବିନ୍ଦ ଏତେଦିନ ରହିଲା ପରେ ବି କେମିତି କାହା ସହିତ ବ୍ୟବହାର କରିବାକୁ ହୁଏ, ଶିଖିପାରିଲୁନି ? ମୂର୍ଖ କୋଉଠିକାର !

କଙ୍ଗାରୁ : ହଁ, ସାର୍ ।

ଅରବିନ୍ଦ : କ'ଣ ହଁ ସାର୍ ?

କଙ୍ଗାରୁ : ମୁଁ କ'ଣ କିଛି ଭୁଲ କଲି !

ଅରବିନ୍ଦ : ତୋର ଚିଡ଼ିଆଖାନାରେ ରହିବା କଥା ।

କଙ୍ଗାରୁ : ହଁ, ସାର୍ ।

ଅରବିନ୍ଦ : କଙ୍ଗାରୁ, ମତେ ଚିଡ଼ାନା କହୁଛି । ମୋ ମୁଣ୍ଡ ଗରମ ହେଇଯାଉଛି !

କଙ୍ଗାରୁ : କୋଲ୍ଡ ଡ୍ରିଙ୍କସ୍ ଆଣିବି, ସାର୍ ?

ଅରବିନ୍ଦ : (ବିରକ୍ତ ହୋଇ) ଲେମ୍ବୁଲୁଣ, ଆଣ ।

କଙ୍ଗାରୁ : ଆପଣ ତ ଖାଲି ଚିଡ଼ି ଯାଉଛନ୍ତି । ମନ୍ତ୍ରୀମାନେ କ'ଣ ଲେମ୍ବୁପାଣି ପିଅନ୍ତି !

ଅରବିନ୍ଦ : ଯାହା ଆଣୁଛୁ ଆଣ । ଏଠୁ ଯା'....

[କଙ୍ଗାରୁ ଭିତରକୁ ଚାଲିଯାଇଛି]

ଅରବିନ୍ଦ : ନିଜେ ତୁ ପଶୁ । ସମସ୍ତଙ୍କୁ ପଶୁ ବନେଇଦବ । [ମୋବାଇଲ୍‌ରେ ଫୋନ୍ କରିଛନ୍ତି] ପ୍ରଫେସର ଜେନା, ଆପଣ Student Union Advisor, ଅଥଚ ମୋ ପୁଅ ହାରିଲା ? ପୁଣି ଚାଳିଶିଟା ଭୋଟ୍‌ରେ ! ଏଁ ଏଁ ଆଉଥରେ Counting କରିଛନ୍ତି ? x x ହଁ, ଏଥିରେ ଭାଇସ ଚାନସେଲର କିମ୍ବା ରେଜିଷ୍ଟ୍ରାରଙ୍କର କିଛି ହାତ ଅଛି କି ? ଟିକେ ଭଲ ଭାବେ ବୁଝିନିଅନ୍ତୁ x x ହଉ ରହୁଛି x x ନମସ୍କାର.... ।

[ବାହାରୁ ମୁରାରୀ କାନ୍ଧରେ ଭାରାଦେଇଆସିଛି ଦୁର୍ଯ୍ୟୋଧନ । ନିଶାରେ ଦୁର୍ଯ୍ୟୋଧନର ପାଦ ଟଳମଳ । ତାକୁ ଧରି କରି ଆଣିଛି ମୁରାରୀ]

ମୁରାରୀ 'ସାର୍'....

[ଦୁର୍ଯ୍ୟୋଧନକୁ ଚାହିଁଛନ୍ତି ଅରବିନ୍ଦ]

Digitized by PPRACHIN, SOA

ଦୁର୍ଯ୍ୟୋଧନ : ବାବା, ମୁଁ ତାକୁ କେବେ ଛାଡ଼ିବିନି ।

ଅରବିନ୍ଦ : ଯାହା କରିବା କଥା ମୁଁ କରିବି । ତୁ ବ୍ୟସ୍ତ ହଅନା ।

ମୁରାରୀ : ବଡ଼ କଷ୍ଟରେ ତାଂକୁ ଆଣିଛି ସାର । ବିଶ୍ୱବିଦ୍ୟାଳୟ ସାରା ଆମ ଦୁର୍ଯ୍ୟୋଧନ ବାବୁଙ୍କ ପୋଷ୍ଟର । ହେଲେ– ?

ଦୁର୍ଯ୍ୟୋଧନ : ଇଏ ହଉଛି ସେଇ ବଦମାସ୍ ଭାରତର କରାମତି । ତାରିପାଇଁ....

ମୁରାରୀ : ସିଏ ତ ଛାର ମୂଷାଟାଏ । ତା' କଥାରେ ଭୋଟର ପ୍ରଭାବିତ ହେବେ ? କେବେ ନୁହେଁ.... । ବୁଝିଲ ଦୁର୍ଯ୍ୟୋଧନ ବାବୁ, ତୁମର ବୋଧେ କୋଉଠି ଟିକେ ଭୁଲ୍ ରହିଗଲା ।

ଦୁର୍ଯ୍ୟୋଧନ : Impossible! ମିନିଷ୍ଟରଙ୍କ ପୁଅ ଭୁଲ୍ କଲେ ବି, ସେଇଟା ଭୁଲ୍ ବୋଲି ଧରାଯାଏନି । ଟଙ୍କା ଖର୍ଚ୍ଚ କରିଛି....

ଅରବିନ୍ଦ : ଏଇଟା ହଉଛି ତୋର ବଡ଼ ଭୁଲ୍ । ଆରେ ଆମେ ଜନତାର ସେବକ । ତୁ ଆମ ନାମକୁ ନେଇ ବେପାର କରିବୁ ? କିଏ ତୋତେ ଭୋଟ ଦେବ ? ପ୍ରଫେସର ଜେନା, ତମ ଆଡ଼ଭାଇଜର ଯାହା କହିଲେ–

ଦୁର୍ଯ୍ୟୋଧନ : ସେଇଟା ଗୋଟାଏ ଇଡିଅଟ । ବିରୋଧୀଦଳର ଚାମଚା.... !

ଅରବିନ୍ଦ : ତୋ ମୁଣ୍ଡ ଏଇନେ ଠିକ୍ ନାହିଁ । ଯାଆ....

ମୁରାରୀ : ଦୁର୍ଯ୍ୟୋଧନ ବାବୁ, ବାପା ତମର ଠିକ୍ କଥା କହୁଛନ୍ତି । ତମେ କିଛି ସମୟ ବିଶ୍ରାମ ନିଅ ।

ଦୁର୍ଯ୍ୟୋଧନ : ଥାଉ ଥାଉ ! ଆଉ ବୁଝେଇବା ଦରକାର ନାହିଁ । ମନ୍ତ୍ରୀମାନେ ପୁଣି ଠିକ୍ କଥା କହନ୍ତି ! ହୁଁ.... ! (ତାସଲ୍ୟ) ଯୋଉ ମନ୍ତ୍ରୀ ନା ! ନୋଟ୍ ଦେଇ ଯିଏ ଭୋଟ କିଣେ....

ଅରବିନ୍ଦ : ଦୁର୍ଯ୍ୟୋଧନ, ମତେ ଥଟ୍ଟା କରୁଛୁ !

ଦୁର୍ଯ୍ୟୋଧନ : ଉଁ ହୁଁ, ମିନିଷ୍ଟରମାନଂକୁ କ'ଣ ଥଟ୍ଟା କରାଯାଇପାରେ ! ସେମାନଂକର କିମ୍ଭୀର ଭଳିଆ ମୋଟା ଚମ ।

ଅରବିନ୍ଦ : ମୁରାରୀ, ତାକୁ ନେଇଯାଅ । ସିଏ ଏଇନେ ଠିକ୍ ଅବସ୍ଥାରେ ନାହିଁ ।

ମୁରାରୀ : ଚାଲବାବୁ, ଟିକିଏ ବିଶ୍ରାମ ନେଇଯାଅ । କାଲି ସକାଳକୁ ସବୁ ଠିକ୍ ହେଇଯାଇଥିବ । ସାର୍ କିଛି ନା କିଛି ଉପାୟ ବାହାର କରିବେ ।

ଦୁର୍ଯ୍ୟୋଧନ : ସାର୍, କଚୁଟା କରିବେ । ମୋ କାମ ମୁଁ କରି ଦେଖେଇଦେବି । କାହାରି ସାହାଯ୍ୟ ଦରକାର ନାହିଁ ମୋର....

Digitized by PPRACHIN, SOA

[ମୁରାରୀଙ୍କ ହାତକୁ ଛିଞ୍ଚାଡ଼ି ଦେଇ ଘର ଭିତରକୁ ଚାଲିଯାଇଛି ଦୁର୍ଯ୍ୟୋଧନ ।]

ଅରବିନ୍ଦ : ମିନିଷ୍ଟରର ପୁଅ ବୋଲି ନିଜକୁ ରାଜକୁମାର ଭଳି ଭାବୁଛି ! ଅପଦାର୍ଥ ! କୋଉ କୁଳର ବି ହେଉନି ।

ମୁରାରୀ : ସାର୍, ଛାଡ଼ନ୍ତୁ.... । ଆଜିକାଲିକା ଛୁଆ, କାହା ବୋଲରେ ନା' ବୁଦ୍ଧିରେ ଅଛନ୍ତି !

ଅରବିନ୍ଦ : ତା' ମା'ଟା ଆଗରୁ ଚାଲିଯାଇ ସବୁ ଗଣ୍ଡଗୋଳ କରିଦେଲା । ଦେବଯାନୀ ବଂଚିଥିଲେ, ସିଏ ଏମିତି ବାକୁଙ୍ଗା କେବେ ହେଇନଥାନ୍ତା ! ୟାରି ପାଇଁ ମନଟା ବେଳେବେଳେ ଦବିଯାଉଛି ।

ମୁରାରୀ : ତା' ପାଇଁ, ଆପଣ କିଛି, ସମୟ ଦେବା ଉଚିତ ହଉଥିଲା । ହଁ, ଆପଣ ବା' କୋଉଠୁ ସମୟ ପାଇବେ ! ଏ ରାଜନୀତିରେ ଥରେ ଯିଏ ପାଦ୍ ଦିଏ, ସିଏ ସଂସାରରେ ଆଉ ସବୁ ନୀତି ଭୁଲିଯାଏ । ଭୁଲିଯାଏ କ'ଣ ଭୁଲିଯିବାକୁ ବାଧ୍ୟ । ନ ଜାଣି ତା' ନାଁ ହେଉଛି ରାଜନୀତି !

ଅରବିନ୍ଦ : ମୁରାରୀ, ଇଲେକ୍ସନ ମୁଣ୍ଡ ଉପରେ । ତମେ ଟିକିଏ ବେଶି ଲାଗ । ମତେ ତ ସମୟ ହଉନି । ହଁ, ତମ କଥା ମୋର ଭଲଭାବେ ମନଅଛି ।

ମୁରାରୀ : ସେତିକି ସାର୍ ଦୟା କରନ୍ତୁ । ଗାଁ ସରପଞ୍ଚଟାଏ କରେଇଦିଅନ୍ତୁ ।

ଅରବିନ୍ଦ : ହଇହୋ ମୁରାରୀ, ତମେ ଏତେ ତଳେ ! ମୁଁ ତମକୁ ନେଇ କୋଉଠି ନାଇଁ କୋଉଠି ବସେଇଛି । ମ୍ୟୁନିସିପାଲିଟି ଚେୟାରମ୍ୟାନଟା ହେଇଯାଅ, ତିନି ପୁରୁଷ ଉଦ୍ଧାର ପାଇଯିବେ ।

[ଟେଲିଫୋନ ରିଙ୍ଗ୍ ହେବାରୁ ରିସିଭର ଉଠାଇଛନ୍ତି ଅରବିନ୍ଦ]

ଅରବିନ୍ଦ : ହାଲୋ... ହଁ ପଠେଇଦିଅ । ମୁରାରୀ, ତମେ ବାହାରେ ଅପେକ୍ଷାକର ।

ମୁରାରୀ : ହଁ, ସାର୍.... ।

[ବାହାରି ଯାଇଛନ୍ତି ମୁରାରୀ । ଭିତରକୁ ଆସିଛନ୍ତି ପୋଲିସ ଅଫିସର । ସାଲ୍ୟୁଟ ପକେଇଛନ୍ତି ।]

ଅରବିନ୍ଦ : ମୋ ପୁଅ ଇଲେକ୍ସନରେ ହାରିଲା । ପୋଲିସ ଡିପାଟମେଣ୍ଟ କରୁଥିଲା କ'ଣ ?

ପୋ : ଅ : ସାର୍, ଆଜିକାଲିର ପିଲାଙ୍କ କଥା କିଛି କହିହବନି ।

Digitized by PPRACHIN, SOA

ଅରବିନ୍ଦ : ତାମାନେ ଆମ ଇଣ୍ଟେଲିଜେନ୍‌ସ ଫେଲୁଅର ?

ପୋ : ଅ : ଇଲେକସନ ହାୱା କହିଦେଉଥିଲା, ଦୁର୍ଯ୍ୟୋଧନ ହଣ୍ଡ୍ରେଡ ପରସେଣ୍ଟ ଜିତିବ । ପ୍ରଚାର ପ୍ରସାର ପ୍ରୋପାଗଣ୍ଡାରେ ସବୁଠୁଁ ଆଗରେ ଥିଲା ଦୁର୍ଯ୍ୟୋଧନ । କିନ୍ତୁ ଏମିତି ହବ ବୋଲି କେହି ଆଶା କରିନଥିଲେ ।

ଅରବିନ୍ଦ : ପକେଟରୁ ଟଙ୍କା ଗଲା, ଅଥଚ ଆଉ ଜଣେ ଭୋଟ ପାଇଲା !

ପୋ : ଅ : ଆମ ଇଣ୍ଟେଲିଜେନ୍‌ସ ରିପୋର୍ଟ ଥିଲା ଫିଫ୍‌ଟି ଫିଫ୍‌ଟି । କିନ୍ତୁ ଇଲେକସନ ପ୍ରୋପାଗଣ୍ଡାରେ ଏଇଟି ପରସେଣ୍ଟ ଦୁର୍ଯ୍ୟୋଧନ ଫେଭର୍‌ରେ ଥିଲା ।

ଅରବିନ୍ଦ : ତାହେଲେ ହଠାତ୍ ଏମିତି ବଦଳିଗଲା କାହିଁକି ? କିଛି ହେରାଫେରି ?

ପୋ : ଅ : ନା' ସାର୍, ସେମିତି କିଛି ହେଇନି । ତା'ପରେ ୟୁନିଅନ ଆଡଭାଇଜର, ଅଧାଅଧି ଟ୍ରିଟିଙ୍ଗ ନବ୍‌ଟିଟିଙ୍ଗ୍ ମଧ ଦୁର୍ଯ୍ୟୋଧନକୁ ସାହାଯ୍ୟ କରୁଥିଲେ ।

ଅରବିନ୍ଦ : ସେଇଠି ରହିଲା ଅସୁବିଧା । କ'ଣ ପାଇଁ ସମସ୍ତେ ତାକୁ ଫେଭର କଲେନି ? ସେ ମୋ ପୁଅ । ଇଲେକ୍‌ସନ୍‌ରେ ମୋ ପୁଅ ହାରିନି ଯେ ମୁଁ ହାରିଯାଇଛି ।

ପୋ : ଅ : ସାର୍, ଯାହା ତ ହେବାର ହେଲାଣି । ଆଉ କିଛି କରିହେବନି ।

[ମୋବାଇଲ୍ ରିଙ୍ଗ ହୋଇଛି]

ଅରବିନ୍ଦ : ହାଲୋ... ହଁ... ହଁ... x x ପ୍ରାଇମମିନିଷ୍ଟର ପ୍ରୋଗ୍ରାମ୍... x x ଏମିତି ଅଚାନକ ଭାବେ ? x x ଆଛା ଠିକ୍ ଅଛି... ମୁଁ ସାଙ୍ଗେ ସାଙ୍ଗେ ପହଂଚୁଛି ।

ପୋ : ଅ : ସାର୍, ମୁଁ ତେବେ– ?

ଅରବିନ୍ଦ : ଯାଅ, ଦରକାର ପଡ଼ିଲେ ମୁଁ ଡକେଇବି ।

[ସାଲୁଟ ଦେଇଛନ୍ତି ପୋ : ଅ । ଧୀରେ ଧୀରେ ମଂଚ ଅନ୍ଧକାର ହେଉଛି...]

◆

Digitized by PPRACHIN, SOA

ତୃତୀୟ ଦୃଶ୍ୟ

[ଦୁଷ୍ମନ୍ତଙ୍କ ଡ୍ରଇଂରୁମ୍ । ଶକୁନ୍ତଳା ବସି କିଛି ଗୋଟାଏ କାର୍ଯ୍ୟ କରୁଥିଲେ । ବାହାରୁ ଆସିଛି ମୁରାରୀ । ଏଣେ ତେଣେ ଚାହିଁଛି ।]

ମୁରାରୀ : ଅପା ଲୋ ଅପା, ତୁ କ'ଣ ଏ ଘରକୁ ଆସିଥିଲୁ ଖାଲି ଖଟି ଖଟି ମରିବା ପାଇଁ । ଏ ବୟସରେ ତୋର ଏତେଟା କାମ କରିବା ଉଚିତ ହଉନି ।

ଶକୁନ୍ତଳା : ଆରେ ନିଜ କାମ ନିଜେ କରୁଛି । ଏଥିରେ ଦୋଷ ରହିଲା କେଉଁଠି ? ତାପରେ ତୋ ଭାଇଙ୍କର ଆୟ ଯେତେ, ସେଥିରେ ଲୋକଟିଏ ରଖିବା କ'ଣ ସହଜ ?

ମୁରାରୀ : ସ୍କୁଲରେ ବି' ତିନିଜଣ ପିଅନ ଅଛନ୍ତି । ଆଖି ଠାରିଲେ ଆସି ହାଜର ହେବେ ।

ଶକୁନ୍ତଳା : ତୋ ଭାଇ ତ ନିଦାବିଷ୍ଣୁ । ତାଂକୁ କହିବାକୁ କିଏ ସାହସ କରିବ ।

ମୁରାରୀ : ଭାଇ ଆସିଲାବେଳକୁ....

ଶକୁନ୍ତଳା : ପାଞ୍ଚଟା ପୂର୍ବରୁ ସିଏ କେବେ ଘରକୁ ଫେରନ୍ତି ?

ମୁରାରୀ : ସିଏ ବି ଗୋଟିଏ ପ୍ରକାର ଭଲ ।

ଶକୁନ୍ତଳା : କ'ଣ ଭଲ ?

ମୁରାରୀ : ଘରେ ରହିଲେ ତୋ ସାଙ୍ଗରେ ସଦାବେଳେ ଗେଜର ଗେଜର ହଉଛନ୍ତି । ମୋ ସାଙ୍ଗରେ ବି ।

ଶକୁନ୍ତଳା : କ'ଣ ଖରାପ କଥାଟା ସିଏ ତତେ କହୁଛନ୍ତି ! ଟାଉଟରୀ ରାଜନୀତି ଛାଡ଼ି କିଛି ଗୋଟାଏ କାମଧନ୍ଦା କର ।

ମୁରାରୀ : ଯୋଉଗୁଡ଼ାକ ନିଷ୍କର୍ମା, ସେମାନେ ମାଷ୍ଟର ଚାକିରୀ କରନ୍ତି । ହେଲେ ମତେ ଦେଖ, ମୁଁ କ'ଣ କରୁଛି ! ମୁଁ ଏମିତି ବେପାରରେ ହାତ ଦେଇଛି, ଯୋଉଥିରେ ଧୋଇ ନାହିଁ ତ ମରୁଡି ନାହିଁ । ଲାଭ ଖାଲି ଲାଭ ।

Digitized by PPRACHIN, SOA

ଶକୁନ୍ତଳା : ସେ ପାଗଳା ବୁଦ୍ଧି ଛାଡ଼ । ଭାଇଙ୍କର ଚାକିରୀ ଶେଷ ହେବା ଉପରେ । ଭାରତଟା ବି ଏ ଯାଏ କିଛି କଲାନି ।

ମୁରାରୀ : ତୁ କାହିଁକି ବ୍ୟସ୍ତ ହଉଛୁ ! ହବ ହବ, ସବୁ ହବ । ତୁ ଖାଲି ଟିକେ ଧୈର୍ଯ୍ୟ ଧର ।

ଶକୁନ୍ତଳା : ଏତେ଼ ଇଣ୍ଟରଭିଉ ଦେଲାଣି, କିଛି ହଉନି ।

ମୁରାରୀ : ତା' ଭଳି ପିଲାଙ୍କୁ ଚାକିରୀ ମିଳୁନି । କଥାଟା ଭାବିଲା ବେଳକୁ ଦୁଃଖ ଲାଗୁଛି । ଏମ୍.ଏ.ରେ ଟପର ହେଇଛି, ହେଲେ- ?

ଶକୁନ୍ତଳା : ଏତେ ବଡ଼ବଡ଼ିଆ ଅଫିସର ତାଂକ ଛାତ୍ର । କାହାକୁ ଥରେ କହିଦେଲେ କାମ ହେଇଯାଆନ୍ତା । ହେଲେ ସିଏ ଧର୍ମରାଜ ଯୁଧିଷ୍ଠିର । ଏତେ଼ବଡ଼ ଭୁଲ୍ କରିବେ କେମିତି ?

ମୁରାରୀ : ଭାଣିଜୀଟା ମୋର ଏତେ କରି କହିଲା । ତା' ପାଇଁ ସିଏ ଥରେ କହିଲେ? ମୁହଁ ଥରେ ଖୋଲିଥିଲେ-

ଶକୁନ୍ତଳା : କ୍ଲାଇଁପୁଅ ସେଇ ଘଟଣା ପରଠାରୁ ଆଉ ଆସିନାହାନ୍ତି ।

ମୁରାରୀ : ଏମିତି ହେଲେ କେମିତି ଚଳିବ । ସମସ୍ତଙ୍କୁ ନେଇତ ଚଳିବାକୁ ହେବ । ମିନିଷ୍ଟର ଅରବିନ୍ଦ ବାବୁଙ୍କୁ ଥରେ କହିଦେଖନ୍ତୁ । ଚାକିରୀ କେମିତି ନ ହେବ, ଦେଖିବା ।

ଶକୁନ୍ତଳା : ତୋ ଭାଇଙ୍କୁ ତୁ ଜାଣିନୁ ! ଭାଂଗିଯିବେ ପଛେ ନଇଁବେ ନାହିଁ । ସିଏ ପୁଣି ଯିବେ ଅରବିନ୍ଦବାବୁଙ୍କୁ କହିବାକୁ !

ମୁରାରୀ : ତାଙ୍କର ଏଇ ବିଚିକିଚିଆ ସ୍ୱଭାବ ପାଇଁ ଭାଣିଜୀଟା ମୋର ହଇରାଣ ହରକତ ହଉଛି । କ୍ଲାଇଁଟା ପାଇଁ ଟିକିଏ ତଳକୁ ନଇଁ ପଡ଼ିଥିଲେ କ'ଣଟା ଅସୁବିଧା ହୋଇଯାନ୍ତା !

ଭାରତ : [ପ୍ରବେଶ କରି] ଅସଲକଥା ହଉଛି, ତାଂକ ଆଦର୍ଶ ଉପରେ ଗୋଟାଏ କଳାଦାଗ ଲାଗିଯିବ ! ବିନା ଯୌତୁକରେ ଝିଅଟାକୁ ବାହାଦେଇ ଯେମିତି ଗୋଟାଏ ବଡ଼ ପୁଣ୍ୟ କାମ କରିଦେଇଛନ୍ତି !

ଶକୁନ୍ତଳା : ଇଣ୍ଟରଭିଉ କେମିତି ହେଲା ?

ଭାରତ : ସବୁଦିନ ଯାହା ହୁଏ । ଆଜି ବି ତାରି ପୁନରାବୃତ୍ତି । ସାଧାରଣ ଲୋକଙ୍କୁ କିଏ ଚାକିରୀ ଦବ ! କ୍ୱାଲିଟିକୁ କିଏ ପଚାରେ !

Digitized by PPRACHIN, SOA

ମୁରାରୀ : ଭଣଜା, ତୁ କାଲି ମୋ ସାଙ୍ଗରେ ଅରବିନ୍ଦ ବାବୁଙ୍କ ପାଖକୁ ଥରେ ଚାଲେ । ଦୁଷ୍ମନ୍ତବାବୁଙ୍କ ପୁଅ ବୋଲି ଜାଣିଲେ ସିଏ ଆଦୌ ମନା କରିବେନି ।

ଭାରତ : ଆମ ପରମ ପୂଜନୀୟ ପିତାଶ୍ରୀଙ୍କ ସମ୍ମାନରେ ଆଞ୍ଚ ଆସିଯିବନି ତ !

ଶକୁନ୍ତଳା : ଭାରତ, ତୁ କ'ଣ ତୋ ବାପାଙ୍କୁ ଜାଣିନୁ ! ନିଜ ଭିତରେ ଶକ୍ତି ସଂଚୟ କର । ଲଢ଼େଇ କର । ଚାକିରୀ ନିଶ୍ଚୟ ମିଳିବ ।

ଭାରତ : କେତେ କାଳ ଲଢ଼ିବି ? ମୋ ଭିତରେ ମୁଁ ଭାଂଗି ପଡୁଛି । କେତେ ଇଣ୍ଟରଭିଉ ଦେଉଥିବି ! ଅସଲ କଥା ହଉଛି, ଜ୍ଞାନଗାରିମା, ସାମର୍ଥ୍ୟ, ସତ୍‌ଚିନ୍ତା ଏଗୁଡ଼ାକ ସବୁ କାନକୁ ଭଲ ଶୁଣାଯାଏ, ହେଲେ କାମରେ ଆସେନି ।

ଶକୁନ୍ତଳା : ଭାରତ !

ମୁରାରୀ : ସେ କିଛି ଭୁଲ୍‌କଥା କହୁନି ।

ଶକୁନ୍ତଳା : ହଉଚାଲ । ସେ ସବୁ ଚିନ୍ତା ଛାଡ଼ । ଗୋଡ଼ହାତ ଧୋଇ କ'ଣ ଦି'ଟା ପାଟିରେ ଦବୁ ଚାଲ । ଆ' ମୁଁ ବଢ଼ାବଢ଼ି କରୁଛି । (ପ୍ରସ୍ଥାନ)

[ଭାରତ ଚିନ୍ତିତ ହୋଇପଡ଼ିଛି]

ମୁରାରୀ : ଭଣଜା, କ'ଣଟା ଭାବୁଛୁ ?

ଭାରତ : ଆଜିକୁ ମିଶାଇ କୋଡ଼ିଏଟା ଇଣ୍ଟରଭିଉ ଦେଇସାରିଲିଣି । ସବୁଠି ସେଇ ଏକା କଥା । ବିଶ୍ୱବିଦ୍ୟାଳୟର ଗୋଲଡ ମେଡାଲଟା କିଛି କାମ ଦଉନି । ସେଇଟା ଯେମିତି ମତେ ଉପହାସ କରୁଛି ।

ମୁରାରୀ : ସମୟ ବଦଳିଯାଇଛି । ତୋ ବାପ ସିନା ଗାନ୍ଧୀ ନାଁଟାକୁ ଜାବୁଡ଼ି ଧରିଛି, ହେଲେ ଗାନ୍ଧିବାଦଟା କେବେଠାରୁ କବର ନେଇସାରିଲାଣି । ଦୁନିଆରେ ଯେମିତି ନକଲି ଗାନ୍ଧୀମାନଂକ ଉପଦ୍ରବ ଆରମ୍ଭ ହେଇଛି, ସେଠି, ଅସଲି ଗାନ୍ଧିବାଦକୁ କିଏ ପଚାରେ !

ଭାରତ : ବାପାଙ୍କ ନାଁ ଶୁଣିଲେ ସମସ୍ତେ ଫିଡ଼୍‌କୁଛନ୍ତି । କ'ଣ ଯେ ମୁଁ କରିବି, କିଛି ଭାବିପାରୁନି । ବିନା ସାର୍ଟିଫିକେଟ୍‌ରେ ତ ଇଣ୍ଟରଭିଉ ସମ୍ଭବ ନୁହେଁ ।

ମୁରାରୀ : ତୁ ଥରେ ଅରବିନ୍ଦବାବୁଙ୍କ ଘରକୁ ଚାଲେ । ବାକିତକ ମୋ ଉପରେ ଛାଡ଼ିଦେ । ହଁ, ତୋ ବାପା ଯେମିତି ଏ କଥା ନଜାଣେ ! ଅରବିନ୍ଦ ବାବୁ ନିଶ୍ଚୟ କିଛି–

Digitized by PPRACHIN, SOA

ଭାରତ : ତାଂକ ଝିଅ ଦେବିକା ମଧ୍ୟ ଅନେକଥର ଡାକିଲାଣି । ହେଲେ–

[ବିବ୍ରତ ଅବସ୍ଥାରେ ପଦଚାଳନା କରିଛି]

ମୁରାରୀ : କ'ଣ ଭାବୁଛୁ ? ଯା' ଆଗେଇ ଯା'.... ଭଣଜା । ତୋ ପଛରେ ମୁଁ ଅଛି । .... ହଉତୁ ଗଲୁ, ଆଗ ଦି'ଟା କ'ଣ ଖାଇଦେ । ତାପର କଥା ବୁଝିବା । ଆରେ ବାପ ନ ବୁଝିଲା ନାହିଁ, ମାମୁ ତ ଅଛି । ଏ ମୁରାରୀ କେବେ ତତେ ହତାଶ କରିବ ନାହିଁ.... ।

[ଭାରତ ଭିତରକୁ ଯାଇଛି । ବାହାରୁ ଆସିଛି କଙ୍ଗାରୁ । ମୁରାରୀକୁ ଦେଖି ଜିଭ କାମୁଡ଼ିଛି]

କଙ୍ଗାରୁ : ଆଜ୍ଞା, ଭିତରକୁ ଯିବି ?

ମୁରାରୀ : ଆସିତ ଗଲଣି, ଆଉ ଆସିବ ବୋଲି ପଚାରୁଛ କ'ଣ କଙ୍ଗାରୁ ସାହେବ ? କେମିତି ଆସିବା ହେଲେ ? ଆଗମନର ଉଦ୍ଦେଶ୍ୟ ପ୍ରକାଶ କରନ୍ତୁ.... ।

କଙ୍ଗାରୁ : (କୃତ୍ୟକୃତ୍ୟ ହୋଇ) ଆଜ୍ଞା, ସେମିତି କୁହନ୍ତୁନି । ଭାରି ଲାଜ ମାଡୁଛି । ମୁଁ ତ ଛାର ଚାକରଟେ । ସାହେବ କେତେବେଳେ ହେଲି ? ମନ୍ତ୍ରୀଙ୍କ ଦୟାରୁ ଚାକିରୀଟା ମିଳିଛି ।

ମୁରାରୀ : ବାପା, କଙ୍ଗାରୁ, ଧୈର୍ଯ୍ୟ ଧର । ସବୁ ହବ । ଆଚ୍ଛା, ଏଥର ଅଭିପ୍ରାୟ ପ୍ରକାଶକର । କିସ ପାଇଁ ଏଠାକୁ ତବ ଶୁଭ ଆଗମନ ?

କଙ୍ଗାରୁ : ଆଜ୍ଞା, ମିନିଷ୍ଟର ଏ ଚିଠି ଦେଇ ପଠେଇଛନ୍ତି । ଏ ଚିଠି ଆପଣଙ୍କ ଛଡ଼ା ଆଉ କାହାକୁ ନ ଦେବାକୁ ତାଗିଦ ବି କରିଛନ୍ତି ।

[ଚିଠି ନେଇ ଖୋଲି ପଢ଼ିଛନ୍ତି । ମୁରାରୀ ମୁହଁକୁ ଚାହିଁଛି କଙ୍ଗାରୁ । ମୁରାରୀର ମୁଖମଣ୍ଡଳ ଉଜ୍ଜ୍ୱଳ ହୋଇ ଉଠିଛି । ଚେଷ୍ଟା କରିଛି କଙ୍ଗାରୁ ସେହି ଭାଷା ପଢ଼ିବାକୁ]

ମୁରାରୀ : ଜୀବଶ୍ରେଷ୍ଠ କଙ୍ଗାରୁ, କାହିଁକି ଏମିତି ଚାହିଁଛ ?

କଙ୍ଗାରୁ : ଭାରି ଗୁପ୍ତ ଚିଠି ନା ?

ମୁରାରୀ : ଅବଶ୍ୟ ।

କଙ୍ଗାରୁ : ମୁଁ ତାହେଲେ ଯାଉଛି ?

ମୁରାରୀ : ଯାଅ ।

କଙ୍ଗାରୁ : ସାର୍‌, ପଚାରିଲେ କ'ଣ କହିବି ?

Digitized by PPRACHIN, SOA

ମୁରାରୀ : କହିବ, ମୁରାରୀ ବାବୁ କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି ।

କଙ୍ଗାରୁ : କି କାର୍ଯ୍ୟ ?

ମୁରାରୀ : ଜୀବଶ୍ରେଷ୍ଠ, ଆଉ ଅଧିକ ଜାଣିବାକୁ ଚେଷ୍ଟା କରନି । ଆଗକୁ ବିପଦ ଅଛି । ଅତିଶୀଘ୍ର ପ୍ରସ୍ଥାନ କର ।

କଙ୍ଗାରୁ : ହଉ, ମୋର ଏତେ କଥାରେ ମୁଣ୍ଡ ଖେଳେଇବା କ'ଣ ଦରକାର । ଯାଉଛି-- ନମସ୍କାର.... (ପ୍ରସ୍ଥାନ)

[ଚିଠି ପୁଣିଥରେ ପଢ଼ି ମନେମନେ ହସୁଥିଲେ ମୁରାରୀ]

ଶକୁନ୍ତଳା : (ପ୍ରବେଶ କରି) କାହା ଚିଠି ?

ମୁରାରୀ : ଅପା, ହଜିଲା ବଳଦ ଖୋଜିଲା ଠେଇଁ । ହାତରେ ଗୋଟାଏ ସୁବର୍ଣ୍ଣ ସୁଯୋଗ । ଭାରତର ଚାକିରୀ ହେଲା ବୋଲି ଜାଣ ।

ଶକୁନ୍ତଳା : ଆରେ କଥାଟା କ'ଣ, କହ ଆଗ ।

ମୁରାରୀ : ଅରବିନ୍ଦ ବାବୁଙ୍କ ଭଣଜାକୁ ଭାଇ ସ୍କୁଲରୁ ରଷ୍ଟିକେଟ୍ କରିଛନ୍ତି । ସାଥୀ ଝିଅମାନଂକୁ କମେଣ୍ଟ ଦଉଥିଲା । ଆଗକୁ ଇଲେକ୍‌ସନ୍ କଥାଟାକୁ ଚାପି ଦେବାପାଇଁ ଅନୁରୋଧ କରିଛନ୍ତି । ଭିତରେ ଭିତରେ ମେଣ୍ଟାଇଦବା ପାଇଁ ଲେଖିଛନ୍ତି ।

ଶକୁନ୍ତଳା : 'କିନ୍ତୁ'–

ମୁରାରୀ : ଅପାଲୋ, ତୁ ଆଉ ସେ 'କିନ୍ତୁ' ଶବ୍ଦଟା ଉଚ୍ଚାରଣ କରନି । ଭାଇଙ୍କୁ ବୁଝେଇ ସୁଝେଇ ତାଂକ ଭଣଜାଟାକୁ ମୁକ୍ତ କରିଦେ । ଭାରତ କଥା ମୁଁ ବୁଝିବି । ମଉସୁମୀ ବନ୍ଧୁଛି । ଏ ସୁଯୋଗ ହାତଛଡ଼ା କରିବା ଉଚିତ ନୁହେଁ ।

ଶକୁନ୍ତଳା : ତୋ ଭାଇଙ୍କୁ ତୁ ଜାଣିନୁ । ସେ କେବେ ମୋ କଥା ଶୁଣିବେନି । ଯୋଉ କଥା ଥରେ ନିଷ୍ପତ୍ତି ନିଅନ୍ତି, ସେଥିରୁ ଓହରିବା ଅସମ୍ଭବ ।

ମୁରାରୀ : ଏ ଦୁନିଆରେ ଅସମ୍ଭବ ବୋଲି କିଛି ନାହିଁ । ଯେମିତି ହଉ, ତତେ ତାଂକୁ ରାଜି କରେଇବାକୁ ପଡ଼ିବ । ପିଲାଟା କ'ଣ ଟିକିଏ ଭୁଲ୍‌ଟା କରିପକାଇଛି । ତା' ବୋଲି ତାକୁ ସ୍କୁଲରୁ ବାହାର କରିଦେବ । ଏଇଟା ଅନ୍ୟାୟ...

[କଥାବାର୍ତ୍ତା ଶୁଣିଛନ୍ତି ଏବଂ କହି କହି ଭିତରକୁ ଆସିଛନ୍ତି ଦୁଷ୍ମନ୍ତ]

Digitized by PPRACHIN, SOA

ଦୁଷ୍ମନ୍ତ : ଛୋଟ ଭୁଲ୍‌ଟେ ହେଇଥିଲେ ଛାଡ଼ିଦେଇଥାନ୍ତି । କିନ୍ତୁ ତା' ଭଣଜା ଯାହା କରିଛି, ସ୍କୁଲ୍‌ରୁ ବାହାରିବା ଛଡ଼ା ତାର ଅନ୍ୟ ଉପାୟନ ଥିଲା । ବିଦ୍ୟାଳୟ ଏକ ମନ୍ଦିର । ସେଠି ଧନୀ ଦରିଦ୍ର ସମସ୍ତେ ସମାନ । କେହି ମନ୍ତ୍ରୀ ନୁହଁ କି କେହି ମଜଦୁର୍ ନୁହଁ !

ମୁରାରୀ : ଅପା, ମୁଁ ଆସେ.... (ଯିବାକୁ ଉଦ୍ୟତ)

ଦୁଷ୍ମନ୍ତ : କାହିଁକି ତା' ଘରେ ରାତିଦିନ ପଡ଼ିରହିଛୁ ? ଅରବିନ୍ଦ ତୋ ମୁଣ୍ଡଟାକୁ ବି ଖାଇଦବ । ପରିଶ୍ରମ କର । ବ୍ୟବସାୟ କର । ମଥାଟେକି ବଂଚିପାରିବୁ ।

ଶକୁନ୍ତଳା : ତାଂକ ଭଣଜାଟାକୁ ଏମିତି ଗୋଟାଏ ଦଣ୍ଡଦବା ଠିକ୍‌ହେଲାନି । ଯେତେହେଲେ ସେ ତମର ପିଲାଦିନର ସାଙ୍ଗ ।

ଦୁଷ୍ମନ୍ତ : ସେଇଥିଲାଗି ତ ତାକୁ ପୋଲିସ୍ ଦ୍ୱାରା ଆରେଷ୍ଟ କରେଇନି । ହଁ, ଶୁଣ, ସେ ସ୍କୁଲ ବିଷୟରେ ତମେ ମାନେ ମୁଣ୍ଡ ଖେଳାଅନି । ଏ ବିଷୟରେ ତାହେଲେ ଗୋଟାଏ ଆଲୋଚନା ଚାଲିଥିଲା ଏଠି !

ମୁରାରୀ : କଥାଟା କିନ୍ତୁ ତାଂକ ଇଲେକସନ୍ ଉପରେ ପ୍ରଭାବ ପକେଇବ । କେଇଟା ମାସ ଗଲେ ଇଲେକ୍‌ସନ୍ ।

ଦୁଷ୍ମନ୍ତ : ଅନ୍ତତଃ ରାଜନୀତି କରିବାକୁ କିଛି ସ୍ୱଚ୍ଛ ଲୋକ ଆସନ୍ତୁ । ଶାସନଟା ନିର୍ମଳ ହେଉ ।

ଶକୁନ୍ତଳା : ଶୁଣ, କିଛି ଗୋଟାଏ କର । ସେ ତମ ସାଙ୍ଗ ।

ଦୁଷ୍ମନ୍ତ : ଆଉ କିଛି କରିହେବନି । ଶେଷ ନିଷ୍ପତ୍ତି ମୁଁ ନେଇସାରିଛି । ମୋ ନିଷ୍ପତ୍ତି ବଦଳେଇବା ସମ୍ଭବ ନୁହେଁ ।

ମୁରାରୀ : ଭାଇ, ଇଏ ସବୁ କିଛି ଭଲ ହଉନି । ଭାରତଟାର ଚାକିରୀ ନାହିଁ । ଏ ସମୟରେ ଏମିତି କାଣ୍ଡଟା କରିବସିଲେ ଭାରତଟା ହଟହଟା ହବ ।

ଦୁଷ୍ମନ୍ତ : ତାର ଯୋଗ୍ୟତା ଥିଲେ ସିଏ ନିଶ୍ଚୟ ଚାକିରୀ ପାଇବ । ତା' ପାଇଁ ମୁଁ କାହାକୁ ସୁପାରିଶ କରିପାରିବି ନାହିଁ । କି କାହା ପାଖେ ହାତ ପତେଇ ପାରିବି ନାହିଁ ।

ମୁରାରୀ : ଭାଇ, ଅରବିନ୍ଦବାବୁ ଅନୁରୋଧ କରିଛନ୍ତି । ଏ ଚିଠିଟା ଆପଣଙ୍କୁ ଦବାପାଇଁ ମତେ ଦେଇଛନ୍ତି । (ଚିଠି ଦେଇଛି)

Digitized by PPRACHIN, SOA

ଦୁଷ୍ମନ୍ତ : (ଚିଠି ପଢ଼ି) ଓ, ମୋ ପାଖକୁ ତ ଆସିପାରିବନି, ତତେ ଧରିଛି ! ତାର ଧାରଣା, ତୋ କଥାରେ ମୁଁ ରାଜି ହୋଇଯିବି ! କେବେଠାରୁ ଏ ନୀଚସ୍ତରର ରାଜନୀତି ସେ କଲାଣି !

ଶକୁନ୍ତଳା : ରାଜି ହେଇଗଲେ କ'ଣଟା ଖରାପ ହୁଅନ୍ତା ?

ଦୁଷ୍ମନ୍ତ : ଶକୁନ୍ତଳା, ଅରବିନ୍ଦ ପାଇଁ ମୋ ନିଜତ୍ୱକୁ ବିକିଦେବି ? ତମେ ଜାଣିଛ, ତା' ଭଣଜା କି ଅପରାଧ କରିଛି ? ଦୋଷୀ ଦଣ୍ଡ ନ ପାଇଲେ ସମାଜ ବିଶୃଙ୍ଖଳ ହୋଇଉଠିବ । ଆଜିଯାଏ ଯିଏ ଅନ୍ୟାୟ ସହିତ ସାଲିସ୍ କରିନି, ସିଏ ଏଇନେ ହାର ମାନିଯିବ ? ଅସମ୍ଭବ.... ଭାରତ ପଢେ, ଚାକିରୀ ନପାଉ....

ମୁରାରୀ : ଅପା, ଏଣିକି ତୋ' କଥା ତୁ ବୁଝ୍ । ମତେ ଆଉ କିଛି କହିବୁନି ।
[ବାହାରକୁ ଚାଲିଯାଇଛି ମୁରାରୀ ଦ୍ରୁତ ପଦକ୍ଷେପରେ । କିଛିଟା ନୀରବତା ଛାଇଯାଇଛି । ଶକୁନ୍ତଳା ଚାହିଁ ରହିଥିଲେ ଦୁଷ୍ମନ୍ତଙ୍କୁ ।]

ଦୁଷ୍ମନ୍ତ : କ'ଣ ଚାହିଁଛ ? ଭାବିଥିଲ-

ଶକୁନ୍ତଳା : ମୁଁ ଖାଲି ଭାବୁଛି, ତମେ କୋଉ ଉପାଦାନରେ ଗଢ଼ା.... ! ଶେଷରେ ନିଜ ପୁଅଟାକୁ ବି....

[ଶକୁନ୍ତଳାଙ୍କୁ ଚାହିଁ ରହିଥିଲେ ଦୁଷ୍ମନ୍ତ । ଦୁଃଖରେ ଭାଂଗି ପଡ଼ିଛନ୍ତି । ବସିଯାଇଛନ୍ତି....]

◆

Digitized by PPRACHIN, SOA

ଚତୁର୍ଥ ଦୃଶ୍ୟ

[ଅରବିନ୍ଦବାବୁଙ୍କ ଡ୍ରଇଂରୁମ୍ । ସେଣ୍ଟର ଟେବୁଲ ଉପରେ ଥିଲା ବହିଖାତା ଭାରତକୁ ମିଠା ଖୁଆଉଥିଲା ଦେବିକା ।]

ଭାରତ : ବାସ୍, ସେତିକି....

ଦେବିକା : ମାଉସୀ ମତେ କେତେ ଜିନିଷ ଖାଇବାକୁ ଦିଏ । ଆଉ ତମେ ଏ ଦି'ଟା ମିଠାରେ କହୁଛ, ସେତିକି.... । ହେଇପାରିବନି । ଏତକ ସବୁ ଖାଇବାକୁ ପଡ଼ିବ ।

ଭାରତ : ଦେବିକା, ମତେ ବାଧ୍ୟକରନା ।

ଦେବିକା : ବାପା କହିଥିଲେ ଆଜି ଫେରିବାପାଇଁ । ହଠାଦ୍ ଫ୍ଲାଇଟ୍ କ୍ୟାନସେଲ ହେଲା.... । ସେ Next Flightରେ ଆସୁଛନ୍ତି । ଅପେକ୍ଷା କରିଯାଅ, ଟିକେ ।

ଭାରତ : ନା' ! ମୁଁ ତାହେଲେ ପରେ ଆସିବି । ହଁ, ମାମୁଁଙ୍କୁ ଖବର ଦେଲେ ମୁଁ ପାଇଯିବି ।

ଦେବିକା : କାମଟା ତମର ନା' ମାମୁଁଙ୍କର ? ତମକୁ ଆସିବାକୁ ପଡ଼ିବ । ମୁଁ ବାପାଙ୍କ ଆଗରୁ କହି ଦେଇଥିବି । ହଁ, ଆଉ ଗୋଟାଏ କଥା....

ଭାରତ : କ'ଣ ?

ଦେବିକା : ମୋ ପାଉଣା

ଭାରତ : କ'ଣ ଲାଞ୍ଚ.... ।

ଦେବିକା : ଉଁ ହୁଁ.... ! ପଲଟିକାଲ ଲୋକେ କେବେ ଲାଞ୍ଚ ନିଅନ୍ତି ! ସେଇଟା ହଉଛି 'Developement fee' !

[ଦୁହେଁ ହସି ଉଠିଛନ୍ତି । କଙ୍ଗାରୁ ଏତିକିବେଳେ ପାଣି ଗ୍ଲାସ ଧରି

Digitized by PPRACHIN, SOA

ଭିତରୁ ଆସି ଅଟକିଯାଇଛି । ଦେବିକା ଭାରତକୁ ଗୋଟାଏ ମିଠା ଖୁଆଉଛି ।]

ଭାରତ : ଦେବିକା, ମୋ ପେଟଟା ପୋଖରୀ ନୁହେଁ ।

ଦେବିକା : ମାତ୍ର ଏଇ ଗୋଟିଏ । ତମେ ନଖାଇବା ଯାଏ, ମୁଁ ତମକୁ ଛାଡ଼ିବିନି । [ଜୋର୍ କରି ଖୁଆଇଛି ।]

କଙ୍ଗାରୁ : ଇସ୍.... [ଆଖିବୁଜି ରହିଯାଇଛି]

ଦେବିକା : 'କଙ୍ଗାରୁ'.... (ବିରକ୍ତ ହୋଇ) ପାଣିଗ୍ଲାସ୍‌ଟା ଆଣିବା ପାଇଁ କେତେ ସମୟ ଲାଗିବ ?

କଙ୍ଗାରୁ : ମାଡାମ୍, ମୁଁ କେତେବେଳୁ ପାଣି ଧରି ଏଇଠି ଠିଆହେଇଛି । ହେଲେ ସତକହୁଛି ମାଡାମ୍, ମୁଁ କିଛି ଶୁଣିନି କି କିଛି ଦେଖିନି । କି କାହାକୁ କହିବିନି ।

ଭାରତ : ଦେବିକା, ମୁଁ ଆସୁଛି । (ପ୍ରସ୍ଥାନ)

କଙ୍ଗାରୁ : ମାଡାମ୍, ଏଣିକି ଆଖି ଖୋଲିବି ନା' ନାହିଁ ?

ଦେବିକା : ପଶୁ କୋଉଠିକାର ! ସାଧାରଣ ଜ୍ଞାନ ବି ଟିକେ ନାହିଁ ।

କଙ୍ଗାରୁ : ହଁ, ମାଡାମ୍ । 'ପାଣି' ?

ଦେବିକା : ନିଜେ ପି'.... ମୂର୍ଖ.... ! ଯାହାପାଇଁ ଆଣିଥିଲୁ, ସେ' ତ ଗଲେଣି ।

[ବିରକ୍ତ ହେଇ ବହି ଖାତା ନେଇ ଭିତରକୁ ଚାଲି ଯାଇଛି ଦେବିକା । ବାହାରୁ ଆସିଛି ଦୁର୍ଯ୍ୟୋଧନ]

କଙ୍ଗାରୁ : ଆଖି ଖୋଲିବି ମାଡାମ୍ ? ସତ କହୁଛି, ମୁଁ କିଛି ଶୁଣିନି, କି' କିଛି ଦେଖିନି । କାହାରିକି କହିବିନି ।

[କଙ୍ଗାରୁ ହାତରୁ ପାଣି ଗ୍ଲାସ ନେଇ ପିଇଛି ଦୁର୍ଯ୍ୟୋଧନ]

ଏଥର ଆଖି ଖୋଲୁଛି.... ? କହିଲେ ଯାଇ ଖୋଲିବି.... ।

ଦୁର୍ଯ୍ୟୋଧନ : କି ପାଲା ଚାଲିଛି ଏଠି ? କ'ଣ ଦେଖିଲୁ ? କ'ଣ ଶୁଣିଲୁ ? କେତେବେଳେ କିଏ ଆସିଥିଲା ?

[ଆଖି ଖୋଲି ବିବ୍ରତ ହୋଇପଡ଼ିଛି କଙ୍ଗାରୁ ।]

କଙ୍ଗାରୁ : ଏତେଗୁଡ଼ାକ ପ୍ରଶ୍ନର ଉତ୍ତର ଏକାବେଳକେ କେମିତି ଦେବି ଯେ.... [ପ୍ଲେଟ ନେଇଯିବାକୁ ଉଦ୍ୟତ ହେଉଛି]

Digitized by PPRACHIN, SOA

ଦୁର୍ଯ୍ୟୋଧନ : ଏ ପ୍ଲେଟ୍.... ଚାମଚ୍.... ?

କଙ୍ଗାରୁ : ଭାରତବାବୁ ଆସିଥିଲେ ତ.... । ତାଂକ ପାଇଁ ମାଡାମ୍ ମିଠା ଆଣିଥିଲେ... ।

[ପ୍ଲେଟ ଚାମଚ ଧରି ଭିତରକୁ ଯାଇଛି]

ଦୁର୍ଯ୍ୟୋଧନ : ଦେବିକାକୁ ଡାକିଦବୁ ।

ଏବେ ବଲ୍‌ଟା ମୋ କୋର୍ଟରେ । ତୁ ଯିବୁ କୁଆଡ଼େ ?

[ଅନ୍ୟମନସ୍କ ଭାବେ ଦୁର୍ଯ୍ୟୋଧନ ପଦଚାରଣା କରୁଥିବାବେଳେ ଆସିଛି ଦେବିକା, ଭୀତତ୍ରସ୍ତ ଅବସ୍ଥାରେ]

ଦେବିକା : 'ଭାଇ'....

ଦୁର୍ଯ୍ୟୋଧନ : ଭାରତ କାହିଁକି ଆସିଥିଲା ?

ଦେବିକା : ବାପାଙ୍କ ପାଖରେ ତାଂକର କ'ଣ କାମ ଥିଲା ।

ଦୁର୍ଯ୍ୟୋଧନ ବାପାଙ୍କ ପାଖରେ ନା' ତୋ ପାଖରେ ?

[ହତ୍‌ବକେଇଯାଇଛି ଦେବିକା । କ'ଣ କହିବ କିଛି ଭାବିପାରିନି]

ଦୁର୍ଯ୍ୟୋଧନ : ମୋ କଥା ଶୁଣୁଛି ନା' ନାହିଁ ?

ଦେବିକା : 'ଭାଇ'....

ଦୁର୍ଯ୍ୟୋଧନ : ଭାରତ କେବେଠାରୁ ଏଠାକୁ ଯିବାଆସିବା କରୁଛି !

ଦେବିକା : ଭାଇ, ତୁ କ'ଣ ସେ ପଛକଥା ଭୁଲିନୁ ? ମୁଁ ବାପାଙ୍କୁ କହିଦେବି ।

ଦୁର୍ଯ୍ୟୋଧନ : (କଥାର ମୋଡ଼ ବଦଳାଇ) ତୋ ପାଇଁ ମୁଁ ସବୁ ଭୁଲିଯାଉଛି । ହଁ, ଶୁଣ୍ । ଭାରତଟା ଗୋଟାଏ ଜୁଏଲ୍ । ଭାଗ୍ୟରେ ଥିଲେ ଏପରି ପିଲା ମିଳନ୍ତି !

ଦେବିକା : ମତେ ଏଗୁଡ଼ାକ କାହିଁକି କହୁଛୁ ?

ଦୁର୍ଯ୍ୟୋଧନ : ତୋ ସିଲେକ୍‌ସନ କିଛି ମନ୍ଦ ନୁହେଁ । ଆଗେଇଯାଆ । ତା' ପଛକଥା ମୁଁ ବୁଝିବି । ମୋ ଭଉଣୀର ଚଏସ୍, ମୋର ଚଏସ୍ ।

ଦେବିକା : 'ଭାଇ'.... [ଲାଜରେ ମୁହଁ ତଳକୁ କରିଛି]

ଦୁର୍ଯ୍ୟୋଧନ : ବାପାଙ୍କୁ ବୁଝାଇବା ଦାୟିତ୍ୱ ମୋର । ତାର ଚାକିରୀ ନାହିଁ । ଚାକିରୀ ଆମେ କରେଇଦବା । ହଁ, ଶୁଣ୍ । ଏ ସୁଯୋଗ ହାତଛଡ଼ା କରନି.... । ବାପାଙ୍କୁ ପଟେଇବା ଦାୟିତ୍ୱ ମୋର....

Digitized by PPRACHIN, SOA

ଦେବିକା 'ଭାଇ'....

[ଲାଜରା ହେଇ ଭିତରକୁ ଚାଲିଯାଇଛି ଦେବିକା ଦୁର୍ଯ୍ୟୋଧନ ମୁହଁରେ କୁଟିଳ ଭାବ ଫୁଟିଉଠିଛି ।]

ଦୁର୍ଯ୍ୟୋଧନ ଭାରତ, ତତେ ମୁଁ ଫ୍ଲାସ୍ କରିଦେବି । ସ୍ୱପ୍ନ ଦେଖିବାକୁ କେବେ ବି ସୁଯୋଗ ପାଇବୁନି । ତତେ ମୁଁ ଶେଷ କରିଦେବି ।

ଅରବିନ୍ଦ (ପ୍ରବେଶ କରି) କାହାକୁ ଶେଷ କରିବୁ ? ଆଗକୁ ଇଲେକ୍‌ସନ । ଯାହା କରୁଛୁ, ଭାବିଚିନ୍ତି କର । ଯେମିତି ଅସୁବିଧାରେ ମୁଁ ନ ପଡ଼େ !

ଦୁର୍ଯ୍ୟୋଧନ : ଶିକାରକୁ ଖେଳେଇ ଖେଳେଇ ମାରିବାରେ ଗୋଟାଏ ସ୍ୱତନ୍ତ୍ର ଆନନ୍ଦ ଅଛି । ଆମେ ନଥିବାବେଳେ, ଭାରତ ଘରକୁ ଆସୁଛି । ତମ ଚିରଶତ୍ରୁ ସେହି ମୂର୍ଖ ହେଡ୍‌ମାଷ୍ଟରର ପୁଅ । ମନେମନେ ସ୍ୱପ୍ନ ଦେଖୁଛି !

ଅରବିନ୍ଦ : ଏମିତି କିଛି କାର୍ଯ୍ୟ କରନା, ଯୋଉଥିରେ ମୁଁ ହଇରାଣରେ ପଡ଼ିବି ! ଦୁଷ୍ମନ୍ତ ମୋର ଶତ୍ରୁ.... ତୋର ନୁହଁ ।

ଦୁର୍ଯ୍ୟୋଧନ : ତମ ସାଙ୍ଗ ହେଇ ତମ ଭଣଜାକୁ ସେ ରଷ୍ଟିକେଟ କଲା । ତମେ ଚୁପ୍ ହେଇ ବସିଲ । ହେଲେ ମୁଁ ନୀରବରେ ବସିପାରିବିନି । ମୋ ଭଉଣୀ ଉପରେ ଯିଏ ଆଖି ପକେଇବ ! ତା' ଆଖି ଦି'ଟା ମୁଁ ତାଡ଼ିଦେବି ।

ଅରବିନ୍ଦ : ଧୈର୍ଯ୍ୟ ଧର । ତରବର ହେଇ କୌଣସି ନିଷ୍ପତ୍ତି ନିଆଯାଏନି । ସେ କଥା ମୁଁ ବୁଝିବି ।

ଦୁର୍ଯ୍ୟୋଧନ : ଭାରତ ମୋ ଶିକାର । ତାକୁ ଦଣ୍ଡଦେବା ଅଧିକାର କେବଳ ମୋର । ଇଲେକ୍‌ସନ କଥାଟା ମନେପଡ଼ିଲେ ରକ୍ତଟା ମୋର ଟକମକ୍ ହେଇ ଫୁଟି ଉଠୁଛି.... । ମୁଁ ତାକୁ....

[ରାଗରେ ଥରୁଥିଲା ଦୁର୍ଯ୍ୟୋଧନ]

ଅରବିନ୍ଦ : Cool down, my boy ! Cool down !

ଦୁର୍ଯ୍ୟୋଧନ : 'ବାବା'.... [ଚାହିଁଛି ଅରବିନ୍ଦଙ୍କ ମୁହଁକୁ]

ଅରବିନ୍ଦ : ଶୁଣିଛି, ଭାରତ ଭଲ ସିଚ୍ ଦେଇପାରେ ! ଭଲ ଡ୍ରାଫ୍‌ଟ ବି କରିଜାଣିଛି । ମୁରାରୀ କହୁଥିଲା, ପିଲାଟା କାମିକା । ଇଲେକସନ୍ ପାଇଁ କାମ ଦେବ । ତୁ ଏମିତି କରନା, ଯୋଉଥିପାଇଁ ଗୋଟାଏ ସୁଯୋଗ ମୋର ହାତଛଡ଼ା ହୋଇଯିବ ।

Digitized by PPRACHIN, SOA

ଦୁର୍ଯ୍ୟୋଧନ		ଏ ଲୁଚାଛପା କାରବାରକୁ ମୁଁ ପସନ୍ଦ କରେନା । ଶତ୍ରୁ ସହିତ ସାଲିସ୍ କାହିଁକି ?
ଅରବିନ୍ଦ	:	ସେଇ ହଉଛି ରାଜନୀତି । ଯୁଦ୍ଧରେ ଜଣେ ନମଲେ ଆଉ ଜଣେ ଜିତିବ କେମିତି ? ରଣଭୂମିରେ ରାଜାମନ୍ତ୍ରୀ ଏମାନେ ତ ମରିବେନି, ମରିବେ ସୈନିକ ।
ଦୁର୍ଯ୍ୟୋଧନ	:	ବାବା, ତମ ବୁଦ୍ଧିକୁ ମାନିବାକୁ ପଡ଼ିବ । ହଁ, ଭାରତ ଭଲ ସୈନିକ ହୋଇପାରିବ । ଦରକାର ପଡ଼ିଲେ ସେ ମଧ୍ୟ ନିଜ ଜୀବନକୁ ବାଜି ଲଗେଇ ଦେଇପାରିବ ।
ଅରବିନ୍ଦ	:	ସୈନିକର ଜନ୍ମ ତ ସେଇଥିପାଇଁ ।
ଦୁର୍ଯ୍ୟୋଧନ	:	ହେଲେ ଆମ ଦେବିକା ତା' ପ୍ରତି ଯେମିତି–
ଅରବିନ୍ଦ	:	ସ୍ୱପ୍ନ ଦେଖିବାକୁ ତ ମନାନାହିଁ । ହେଲେ ସବୁ ସ୍ୱପ୍ନ କ'ଣ ସତ୍ୟରେ ପରିଣତ ହୁଏ ? ଅପରାହ୍ନର ଆକାଶରେ ଅନେକ ବାଦଲ ଦେଖାଯାଏ । ହେଲେ ସବୁ ବାଦଲ କ'ଣ ବର୍ଷା ଆଣିଥାଏ ?
ଦୁର୍ଯ୍ୟୋଧନ	:	ଇଲେକ୍‌ସନର ସେ କ୍ଷତଟା ଏ ଯାଏଁ ମୁଁ ଭୁଲିନି । ତାକୁ ଏମିତି ପାନେ ଦେବି, ପୁଅର ପ୍ରେମ ନିଶା ଛାଡ଼ିଯିବ ।
ଅରବିନ୍ଦ	:	ରାଜନୀତିରେ ଶତ୍ରୁକୁ ସମ୍ମୁଖରୁ ଆଲିଙ୍ଗନ କରାଯାଏ । ସମୟ ସୁଯୋଗ ଦେଖି ପଛପଟୁ ଛୁରା ମରାଯାଏ ।
ଦୁର୍ଯ୍ୟୋଧନ	:	ବାବା, ତମକୁ ଭାରି ଈର୍ଷା ହଉଛି । ତମେ ଏତେ ଜିନିଅସ୍ ହେଲ କେମିତି ? ତମ ପୁଅ ହେଇ ମୁଁ କିଛି ଶିଖିପାରିଲି ନାହିଁ ।
ଅରବିନ୍ଦ	:	ସେଥିପାଇଁ ସମୟ, ସୁଯୋଗ ଆଉ ଭେଜା ଦରକାର । ସମୟ ଆସିଲେ ତୁ ସବୁ ଶିଖିଯିବୁ । ହଁ, ତୋ ଗୁରୁ, ବେଳହୁଁ ତୋତେ ବାଛିବାକୁ ପଡ଼ିବ । (ପିଠି ଥାପୁଡ଼ାଇ) ମୁଁ ଜାଣେ, ତୁ ନିଶ୍ଚୟ ଜିତିବୁ.... ! ତୁ ମୋ' ପୁଅଟି.... !

[ଉଭୟଙ୍କ ମୁହଁରେ ହସ । ଖୋଜୁଥିବା ଅଡୁଆ ସୂତାର ଖିଅ ସେମାନେ ଯେମିତି ହାତମୁଠାରେ ପାଇଯାଇଛନ୍ତି ।]

◆

Digitized by PPRACHIN, SOA

ପଞ୍ଚମ ଦୃଶ୍ୟ

[ଦୁଷ୍ମନ୍ତଙ୍କର ସେହି ପୂର୍ବର ଡ୍ରଇଂରୁମ୍ । ଶକୁନ୍ତଳା ଏବଂ ପୁଅ ଭାରତ ଆଲୋଚନା ଭିତରେ ବୁଡ଼ି ରହିଥିଲେ । ଶେଷକୁ ବିରକ୍ତ ହୋଇଉଠିଛି ଭାରତ]

ଭାରତ : ଯେତେ ସବୁ ବାଜେ ଚିନ୍ତା, ତାଙ୍କରି ମୁଣ୍ଡକୁ ଜୁଟେ । ତାଙ୍କ ବିଚାରରେ, ସେଗୁଡ଼ାକ ସବୁ ମହତଚିନ୍ତା । ସିଏ ଏକା ଧର୍ମବୀର ଯୁଧିଷ୍ଠିର ।

ଶକୁନ୍ତଳା : ତାଙ୍କ କଥା ଛାଡ଼....

ଭାରତ : ମୁଁ ଠିକ୍ ଜାଣିଥିଲି, ସିଏ ତାଙ୍କ ଜିଦ୍‌ରେ ଅଟଳ ରହିବେ ।

ଶକୁନ୍ତଳା : ତୁ କ'ଣ ଆଜି ନୂଆକରି ଜାଣୁଛୁ !

ଭାରତ : ହେଲେ, ତା'ଦ୍ୱାରା ଅନ୍ୟମାନଙ୍କର ଯେ କ୍ଷତି ଘଟୁଛି, ସେ କଥା ସେ କେମିତି ବା' ଜାଣିବେ ! ନିଜସ୍ୱ ପୃଥିବୀ ଭିତରେ ବଂଚୁଥିବା ମଣିଷମାନେ ଏମିତି ସ୍ୱାର୍ଥପର ହେଇଥାନ୍ତି ।

ଶକୁନ୍ତଳା : ହଁ (ଦୀର୍ଘଶ୍ୱାସ ଛାଡ଼ିଛନ୍ତି) ସେଇ ମଣିଷ ସାଥିରେ ତ ମୋର ଜୀବନଯାକ କଟିଗଲାଣି । କହିବି କାହାକୁ !

ଭାରତ : ତାଙ୍କ ଉପରେ ଯଦି କିଏ ହୁକୁମନାମା ଜାରି କରନ୍ତା, ସିଏ ସହିପାରନ୍ତେ ?

ଶକୁନ୍ତଳା : ଛାଡ଼ ସେ କଥା । ତୁ ଅରବିନ୍ଦବାବୁଙ୍କୁ ଭେଟିଥିଲୁ ?

[ମୁହଁ ତଳକୁ କରିଛି ଭାରତ]

କ'ଣ କହିଲେ ସେ ?

ଭାରତ : କ'ଣ ବା କହନ୍ତେ ! ବାପା ତାଙ୍କ ଭଣଜାକୁ ରଷ୍ଟିକେଟ କରିଛନ୍ତି । କୋଉ ମୁହଁରେ ମୁଁ ତାଙ୍କୁ ମୋ ଚାକିରୀ କଥା କହିବି ?

[ଭାରତର ମୁହଁକୁ ଚାହିଁ ତାର ଦୁଃଖକୁ ବୁଝିପାରୁଥିଲେ ।]

ଶକୁନ୍ତଳା : ତାଂକ ସ୍ୱଭାବ ସହିତ ମୁଁ ବେଶ୍ ଭଲଭାବେ ପରିଚିତ । କିଏ କାହିଁକି ଅଯଥାରେ ତାଂକ ସହିତ ବଢ଼ିବ !

Digitized by PPRACHIN, SOA

ଭାରତ : ଅରବିନ୍ଦବାବୁ କ'ଣ ବାହାର ଲୋକ ! ନିଜ ପିଲାଦିନର ବନ୍ଧୁ । ଆମ ପରିବାର ସହିତ ତାଙ୍କର ସଂପର୍କ ଅଛି । ନିଜ ଲୋକପ୍ରତି ଏମିତି ବ୍ୟବହାର ଦେଖେଇବାଟା ଆଦୌ ଉଚିତ ହେଲାନି । ତାଙ୍କ ଭଣଜାକୁ ଛାଡ଼ି ଦେଇଥିଲେ କୋଉ ମହାଭାରତଟା ଅଶୁଦ୍ଧ ହେଇଯାଇଥାନ୍ତା !

ଶକୁନ୍ତଳା : ତାଙ୍କ ବାପାମା'ତ ଏମିତି ନଥିଲେ ! ସିଏ କାହିଁକି ଏମିତି ହେଲେ, ମୁଁ ବୁଝିପାରୁନି....

ଭାରତ : ଇଚ୍ଛା ହଉଛି, ମୁହେଁ ମୁହେଁ ଦି'ପଦ ଶୁଣେଇ ଦିଅନ୍ତି....

ଶକୁନ୍ତଳା : ସେମିତି ଭୁଲ୍ କରନା । ତୁ ତ ସବୁ ଜାଣିଛୁ....

ଭାରତ : ଜାଣିଛି ବୋଲି ତ ସବୁ ସହି ଚାଲିଛି । ତାପରେ ସହିବାର ମଧ ଗୋଟାଏ ସୀମା ଅଛି !

ଶକୁନ୍ତଳା : ତୁ ଭାଂଗିପଡ଼ନା । ଠାକୁରେ ଚାହିଁଲେ ସବୁ ଠିକ୍ ହେଇଯିବ !

ଭାରତ : ମଣିଷ ଯେତେବେଳେ ହାରିଯାଏ, ସେତେବେଳେ ଦେବତାର ଆଶ୍ରୟ ନିଏ । ହେଲେ ମୁଁ ସେମିତି କରିପାରିବିନି । ମୁଁ ଖାଲି ପଚାରୁଛି, ମୋର ଭୁଲ୍ ରହିଲା କୋଉଠି ?

[କାର୍ ଅଟକିବାର ଶବ୍ଦ ହେଲା । ସଚେତନ ହୋଇ ଉଠିଛନ୍ତି ଶକୁନ୍ତଳା । ଆଖି ବୁଲାଇଲେ ବାହାର ଦରଜା ଆଡ଼େ । ଭିତରକୁ ଚାଲିଯାଇଛି ଭାରତ । ଆସିଛନ୍ତି ଦୁଷ୍ମନ୍ତ । ହାତରେ ଗୋଟାଏ ନୂଆ ଆଟାଚି ଆଉ ଫୁଲ ତୋଡ଼ା । ତାଂକୁ ଅବାକ୍ ହୋଇ ଚାହିଁ ରହିଛନ୍ତି ଶକୁନ୍ତଳା....]

ଦୁଷ୍ମନ୍ତ : ଆରେ ଚାହିଁଛ କ'ଣ, ନିଅ । ପିଲାଏ ଦେଇଛନ୍ତି । ଏ ଆଟାଚି ଆଉ ଫୁଲତୋଡ଼ା....

ଶକୁନ୍ତଳା : ହେଲେ କ'ଣ ପାଇଁ ?

ଦୁଷ୍ମନ୍ତ : ଏତିକି ବୁଝିପାରିଲ ନାହିଁ ? ଆଜିଥିଲା ମୋ ଚାକିରୀର ଶେଷଦିନ । ଯା' ଭିତରେ କେତେବେଳେ ଯେ ଷାଠିଏ ବର୍ଷ ଅତିକ୍ରମ କରିଗଲା ମୁଁ ଜାଣିପାରିଲିନି ।

ଶକୁନ୍ତଳା : ଷାଠିଏ ବର୍ଷ ! (ଚମକି ପଡ଼ିଛନ୍ତି)

ଦୁଷ୍ମନ୍ତ : ଏମିତି ଚମକିପଡ଼ୁଛ କ'ଣ ? ପ୍ରତ୍ୟେକ ଚାକିରିଆ ମଣିଷର ଗୋଟାଏ ଅବସର ବୟସ ଥାଏ । ସେଇଟା ମୋର ହେଇଯାଇଛି । ସ୍କୁଲ ତରଫରୁ ଆଜି ମୋତେ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ । ମୁଁ

Digitized by PPRACHIN, SOA

କିନ୍ତୁ କିଛି ଜାଣିପାରିନଥିଲି ।

[ଧୀରେ ଧୀରେ ଅନ୍ୟମନସ୍କ ହୋଇ ପଡୁଥିଲେ ଶକୁନ୍ତଳା]

ଶକୁନ୍ତଳା : ଷାଠିଏ ! ଷାଠିଏ ବର୍ଷ ଏତେ ଶୀଘ୍ର ହେଇଗଲା !

ଦୁଷ୍ମନ୍ତ : ଶିକ୍ଷକ ଆଉ ପିଲାମାନେ ମିଶି ଏଇତକ ଉପହାର ଦେଇଛନ୍ତି । କାଲିଠାରୁ ଆଉ କୌଣସିଠାକୁ ଯିବାକୁ ପଡ଼ିବନି । ଏଇଠି ରହିବି । ତମ ପାଖେ ପାଖେ । ତମେ ସଦାବେଳେ ଅଭିଯୋଗ କରୁଥିଲନା, ମୁଁ ଘରେ ରହୁନି ବୋଲି । ଏଣିକି ସେ ଅଭିଯୋଗ ଆଉ କରିବାକୁ ପଡ଼ିବନି । ମୁଁ ହେଇଯିବି ସ୍ୱାଧୀନ ମଣିଷ.... ପୂରାପୂରି ସ୍ୱାଧୀନ....

[ଶକୁନ୍ତଳାଙ୍କ ବିବ୍ରତ ଅବସ୍ଥାକୁ ଲକ୍ଷ୍ୟ କରିଛନ୍ତି]

ଆରେ ମୁଁ ଏତେ କଥାସବୁ କହିଚାଲିଛି, ତମେ କିଛି କହୁନା ।

ଶକୁନ୍ତଳା : କାଲିଠାରୁ ଆଉ ସ୍କୁଲ ଯିବନି ?

ଦୁଷ୍ମନ୍ତ : ରିଟାୟାଡ଼ ହେଲାପରେ କେହି କ'ଣ କାର୍ଯ୍ୟକ୍ଷେତ୍ରକୁ ଯାଏ ?

ଶକୁନ୍ତଳା : ତା'ମାନେ, ଆରମାସଠାରୁ ଆମର ଦରମା ବନ୍ଦ !

ଦୁଷ୍ମନ୍ତ : ଆରେ ଏଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ?

ଶକୁନ୍ତଳା : ଆମେ ଚଳିବା କେମିତି ?

ଦୁଷ୍ମନ୍ତ : ସମସ୍ତେ ଯେମିତି ଚଳନ୍ତି । ଆରେ ପେନସନ୍ ମିଳିବ । ବ୍ୟସ୍ତ ହେଇପଡୁଛ କାହିଁକି ? ଭାରତ ଘରେ ନାହିଁକି ?

ଶକୁନ୍ତଳା : ଅରବିନ୍ଦବାବୁଙ୍କ ଘରକୁ ଯାଇଥିଲା ।

ଦୁଷ୍ମନ୍ତ : ମୁଁ ବାରମ୍ବାର କହିବା ସତ୍ତ୍ୱେ ! ମୋ କଥା ନ ମାନି– ଡାକିଲ ତାକୁ । କ'ଣ ଭାବିଛି ସେ ନିଜକୁ ! କେବେଠାରୁ ସିଏ ତା' ଗ୍ୟାଙ୍ଗରେ ଯୋଗଦେଲାଣି ? ଭାରତ.... ଭାରତ.... ଏଠିକି ଆ....

ଶକୁନ୍ତଳା : ତା' ମନଟା ଭଲ ନାହିଁ । ତାକୁ କିଛି କୁହନି ।

ଦୁଷ୍ମନ୍ତ : ଭାରତ.... ଭାରତ, ଏଠିକି ଆସିଲୁ ।

ଶକୁନ୍ତଳା : ତାକୁ କିଛି ପଚାରନା ।

ଭାରତ : (ପ୍ରବେଶ କରି) କ'ଣ ହେଲା ?

ଦୁଷ୍ମନ୍ତ : ତୁ ସେ ଟାଉଟର ଅରବିନ୍ଦ ପାଖକୁ କାହିଁକି ଯାଇଥିଲୁ ? ତତେ ଆଉ କେହି ମିଳିଲେ ନାହିଁ ?

Digitized by PPRACHIN, SOA

ଭାରତ : ଯିବା ପାଇଁ ବାଧ୍ୟ ହେଲି । ବୋଧହୁଏ, ସେହି ଜଣେ ଲୋକ ଯିଏ ମତେ ସାହାଯ୍ୟ କରିପାରିବେ ।

ଦୁଷ୍ମନ୍ତ : ତୋ'ଠାରୁ ତାକୁ ମୁଁ ବେଶି ଭଲଭାବେ ଜାଣେ ।

ଭାରତ : ସେଇଥିଲାଗି ତ ତାଂକୁ ସାହାଯ୍ୟ ମାଗିଥିଲି ।

ଦୁଷ୍ମନ୍ତ : 'ଭାରତ' (ବିରକ୍ତ ହୋଇ)

ଭାରତ : କ'ଣ ଦରକାର ଥିଲା ତାଂକ ଭଣଜାକୁ ରଷ୍ଟିକେଟ କରିବା ? କୋଉଠି ଦୁର୍ନୀତି ନାହିଁ ! ଆଜିର ଯୁଗରେ ଛାତିରେ ହାତଦେଇ କିଏ କହିପାରିବ, ସେ ହଣ୍ଡ୍ରେଡ ପରସେଣ୍ଟ ଅପରାଇଟ୍ !

ଦୁଷ୍ମନ୍ତ : ଆଉ କେହି ନ ଆସନ୍ତୁ । ସର୍ବପ୍ରଥମେ ରହିବ ତୋ ବାପା.... ଏଇ ଦୁଷ୍ମନ୍ତ ମହାପାତ୍ର । ଜୀବନରେ ଯିଏ କେବେ ଅନ୍ୟାୟ କରିନି । ସିଏ ଅନ୍ୟାୟ ମଧ୍ୟ ସହିପାରିବନି ।

ଶକୁନ୍ତଳା : ଅରବିନ୍ଦ ପରା ତମ ବାଲ୍ୟବଂଧୁ । କୋଉଠି ଭୁଲ୍ ନାହିଁ ଯେ !

ଭାରତ : ଜଣକୁ ଦଣ୍ଡଦେଇ, ତମେ ଭାବିଛ, ଦୁନିଆଟାକୁ ଦୁର୍ନୀତିମୁକ୍ତ କରିଦେବ ?

ଦୁଷ୍ମନ୍ତ : ଭାରତ, ତୁ ଭୁଲିଯାଅନା ଯେ ମୁଁ ତୋର ବାପା !

ଭାରତ : କେବଳ ତମରି ପାଇଁ ମୁଁ ଆଜି ସବୁ ଇଣ୍ଟରଭିଉରେ ଫେଲ ମାରୁଛି । କାହାକୁ ତମେ ଛାଡ଼ିନ । ସମସ୍ତଙ୍କ କ୍ରୋଧର ଶିକାର ଆଜି ମୁଁ...। କେବଳ ତମରି ଭୁଲ୍ ପାଇଁ....

ଶକୁନ୍ତଳା : ପିଲାଟାର ଚାକିରୀ ହୋଇଯାଇଥାନ୍ତା । ହେଲେ ଠିକଣା ସମୟରେ ତମେ ଅରବିନ୍ଦବାବୁଙ୍କ ସହିତ ଝଗଡ଼ାଟା ଆରମ୍ଭ କରି ସବୁ ଧୂଳିସାତ୍ କରିଦେଇ....

ଦୁଷ୍ମନ୍ତ : ଶକୁନ୍ତଳା.... !

ଭାରତ : ତଥାପି ଅରବିନ୍ଦବାବୁ ଜବାବ ଦେଇଛନ୍ତି, ସାହାଯ୍ୟ କରିବେ !

ଦୁଷ୍ମନ୍ତ : ତମେ ମା' ପୁଅ ମିଶି ମୋ ମୁଣ୍ଡଟାକୁ ଖରାପ କରିଦେବ । ଅରବିନ୍ଦ.... ଅରବିନ୍ଦ ହେଉଛ ! କେଇଟା ଦିନ ହେଲା ତାକୁ ଜାଣିଛ ? ତା' ନାଡ଼ି ନକ୍ଷତ୍ର ସହିତ ମୁଁ ପରିଚିତ ।

ଭାରତ : ଜୀବନସାରା ଅନ୍ୟର ଭୁଲ୍ ବାଛିବା ଛଡ଼ା ଆଉ କ'ଣଟା ଜାଣିଛ ?

ଦୁଷ୍ମନ୍ତ : 'ଭାରତ'.... [ଥରିଛନ୍ତି]

ଶକୁନ୍ତଳା : ତୁ ଗଲୁ ଭାରତ.... । ଭିତରକୁ ଯା'....

Digitized by PPRACHIN, SOA

ଭାରତ : ମତେ ଆଜି ଅଟକାନା । କହିବାକୁ ଦେ' । ଆଜି ନ କହିଲେ ଆଉ କେବେ କହିପାରିବିନି ।

ଦୁଷ୍ମନ୍ତ କ'ଣଟା ଚାହୁଁଛୁ, କହ ।

ଭାରତ : ନିଜସ୍ୱ ଦୁନିଆ ଭିତରେ ବଂଚୁଥିବା ପ୍ରାଣୀଟା ଯେ ଅନ୍ୟର ଉପସ୍ଥିତିକୁ ଆଦୌ ସହିପାରେନା, ଏକଥା ତମେ ଭଲଭାବେ ଜାଣ ।

ଦୁଷ୍ମନ୍ତ 'ଭାରତ' (ରାଗି)

ଭାରତ କାହିଁକି ଚିତ୍କାର କରୁଛ ? ଯିଏ ଅରବିନ୍ଦବାବୁ ଭଳି ଭଦ୍ରବ୍ୟକ୍ତିଙ୍କୁ ବିଟ୍ରେ କରିପାରେ, ତାକୁ ଏ ଦୁନିଆ କେବେ ବି କ୍ଷମା ଦେବନି ।

[ଅରବିନ୍ଦଙ୍କ ହାତ ଉଠିଯାଇଛି ଭାରତ ଉପରକୁ । ସ୍ତମ୍ଭୀଭୂତ ହେଇଯାଇଛନ୍ତି ଶକୁନ୍ତଳା ।]

ଦୁଷ୍ମନ୍ତ : ଭାରତ, କୁଳାଙ୍ଗାର.... ଚାଲିଯା.... ଚାଲିଯା ମୋ ଆଖି ସାମନାରୁ । ମୁଁ ତୋ ମୁହଁ ଦେଖିବାକୁ ଚାହେଁନା । ଯା' ସେଇ ଟାଉଟର ପାଖେ ରହିବୁ। ଏ ଭଳି ଅବାଧ ସନ୍ତାନର ପିତା ହେବାକୁ ମୁଁ ଘୃଣାକରେ.... ।

ଶକୁନ୍ତଳା : ଯେ ସବୁ କ'ଣ ହଉଛି ! ....

ଦୁଷ୍ମନ୍ତ : ତମେ ଚୁପ୍ କର । ସେ କୁଳାଙ୍ଗାର ଆଉ ଗୋଟିଏ ମୁହୂର୍ତ୍ତ ଏଠି ରହିବା, ମୁଁ ଉଚିତ ମନେକରୁନି । ଯା'.... ତାରି ପାଦ ଚାଟି ପଡ଼ିରହିବୁ.... ଯା' ଠିଆ ହେଲୁ କାହିଁକି ?

[ଦୁଷ୍ମନ୍ତ ଠେଲିବାବେଳେ ବାଧା ଦେଇଛନ୍ତି ଶକୁନ୍ତଳା।]

ଶକୁନ୍ତଳା : ପ୍ରତ୍ୟେକ ଜିନିଷର ଗୋଟାଏ ସୀମା ଅଛି । ତମେମାନେ ମନେରଖିବା ଉଚିତ ଯେ ଏଇଟା ଗୋଟେ ଘର.... ଗୋଟେ ମନ୍ଦିର । ଏମିତି ହବାଟା କ'ଣ ଶୋଭାପାଉଛି ?

ଦୁଷ୍ମନ୍ତ : ଯିଏ ଘରର ମର୍ଯ୍ୟାଦା ହାନି କରିବ, ତାର ଏ ଘରେ ରହିବାର କୌଣସି ଅଧିକାର ନାହିଁ ।

ଭାରତ : ଏଇଟା ଘର ନା' ଜେଲ୍ ? ଯେଉଁଠି ଅନ୍ୟର ଅଧିକାର ଉପରେ ଅଙ୍କୁଶ ଲଗାଯାଏ, ଯେଉଁଠି ପ୍ରତିଟି ମଣିଷର ସ୍ୱାଧିକାରକୁ ତିଳତିଳକରି ହତ୍ୟା କରାଯାଏ, ସେଇଟା କେବେ ଘର ହୋଇପାରେନା ! ସେଇଟା ହଉଛି ଗୋଟାଏ କଂସେଇଖାନା !

ଶକୁନ୍ତଳା : ଭାରତ, ତୋ ମୁଣ୍ଡ ଠିକ୍ ଅଛି ତ ?

Digitized by PPRACHIN, SOA

ଭାରତ : ହଁ.... ହଁ.... ମୋ ମୁଣ୍ଡ ଠିକ୍ ଅଛି । ମୁଁ ଯାହା କହୁଛି, ବହୁତ ଭାବିଚିନ୍ତି କହୁଛି ।

ଦୁଷ୍ମନ୍ତ ଶକୁନ୍ତଳା, ସେ ଅପଦାର୍ଥକୁ ବୁଝେଇଦିଅ । ସମାଜରେ, ପରିବାରରେ ରହିବାକୁ ହେଲେ କିଛିଟା ଶୃଙ୍ଖଳା ମାନିବାକୁ ପଡ଼େ । ଲଗାମହୀନ ମଣିଷକୁ ପଶୁଭାବେ ଗଣାଯାଏ ।

ଭାରତ : ହଁ.... ହଁ.... ମୁଁ ପଶୁ । କିଏ ମତେ ପଶୁ ବନେଇଛି ?

ଶକୁନ୍ତଳା : ଭାରତ, ଏତେ ପାଠଶାଠ ପଢ଼ି ତୁ ବି ତାଂକରି ଭଳି ହଉଛୁ ?

ଭାରତ : ପାଠ ଦି' ଅକ୍ଷର ପଢ଼େଇଛନ୍ତି ବୋଲି କ'ଣ ମୋ ଭାଗ୍ୟ ପଢ଼ିଛନ୍ତି ? ମୋ ଜୀବନକୁ ଠିକା ଧରିବାର ଅଧିକାର ତାଂକୁ ଦେଲା କିଏ ? ସେ ମୋର ଜନ୍ମଦାତା ନୁହଁନ୍ତି, କଂସେଇ....

ଶକୁନ୍ତଳା : କ'ଣ କହିଲୁ । କୁଳାଙ୍ଗାର ! [ଭାରତକୁ ମାରି] ଯିଏ ତୋ ହାତ ଧରି ପଥ ଚଲେଇବା ଶିଖେଇଲା, ତାକୁ ତୁ କଂସେଇ କହିପାରିଲୁ ? ଯିଏ ତତେ ପିଲାଟି ଦିନରୁ ଏଯାଏ ବଢ଼େଇ କୁଢ଼େଇ ମଣିଷ କଲା, ତାକୁ ତୁ ଏତେ ତଳକୁ ଠେଲିଦେଇପାରିଲୁ ?

[କାନ୍ଦି କାନ୍ଦି ଥକି ପଡ଼ିଛନ୍ତି ଶକୁନ୍ତଳା]

ଦୁଷ୍ମନ୍ତ : ଥାଉ, ଶକୁନ୍ତଳା । ଆପଣା ସୁନା ତ ଭେଣ୍ଡି, କହିବା କାହାକୁ ? ସିଏ ଏଇନେ ଅରବିନ୍ଦର ଜାଲରେ ପୂରାପୂରି ଫସିଯାଇଛି । ତାକୁ ବୁଝାଇବା ମୂଲ୍ୟହୀନ ।

ଶକୁନ୍ତଳା : ଯା' ସେଇଠି ରହିବୁ ।

ଭାରତ : ହଁ.... ହଁ.... ମୁଁ ଚାଲିଯାଉଛି । [ଯିବାକୁ ଉଦ୍ୟତ]

ଦୁଷ୍ମନ୍ତ : ଶୁଣିଯା, ଆଜିଠୁଁ ଏ ଦୁଷ୍ମନ୍ତ ମହାପାତ୍ର ତୋ ପାଇଁ ମରିଯାଇଛି ବୋଲି ଧରିନବୁ । ମୁଁ ଧରିନେବି, ମୋର କେହି ପୁଅ ନଥିଲା, କି ନାହିଁ ।

[ଝଡ଼ ବେଗରେ ବାହାରିଯାଇଛି ଭାରତ]

ଶକୁନ୍ତଳା : 'ଭାରତ'.... । ତାକୁ ଅଟକାଅ.... ସେ ଚାଲିଯାଉଛି....

ଦୁଷ୍ମନ୍ତ : ଆସୁଥିବା ଝଡ଼କୁ ସାମ୍ନାକର ଶକୁନ୍ତଳା ।

[ଶକୁନ୍ତଳା କାନ୍ଦି ଉଠିଛନ୍ତି । ତାଂକୁ ଛାତି ଉପରକୁ ନେଇ ସାନ୍ତ୍ୱନା ଦେଉଛନ୍ତି ଦୁଷ୍ମନ୍ତ....]

◆

Digitized by PPRACHIN, SOA

ଷଷ୍ଠ ଦୃଶ୍ୟ

[ଅରବିନ୍ଦ ବାବୁଙ୍କ ଡ୍ରଇଁରୁମ୍ । ମୁରାରୀ ବିବ୍ରତ ଭାବରେ ପଦଚାରଣା କରୁଥିଲେ । ମୋବାଇଲରେ କଥା ହେଉଥିଲେ । ଫାଇଲ୍ ଧରି ତାଂକ ପଛେ ପଛେ ଅନୁସରଣ କରୁଥିଲା କଙ୍ଗାରୁ ।]

ମୁରାରୀ : ଜବାବ ଦେଲି, ନିଶ୍ଚିତ ହେବ । ହଁ, ଆପଣ ଆମ ଛତାପାର୍ଟିର ଗୋଟେ ମେୟର ହେଇଯାଆନ୍ତୁ । ମତେ ମନ୍ତ୍ରୀଙ୍କି କହିବାକୁ ସୁଯୋଗ ମିଳିଯିବ । x x ଦଶ କୋଡ଼ିଏ ଯାହା ଦବା କଥା ଦେଇଦିଅନ୍ତୁ । x x ନା'.... ନା'.... ସେଥିରେ କାର୍ପଣ୍ୟ କରିବେନି । ଦେଖନ୍ତୁ, ଆପଣ କେତେଟା ଜିଲାଦେଇ ଆସୁଛନ୍ତି । ବରଗଡ଼ରୁସମ୍ବଲପୁର.... ସମ୍ବଲପୁରରୁ ଅନୁଗୁଳ.... ଅନୁଗୁଳରୁ ଢେଙ୍କାନାଳ.... ଢେଙ୍କାନାଳରୁ କଟକ.... । ୫ଟା ଜିଲ୍ଲା.... । ପ୍ରତି ଜିଲ୍ଲା ପାଇଁ ଆମ ଚାର୍ଜ ହେଉଛି ଦଶହଜାର । ଆପଣ ଯେହେତୁ ମେୟର ହେବେ, ସେଥିପାଇଁ ଏଇଟା ହଉଛି ଗୋଟାଏ ସ୍ପେଶାଲ କନସେସନ୍ ।

କଙ୍ଗାରୁ : 'ଆଜ୍ଞା'....

ମୁରାରୀ : ରହବେ (କଙ୍ଗାରୁକୁ) । ନା'.... ନା'.... ଆପଣଂକୁ କହୁନି ।

କଙ୍ଗାରୁ : ଫାଇଲ୍‌ଟା କୋଉଠି ରଖିବି ?

ମୁରାରୀ : ମୋ ମୁଣ୍ଡ ଉପରେ (ବିରକ୍ତ ହୋଇ) । ଆରେ ନା.... ନା'.... ଆପଣଙ୍କ କାମ ହେଲା ବୋଲି ଜାଣନ୍ତୁ ।

କଙ୍ଗାରୁ : (ମୁରାରୀଙ୍କ ମୁଣ୍ଡପାଖକୁ ନେଇ) ଆଜ୍ଞା, ପଡ଼ିଯିବ । ଆପଣଙ୍କ ମୁଣ୍ଡଟା ସମତଳ ନୁହେଁ, ଗଡ଼ାଣିଆ ।

ମୁରାରୀ : ରହୁଛି । ହଁ, ନିଶ୍ଚୟ ଦେଖାହବ । (ପକେଟରେ ମୋବାଇଲ ରଖି).... ଆବେ, ମୋ ମୁଣ୍ଡଟାତ ଗୋଲ୍ ନୁହେଁ, ତୁ ମତେ ଗୋଲ୍ କରିଦବୁ ।

Digitized by PPRACHIN, SOA

କଙ୍ଗାରୁ : କହୁନାହାନ୍ତି, ଫାଇଲ୍‌ଟା କୋଉଠି ରଖିବି ? ସାର୍ କହିଯାଇଛନ୍ତି ଆପଣଙ୍କୁ ଦବାପାଇଁ ।

ମୁରାରୀ ଆରେ ବଣଭାଲୁ, ନେଇ ଯା' ଗାଡ଼ିରେ ରଖିଆସିବୁ ।

କଙ୍ଗାରୁ : ଆଜ୍ଞା, ମୁଁ ତ କଙ୍ଗାରୁ । ମତେ ବଣଭାଲୁ କାହିଁକି ଡାକୁଛନ୍ତି ? ମୋର କ'ଣ ପ୍ରେଷ୍ଟିଜ୍ ବୋଲି କିଛି ନାହିଁ ?

ମୁରାରୀ : ଆରେ କିଏ ମନାକଲା ? ମନ୍ତ୍ରୀଙ୍କ ପାଖରେ ରହିବି ତୋର ବୁଦ୍ଧିସୁଦ୍ଧି ହେଲାନାହିଁ । ତୁ କଙ୍ଗାରୁ ଥିଲୁ, ସେଇ କଙ୍ଗାରୁ ହେଇ ରହିଗଲୁ ।

କଙ୍ଗାରୁ ହେଲେ ବଣଭାଲୁ ତ ନୁହେଁ ।

ମୁରାରୀ : ତୋ ସାଙ୍ଗରେ କଥା ହେଲେ ମଣିଷ ସତକୁ ସତ ଜାନୁଆର ପାଲଟିଯିବ । ଯା'.... ଗାଡ଼ିରେ ଫାଇଲ୍‌ଟା ରଖିଆସିବୁ ।

କଙ୍ଗାରୁ ଆପଣ ତ ସଦାବେଳେ ରାଗିଲେ ! ତାପରେ ସାରଙ୍କର ଯେତେଜଣ ପ୍ରାଇଭେଟ ସେକ୍ରେଟାରୀ ଥିଲେ, କେହି ତ ଜାନୁଆର ନଥିଲେ । ସମସ୍ତେ ମଣିଷ ।

ମୁରାରୀ : ଆଉ ଆଗକୁ ଆଗାନ୍ତୁ ନାହିଁ, ଗୁରୁଦେବ । ସେତିକିରେ ରହନ୍ତୁ । ନଇଲେ ଆମେ ସମସ୍ତେ ପଶୁ ପାଲଟି ଯିବୁ ।

[କଙ୍ଗାରୁ ବାହାରକୁ ଯାଉ ଯାଉ ଅଟକିଛି]

ମୁରାରୀ : ପୁଣି କ'ଣ ହେଲା ? ଅଟକିଲୁ କାହିଁକି ? ଯା'.... ଫାଇଲ୍‌ଟା ଗାଡ଼ିରେ ରଖିଆ । ସେଇଟା ଅରଜେଣ୍ଟ ଫାଇଲ....

କଙ୍ଗାରୁ : ଆପଣ ତ ଏଇନେ ଆଗେଇବାକୁ ମନାକଲେ ।

ମୁରାରୀ : ହେ, ଭଗବାନ୍ ଏ କଙ୍ଗାରୁକୁ ନେଇ ସାର୍ କେମିତି ଚଳୁଛନ୍ତି କେଜାଣି ! ଆରେ ସାର୍, କ'ଣ କରୁଥିଲେ ? ଅଫିସ ବାହାରୁଛନ୍ତି ନା' ନାହିଁ ?

କଙ୍ଗାରୁ : ଆଗ, ପ୍ରଶ୍ନର ଉତ୍ତର ଦେବି, ନା' ଗାଡ଼ି ପାଖକୁ ଯିବି ?

ମୁରାରୀ : ଗୁରୁଦେବ, ଆପଣଂକୁ ମାନିଗଲି । ଯାହା ଇଚ୍ଛା କରନ୍ତୁ ଦୟାକରି ଆଉ ମୋ ମୁଣ୍ଡ ଖାଆନ୍ତୁ ନାହିଁ ।

କଙ୍ଗାରୁ : ମାଛମୁଣ୍ଡ ସିନା ଖିଆଯାଏ, ହେଲେ ଆପଣ ତ ମଣିଷ....

ମୁରାରୀ : ଆବେ ମଣିଷ ନା ପଣସ ? ଅନୁରୋଧ କରୁଛି ମହାପ୍ରଭୁ । ଦୟାକରି ଗାଡ଼ି ପାଖକୁ ଯାଆନ୍ତୁ ଏବଂ ଗାଡ଼ିରେ ଫାଇଲ୍‌ଟି ରଖି ଆସନ୍ତୁ । ଗାଡ଼ିରେ ଡ୍ରାଇଭର ଅଛି । ତାକୁ ଦେଇଦେବେ । ସେ ଯତ୍ନରେ ରଖିବ ।

Digitized by PPRACHIN, SOA

କଙ୍ଗାରୁ : [ଗୋଟିଏ ଯାଗାରେ ଠିଆହୋଇରହିଛି]

ମୁରାରୀ : ପୁଣି କ'ଣ ହେଲା ?

କଙ୍ଗାରୁ : ଡ୍ରାଇଭର୍‌କୁ କୋଉଠି ରଖିବାକୁ କହିବି ?

ମୁରାରୀ : ମୋ ଭଗବାନ୍ ଯୋଉଠି ରଖୁଛନ୍ତି, ରଖନ୍ତୁ । ଯାହା ଆପଣଙ୍କ ଇଚ୍ଛା, ତାହା କରନ୍ତୁ । ଦୟାକରି ଅଧୀନକୁ ଆଉ ପ୍ରଶ୍ନ ପଚାରନ୍ତୁ ନାହିଁ । [ହାତ ଯୋଡ଼ିଛି ମୁରାରୀ । ବାହାରକୁ ଚାଲି ଯାଇଛି କଙ୍ଗାରୁ । ବାହାରୁ ଆସିଛନ୍ତି ପୋଲିସ ଅଫିସର]

ମୁରାରୀ : ଆପଣ ?

ପୋ : ଅ : ସାରଙ୍କ ପାଖରେ କାମ ଥିଲା ।

ମୁରାରୀ : କ'ଣ ଟ୍ରାନ୍ସଫର ନା' ଆଉ କିଛି ?

ପୋ : ଅ ନାଇଁ, ସେମିତି କିଛି ନୁହେଁ, ତେବେ–

ମୁରାରୀ : ଓ, କନଫିଡେନ୍‌ସିଆଲ ! ଥାଉ ଥାଉ, ତାଂକୁ ସିଧାସଳଖ କହିବେ । ହେଲେ ଆଜି ତ ଦେଖା ହୋଇପାରିବନି । କ'ଣ ଗୋଟାଏ ଅର୍ଜେଣ୍ଟ କାମରେ ସାର୍ ବାହାରିଛନ୍ତି ।

ପୋ : ଅ : ମୁଁ ବେଶି ସମୟ ନେବିନି । ଗଲାବେଳେ–

ମୁରାରୀ : ଆପଣ ଭଲଭାବେ ଜାଣନ୍ତି, କୌଣସି କାମରେ ବାହାରିଲାବେଳେ, ସେ କାହାରିକି ଦେଖାକରନ୍ତିନି । ଆଉ ଆପଣ ଯଦି–

ପୋ : ଅ : ଅବଶ୍ୟ, ତାଂକ କାମରେ ଲାଗିଥାନ୍ତା । ପଛରେ ମତେ ବ୍ଲେମ୍ କରିବେନି ।

ମୁରାରୀ : (ମୁହଁକୁ ଚାହିଁ) ମାନେ ?

ପୋ : ଅ : ଆମ ରିପୋର୍ଟ କହୁଛି, ଥାର୍ଟିପରସେଣ୍ଟ ଭୋଟର ସାର୍‌ଙ୍କ ଫେଭର୍‌ରେ ଅଛନ୍ତି । ଏଣୁ ବେଳହୁଁ ସାବଧାନ ନ ହେଲେ–

ମୁରାରୀ : ଏକଥା ଜମା କହିବେନି ତାଂକୁ, ସେମାନେ ପଲଟିକାଲ ଲୋକ । ଢିଗାରୁ ଶିରା କାଢ଼ିବେ । ତାଂକ କଥା ସିଏ ବୁଝିବେ । ଆମର କ'ଣ ଦରକାର ସେସବୁରେ ମୁଣ୍ଡ ପୂରେଇବା !

ପୋ : ଅ : ଏଇ ଖବରଟା ତାଂକୁ ଦବାର ଥିଲା ।

ମୁରାରୀ : କିଛି ଅସୁବିଧା ନାହିଁ । ସମୟ ସୁବିଧା ଦେଖି ମୁଁ ତାଂକୁ କହିଦେବି । ଏଇନେ ଅର୍ଜେଣ୍ଟ କାମରେ ବାହାରିଛନ୍ତି । ମନଟା ଖରାପ ହେଇଯିବ ।

ପୋ : ଅ : ଠିକ୍ ଅଛି, ମୁଁ ତାହେଲେ ଆସୁଛି । [ପ୍ରସ୍ଥାନ]

Digitized by PPRACHIN, SOA

ମୁରାରୀ : ବାପ୍‌ରେ ବାପ୍, ଆମ ଦାନାପାଣି ବୁଡ଼େଇଦବାର ଯୋଜନା ।

ଅରବିନ୍ଦ : (ପ୍ରବେଶ କରି) କାହା ଦାନାପାଣି ଉଠିବା ବନ୍ଦୋବସ୍ତ ହଉଛି ?

ମୁରାରୀ ଏଇ ଆମ ଭୋଟରମାନଙ୍କ କଥା ସାର୍ । ନୋଟ୍ ନବ, ଭୋଟ ଦବ । ନହଇଲେ ଦାନାପାଣି ବୁଡ଼ିବ ।

ଅରବିନ୍ଦ : ହଁ, ଭାରତକୁ କହିବ । ସେ ଆଗତିନିଟା ଯାଗାର ଭାଷଣ ରେଡ଼ି କରୁ । ପିଲାଟାର ଭେଙ୍ଗା ଅଛି ।

ମୁରାରୀ : ସାର୍, କିଛିଗୋଟାଏ କରନ୍ତୁ । ଭଣଜାଟା କୁଜରେ ଲାଗିଯାଉ ।

ଅରବିନ୍ଦ ଆରେ ଦୁଷ୍ମନ୍ତ ସିନା ମୋତେ ପର କରିଦେଲା, ହେଲେ ମୁଁ ଜବାବ ଦଉଛି, ଭାରତ ନିଶ୍ଚୟ ଚାକିରୀ ପାଇବ । ପିଲାଟାକୁ ଚାକିରୀ ନଦେଲେ ମୋ ଝିଅଟା ମତେ କ'ଣ କହିବ.... !

ମୁରାରୀ : ଦେଖୁନାହାନ୍ତି ସାର୍, ପିଲାଟା ଏତେଦିନ ହେଲା ଘର ଛାଡ଼ିଲାଣି, ଭିଣେଇ ମହାଶୟଙ୍କର ଟିକିଏ ଚିନ୍ତା ଅଛି ! କି ଉପାଦାନରେ ସେ ପଡ଼ା କେଜାଣି !

ଅରବିନ୍ଦ : ମୁଁ ଯାହାକୁ ଆଶ୍ରୟ ଦିଏ, ସେ ଜୀବନରେ କେବେ କୋଉଠି ହାରେନା । ହେଲେ ମୋ ଲାଂଜରେ ଯିଏ ହାତ ମାରେ, ମୁଁ ତାକୁ କେବେ ଛାଡ଼େନା । ଏମିତି ଘାଇଲା କରେ, ବଂଚିବାକୁ ଚାହିଁଲେ ବି ବଂଚିପାରିବନି ।

ମୁରାରୀ : ସାର୍, ମୁଁ କ'ଣ ଆପଣଙ୍କୁ ଜାଣିନି ! ଭିଣୋଇ ଆମର ଭୁଲ୍ ଜାଗାରେ ହାତ ମାରିଦେଲେ ।

[ଭାରତ ବାହାରୁ ଆସିଛି ହାତରେ ପୁଳାଏ ଲିଫଲେଟ୍]

ଅରବିନ୍ଦ : ଆସ ଭାରତ, ମୁଁ ତମକୁ ହିଁ ଅପେକ୍ଷା କରିଥିଲି । ଏ ସ୍ଥାନକୁ ଆସୁଥିବା ପ୍ରତ୍ୟେକ ମଣିଷଙ୍କ ସହିତ ତମେ ଭଲ ଭାବରେ ମିଶ । ଭବିଷ୍ୟତକୁ କାମରେ ଆସିବ ।

ଭାରତ : 'ସାର୍',....

ଅରବିନ୍ଦ : ବିଶ୍ୱବିଦ୍ୟାଳୟର ଡିଗ୍ରୀଟା ଚାକିରୀ ପାଇଁ ଯଥେଷ୍ଟ ନୁହେଁ । ଯେଉଁଠି ଅର୍ଥ କ୍ଷମତାର ରାଜୁତି ଚାଲେ, ସେଠି ଡିଗ୍ରୀ ହଉଛି ମୂଲ୍ୟହୀନ । ସେଥିପାଇଁ ଆଉ କିଛି ଜିନିଷ ଦରକାର ହୁଏ ।

ମୁରାରୀ : ଭଣଜା, ତୁ କୋଉକଥାକୁ ଚିନ୍ତା କରନା । ତୋ ପଛରେ ସାର୍‌ଙ୍କ ଆଶୀର୍ବାଦ ରହିଛି । ଭାରତ, ସାର୍‌ଙ୍କ ଭାଷଣଟା– ?

Digitized by PPRACHIN, SOA

ଭାରତ	ଲେଖିଦେଇଛି । [ଅରବିନ୍ଦଙ୍କ ହାତକୁ କାଗଜଟି ବଢ଼ାଇ ଦେଇଛି]

ଅରବିନ୍ଦ	[ପଢ଼ି] good ! ଭାରତ, ତମେ ସତରେ ଭାରି ଜିନିଅସ୍ । ମୁରାରୀ, ତମ ସିଲେକ୍‌ସନକୁ ମାନିବାକୁ ପଡ଼ିବ । ଭାରତ ତମେ ବି ଆମସହିତ ମିଟିଙ୍ଗକୁ ଚାଲ । ଗୋଟାଏ ପ୍ରକାର ଆଇଡିଆ ମଧ୍ୟ ହୋଇଯିବ ।

ଦେବିକା	[ପ୍ରବେଶ କରି] 'ବାବା' !

ଅରବିନ୍ଦ	କ'ଣ କହୁଛୁ, କହ ।

ଦେବିକା	ତମେ ତମ କାମରେ ତାଂକୁ ବୁଲେଇବ । ମୋ ପେପର୍ ଦି'ଟା ବୁଝେଇବ କିଏ ? ପନ୍ଦର କୋଡ଼ିଏ ଦିନ ଛାଡ଼ିଦିଅ । ତେଣିକି ତମେ ଯାହା କରୁଛ କର ।

ଅରବିନ୍ଦ	:	ତାହେଲେ ତୁ କ'ଣ କହୁଛୁ ?

ମୁରାରୀ	:	ସାର୍, ଭାରତ ଏ କେଇଦିନ ଆମ ଝିଅକୁ କୋଚିଙ୍ଗ ଦଉଥାଉ । ପରେ ଦେଖିବା ।

ଅରବିନ୍ଦ	:	ଠିକ୍ ଅଛି । ଭାରତ, ତମେ ଦେବିକାକୁ ଟିକିଏ ସାହାଯ୍ୟ କର । ଆମେ ଆସୁଛୁ ।

[ଅରବିନ୍ଦ, ମୁରାରୀ ବାହାରି ଯାଇଛନ୍ତି]

ଭାରତ	ଦେବିକା, ତମେ ବାପାଙ୍କୁ କାହିଁକି ମିଛ କହିଲ ?

ଦେବିକା	ବେଳେବେଳେ ମିଛଟା ଭଲ କାମଦିଏ । ମୁଁ ଚାହେଁନି, ତମେ ସେ ଟାଉଟରୀ ଧନ୍ଦାରେ ପଶ ।

ଭାରତ	:	ଉପରକୁ ଉଠିବା ପାଇଁ ଗୋଟା ସିଡ଼ି ସମସ୍ତଙ୍କର ଦରକାର ।

ଦେବିକା	:	ତମେ ଭାବିଛ, ବାପା ତମକୁ ସାହାଯ୍ୟ କରିବେ ! ମୁଁ ତାଂକୁ ଠିକ୍ ଜାଣିଛି । ନିଜ ସ୍ୱାର୍ଥ ପାଇଁ ସେ ସବୁକିଛି କରିପାରିବେ । ତମକୁ ସିଡ଼ିକରି ସେ ତାଂକର ଫାଇଦା ଉଠାଇବାକୁ ଚାହାଁନ୍ତି ।

ଭାରତ	:	ନିଜ ବାପାଙ୍କ ସଂପର୍କରେ ତମେ ଏମିତି କହିପାରୁଛ ? ଏଠି କାମ କରିବାକୁ ମତେ ଭୟ ଲାଗୁଛି ।

ଦେବିକା	:	କିଛି ଦିନ ଚଳେଇନେଲେ ସବୁ ଠିକ୍ ହୋଇଯିବ । ଆଚ୍ଛା ଭାରତ ଭାଇ, ତମେ ସିଭିଲ ସର୍ଭିସ ପରୀକ୍ଷା ଦଉନ କାହିଁକି ?

Digitized by PPRACHIN, SOA

ଭାରତ : ସେ ଦିଗଟା ପ୍ରତି ମୋର ଆଦୌ ଆଗ୍ରହ ନାହିଁ ।

ଦେବିକା : ଠିକ୍ ଅଛି, ତମେ ନ ଦେଲ ନାହିଁ । ମୁଁ ଆଇ.ଏ. ଏସ୍. ପରୀକ୍ଷା ଦେବି । ହେଲେ ତମେ ମତେ କୋଚିଙ୍ଗ୍ ଦବ ।

ଭାରତ : ନା'.... ଏଇଟା ସମ୍ଭବ ନୁହେଁ । ତମ ବାପା କିମ୍ବା ଭାଇ ଯଦି, ଏହାର ଅସଲ ରହସ୍ୟ ବିଷୟରେ ଜାଣିପାରନ୍ତି– ଅବସ୍ଥା କ'ଣ ହବ ଭାବିଛତି ?

ଦେବିକା : କିଛି ହବନି । ବାବାଙ୍କୁ ମୁଁ ମନେଇଦେବି । ଆଉ ଭାଇ ତ ହାତ ମୁଠାରେ ।

ଭାରତ : ଦେବିକା, ମୁଁ ଏଇନେ ବେକାର । ବେକାର ଜୀବନରେ କେହି କ'ଣ ସ୍ୱପ୍ନ ଦେଖିପାରେ ? ତାପରେ ତମ ଆଉ ମୋ ଭିତରେ ଅନେକ ତଫାତ୍ । ତେଣୁ ଆମ ଦୁହିଁଙ୍କୁ ବନ୍ଧନରେ ବାନ୍ଧିବାକୁ, ତମ ବାପା କିମ୍ବା ଭାଇ କେବେ ବି ଅନୁମତି ଦେବେ ନି କି ପସନ୍ଦ ମଧ୍ୟ କରିବେନି ।

ଦେବିକା : ତମେ ଆଦୌ ଚିନ୍ତା କରନା । ସବୁ ସ୍ୱପ୍ନକୁ ବାସ୍ତବତାରେ ବଦଳେଇ ଦେବି ମୁଁ । ତମେ ଖାଲି ମୋ ପାଖେ ପାଖେ ରୁହ । ଦେଖ ମୁଁ କ'ଣ କରୁଛି ।

ଭାରତ : 'ଦେବିକା'.... !

ଦେବିକା : ମୋ ଉପରେ ଭରସା ରଖ ।

[ନିଜ ଛାତି ଉପରକୁ ଆଉଜାଇ ଆଣିଛି ଦେବିକାକୁ ଭାରତ । ଭିତରକୁ ପ୍ରବେଶ କରିଛି କଙ୍ଗାରୁ....]

କଙ୍ଗାରୁ : ଇସ୍ (ଜିଭକାମୁଡ଼ି) ! ସଦାବେଳେ ଭୁଲ୍ ହେଇଯାଉଛିରେ କଙ୍ଗାରୁ.... । ଅବଶ୍ୟ ଏ କଙ୍ଗାରୁ କିଛି ଦେଖିନି.... । ଦେଖିଲେ ବି କାହାକୁ କିଛି କହିବନି.... ।

[ଦେବିକା ଭାରତର ହାତ ଧରି ଭିତରକୁ ନେଇଯାଉଛି ।]

କଙ୍ଗାରୁ : ଦେଖିଲେ ତ ? (ଦର୍ଶକଙ୍କୁ) ଆଉ ଏଠି ରହିହବନି.... ।

[ଧୀରେ ଧୀରେ ମଞ୍ଚ ଅନ୍ଧକାର ହୋଇ ଆସୁଥିଲା]

♦

Digitized by PPRACHIN, SOA

ସପ୍ତମ ଦୃଶ୍ୟ

[ଦୁଷ୍ମନ୍ତ ମହାପାତ୍ରଙ୍କ ଡ୍ରଇଂରୁମ୍ । ପ୍ରସ୍ତୁତ ହେଉଥିଲେ ଦୁଷ୍ମନ୍ତ । ସାର୍ଟରେ ବୋତାମ ଦେଉଥିଲେ । ସାଙ୍ଗରେ ଛତା ଅଛି । ଶକୁନ୍ତଳାଙ୍କୁ ଡାକିଛନ୍ତି....]

ଦୁଷ୍ମନ୍ତ : ଓଃ ଶକୁନ୍ତଳା, କେତେ ଡେରି କରିବ ! ଶୀଘ୍ର ଟିଫିନ ବକ୍ସଟା ଆଣ । ଦଶଟା ବାଜିବାକୁ ପନ୍ଦର ମିନିଟ୍ ଅଛି । ଶୀଘ୍ର ଆଣ....

ଶକୁନ୍ତଳା : କ'ଣ ହେଲା (ପ୍ରବେଶ କରି) ?

ଦୁଷ୍ମନ୍ତ : ଆରେ ଦଶଟା ବାଜିଯିବ । ମୋ ଟିଫିନ୍ ବକ୍ସଟା ଆଣ ।

ଶକୁନ୍ତଳା : [ସ୍ୱାମୀଙ୍କ ମୁହଁକୁ ଚାହିଁଛନ୍ତି] ନଟିଆ ମା' ନାତିର ଟିଫିନ ବକ୍ସଟା ହଜିଯାଇଥିଲା । ତାକୁ ଦେଇଦେଇଛି । ଆମର ଆଉ କ'ଣ ହେଇଥାନ୍ତା ! [Pathos Music enters]

ଦୁଷ୍ମନ୍ତ : ଭଲ କରିଛ ! [ଦୀର୍ଘଶ୍ୱାସ].... ମୁଁ ଭୁଲିଯାଇଥିଲି । ଯା' ଭିତରେ ମୁଁ ଅବସର ନେଇସାରିଛି ।

[ଛତାଟି ପଡ଼ିଯାଇଛି । ବଟମ ଖୋଲୁଥିଲେ]

ଶକୁନ୍ତଳା : ଭାଂଗିପଡୁଛ ? ତମେ ପରା ଶିକ୍ଷକ । କେତେ ମଣିଷଙ୍କୁ ବାଟ ଦେଖେଇଛ ! ଅବସର ନେଲ ବୋଲି–

ଦୁଷ୍ମନ୍ତ : ନା' ଶକୁନ୍ତଳା, ନା'.... ! ବସି ବସି ବିରକ୍ତ ଲାଗିଲାଣି । ପେନ୍‌ସନ୍‌ଟା ବି ଏଯାଏ ହେଇପାରିଲା ନାହିଁ । ଫାଇଲଟା ସାର୍କଲ ଇନ୍‌ସପେକ୍ଟର ଅଫିସ୍‌ରେ ଦି'ମାସ ପଡ଼ିଗଲା । ସେଠୁ ଡି.ପି.ଆଇ ଅଫିସ୍‌କୁ ଯାଇଛି । ସେ ଯାଗାରେ କେତେ ଦିନ ପଡୁଛି, କିଏ ଜାଣେ !

ଶକୁନ୍ତଳା : ତମର ଏତେ ଛାତ୍ର ଅଛନ୍ତି । କାହାକୁ ଟିକିଏ କହିଦଉନ । କାମଟା ହେଇଯାଆନ୍ତା ।

Digitized by PPRACHIN, SOA

ଦୁଷ୍ମନ୍ତ	:	ସେତିକି କରିଥିଲେ, ଭାରତ ଆଜି ଘରଛାଡ଼ି କେବେ ଯାଇନଥାନ୍ତା ! ଘରଟା ଖାଁ ଖାଁ ଲାଗୁଛି ।
ଶକୁନ୍ତଳା	:	ସଂସାର ଭିତରେ କ'ଣ, ଏମିତି ଭୁଲ୍‌ଭଟ୍‌କା ହୁଏନି ! ମୁଁ କ'ଣ କହୁଥିଲି କି, ତମେ ଟିକିଏ ପିଲାଟାକୁ ବୁଝେଇ ସୁଝେଇ ଫେରେଇ ଆଣି ପାରନ୍ତନି.... ?
ଦୁଷ୍ମନ୍ତ	:	ଶକୁନ୍ତଳା, ମୁଁ ଯିବି ସେ ଟାଉଟର ପାଖକୁ ? ବ୍ୟସ୍ତ ହୁଅନି । ସେଠୁଁ ଧକା ଖାଇଲେ ଭାରତ ପୁଣି ଆମ ପାଖକୁ ଫେରିବ ।
ଶକୁନ୍ତଳା	:	ଭାରତକୁ ମୁଁ ଜାଣେ । ସେ ତମ ଠାରୁ ଆହୁରି ଏକଜିଦିଆ । ଥାପେ ସେ କେବେ ଫେରିବନି । ଭାଂଗିଯିବ ପଛେ ନଇଁବ ନାହିଁ। ତମରି ରକ୍ତ ତା'ଠାରେ ।
ଦୁଷ୍ମନ୍ତ	:	ତମେ କ'ଣ ଚାହୁଁଛ, ମୋ ଆଦର୍ଶ ସହିତ ମୁଁ ସାଲିସ୍ କରିବି ?
ଶକୁନ୍ତଳା	:	ସବୁଠି ଆଦର୍ଶ କାମ ଦିଏନି । ଆଜିକାଲି ଦିଆନିଆର ଯୁଗ । ତମ ନିଜ କଥା ଭାବୁନ । ପେନସନ୍‌ଟା ପାଇଁ କେତେଥର ଡି.ଆଇ. ଅଫିସକୁ ଦଉଡ଼ିଛ !
ଦୁଷ୍ମନ୍ତ	:	ଆଉ କିଛି ଅସୁବିଧା ହବନି । ଡି.ପି.ଆଇ. ଅଫିସ୍‌ରେ ଏତେ ଦିନ ପଡ଼ିବନି । ଏଇ ମାସ କିମ୍ବା ଆରମାସକୁ ପେନସନ୍‌ଟା କ୍ଲିୟର୍ ହୋଇଯିବ ।
ଶକୁନ୍ତଳା	:	ଆଉ ଯଦି ନ ହୁଏ ?
ଦୁଷ୍ମନ୍ତ	:	ଆଃ, ସେତେବେଳ କଥା ଦେଖାଯିବ ।
ଶକୁନ୍ତଳା	:	ଏଇନେ ତ ଢେର ସମୟ ମିଳୁଛି । ଘରେ କିଛି ପିଲାଙ୍କୁ ପଢ଼ାଉନ । ଦି' ପଇସା ତ ମିଳିଯିବ ।
ଦୁଷ୍ମନ୍ତ	:	ଏ ଦୁଷ୍ମନ୍ତ ମହାପାତ୍ର ଅଭାବରେ ପଡ଼ି ଶୁଖିଲା ରୁଟି ହଜମ କରିପାରିବ, ହେଲେ ପାଠବିକି ବଂଚିବ ନାହିଁ ।
ଶକୁନ୍ତଳା	:	ପରିଶ୍ରମ କରିବ ପାଉଣା ପାଇବ । ଏଥିରେ ଭୁଲ୍ ରହିଲା କେଉଁଠି ?
ଦୁଷ୍ମନ୍ତ	:	ମୋ ବିବେକ ମତେ ବାଧା ଦଉଛି । ଶିକ୍ଷା ନାମରେ ମୁଁ ଦଲାଲି କରିପାରିବିନି । ଦୋକାନୀ ବାକି ଦେବାକୁ ମନାକରୁଛି । କ୍ଷୀର ବନ୍ଦ କରିଦିଅ । ଭାତ, ଆଳୁତ ଅଛି । ଆମେ ସେଇଥିରେ ଚଳିଯିବା, ଅନ୍ତତଃ ପେନସନ ମିଳିବାଯାଏ । ଦି'ଟା ମଣିଷ.... କେତେ ଅବା ଖର୍ଚ୍ଚ !

Digitized by PPRACHIN, SOA

[ଶକୁନ୍ତଳା ଚହିଁ ରହିଥିଲେ ଦୁଷ୍ମନ୍ତଙ୍କୁ ! ଇଚ୍ଛା ହେଉଥିଲା ମନଭରି ଗାଳି ଦବାପାଇଁ ।]

ଦୁଷ୍ମନ୍ତ : କ'ଣ ଭାବୁଛ ? ବାସ୍ତବତାକୁ ସାମନା କରିବାରେ ମଧ୍ୟ ଗୋଟାଏ ପ୍ରକାର ଆନନ୍ଦ ଅଛି । ମଲାବେଳକୁ ମୁଁ ଅନ୍ତତଃ କହିପାରିବି, ଜୀବନରେ ଦୁଷ୍ମନ୍ତ ମହାପାତ୍ର କେବେ ନୀତି ଆଦର୍ଶକୁ ବଳି ପକେଇନାହିଁ ।

ଶକୁନ୍ତଳା : ମୁଁ ଭାବିପାରୁନି, ତମ ଭିତରଟା କି ଉପାଦାନରେ ଗଢ଼ା !

ଦୁଷ୍ମନ୍ତ : ଧୀରେ ଧୀରେ ସବୁ ଅଭ୍ୟାସ ହୋଇଯିବ । ଅଭାବର ତାଡ଼ନା ଆଉ ବାଧିବନି କିମ୍ବା ପୁତ୍ର ବିଚ୍ଛେଦ ମଧ୍ୟ କଷ୍ଟଦେବନି ।

ଶକୁନ୍ତଳା ଏ ସବୁ ତମେ କହିପାରୁଛ ! ପୁଣି ଏତେ ସହଜରେ ! ଭାବୁଛ, ମୁଁ କିଛି ବୁଝିପାରୁନି....

ଦୁଷ୍ମନ୍ତ : ନୀଳକଣ୍ଠ ସାଜିବାରେ ମଧ୍ୟ ଏକ ସ୍ୱତନ୍ତ୍ର ଆନନ୍ଦ ଅଛି । ସମସ୍ତଙ୍କ ଭାଗ୍ୟରେ ତାହା ଜୁଟେନା ।

[ଝଡ଼ ବେଗରେ ବାହାରୁ ଆସିଛି ଦୁର୍ଯୋଧନ । ଆଖି ଦୁଇଟା ଲାଲ । ଦେହରେ ଭରି ରହିଛି ଉତ୍ତେଜନା]

ଶକୁନ୍ତଳା : ତମେ କିଏ ବାବୁ ? କାହାକୁ ଖୋଜୁଛ ?

ଦୁର୍ଯୋଧନ : 'ଚୋର'.... [ହଡ଼ବଡ଼ାଇ ଯାଇଛନ୍ତି ଦୁଷ୍ମନ୍ତ ଏବଂ ଶକୁନ୍ତଳା]

ଦୁଷ୍ମନ୍ତ : କ'ଣ ଏମିତି କଥାବାର୍ତ୍ତା କରୁଛ ?

ଦୁର୍ଯୋଧନ : ବେଶି ବକ୍‌ବକ୍ କରନି । ଛୁରି ପେଲିଦେବି । ବୁଢ଼ାର ଗାନ୍ଧିଗିରି ଛାଡ଼ିଯିବ ।

ଶକୁନ୍ତଳା : ତମେ ରହିଲ (ଦୁଷ୍ମନ୍ତଙ୍କୁ ବାଧାଦେଇ ସାମନାକୁ ଆସି) ଏଇଟା ଗୋଟାଏ ଭଦ୍ରଲୋକର ଘର ।

ଦୁର୍ଯୋଧନ : ମୁଁ କ'ଣ କହିଲି, ଏଇଟା ଚୋଠାଲୋକର ଘର ?

ଶକୁନ୍ତଳା : କ'ଣ ଚାହୁଁଛ ବାବୁ ?

ଦୁର୍ଯୋଧନ : ଏଇଟା ତ ଗୋଟାଏ ଫକଡ଼ଚାନ୍ଦ ଗିରିଧାରୀର ଘର ! କ'ଣଟା ଏଠୁ ମିଳିବ ଯେ !

ଦୁଷ୍ମନ୍ତ : ଯୁବକ, ମୁଁ ଜଣେ ରିଟାୟାର୍ଡ ହେଡ଼ମାଷ୍ଟର ।....

ଦୁର୍ଯୋଧନ : ଥାଉ, ସେ ଫଟା ରେକର୍ଡ ବଜାଇବା ଦରକାର ନାହିଁ । 'ମୁଁ ଜଣେ ଆଦର୍ଶ ନୀତିବାଦୀ ମଣିଷ ! ପଇସାଟିଏ ଖାଏନା । ଜଣେ ସଚ୍ଚୋଟ ଗାନ୍ଧିବାଦୀ !' ଏଇଆ ତ ?

Digitized by PPRACHIN, SOA

ଶକୁନ୍ତଳା : ଦେଖ୍ ପୁଅ, ଆମେ ତ ତୋ ସହିତ କୌଣସି ଖରାପ ବ୍ୟବହାର କରିନୁ । ତୁ ଏମିତି ଅଭଦ୍ର ଭଳି–

ଦୁର୍ଯ୍ୟୋଧନ : ଭଦ୍ରାମିଟା ତମମାନଙ୍କଠାରୁ ମତେ ଶିଖିବାକୁ ପଡ଼ିବ ? କ'ଣ ଭାବିଛ ନିଜକୁ ? ତମ ଦି'ଟାଙ୍କର ଜୀବନ ଗନ୍ଧେଇଲାଣି ।

ଦୁଷ୍ମନ୍ତ : ଜଣେ ଭଦ୍ରଲୋକର ଘରେ ଜୋର ଜବରଦସ୍ତି ପଶି ଏମିତି ଅଭଦ୍ର ବ୍ୟବହାର କରିବାଟା –

ଦୁର୍ଯ୍ୟୋଧନ : ଭାରିତ ବଡ଼ ବଡ଼ କଥା କହୁଛ, ପୁଅଟାକୁ କାହିଁକି ମନ୍ତ୍ରୀ ଘରକୁ ଲାଇନ୍ ମାରିବାକୁ ପଠେଇଛ ? ମନ୍ତ୍ରୀ ଝିଅଟାକୁ ଫସେଇଦେଲେ, ଭାଇଦି'ପଇସା ମାଗଣା ମାଗଣା ହାତକୁ ଆସିଯିବ । ଏଇଆ ନା ?

ଦୁଷ୍ମନ୍ତ : 'ଯୁବକ'.... (ରାଗି)

ଦୁର୍ଯ୍ୟୋଧନ : ଚିଲ୍ଲାଅନା....

ଶକୁନ୍ତଳା : ବାପା, କ'ଣ ଚାହୁଁଛୁ କହ । ଯଦି ଆମଦ୍ୱାରା ସମ୍ଭବ ହେବ, ନିଶ୍ଚୟ ସାହାଯ୍ୟ କରିବୁ ।

ଦୁଷ୍ମନ୍ତ : ଥାଉ, ଯିଏ ସହାୟତା ଲୋଡ଼ିଥାଏ, ତାକୁ ସାହାଯ୍ୟ କରାଯାଇଥାଏ । ସମସ୍ତଙ୍କୁ ନୁହେଁ । ଭିକାରୀକୁ ଭିକ ଦେଲେ ତାର ପ୍ରୟାସ ବଢ଼ିଥାଏ । ହେଲେ ସମସ୍ୟାର ସମାଧାନ ହୁଏନା ।

ଦୁର୍ଯ୍ୟୋଧନ : ଏ ହେଡ଼ମାଷ୍ଟର, ମୁଁ ତୋ ପାଖକୁ ଉପଦେଶ ଶୁଣିବାକୁ ଆସିନି ।

ଦୁଷ୍ମନ୍ତ : ହେଡ଼ମାଷ୍ଟର ନୁହେଁ, ରିଟାୟାର୍ଡ ହେଡ଼ମାଷ୍ଟର !

ଦୁର୍ଯ୍ୟୋଧନ : ହଁ, ଶୁଣ୍ । ଯଦି ଭଲ ଦଶା ଅଛି, ପୁଅଟାକୁ ମନାକର । ଝାମେଲା କଲେ ପରିସ୍ଥିତି ଖରାପ ହବ । ଆରେ ତମମାନଙ୍କ ପାଖରେ ଯଦି ଟଙ୍କା ପଇସା ନାହିଁ, ତାହେଲେ ମନ୍ତ୍ରୀକି ସିଧାସଳଖ ମାଗିଥାନ୍ତ ।

ଦୁଷ୍ମନ୍ତ : ଯୁବକ, ମୋର ସହିବାର ଗୋଟାଏ ସୀମା ଅଛି ।

ଦୁର୍ଯ୍ୟୋଧନ : କ'ଣଟା କରିବୁ ବେ ? ଦେଖୁଛୁ ଏ ଛୁରିକୁ....

ଶକୁନ୍ତଳା : ରୁହ (ଅଟକାଇ) । ଦେଖ୍ ବାପା.... ଭାରତ ଏଠି ରହୁନି । ସେ ଘରଛାଡ଼ି ଚାଲିଯାଇଛି । କୋଉଠି ରହୁଛି ଆମେ ମଧ୍ୟ ଜାଣୁନା ।

ଦୁର୍ଯ୍ୟୋଧନ : ମିଛକଥା ! ତମେମାନେ ଜାଣିଶୁଣି ମନ୍ତ୍ରୀର ସଂପତ୍ତି ହଡପ୍ କରିବାପାଇଁ ପଠେଇଛ । ତମମାନଙ୍କର ସାହସ ତ କମ୍ ନୁହଁ ! ଝିଅଟାକୁ ଫସେଇ ଦେଲେ, ଭାବିଛ ସଂପତ୍ତି ପାଇଯିବ !

Digitized by PPRACHIN, SOA

ଦୁଷ୍ମନ୍ତ		'ଯୁବକ'.... [ଧରିଛନ୍ତି ଆଗରେ]
ଶକୁନ୍ତଳା	:	ତମେ ଟିକିଏ ଧୈର୍ଯ୍ୟ ଧର ।
ଦୁର୍ଯ୍ୟୋଧନ	:	ଯାହା କହିବାର ଥିଲା, କହିଦେଲି ।
ଶକୁନ୍ତଳା	:	ବାବା, ତମ ପରିଚୟ ?
ଦୁର୍ଯ୍ୟୋଧନ	:	କ'ଣ ଦରକାର ? ଥାନାକୁ ଜଣେଇବ ? ସେମାନେ ବି ଆମ ପଇସାରେ ପ୍ରତିପାଳିତ । ପେପର୍‌କୁ ଦବ ? ସେମାନେ ମଧ ନି'ତି ସଂଜରେ ମନ୍ତ୍ରୀ ଘରେ ହାଜିରା ଦିଅନ୍ତି । ଏଇଟାକୁ ତମେ ଦି'ଜଣ ମୋର Last Warning ଧରି ନେଇପାର । ଆସୁଛି good bye....(ପ୍ରସ୍ଥାନ)
		[ଥକ୍କାମାରି ବସି ଯାଇଛନ୍ତି ଦୁଷ୍ମନ୍ତ । ତାଂକ ପିଠିକୁ ଆଉଁସିବାରେ ଲାଗିଛନ୍ତି ଶକୁନ୍ତଳା ।]
ଦୁଷ୍ମନ୍ତ	:	ପିଲାଟା ମତେ କୋଉ କୂଳର ବି କଲାନି ! ଧିକ୍ ଧିକ୍ ମୋର ପିତା ହେବାକୁ !
		[ଦୁଷ୍ମନ୍ତଙ୍କୁ କେଉଁ ଭାବେ ସାନ୍ତ୍ୱନା ଦେବେ, ଭାବି ସ୍ଥିର କରିପାରୁନଥିଲେ ଶକୁନ୍ତଳା]

◆

Digitized by PPRACHIN, SOA

ଅଷ୍ଟମ ଦୃଶ୍ୟ

[ଅରବିନ୍ଦବାବୁଙ୍କ ଡ୍ରଇଂରୁମ୍ । ମୋବାଇଲ୍‌ରେ କଥା ହେଉଥିଲେ ଅରବିନ୍ଦ । ଚା'କପ୍ ଧରି ଅଧାବାଟରେ ରହିଛି କଙ୍ଗାରୁ ।]

ଅରବିନ୍ଦ : ସାମନ୍ତରାବାବୁ, ଏଇ ୮/୧୦ଦିନ ତଳେ ଦୁଷ୍ମନ୍ତ ମହାପାତ୍ରର ଗୋଟାଏ ଫାଇଲ ଆପଣଂକ ପାଖକୁ ଯାଇଛି । x x ହଁ ହଁ ସି.ଆଇ. ଅଫିସ୍‌ରୁ ଯାଇଛି । x x ଫାଇଲଟାକୁ ତିନି/ଚାରି ମାସ ଦାବି ଦିଅନ୍ତୁ । x x ହଁ ହଁ ପେନ୍‌ସନ୍ ଫାଇଲ.... । x x କିଏ କହିଲା ଟ୍ରାନ୍‌ସଫର ହଉଛି x x ତାପରେ ସାଉଥ ଜୋନ୍‌ଟା ଭଲ ଜାଗା ନୁହେଁ । x x ଆରେ ଭାଇ ବରଂ ସେହି ସ୍କୁଲ ଡି.ପି.ଆଇ.ରେ ଆଉ କିଛିଦିନ Continue କରନ୍ତୁ x x ତାପର କଥା ମୁଁ ବୁଝିବି ହଁ ହଁ ସେତିକି.... Bye....

[କଙ୍ଗାରୁ ଉପରେ ଦୃଷ୍ଟି ପଡ଼ିଛି]

ଅରବିନ୍ଦ : କଙ୍ଗାରୁ, ଚା'ଟା 'ଟ୍ରେନ୍' ନା' 'ପ୍ଲେନ୍'ରେ ଆସୁଛି ?

କଙ୍ଗାରୁ : ନା' ସାର୍, ମୁଁ ନିଜେ ଆଣିଛି । ନିଅନ୍ତୁ ସାର୍....

ଅରବିନ୍ଦ : [ଚା' କପ୍ ନେଇ] ଠିକ୍ ଅଛି, ଯା' । ଶୁଣ୍, ଆଚ୍ଛା ତୋର କ'ଣ ଘରେ ଆଉ କେହି ନାହାନ୍ତି ?

କଙ୍ଗାରୁ : ବାପା ମା' ତ ସ୍ୱର୍ଗରେ । ଭାଇଭଉଣୀ କେହି ନଥିଲେ ।

ଅରବିନ୍ଦ : ଆଚ୍ଛା ତୁ ବିବାହ ତ କରିପାରିଥାନ୍ତୁ !

କଙ୍ଗାରୁ : ମୋ ଭଳି କଙ୍ଗାରୁଟାକୁ କିଏ କାହିଁକି ଯେ ବାହା ହେଇଥାନ୍ତା !

ଅରବିନ୍ଦ : ଆମ ଡ୍ରାଇଭର ରଣଜିତ୍‌ରେ ଭଉଣୀକୁ ଦେଖିଛୁ ? ମନ୍ଦ ହୁଅନ୍ତାନି ! ଠିକ୍ ଅଛି । ତୋ କଥା ବୁଝିବା । ହଁ, ଭାଗତକୁ ଡାକ । ତା' ସାଙ୍ଗରେ ମୁଁ ଫାଇନାଲ ସିନ୍ ବାବଦରେ- !

କଙ୍ଗାରୁ : ସାର୍, ଦୁର୍ଯ୍ୟୋଧନବାବୁ ତାଂକୁ ଯେମିତି ଅପଦସ୍ଥ କରିଛନ୍ତି, କୋଉ ମୁହଁରେ ସେ ଆଉ ଏଠି ରହିଥାତେ !

Digitized by PPRACHIN, SOA

ଅରବିନ୍ଦ		ମାନେ ? ମତେ କେହି କିଛି ଜଣେଇ ନାହାନ୍ତି !
କଙ୍ଗାରୁ	:	ତାଂକୁ ମାରି ମାରି ଘରୁ ତଡ଼ିଦେଲେ ।
ଅରବିନ୍ଦ	:	କିନ୍ତୁ କ'ଣ ପାଇଁ ?
କଙ୍ଗାରୁ	:	ମୁଁ କେମିତି କହିବି, କଣ ପାଇଁ....
ଅରବିନ୍ଦ	:	ଦୁର୍ଯ୍ୟୋଧନ ତା' ପୁରୁଣା ରାଗଟା ସୁଝେଇ ଦେଲା !
କଙ୍ଗାରୁ	:	ମାଡାମ୍ ଅବଶ୍ୟ ବାଧା ଦେଇଥିଲେ । ହେଲେ ଦୁର୍ଯ୍ୟୋଧନ ବାବୁ ତ କୌଣସି କଥା ଶୁଣିବା ଅବସ୍ଥାରେ ନଥିଲେ ।
ଅରବିନ୍ଦ	:	ଏତେ କାଣ୍ଡ ଘଟିଗଲା, ଅଥଚ ମତେ କେହି କିଛି ଜଣେଇନାହଁ ! ମୁରାରୀ ଜାଣିଛି ?
କଙ୍ଗାରୁ	:	ହଁ । ସେ ତାଂକୁ ବହୁତ ବୁଝେଇଛନ୍ତି । ହେଲେ ଦୁର୍ଯ୍ୟୋଧନବାବୁ ଯେମିତି ମୁଡ୍‌ରେ ଥିଲେ....
ଅରବିନ୍ଦ	:	ମତେ କାହିଁକି ଫୋନ୍ କଲନି ?
ମୁରାରୀ	:	(ପ୍ରବେଶ କରି) କିଛି ଲାଭ ହୋଇନଥାନ୍ତା ସାର୍ ! ଭାରତ ଗଲିଯାଇ ମଧ୍ୟ ଠିକ୍ କରିଛି । କେତେ ଆଉ ଅପମାନ ସହିଥାନ୍ତା ! ଆପଣ ବାହାରେ ରହିଲେ । ଏଇ ଚାରିଦିନ ଭିତରେ ବହୁତ କାଣ୍ଡ ଘଟିଯାଇଛି ।
ଅରବିନ୍ଦ	:	ହୋଟେଲ, ଫାର୍ମର କାଗଜପତ୍ର ସେ ଦେଇଯାଇଛି ?
ମୁରାରୀ	:	ହଁ, ସେସବୁର ଟିକିନିଖି ହିସାବ କରି ରଖିଦେଇଯାଇଛି ।
କଙ୍ଗାରୁ	:	ତାପରେ ଭାରତବାବୁ ସେମିତିକା ପିଲା ନୁହଁନ୍ତି । ଘରର ଭଲମନ୍ଦ ବାହାରେ ପ୍ରକାଶ କରନ୍ତିନି । ଦେଖୁନାହାଁନ୍ତି ଏଇ କେତେଦିନ ଭିତରେ ସିଏ କେମିତି ସମସ୍ତଙ୍କୁ ଆପଣାର କରିଦେଇଥିଲେ ।
ଅରବିନ୍ଦ	:	ସବୁ ଯୋଜନା ମୋର ପାଣି ଫାଟିଗଲା । କୁଆଡ଼େ ଗଲା ସେ କୁଳାଙ୍ଗାର ? ଯା'.... ଡାକ ତାକୁ ।
କଙ୍ଗାରୁ	:	'ସାର୍'.... ସିଏ ଏବେ ସେନ୍‌ସରେ ନାହାନ୍ତି ।
ମୁରାରୀ	:	ହଁ, ସାର୍... ସିଏ ତ ଅବସ୍ଥାରେ ନଥିବେ । ତାଙ୍କୁ ଆଉ କ'ଣଟା ପଚାରିବେ ! କବାଟ ଝରକା ଭିତରପଟୁ ବନ୍ଦ ।
ଅରବିନ୍ଦ	:	ତମେ ସମସ୍ତେ ମିଶି ମତେ ପାଗଳ କରିଦେବ ! କଙ୍ଗାରୁ, ଯା'.... ତାକୁ ଡାକ୍.... ତା' ସାଙ୍ଗରେ ମୋର କଥାବାର୍ତ୍ତା....
କଙ୍ଗାରୁ	:	ସାର୍, ଖୋଲିଲେ ତ.... ! [ପ୍ରସ୍ଥାନ]

Digitized by PPRACHIN, SOA

ଅରବିନ୍ଦ : ମୁରାରୀ, ଆମ ବିଜିନେସ୍ ସିକ୍ରେଟ୍‌ସ ବିଷୟ ସେ କେଉଁଠି ଲିକ୍ କରିଦେବନିତ ? ଯା'ଭିତରେ ସେ ଆମ ବିଷୟରେ ବହୁତ କଥା ଜାଣିଯାଇଛି ।

ମୁରାରୀ : ଭାରତ ସେମିତିକା ପିଲା ନୁହେଁ । ବାପଭଳି ପୁଅଟା ମଧ୍ୟ ଏକଜିଦିଆ । ଯାହା ବୁଝିଥିବ ତ ବୁଝିଥିବ । ହେଲେ ବିଶ୍ୱାସରେ କେବେ ବିଷ ଦେବନି । ମୋ ଭଣଜା, ମୁଁ ତାକୁ ଠିକ୍ ଜାଣିଛି ।

ଅରବିନ୍ଦ : କୁଆଡ଼େ ତାହେଲେ ଯାଇଥିବ ! ଆରେ ତାର ଖୋଜ ଖବର ନିଅ ।

ମୁରାରୀ : ଟାଉନ୍‌ଟା ସାରା ମୁଁ ଖୋଜି ସାରିଲିଣି, ହେଲେ କୋଉଠି ତାର ପତ୍ତା ମିଳୁନି । ମତେ ଲାଗୁଛି, ସେ ବାହାରକୁ ଚାଲିଯାଇଛି ।

ଅରବିନ୍ଦ : ଇଲେକ୍‌ସନ୍‌ରେ ସିଏ ଠିକ୍ କାମ ଦେଇଥାନ୍ତା । ଏ କୁଳାଙ୍ଗାର ଦୁର୍ଯ୍ୟୋଧନଟା ମୋର ସବୁ ପ୍ଲାନ ମାଟି କରିଦେଲା । ହଁ, ମୁରାରୀ.... ଇଲେକ୍‌ସନ୍‌ର code of conduct ଲାଗୁ ହୋଇଯାଇଛି । ତେଣୁ ଯାହା କରିବ, ବୁଦ୍ଧିବିଚାରି.... । ଘରେ ଶତ୍ରୁ, ବାହାରେ ଶତ୍ରୁ ।

ମୁରାରୀ : ଆପଣ କୌଣସି କଥାକୁ ଚିନ୍ତା କରନ୍ତୁନି । ଏ ମୁରାରୀ ପାଖରେ ସବୁ ବେମାରୀ ପାଇଁ ଔଷଧ ଅଛି । ସାର୍, ଆଉ ଗୋଟାଏ କଥା । ହୋଟେଲ, ଫାର୍ମ, ସିପିଙ୍ଗ କମ୍ପାନୀ, ମେଡିକାଲ କଲେଜ, ଇଂଜିନିୟରିଂ କଲେଜ.... ଏସବୁର କାଗଜପତ୍ର... ?

ଅରବିନ୍ଦ : ସେଥିପାଇଁ ଚିନ୍ତାକରନି । ସେ ସବୁ ମୋ ପର୍ସନାଲ ଲକର୍‌ରେ ଅଛି । କେହି କିଛି ଜାଣିନାହାନ୍ତି । ଏମିତିକି ଦୁର୍ଯ୍ୟୋଧନ ମଧ୍ୟ ନୁହେଁ । [ଗୋଟାଏ ଖବର୍‌କାଗଜ ଧରି ଆସୁଆସୁ ଅଟକିଯାଇଛି ଅଧାବାଟରେ କଙ୍ଗାରୁ ।]

ମୁରାରୀ : ହୁସିଆରିରେ ରଖିଥିବେ ସାର୍ । କାହାରିକି ବିଶ୍ୱାସ ନାହିଁ । [ଦୃଷ୍ଟି ପଡ଼ିଛି କଙ୍ଗାରୁ ଉପରେ] ବାପା, କଙ୍ଗାରୁ, ତମର ପୁଣି କ'ଣ ହେଲା ? ଦୁର୍ଯ୍ୟୋଧନବାବୁଙ୍କୁ ଉଠେଇଲ ?

କଙ୍ଗାରୁ : (ପ୍ରବେଶ କରି) ଭିତରୁ ଦରଜା ବନ୍ଦ । କବାଟ ବାଡ଼େଇ ବାଡ଼େଇ ଥକିଗଲି । ଉଠିଲେନି ।

ଅରବିନ୍ଦ : ସେ ଖବରକାଗଜଟା ?

କଙ୍ଗାରୁ : ଏଇଟାକୁ ଭାରତବାବୁ ତିନିଦିନ ତଳେ ଦେଖୁଥିଲେ । କ'ଣ ଏଥିରେ ସବୁ ନାଲି କାଳିରେ ଚିହ୍ନ ଦେଇଛନ୍ତି । ମୁଁ ତ ଏତେ ପାଠ ପଢ଼ିନି । କିଛି ବୁଝିପାରିଲିନି ।

Digitized by PPRACHIN, SOA

ମୁରାରୀ : ଦେଖେଇଲ.... । (କାଗଜ ଦେଖି) ଆରେ ଏଥିରେ ତ Boarder Security, force ପାଇଁ ଲୋକ ମାଗିଛି । ତାହେଲେ ସେ କ'ଣ–

ଅରବିନ୍ଦ : (କାଗଜ ଦେଖି) ଭାରତ ତାହେଲେ B. S. F ରେ ଜଏନ୍ କଲାନି ତ ?

ମୁରାରୀ : ତିନିଦିନ ତଳେ ଇଣ୍ଟରଭିଉ ଥିଲା । ମତେ ଲାଗୁଛି, ସେ–

ଅରବିନ୍ଦ : ତୁ ଏ ଖବରକାଗଜ କୋଉଠୁ ପାଇଲୁ ? (କଙ୍ଗାରୁକୁ)

କଙ୍ଗାରୁ : ତାଂକ ଟେବୁଲ ଡ୍ରୟାରରୁ....

ମୁରାରୀ ସାର୍, ଭାରତ ନିଶ୍ଚୟ B S F ରେ ଜଏନ୍ କରିଥିବ !

ଅରବିନ୍ଦ ସିଏ ଜଏନ୍ କଲା, ଆମେ କେହି କିଛି ଜାଣିପାରିଲୁନି ? ତମେମାନେ ସବୁ କାହିଁକି ଏଠି ଅଛ ?

ଦେବିକା : (ପ୍ରବେଶ କରି) ଜାଣିଥିଲେ, ତମେ ତାଂକୁ ଛାଡ଼ିଦେଇଥାନ୍ତ ? ଖବରକାଗଜଟା ମୁଁ ଆଣି ତାଂକୁ ଦେଇଥିଲି । ଏଠି ଗୋଡି ଖଟିବା ଅପେକ୍ଷା, ଅନ୍ତତଃ ସେଠି ତ ସମ୍ମାନର ସହିତ ସେ ବଂଚିପାରିବେ । ଗୋଟାଏ ବ୍ରିଲିଆଣ୍ଟ ସ୍କଲାରକୁ ଆପଣମାନେ.... ଛି.... ଛି....

ଅରବିନ୍ଦ : ମା' ତୁ ଏ' କ'ଣ କହୁଛୁ ?

ଦେବିକା : ମୁଁ ଠିକ୍ କହୁଛି । ତମେ ତମ ଫାଇଦା ପାଇଁ ତାଂକୁ ବଳି ପକାଇଥାନ୍ତ । (ମୁରାରୀକୁ ଚାଲିଯାଉଥିବାର ଦେଖି) ଆପଣ କୁଆଡ଼େ ଚାଲିଯାଉଛନ୍ତି ? ଆପଣଙ୍କର ସିଏ ଭଣଜାଟି ? ଆପଣ କଂସମାମୁଁଠାରୁ ବି ଆହୁରି ଭୟଙ୍କର । ଠିକଣା ଯାଗାରେ ଆଣି ଭଣଜାକୁ ବଳି ପଡ଼ିବାପାଇଁ ଛାଡ଼ିଦେଲେ !

ମୁରାରୀ : ମୋର ଦୋଷ କ'ଣ ଯେ, ମୁଁ ଯାହାକିଛି କରିଛି, ସବୁ ତ ସାର୍‌ଙ୍କ ପାଇଁ ।

ଦେବିକା : ଏ ବର୍ଷର ଇଲେକସନ ହାୱା କଥା କିଛି କିଛି କାନରେ ବାଜୁଛି ନା' ନାହିଁ ? ଆପଣ ଆଉ ଆପଣଂକ ସାର୍ ସମସ୍ତେ ଏକା ସାଙ୍ଗରେ ବୁଡ଼ିବେ ।

ଅରବିନ୍ଦ : ମା' ତୁ ଭିତରକୁ ଯା'.... । ତୋ ମୁଣ୍ଡ ଏଇନେ ଠିକ୍ ନାହିଁ । ଯା' ବିଶ୍ରାମ କରିବୁ । ତୁ ଏ ସବୁରେ ମୁଣ୍ଡ ଖେଳାନା ।

ଦେବିକା : ସିଲେକ୍ସ ହେଲାପରେ ମୁଁ ନିଜେ ତାଂକୁ ବିଦାୟ ଦେଇଛି । ଆପଣମାଂନଙ୍କ ଜାଲରୁ ଗୋଟାଏ ଜୁଏଲ ମୁକୁଳିପାଇ ଯାଇଛି, ସେତିକି ମୋ ପାଇଁ ଯଥେଷ୍ଟ ।

କଙ୍ଗାରୁ : ମାଡାମ୍, ଆପଣ ଏସବୁ ଜାଣିଥିଲେ ! କହିଲେନି କାହିଁକି ?

ଦେବିକା : କହିଥିଲେ ଏମାନେ ସମସ୍ତେ ତାଂକୁ ଭିଣି ଖାଇଯାଇଥାନ୍ତେ ! ଏମାନେ ସମସ୍ତେ ଗୋଟେ ଗୋଟେ ଜଲ୍ଲାଦ....

ଅରବିନ୍ଦ : ଦେବିକା (ରାଗି) [ଦେବିକା ଚାଲିଯାଇଛି । ପଛେ ପଛେ କଙ୍ଗାରୁବି ଯାଇଛି ।]

Digitized by PPRACHIN, SOA

ମୁରାରୀ : ସାର୍, ଯାହା ହେଲା, ଆଦୌ ଭଲ ହେଲା ନାହିଁ ।

ଅରବିନ୍ଦ : ଦୁର୍ଯ୍ୟୋଧନ ଆଉ ଦେବିକା ଦି'ଜଣଯାକ ଜିତିଗଲେ । କେବଳ ମୁଁ ଯାହା ହାରିଗଲି.... !

[ମୁରାରୀ ଚାହିଁ ରହିଥିଲେ ଦୁଃଖରେ ଅରବିନ୍ଦଙ୍କ ମୁହଁକୁ ।]

ମୁରାରୀ : 'ସାର୍'....

ଅରବିନ୍ଦ : ଯାଅ.... ସମସ୍ତେ ଯାଅ.... । ମତେ ଟିକିଏ ଏକୁଟିଆ ଛାଡ଼ିଦିଅ.... ।

ମୁରାରୀ : ଠିକ୍ ଅଛି, ସାର୍ । ଏଇନେ ଆପଣଂକ ମନ ଭଲ ନାହିଁ । ମୁଁ ପରେ ଆଲୋଚନା କରିବି ।

[ମୁରାରୀ ଚାଲିଯାଇଛି ବାହାରକୁ । ବସି ଯାଇଛନ୍ତି ଅରବିନ୍ଦ । ଅନ୍ତରାଳରୁ ଭାସିଆସୁଅଛି କେତୋଟି କଣ୍ଠସ୍ୱର, ଯାହା ବିବ୍ରତ କରିପକାଇଛି ଅରବିନ୍ଦଙ୍କୁ....]

ଦୁର୍ଯ୍ୟୋଧନ(ସ୍ୱର) : ମୁଁ ତାକୁ କେବେ ଛାଡ଼ିବିନି । ବହୁତ ପୁରୁଣା ହିସାବନିକାଶ ମୋର ବାକି ଅଛି । ହଁ, କହିଦଉଛି, ତମେ ସେତେବେଳେ ମୋତେ ବାଧା ଦବନି । ସେ ସ୍କାଉଣ୍ଡ୍ରେଲକୁ ମୁଁ ଶେଷ କରିଦେବି....

ଭାରତ (ସ୍ୱର) : ସାର୍, ଖାଲି ଭାଷଣ ଦେଇଦେଲେ ଚଳିବନି । ଇଲେକସନ ଜିତିବାକୁ ହେଲେ ଆପଣଂକୁ ଲୋକଙ୍କ ପାଖକୁ ଯିବାକୁ ପଡ଼ିବ । କିଛି ନ କରନ୍ତୁ ପଛକେ, ସେମାମାନଂକ ସୁଖଦୁଃଖରେ 'ଆହା' ପଦ କହିବାକୁ ପଡ଼ିବ । ଯାହା ଟଙ୍କା ପାଇସା କରିନପାରିବ, ସେଇଟା ସ୍ନେହ ସଂପ୍ରୀତି କରି ଦେଖେଇଦବ....

ଦେବିକା (ସ୍ୱର) : ବାବା, ଭାରତ ଗୋଟାଏ ବ୍ରିଲିଆଣ୍ଟ ସ୍କଲାର । ତାଂକ ବାପା ଆପଣଂକ ଶତ୍ରୁ ହେଇପାରନ୍ତି, ହେଲେ ସେ'ତ ନୁହଁନ୍ତି ! ଥରେ ତାଂକ ଉପରେ ସ୍ନେହ ପୁଳାଏ ଅଜାଡ଼ି ଦିଅ, ଦେଖିବ, ସିଏ ଆପଣଂକ ପାଇଁ କ'ଣ କରିପାରୁଛନ୍ତି !

ଅରବିନ୍ଦ : ସତରେ ମୁଁ ହାରିଯାଇଛି । ମୁଁ କାହାରି ପାଇଁ କିଛି କରିପାରିଲି ନାହିଁ.... କିଛି କରିପାରିଲେ ନାହିଁ....

[ଦୁଃଖରେ ଭାଂଗି ପଡୁଥିଲେ ଅରବିନ୍ଦ, ଧୀରେ ଧୀରେ ମଂଚ ଅନ୍ଧକାର ହୋଇଆସୁଥିଲା]

◆

Digitized by PPRACHIN, SOA

ନବମ ଦୃଶ୍ୟ

[ଦୁଷ୍ମନ୍ତ ମହାପାତ୍ରଙ୍କ ଡ୍ରଇଂରୁମ୍ । ଶକୁନ୍ତଳା ଅସୁସ୍ଥ ।ପାଖରେ ବସି ଗୀତାର ପଦକୁ ବ୍ୟାଖ୍ୟା କରି ଶୁଣାଉଥିଲେ ଦୁଷ୍ମନ୍ତ ।]

ଦୁଷ୍ମନ୍ତ : ସାରଥୀ ଶ୍ରୀକୃଷ୍ଣ ଯୁଦ୍ଧକ୍ଷେତ୍ରରେ ନେଇ ଅର୍ଜୁନ ରଥକୁ ଦଣ୍ଡାୟମାନ କରିଛନ୍ତି । ପାର୍ଥ ସମ୍ମୁଖରେ ନିଜର ଆତ୍ମୀୟସ୍ୱଜନଙ୍କୁ ଦେଖି ଗାଣ୍ଡିବ ଛାଡ଼ିଦେଇ ବସିଛି । ନିଜର ଜ୍ଞାତି କୁଟୁମ୍ବଙ୍କୁ ମାରି ତାକୁ ବା କି ଲାଭ ମିଳିବ ? ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ବୁଝାଇଛନ୍ତି–

ଅଥଚୈନଂ ନିତ୍ୟଜାତଂ, ନିତ୍ୟଂ ବା ମନ୍ୟସେ ମୃତଂ
ତଥାପି ତ୍ୱଂ ମହାବାହୋ, ନୈବଂ ଶୋଚିତୁମର୍ହସି । ୨୬ ।
ଜାତସ୍ୟ ହି ଧ୍ରୁବୋମୃତ୍ୟୁ ର୍ଧ୍ରୁବଂଜନ୍ମମୃତସ୍ୟ ଚ
ତସ୍ମାଦପରିହାର୍ଯ୍ୟେଽର୍ଥେ, ନ ତ୍ୱଂ ଶୋଚିମର୍ହସି । ୨୭ ।
[୨ୟ ଅଧ୍ୟାୟ ଗୀତା]

ଅର୍ଥାତ୍ ଆତ୍ମା ନିତ୍ୟଜାତ ହେଉଛି ଓ ମୃତ ହେଉଛି । ତେଣୁ ଏ କଥା ଜାଣି ଶୋକ ତ୍ୟାଗକର । ୨୬ ।

ଏ ଭବ ସଂସାରରେ ପ୍ରାଣୀ ଜାତହୁଏ ଓ ମୃତହୁଏ । ପୁଣି ଜନ୍ମହୁଏ, ତେଣୁ ତୁ ଶୋକ ତ୍ୟାଗକର । ୨୭ ।

[ଶକୁନ୍ତଳାଙ୍କ ମୁହଁରେ ଯନ୍ତ୍ରଣାର ଛାପ]

କ'ଣ ହେଲା ?

ଶକୁନ୍ତଳା : ଦେହଟା ଭଲ ଲାଗୁନି । ତମ ଚିଠି ଆସିଲା ?

ଦୁଷ୍ମନ୍ତ : କିଛି ଚିନ୍ତା କରନି । ଆଜି ନ ହେଲେ କାଲି ତ ପେନସନ ମିଳିବ । ସେଥିନେଇ ଏତେ ଚିନ୍ତା କରନି । ହଉ, ଏଇ ପଦଟା ଶୁଣିଦିଅ । ଯିବ ବିଶ୍ରାମ କରିବ । ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ବୁଝାଉଛନ୍ତି–

Digitized by PPRACHIN, SOA

ଅଥଚେତ୍ତ୍ୱମିମଂ ଧର୍ମଂ ସଗ୍ରାମଂ ନ କରିଷ୍ୟସି,
ତତଃ ସ୍ୱଧର୍ମଂ କୀର୍ତିଂଚ ହିତ୍ୱା ପାପମବାପ୍ସ୍ୟସି । ୩୩ ।
ଅକୀର୍ତ୍ତିଂ ଚାପି ଭୂତାନି କଥୟିଷ୍ୟନ୍ତି ତେଽବ୍ୟୟାଂ
ସମ୍ଭାବିତସ୍ୟ ଚାକୀର୍ତ୍ତି ମରେଣାଦତିରିଚ୍ୟତେ । ୩୪ ।
ଭଗବାନ କହୁଛନ୍ତି, ତୁ ଏହି ଧର୍ମଯୁଦ୍ଧକୁ ଯେବେ ଛାଡ଼ିଦେବୁ,
ତୋର ଧର୍ମ, କୀର୍ତ୍ତି, ଯଶ ନାଶ ହୋଇଯିବ । ଧର୍ମ, କୀର୍ତ୍ତିନାଶ
ହେଲେ ତୁ ନର୍କଗାମୀ ହେବୁ । ୩୩ । ଯେଉଁ ଲୋକର ସମ୍ମାନ
ହାନି ହୁଏ, ତାର ମରଣଠାରୁ ମାନହାନି ଆହୁରି କଷ୍ଟକର ଅଟେ । ୩୪ ।
[୨ୟ ଅଧ୍ୟାୟ, ଗୀତା]

ଶକୁନ୍ତଳା : ପେନସନଟା ଏଯାଏ ହେଲା ନାହିଁ । ଆମେ ଚଳିବା କେମିତି ?

ଦୁଷ୍ମନ୍ତ : ପୁଣି ଚିନ୍ତାକଲ !

ଶକୁନ୍ତଳା : ଡି.ପି.ଆଇ. ଅଫିସ୍‌ବାଲା କ'ଣ କହିଲେ ? ଫାଇଲ୍‌ଟା ମିଳିଲା, ନା' ନାହିଁ ?

ଦୁଷ୍ମନ୍ତ : ଫାଇଲ୍‌ଟା ମିଳୁନି । ବଡ଼ବାବୁକୁ କହିକରି ଆସିଛି । ନିଶ୍ଚୟ ମିଳିଯିବ । ଗଦା ଗଦା ଫାଇଲ୍ । ତା' ଭିତରେ ଯେ କୌଣସି ଫାଇଲ୍ ହଜିବା ସ୍ୱାଭାବିକ ।

ଶକୁନ୍ତଳା : କେହି ଜାଣିଶୁଣି ଲୁଚେଇଦେଇନି ତ ?

ଦୁଷ୍ମନ୍ତ : ନା' ସେମିତି କେହି କରିବେନି । ତାପରେ, ସେଠାକାର ସମସ୍ତେ ପ୍ରାୟ ମୋ ଛାତ୍ର ଭଳି.... ।
[ପାଖରେ ଥିବା ଏକ ନାଲି କାଗଜ ଉପରେ ଦୁଷ୍ମନ୍ତଙ୍କ ଦୃଷ୍ଟି ପଡ଼ିଛି]
ସେ ନାଲିକାଗଜଟା ?

ଶକୁନ୍ତଳା : ରଘୁଆ ଦୋକାନୀ ତାର ହିସାବ ପଠେଇଛି ।

ଦୁଷ୍ମନ୍ତ : କହିଲନି, ପେନସନ୍‌ଟା ମିଳିଗଲେ, ତାଂକ ଟଙ୍କା ପଇଠ କରିଦବା ବୋଲି ।

ଶକୁନ୍ତଳା : ମୁଁ ତ ଉଠିପାରୁନି । ତା' ପିଲା ଆସିଥିଲା । କାଗଜଟା ଦେଇଯାଇଛି । କହିଯାଇଛି, ରାମନବମୀକୁ ଖାତା ପୂଜା । ତା' ପୂର୍ବରୁ ସବୁଟଙ୍କା ଦେଇଦବାକୁ ।

ଦୁଷ୍ମନ୍ତ : ତାର କେତେ ହେଇଛି ? (ନାଲି କାଗଜଟି ଆଣି ଦେଖୁଛନ୍ତି) ଆରେ ଏତେଗୁଡ଼ାଏ ବାକି କୋଉଦିନ ହେଲା ?

ଶକୁନ୍ତଳା : କେତେ ହେଇଛି ?

Digitized by PPRACHIN, SOA

ଦୁଷ୍ମନ୍ତ : ବାରଶହ ପଚାଶ ଟଙ୍କା ! (ବିସ୍ମୟରେ)

ଶକୁନ୍ତଳା : ତେଲ ଲୁଣ ସବୁ ରେଟ୍ ବଢ଼ିଛି। ହବନି ? ତମେ ଟିକେ ସେ ଡି.ପି.ଆଇ. ଅଫିସ୍‌ରେ କାହାକୁ ଧରାଧରି କର । ନଇଲେ ସେତକ ବି ମିଳିବ ନି ।

ଦୁଷ୍ମନ୍ତ : ଆଶା ହରାଅନି ।

ଶକୁନ୍ତଳା : ଯୋଉମାନେ ପଇସାରେ କଥା କହନ୍ତି, ସେମାନେ ଖାଲି ଖାଲି କରିଦେବେ !

ଦୁଷ୍ମନ୍ତ : ଡି.ପି.ଆଇ. ଅଫିସ୍‌ରେ ସମସ୍ତେ ସମାନ ନୁହଁନ୍ତି । ତାଂକ ଭିତରେ ବି ବହୁତ ଭଲ ଲୋକ ଅଛନ୍ତି । ଶକୁନ୍ତଳା, ଛାଡ଼ ସେ ସବୁକଥା । ଆଜି ଟିକେ କଡ଼ା ଚା' ପିଇବାକୁ ଇଚ୍ଛା ହଉଛି । ଚିନି କମ୍ ଦବ ।

[ଶକୁନ୍ତଳା ଚାହିଁଛନ୍ତି ଦୁଷ୍ମନ୍ତଙ୍କ ମୁହଁକୁ । Backgroundରୁ ଭାସିଆସିଛି ଦୋକାନୀର କଣ୍ଠସ୍ୱର....]

ଦୋକାନୀ (ସ୍ୱର) : ଲଜ୍ଜା ଲାଗୁନି ! ଆହୁରି ଚିନି କେଜିଏ ମାଗୁଛ ! ବାକି କେତେ ହେଲାଣି, ହିସାବ କରିଛ ? କେବେ ଦବ ? ତମ ଟଙ୍କା ମିଳିବାଯାଏ ମୁଁ ଅପେକ୍ଷା କରିପାରିବିନି । ଖାଲି ମୋ ପିଲାଟାକୁ ସେ ହେଡମାଷ୍ଟରଟା ପଢ଼େଇଥିଲା ବୋଲି କିଛି କହିପାରୁନି । ଆରେ ଟଙ୍କା ଯଦି ନାହିଁ, ଚିନି ଖାଉଛ କାହିଁକି ? ବିନା ଚିନିରେ କ'ଣ ଲୋକେ ଚା' ଖାଉନାହାନ୍ତି ?

ଶକୁନ୍ତଳା : ପଚାଶ ଟପିଲେ ଲୋକେ ଚିନି ଖାଇବା ବନ୍ଦ କରିଦଉଛନ୍ତି । ଆଉ ତମର ଚିନି ଦରକାର ହଉଛି ।

[ଦୁଷ୍ମନ୍ତ ଚାହିଁ ରହିଥିଲେ ଶକୁନ୍ତଳାଙ୍କୁ । କରୁଣ ବିଳାପ ଧ୍ୱନି ପରିବେଶକୁ ଜାବୁଡ଼ି ଧରିଥିଲା....]

ଦୁଷ୍ମନ୍ତ : ହଉ, ପାଣି ଗିଲାସେ ଆଣ ।

[ଶକୁନ୍ତଳା ପାଣି ପାଇଁ ଭିତରକୁ ଯାଇଛନ୍ତି ।]

ଡାକବାଲା (ସ୍ୱର) : ଚିଠି.... ଚିଠି....

ଦୁଷ୍ମନ୍ତ : ହଁ.... ହଁ....

[ବାହାରକୁ ଯାଇଛନ୍ତି । ଲଫାପାଟି ଧରି ଆସିଛନ୍ତି । ପାଣି ଗ୍ଲାସ ଦେଇଛନ୍ତି ଶକୁନ୍ତଳା।]

ଶକୁନ୍ତଳା : କାହା ଚିଠି ?

[ଚିଠି ଆଡ୍ରେସ ଦେଖି ରାଗରେ ଚିଠିଟିକୁ ଦୁଇଗଡ କରି ଚିରି ବକେଟରେ ଫିଙ୍ଗି ଦେଇଛନ୍ତି]

Digitized by PPRACHIN, SOA

ଦୁଷ୍ମନ୍ତ	:	ଆଉ କାହାର ? ସେହି କୁଳାଙ୍ଗାରର ।
ଶକୁନ୍ତଳା		ଚିଠିଟା ଚିରି ପକେଇଲ କାହିଁକି ?
ଦୁଷ୍ମନ୍ତ	:	ଆଉ କ'ଣ ତକିଆ ତଳେ ସାଇତି ରଖିଥାନ୍ତି ? ସେ କୁଳାଙ୍ଗାରର କୌଣସି ସ୍ମୃତି ଏ ଘରେ ମୁଁ ରଖିବାକୁ ଚାହେଁନା....
ଶକୁନ୍ତଳା	:	ପିଲାଟା କ'ଣ ଲେଖିଛି, କେମିତି ଅଛି, ଜାଣିଥିଲେ କ'ଣ ଅସୁବିଧାଟା ହେଇଥା'ନ୍ତା ?
ଦୁଷ୍ମନ୍ତ		ବାସ୍, ଶକୁନ୍ତଳା ବାସ୍ ! ଆଉ ପଦେ ମୁଁ ତା' ବିଷୟରେ ଶୁଣିବାକୁ ଚାହେଁନା....
		[ରାଗରେ ତମ୍‌ତମ୍ ହେଇ ଘର ଭିତରକୁ ଚାଲିଗଲେ]
ଶକୁନ୍ତଳା		ସେଇ ପେନ୍‌ସନ୍‌ଟା ତମ ମୁଣ୍ଡକୁ ବିଗାଡ଼ି ଦେଲାଣି । ହେ ଭଗବାନ୍ ! କାହିଁକି ଆମକୁ ଛଟପଟ କରୁଛ ?
		[ଭିତରକୁ ଆସିଛି ଦେବିକା ହାତରେ ଗୋଟାଏ ଲଫାପା । ପାଦ ଛୁଇଁ ପ୍ରଣାମ କରିଛି ।]
ଦେବିକା	:	ମାଉସୀ, ଆଉ ଚିନ୍ତା କରିବାର କିଛି ନାହିଁ । ପେନ୍‌ସନ୍ କାଗଜପତ୍ର ମୁଁ ନେଇଆସିଛି ।
ଶକୁନ୍ତଳା	:	ଶୁଣୁଛ, ଶୁଣୁଛ.... ଆମ ପେନସନ କାଗଜ ଆସିଯାଇଛି । ଆରେ ଆସ....
ଦୁଷ୍ମନ୍ତ	:	(ପ୍ରବେଶ କରି) କ'ଣ ହେଲା.... ?
ଦେବିକା	:	(ପ୍ରଣାମ କରି) ନିଅନ୍ତୁ ଆପଣଙ୍କ ପେନ୍‌ସନ୍ ଅର୍ଡ଼ର ।
		[ପେନ୍‌ସନ୍ ପେପର ଦେଖୁଛନ୍ତି ଦୁଷ୍ମନ୍ତ]
ଶକୁନ୍ତଳା	:	ମା' ତୁ କେମିତି ଜାଣିବୁ, ଏଇ କାଗଜ ପାଇଁ ମଉସା କେତେଥର ଯେ ସେ ଡି.ପି.ଆଇ. ଅଫିସ୍‌କୁ ଦଉଡ଼ିଲେଣି ।
ଦୁଷ୍ମନ୍ତ	:	ହଁ, ମା'.... ଫାଇଲ୍‌ଟା କେଉଁଠି ଏପଟସେପଟ ହୋଇଯାଇଥିଲା ।
ଦେବିକା	:	ଫାଇଲ୍‌ଟାକୁ ଜାଣିଶୁଣି ଦାବି ଦିଆଯାଇଥିଲା । କେବଳ ଆପଣଙ୍କୁ ହଇରାଣ କରିବାପାଇଁ । ଖାଲି ସେଠି ନୁହେଁ, ସି.ଆଇ. ଅଫିସ୍‌ରେ ମଧ୍ୟ ସେ ଫାଇଲ୍‌କୁ ଲୁଚାଯାଇଥିଲା, ଅବଶ୍ୟ ଏ.ଜି.ଅଫିସ୍‌ରେ ଅସୁବିଧା ହୋଇନି ।
ଦୁଷ୍ମନ୍ତ	:	କ'ଣ ପାଇଁ ? ମୋର ତ ସେମିତି କେହି ଶତ୍ରୁ ଥିଲା ଭଳି ମନେହେଉନି !
ଦେବିକା	:	ମନେପକାନ୍ତୁ । ବନ୍ଧୁ ବି ସମୟ ସମୟରେ ଘୋରଶତ୍ରୁ ହୋଇଯାଏ । ଆପଣଙ୍କର ସେମିତି କେହି ? ମନେପକାନ୍ତୁ ।

Digitized by PPRACHIN, SOA

ଶକୁନ୍ତଳା : ମା' ତୁ ଏସବୁ କେମିତି ଜାଣିଲୁ ?

ଦେବିକା : ଏ ଖେଳର ଅସଲି ନାୟକ ହଉଛନ୍ତି ଆପଣଂକ ବଂଧୁ ଅରବିନ୍ଦ ପଟ୍ଟନାୟକ ଅର୍ଥାତ୍ ମୋର ବାବା ।

ଦୁଷ୍ମନ୍ତ : ଅରବିନ୍ଦ ଶେଷରେ ଏତେ ତଳକୁ ଖସିଗଲା !

ଦେବିକା : ସ୍ୱାର୍ଥରେ ବାଧା ପଡ଼ିଲେ ମଣିଷ ସବୁକିଛି କରିପାରେ । ହଁ, ସୂଚନା ଅଧିକାର ଫର୍ମରେ ଆପଣ ଡି.ପି.ଆଇ. ଅଫିସ୍‌ରେ ଯେଉଁ ଦରଖାସ୍ତ କରିଥିଲେ, ସେମାନେ ଆପଣଂକ ପେନ୍‌ସନ୍ ଅର୍ଡ଼ର ନଦେଇ ଯାଇଥାନ୍ତେ କୁଆଡ଼େ !

ଦୁଷ୍ମନ୍ତ : ସୂଚନା ଅଧିକାର ଫର୍ମ ! କାହିଁ, ମୁଁ ତ ସେମିତି କିଛି କାହାରିକୁ ଆପ୍ଲାଇ କରିନି ।

ଦେବିକା : କ'ଣ କହୁଛନ୍ତି, ଆପଣ ? ତାହେଲେ ଦରଖାସ୍ତ କଲା କିଏ ? କେହି ଜଣେ ଜାଣିବା ଶୁଣିବା ଲୋକ ଏକାମ କରିଛି ?

ଶକୁନ୍ତଳା : ସୂଚନା ଅଧିକାର ! ସେଇଟା ପୁଣି କି ଜିନିଷ ?

ଦେବିକା : ଖାଉଟିମାନଂକ ପାଇଁ, ଚାକିରିଆମାଂନଙ୍କ ପାଇଁ ଏଇଟା ହଉଛି ଏକ ଅମୋଘ ଅସ୍ତ୍ର । ସୂଚନା ଅଧିକାର ଆଇନ ବଳରେ ଜଣେ ନାଗରିକ ଯାହା ଜାଣିବାକୁ ଚାହିଁଥିବ, ସରକାର ତାହା ଦେବାକୁ ବାଧ୍ୟ । ନଦେଲେ ଜେଲ, ଜୋରିମାନାର ବ୍ୟବସ୍ଥା ରହିଛି । Right to information Act ଆଜିକାଲି ସମସ୍ତଙ୍କ ପାଇଁ ଏକ ଆଶୀର୍ବାଦରେ ପରିଣତ ହେଇଛି ।

ଶକୁନ୍ତଳା ଏ କାମ ତାହେଲେ କଲା କିଏ ?

ଦେବିକା : ଯିଏ ପଛେ କରୁ, ସେ ନିଶ୍ଚୟ ଏ ପରିବାରର ହିତାକାଂକ୍ଷୀ ।

ଶକୁନ୍ତଳା : ଏତେବଡ଼ ଶୁଭ ଖବରଟା ପାଇଲ, ପିଲାଟାର ମୁହଁ ମିଠା କରିବନି ? [କିଛି କହି ପାରୁନଥିଲେ ଦୁଷ୍ମନ୍ତ । ନିଜର ଅସାମର୍ଥ୍ୟତା ପାଇଁ ଦୁଃଖ କରୁଥିଲେ । ମୁହଁର ଭାବରୁ ବୁଝିପାରିଛି ଦେବିକା]

ଦେବିକା : ଥାଉ ମଉସା, ମୋ ମିଠା ଖାଇବା ବେଳ କ'ଣ ଚାଲିଯାଉଛି ! ମୁଁ ପରେ ଆସିବି । ସେଦିନ କିନ୍ତୁ ଜମା ଛାଡ଼ିବିନି.... ଯାଉଛି.... ।
[ପାଦ ଛୁଇଁ ପ୍ରଣାମ କରୁଥିଲା ଦେବିକା । ଉଭୟ ଥିଲେ ଆଶୀର୍ବାଦ ମୁଦ୍ରାରେ....]

◆

Digitized by PPRACHIN, SOA

ଦଶମ ଦୃଶ୍ୟ

[ଅରବିନ୍ଦ ବାବୁଙ୍କ ଡ୍ରଇଂରୁମ୍ । କଥାବାର୍ତ୍ତା ହେଉଥିଲେ ଅରବିନ୍ଦ ଏବଂ ମୁରାରୀ । ମୋବାଇଲ ଫୋନ୍ ବାଜିଛି ।]

ଅରବିନ୍ଦ   ‘ହାଲୋ’.... ହଁ, ସତୀଶ କୁହ । x x ଆରେ ଘଟଣାଟା କ’ଣ ହୋଇଛି କୁହ ।

ମୁରାରୀ : ହୋଟେଲରେ କିଛି ଅସୁବିଧା– ?

[ନୀରବ ରହିବାକୁ ସୂଚନା ଦେଇଛନ୍ତି ଅରବିନ୍ଦ ! ଦ୍ୱାର ପାଖରେ ଏପଟ ସେପଟ ହେଉଛି କଂଗାରୁ]

ଅରବିନ୍ଦ : ସେ ଦଶହଜାର ଟଙ୍କା ନେଇଗଲା, ତମେମାନେ କ’ଣ କରୁଥିଲ ? କେହି କିଛି କରିପାରିଲ ନାହିଁ ? x x ସବୁ ଟଙ୍କା ତମମାନଂକ ଦରମାରୁ ଅସୁଲ ହେବ । x x ମୁଁ କିଛି ଶୁଣିବାକୁ ଚାହେଁନା.... ।

ମୁରାରୀ : ସାର୍, ତାଂକୁ ଟିକିଏ ଆକଟ ନକଲେ, କୋଉଠି ଆମେ ମୁହଁ ଦେଖେଇ ପାରିବାନି । ଫାର୍ମ ମ୍ୟାନେଜରକୁ ବି ଧମକେଇଛନ୍ତି । ତାଙ୍କଠୁ ବି କେତେ ଝଡ଼େଇଛନ୍ତି ।

ଅରବିନ୍ଦ : ଇଲେକସନ ମୁଣ୍ଡ ଉପରେ । ମୁଁ ଭୋଟ ପାଇଁ ଲାଗିବି, ନା’ ତା’ କଥା ବୁଝିବି ? ସେ କୁଳାଙ୍ଗାରଟା ମୋତେ.... (ବିବ୍ରତ)

ମୁରାରୀ : ସାର୍, ତାଂକୁ କିଛି ଗୋଟାଏ ଦାୟିତ୍ୱ ଦେବାକୁ ବି ମତେ ଭୟ ଲାଗୁଛି । କାରଣ ସିଏ ଯେମିତି କଥାବାର୍ତ୍ତା କରିବେ, ମିଳୁଥିବା ଭୋଟ ମଧ ହାତଛଡ଼ା ହୋଇଯିବ ।

ଅରବିନ୍ଦ : ଯାହା ତମେ ଉଚିତ ଭାବୁଛ, କର । ମତେ କିଛି ପଚାରନା । ହଁ, ଆମ ପୋଜିସନ କେମିତି ଅଛି ? ଏରିଆର ଦାଦାମାନଙ୍କୁ ହାତ କର ।

Digitized by PPRACHIN, SOA

ମୁରାରୀ : ସାର୍, ବର୍ତ୍ତମାନଯାଏ କିଛି ଅସୁବିଧା ହୋଇନି । ସବୁଠାରୁ ବେଶି ଇନ୍ଦିରା ଆବାସ, ଆମ ଲୋକେ ପାଇଛନ୍ତି । ବାଁ ଡାହାଣ ସାଇନ୍ କରି ସବୁ ସରପଞ୍ଚ ୱାଡ଼ମେମ୍ବର ବାଣ୍ଟିକୁଣ୍ଟି ନେଇଛନ୍ତି । ଭୋଟ ଦେବେନି ଯିବେ କୁଆଡ଼େ ? ଥିଲାବାଲା ଲୋକଗୁଡ଼ାକ ବି ଘର ନେଇଛନ୍ତି.... ।

ଅରବିନ୍ଦ : 'କଙ୍ଗାରୁ'.... 'କଙ୍ଗାରୁ'.... ଦୁର୍ଯ୍ୟୋଧନକୁ ଡାକ୍ ।

[କଙ୍ଗାରୁ ଭିତରେ ଲୁଚି ଯାଇଛି]

ମୁରାରୀ : ସାର୍, ତାଙ୍କୁ ତ କାଲି ସଂଧ୍ୟାରେ ମୁଁ ରାଜଧାନୀ ଏକ୍ସପ୍ରେସରେ ବସିଥିବାର ଦେଖିଛି । ବୋଧେ ଦିଲ୍ଲୀ.... !

ଅରବିନ୍ଦ : କ'ଣ ପାଇଁ ଦିଲ୍ଲୀ ଗଲା ? ହାତରେ ଟଙ୍କା ପଡ଼ିଲେ ତାକୁ ଚଉଦଭୁବନ ଦେଖାଯିବ । ଅପଦାର୍ଥ ! ଟଙ୍କାଟିଏ ରୋଜଗାର କରିବାର ଶକ୍ତି ନାହିଁ, ମନଇଚ୍ଛା ଖର୍ଚ୍ଚ କରିବ ! ଯାହା କରିବ, ମତେ ଟିକିଏ ଜଣେଇବନି !

[ବାହାରୁ ଆସିଛି ଦୁର୍ଯ୍ୟୋଧନ । ଶେଷ ପଦଟି ତା'କାନରେ ପଡ଼ିଛି ।]

ଦୁର୍ଯ୍ୟୋଧନ : କି ଭେରଣ୍ଡା ବିଚାର ପଡ଼ିଛି ?

ଅରବିନ୍ଦ : ଦୁର୍ଯ୍ୟୋଧନ ସଂଯତ ହୋଇ କଥାବାର୍ତ୍ତା କର ।

ଦୁର୍ଯ୍ୟୋଧନ : ହୋ ମୁରାରୀ ବାବୁ, କାହାକୁ ଟ୍ରେନ୍‌ରେ ଦେଖିଥିଲ ? ତମେ କାହିଁକି ଷ୍ଟେସନ ଯାଇଥିଲ ?

ମୁରାରୀ : ମୁଁ.... ମୁଁ.... କାହିଁକି ଷ୍ଟେସନ ଯିବି ଯେ.... ! ତମରି ଭଳି କାହାକୁ ଜଣକୁ ଦେଖିଲି.... !

ଦୁର୍ଯ୍ୟୋଧନ : ବୟସ ତ ବେଶି ହୋଇନି, ଆଖିରୋଗ କାହିଁକି ହେଲା ? ଡାକ୍ତର ଦେଖାଉନ କାହିଁକି ? ଖର୍ଚ୍ଚଦେବାକୁ ତ ବାବା ଅଛନ୍ତି ।

ଅରବିନ୍ଦ : 'ଦୁର୍ଯ୍ୟୋଧନ' ! କାହା ସହିତ କେମିତି କଥାବାର୍ତ୍ତା କରାଯାଏ, ଶିଖିପାରିଲୁ ନାହିଁ ? କ'ଣ ପାଇଁ ହୋଟେଲ୍‌ରୁ ଦଶହଜାର ଟଙ୍କା ଆଣିଛୁ ?

ଦୁର୍ଯ୍ୟୋଧନ : ସେ ସବୁର ହିସାବ ଦେବାକୁ ମୁଁ ବାଧ୍ୟ ନୁହଁ ।

ଅରବିନ୍ଦ : ମାନେ ?

ଦୁର୍ଯ୍ୟୋଧନ : ମାନେଟା ତମେ ଭଲଭାବେ ଜାଣ । ତମେ ଯୋଉଠୁ ଯାହା ଆଣୁଛ, ସବୁର ହିସାବ ଦଉଛ ? ଇନ୍‌କମ୍‌ଟାକ୍ସ ବିଭାଗକୁ କେତେ ଜଣଉଛ ?

Digitized by PPRACHIN, SOA

ଅରବିନ୍ଦ	:	'ଦୁର୍ଯ୍ୟୋଧନ' !
ଦୁର୍ଯ୍ୟୋଧନ	:	ଫ୍ୟାକ୍ଟ୍ରି, ଫାର୍ମ, ହୋଟେଲ, ସେୟାରମାର୍କେଟ୍ରୁ ତମେ ଯେତିକି ଆୟ କରୁଛ, ତାର ହିସାବ କେତେଜଣଙ୍କୁ ଦଉଛ ? ଇନକମ୍ ଟ୍ୟାକ୍ସବାଲା ଜାଣିଲେ ଅବସ୍ଥା କ'ଣ ହେବ, ଭାବିପାରୁଛ ?
ମୁରାରୀ	:	ସାର୍, କଥାଟାକୁ ବେଶି ବଢ଼ାନ୍ତୁନି ।
ଦୁର୍ଯ୍ୟୋଧନ	:	ତୁମେ ଚୁପ୍କର । ଆମ ଦି'ଜଣଙ୍କ ଭିତରେ ପଶିବାକୁ ତମେ କିଏ ? ଯେତିକିର ମଣିଷ, ସେତିକି କଥାବାର୍ତ୍ତା କର ।
ମୁରାରୀ	:	ମୁଁ ଯାଉଛି, ସାର୍ । ପରେ ଆସିବି । (ପ୍ରସ୍ଥାନ)
ଅରବିନ୍ଦ	:	ତୁ ଜାଣୁ, ମୁରାରୀ କେଡ଼େ କାମିକା ଲୋକ ! ଇଲେକ୍ସନ୍‌ର ସବୁ ଦାୟିତ୍ୱ ସେ ନେଇଛି ।
ଦୁର୍ଯ୍ୟୋଧନ	:	ସେ କି ପ୍ରକାର କାମରେ ଧୁରନ୍ଧର, ସେ କଥା ବି ତମେ ଭଲ ଭାବେ ଜାଣ । ତମର ସବୁ ଚୋରା କାର୍‌ବାରର କଥା ସେ ଜାଣିସାରିଛି । ଏବେ ତମେ ଚେଷ୍ଟାକଲେ ବି ତାକୁ ପାଖରୁ ଦୂରରେ ଦେଇ ପାରିବ ନାହିଁ । ଏଣୁ Be Careful !
ଅରବିନ୍ଦ	:	ତୁ କ'ଣଟା କହିବାକୁ ଚାହୁଁଛୁ ? ତାକୁ ଛାଡ଼ି ମୁଁ ତୋ ଉପରେ ମୁଁ ଭରସା କରିବି ?
ଦୁର୍ଯ୍ୟୋଧନ	:	ସେ ସବୁ ବାଜେକଥା ଶୁଣିବାକୁ ମୁଁ ଏଠିକି ଆସିନି ।
ଅରବିନ୍ଦ	:	ତାହେଲେ କ'ଣ ପାଇଁ ଆସିଛୁ ?
ଦୁର୍ଯ୍ୟୋଧନ	:	ମୋର ୫୦ହଜାର ଟଙ୍କା ଦରକାର ।
ଅରବିନ୍ଦ	:	ତୋ ମୁଣ୍ଡ ଠିକ୍ ଅଛି ? ଟଙ୍କାଗୁଡ଼ାକ ମାଟିଗୋଡ଼ି ନୁହେଁ, ଯେତେବେଳେ ଯେଉଁ ମୁହୂର୍ତ୍ତରେ ଚାହିଁବୁ, ଗୋଳି ଆଣିବି !
ଦୁର୍ଯ୍ୟୋଧନ	:	କେବେ ଦଉଛ, କୁହ ।
ଅରବିନ୍ଦ	:	ଯଦି ନ ଦିଏ ?
ଦୁର୍ଯ୍ୟୋଧନ	:	ମୋ ରାସ୍ତା ମୁଁ ଦେଖିବି । କେମିତି ଟଙ୍କା ଆସିବ, ସେ ବାଟ ମତେ ଜଣା । ପଛରେ ମତେ ଦୋଷ ଦବନି ।
ଅରବିନ୍ଦ	:	ଅପଦାର୍ଥ.... କୁଳାଙ୍ଗାର.... । ତୋରି ପାଇଁ ଭାରତ ଭଳି ପିଲା ଛାଡ଼ି ଚାଲିଗଲା !

Digitized by PPRACHIN, SOA

ଦୁର୍ଯ୍ୟୋଧନ : ଚାଲିଗଲା ନାହିଁ ଯେ ବଂଚିଗଲା ।

ଅରବିନ୍ଦ : ତୁ ଭଲଭାବେ ଜାଣୁ, ମୁରାରୀ ମୋର ହାତବାରିସୀ । ତାକୁ ଛାଡ଼ି ମୁଁ ଇଲେକସନରେ ପାଦଟିଏ ବି ଆଗେଇ ପାରିବିନି । ତୁ ତା'ରି ସାଙ୍ଗରେ ଝଗଡ଼ା ଲଗାଉଛୁ ?

ଦୁର୍ଯ୍ୟୋଧନ : ମଣିଷ ଚିହ୍ନିବାରେ ମୁଁ ଭୁଲ କରେନା । ସେଇଟା ଗୋଟାଏ ଦଗାବାଜ୍ । ସୁବିଧାବାଦୀ ମଣିଷ ! ନିଜ ସ୍ୱାର୍ଥପାଇଁ ସେ ସବୁକିଛି କରିପାରିବ ।

ଅରବିନ୍ଦ : ତୋ ଜିଭକୁ ଲଗାମ୍ ଦେ । (ରାଗରେ)

ଦୁର୍ଯ୍ୟୋଧନ : ଚିଲ୍ଲାଅନା ।

ଅରବିନ୍ଦ : ତୁ ମୋ ସାମନାରୁ ଚାଲିଯାଆ ।

ଦୁର୍ଯ୍ୟୋଧନ ୫୦ହଜାର ?

ଅରବିନ୍ଦ : କ'ଣ ହେବ ? କରିବୁ କ'ଣ ?

ଦୁର୍ଯ୍ୟୋଧନ : କହିଛି, ହିସାବ ମାଗିବନି । ରାଜସ୍ଥାନ ଜୟପୁର ଯିବି । ବୁଲିବାକୁ । ଆଉ ଅଧିକ କିଛି ଜାଣିବାକୁ ଚାହଁ ?

ଅରବିନ୍ଦ : ତୋ ବୟସର କୋଉ ପିଲା ଏମିତି ଟଙ୍କା ବରବାଦ୍ କରୁଛି ? ଆରେ ଟଙ୍କାର ମୂଲ୍ୟଟା ବୁଝୁ ! ଇଲେକସନ ଟାଇମ୍...

ଦୁର୍ଯ୍ୟୋଧନ : ଓଃ, ଫାଲତୁ କଥା ଶୁଣିବାକୁ ମୋର ବେଳ ନାହିଁ । ଦିଅ.... ଦିଅ.... ମୋ ଟଙ୍କାଟା ଦେଇଦିଅ କି କେବେ ଦବ କୁହ ।

ଅରବିନ୍ଦ : 'ଦୁର୍ଯ୍ୟୋଧନ'....

ଦୁର୍ଯ୍ୟୋଧନ : ଏ ବୟସରେ ବେଶି ରାଗିଲେ ପ୍ରେସର ବଢ଼ିଯିବ ।

ଅରବିନ୍ଦ 'କୁଳାଙ୍ଗାର' ! ତୋ ମୁହଁ ଦେଖିବାକୁ ମୁଁ ଚାହେଁନା ।

ଦୁର୍ଯ୍ୟୋଧନ : ପଚାଶ ହଜାର ଟଙ୍କା ଦେଇଦିଅ । ତାପରେ ଯାହା କରିବା କଥା କରିବ ।

[ଭିତରୁ ତାଳି ମାରି ମାରି ଆସିଛି ଦେବିକା]

ଦେବିକା : ବାଃ ! ପିତା ପୁତ୍ରର କି ମଧୁର ସଂଯୋଗ ।

ଅରବିନ୍ଦ : ଦେଖୁଛୁ ଦେବିକା, ଏ କୁଳାଙ୍ଗାର ମତେ କ'ଣ କହୁଛି !

ଦେବିକା : ଭାଇ, ବାପାଙ୍କୁ ତୋର ଏମିତି କହିବାଟା ଉଚିତ ହଉନି । କ୍ଷମା ମାଗ ।

Digitized by PPRACHIN, SOA

ଦୁର୍ଯ୍ୟୋଧନ	:	ବାପା, ହୁଁ.... ! ଯାଙ୍କୁ କ୍ଷମା ମାଗି ମୁଁ 'ବାପା' ଶବ୍ଦଟାକୁ ଅପବିତ୍ର କରିବାକୁ ଚାହେଁନି ।
ଅରବିନ୍ଦ	:	ବାଜେ କଥା ବକନି । ଚାହିଁଲେ ତତେ ମୁଁ ତ୍ୟଜପୁତ୍ର କରିପାରେ ।
ଦୁର୍ଯ୍ୟୋଧନ	:	କିଛି କରିପାରିବନି । ଆଗକୁ ଇଲେକ୍ସନ୍ । ଗୋଟିଏ ବି ଭୋଟ ପାଇବନି ।
ଦେବିକା	:	ହଁ, ବାବା, ତା' ସହିତ ଟକ୍କର ଦେଇ କାହିଁକି ବଦନାମି କିଣିବ ? ତମ ଭାବମୂର୍ତ୍ତିରେ ବରଂ ଆଞ୍ଚ ଆସିବ ।
ଦୁର୍ଯ୍ୟୋଧନ	:	ସେଇଥିଲାଗି କହୁଛି, ଚୁପଚାପ୍ ମୋତେ ପଚାଶ ହଜାର ଦେଇଦିଅ । ମୁଁ ମୋର ଯାହା କରିବି । ଏତେ ଲୋକଙ୍କୁ ଟଙ୍କା ବାଣ୍ଟୁଛ, ଆଉ ମତେ ଦବାପାଇଁ....
ଦେବିକା	:	ହଁ, ବାବା । ସିଏ ଯାହା କହୁଛି, ତା' କଥାରେ ବରଂ ରାଜି ହେଇଯାଅ । କାହିଁକି ଅଯଥାରେ ଟେନସନ କିଣିବ ?
ଅରବିନ୍ଦ	:	ହେଲେ– ?
ଦେବିକା	:	ବାବା, ଯିଏ ଖାଲ ଅନ୍ୟପାଇଁ ଖୋଳେ, ସେହି ଖାଲରେ ସେ ନିଜେ ପଡ଼ିଥାଏ । ସିଏ ଆଜି ଯାହା କିଛି ହେଇଛି, ସେସବୁ ପାଇଁ ଦାୟୀ ତମେ !
ଅରବିନ୍ଦ	:	ତମେମାନେ କୋଉଠି ଟିକେ ମତେ ଶାନ୍ତିରେ ରଖେଇ ଦବନି । [ବିବ୍ରତହୋଇ ଭିତରକୁ ଯାଇଛନ୍ତି ଅରବିନ୍ଦ । ତାଂକୁ ଅନୁସରଣ କରିଛି ଦୁର୍ଯ୍ୟୋଧନ ।]
ଦେବିକା	:	ସବୁ କ୍ଷମତାଲୋଭୀ ମଣିଷମାନଂକର ଶେଷ ପରିଣତି ଠିକ୍ ଏଇଆ ହୋଇଥାଏ । ବାବା, ତମେ ବା ସେଥିରୁ ମୁକ୍ତ ହୁଅନ୍ତ କିପରି ? ଯଦି ପାରିବ ଈଶ୍ୱରଙ୍କ ଶରଣ ନିଅ । ସେ ହୁଏତ ତମକୁ କ୍ଷମା କରିଦେଇପାରନ୍ତି ! [ମୁହଁରେ ଦୁଃଖର ଛାପ]

◆

Digitized by PPRACHIN, SOA

ଏକାଦଶ ଦୃଶ୍ୟ

[ଦୁଷ୍ମନ୍ତ ମହାପାତ୍ରଙ୍କ ଡ୍ରଇଂରୁମ୍ । ଚାରିଆଡ଼େ ଝାପ୍‌ସା ଅନ୍ଧାର । ସ୍ୱପ୍ନ ଭିତରେ ହଜିଯାଇଥିଲେ ଦୁଷ୍ମନ୍ତ । ମିଲିଟାରୀ ପୋଷାକ ପିନ୍ଧି ଆସିଛି ଭାରତ । ଚାରିଆଡ଼କୁ ଥରେ ଆଖିବୁଲେଇ ନେଇଛି । ଦୁଷ୍ମନ୍ତଙ୍କ ପାଖକୁ ଆସିଛି ।]

ଭାରତ : ସାଧାରଣତଃ ମଣିଷ ଅଭିଜ୍ଞ ହେଲେ, ତାର କ୍ରୋଧ କମିଯାଇଥାଏ । ହେଲେ, ତମେ ଯୋଉ ହେଡ୍‌ମାଷ୍ଟର ଥିଲ, ସେହି ହେଡ୍‌ମାଷ୍ଟର ହେଇ ରହିଗଲ ! ଏତେ ଲୋକଙ୍କୁ ଜ୍ଞାନ ବିତରଣ କରିଛ, ନିଜେ ଏତିକି ଶିଖିପାରିଲ ନାହିଁ ?

[ଅନ୍ୟପଟକୁ ଯାଇ ପରୀକ୍ଷା କରିଛି]

ମୁଁ ସିନା ଅଭିମାନରେ ତମ ପାଖରୁ ଚାଲିଆସିଲି, ହେଲେ ତମେ ତ ମୋତେ ଫେରେଇ ନେଇପାରିଥାନ୍ତ ! ମୋ ଚିଠିଗୁଡ଼ାକୁ ଚିରି ପକାଇ କି ଲାଭ ପାଇଲ ? ଚିଠିକୁ ଚିରିଲନି ଯେ ମୋ ଦେହଟାକୁ ଖଣ୍ଡଖଣ୍ଡ କରିଦେଲ ! କାହିଁକି ମୋ ମା'ଟାକୁ ଛଟପଟ କରିମାରୁଛ ? ବିଚାରୀ କି ଦୋଷ କରିଥିଲା ? ଠିକ୍ ଅଛି । ମୋ କର୍ତ୍ତବ୍ୟ ମୁଁ କରିଚାଲିଛି । ଏଠି ଭୀଷଣ ଥଣ୍ଡା ପଡ଼ିଛି । ପୁଞ୍ଚ, କାଶ୍ମୀର ବର୍ଡ଼ରରେ ମୁଁ ଲଢ଼େଇ କରୁଛି । ପ୍ରତି ମୁହୂର୍ତ୍ତରେ ଏଠି ଜୀବନ ମୃତ୍ୟୁର ଲୁଚକାଳି ଖେଳଚାଲିଛି । ଯୁଦ୍ଧ କରୁ କରୁ ଯଦି ଏ କ୍ଷେତ୍ରରେ ଟଳିପଡ଼େ, ତେବେ ମୋ ବୋଉକୁ ବୁଝେଇଦେବ.... ଦେଶଲାଗି ଜୀବନଦେବା ସୁଯୋଗ କେତେ ଜଣଙ୍କ ଭାଗ୍ୟରେ ଜୁଟେ !

ଦୁଷ୍ମନ୍ତ : 'ନା'.... ! [ଚିତ୍କାର କରି ଉଠିଛନ୍ତି ଦୁଷ୍ମନ୍ତ । ଅପସରି ଯାଇଛି ଭାରତ । ଆଲୋକ ସ୍ୱାଭାବିକ ହୋଇଉଠିଛି । ପ୍ଲାଷ୍ଟିକ ବକେଟ୍‌ରୁ ଚିରାଯାଇଥିବା ଚିଠିର ଟୁକୁଡ଼ାକୁ ସଜାଇବାରେ ଲାଗିଛନ୍ତି ଦୁଷ୍ମନ୍ତ । ପଛପଟେ ଆସି ଛିଡ଼ା ହୋଇଛନ୍ତି ଶକୁନ୍ତଳା । ଟୁକୁଡ଼ାକୁ ସଜାଡ଼ି ପଢ଼ିବାକୁ ଚେଷ୍ଟା କରିଛନ୍ତି ଦୁଷ୍ମନ୍ତ ।]

Digitized by PPRACHIN, SOA

বাপা সাদর প্রণাম....

[বাকিতক চিঠির অংশ ভারত কণ্ঠরে]

ଭାରତ

ବୋଉକୁ ପ୍ରଣାମ । ତମମାନଙ୍କ କଥା ନମାନି ଅଭିମାନରେ ଚାଲିଆସିଲି, ହେଲେ ଯାହା ପାଖରେ ରହିଲି, ସିଏ ତା' ନିଜ ସ୍ୱାର୍ଥପାଇଁ ମତେ ବଳି ପକାଇବାକୁ ଚାହିଁଲା । ସତରେ ବାବା, ତମବଂଧୁ ଜଣେ ଦେଶଦ୍ରୋହୀ ଡକାୟତ । ରାଜନୀତିର ଆବରଣ ପଛପଟେ ତାଙ୍କର ଆଉ ଗୋଟାଏ ଚେହେରା ଲୁଚି ରହିଛି । Boarder Security Force ପାଇଁ ବିଜ୍ଞାପନ ବାହାରିଥିଲା । ଇଣ୍ଟରଭିଉ ଦେଇ ସିଲେକ୍ଟ ମଧ ହୋଇଗଲି । ଟ୍ରେନିଙ୍ଗ ମଧ ସରିଗଲା । ଏବେ, ମୁଁ ଆଉ ମୋ ସାଥୀମାନେ, ପୁଞ୍ଚ ସେକ୍ଟରରେ ଯୁଦ୍ଧ କରୁଛୁ । ବର୍ଡରରେ ଭୀଷଣ ଥଣ୍ଡା । କେତେବେଳେ ଯେ କିଏ ଟଳିପଡ଼ିବ, କହିହେଉନି ।

ଲଢ଼େଇ କରୁକରୁ ଯଦି ମୁଁ ବିକଳାଙ୍ଗ ହେଇଯାଏ, ତାହେଲେ କେବେ ବି ଘରକୁ ଫେରିବିନି । ଆଉ ଯଦି ସହିଦ ହେଇଯାଏ, ମୋ ଭାଗ୍ୟ ଟାଣ ବୋଲି ଧରିନେବି । ହଁ, ମୁଁ ଟଳିପଡ଼ିଲେ ତମେ ଦିହେଁ କାନ୍ଦିବନି.... ତ୍ମେ ତ ଛାତିରେ ହାତବାଡ଼େଇ କହିପାରିବ, ଦୁଷ୍ମନ୍ତ ମହାପାତ୍ରର ପୁଅ 'ଭାରତ'ର ଜୀବନ ବ୍ୟର୍ଥ ହେଇନି । ଦେଶର ହିତରେ ଲାଗିଛି । ରହୁଛି । ଇତି ତମର ହତଭାଗ୍ୟ ପୁଅ ।

ଦୁଷ୍ମନ୍ତ : 'ଭାରତ'.... ! (କଣ୍ଠସ୍ୱର କରୁଣ) ନାଁରେ ତୁ କାହିଁକି ହତଭାଗ୍ୟ ହେବୁ ! ତୋର ଏ ବାପଟା ତତେ ସିନା ବୁଝିପାରିଲାନି । ତାକୁ କ'ଣ ତୁ କ୍ଷମା କରିବୁନି ?

[କଇଁ କଇଁ କାନ୍ଦି ଉଠିବାବେଳେ । ପଛପଟୁ ପିଠିରେ ହାତ ରଖିଛନ୍ତି ଶକୁନ୍ତଳା ।]

ଶକୁନ୍ତଳା : ତମେ କାନ୍ଦୁଛ ! କ'ଣ ହେଇଛି ? ଭାରତ ଚିଠିରେ କଣ ଲେଖିଛି ?

ଦୁଷ୍ମନ୍ତ : ଭାରତ ଆମ ସମସ୍ତଙ୍କୁ ଜିତିଯାଇଛି । ଚିଠିରେ କେତେ କଥା ଲେଖିଛି । ଖାସ୍‌କରି ତମରି ପାଇଁ । ତା' ଚିଠିଗୁଡ଼ାକ ଚିରିଦେଇ ମୁଁ ଭୁଲ୍ କରିଥିଲି ।

ଶକୁନ୍ତଳା : ସେ ତାହେଲେ ଏବେ କୋଉଠି ?

Digitized by PPRACHIN, SOA

ଦୁଷ୍ମନ୍ତ : ସେ ସୈନ୍ୟବିଭାଗରେ ଯୋଗଦେଇଛି । କାଶ୍ମୀର ପୁଞ୍ଚ ସେକ୍ଟରରେ ଲଢୁଛି । ଦେଶପାଇଁ ଲଢୁଛି । ଜୀବନସାରା ମୁଁ ପିଲାଟାକୁ ଭୁଲି ବୁଝିଆସିଲି । ହେଲେ ସିଏ–ମତେ ଟପିଗଲା....

ଶକୁନ୍ତଳା : ବାସ୍, ସେତିକି ତ ଆମର ଆନନ୍ଦ, ଆଉ କ'ଣ ଦରକାର ! ହଁ, ଚାକିରୀତ ହେଇଗଲା । ଆଉ କାହିଁକି ଡେରି କରିବା ? ନା' କ'ଣ କହୁଛ ?

ଦୁଷ୍ମନ୍ତ : ଭଲ ଝିଅଟିଏ ମିଳିଲେ କାମ ସାରିଦେବା ।

ଶକୁନ୍ତଳା : ହାତ ପାହାନ୍ତାରେ ତ ଝିଅ ଅଛି । ଦେବିକାଠାରୁ ଆଉ ଭଲ ପାତ୍ରୀ କୋଉଠୁ ମିଳିବ ?

ଦୁଷ୍ମନ୍ତ : ଅରବିନ୍ଦ ରାଜିହେବ ?

ଶକୁନ୍ତଳା : ଦେବିକା ତ ଚାହୁଁଛି । ସିଏ ନିଶ୍ଚୟ ରାଜି ହେଇଯିବେ । ତମେ ପ୍ରସ୍ତାବଟା ପକାଅ ।

ଦୁଷ୍ମନ୍ତ : ଇଲେକ୍ସନରେ ଶୋଚନୀୟ ଭାବେ ସେ ହାରିଯାଇଛି । ଜୟପୁର ପୋଲିସ ପୁଅଟାକୁ ତେଣେ ଆରେଷ୍ଟ କରିଛି । ଏମିତି ଅବସ୍ଥାରେ ମୁଁ କେମିତି ତା' ଘରକୁ ବାହାଘର ପ୍ରସ୍ତାବ ନେଇ ଯିବି !

ଶକୁନ୍ତଳା : ଯେତେହେଲେ ସିଏ ତମ ବନ୍ଧୁ । ଏ ଦୁର୍ଦ୍ଦିନରେ ତମେ ତାଂକ ପାଖରେ ଠିଆ ନହେଲେ, ଆଉ କିଏ ଠିଆ ହେବ ? ହଁ, ପୁଅଟାର କ'ଣ ଅସୁବିଧା ହେଲା ?

ଦୁଷ୍ମନ୍ତ : ଗୋଟାଏ ଜର୍ମାନୀ ଝିଅକୁ ବଳାତ୍କାର କରିବା ଅଭିଯୋଗରେ ସିଏ ଆରେଷ୍ଟ ହେଇଛି । ଅରବିନ୍ଦଟା ବହୁତ ଭାଂଗିପଡ଼ିଥିବ !

ଶକୁନ୍ତଳା : ତମେ କାଲି ସକାଳେ ତାଂକ ଘରକୁ ଯାଅ । ହଁ, ଭାରତ ପାଖକୁ ଖଣ୍ଡିଏ ଚିଠି ଲେଖ । ସିଏ ଦଶହରାଛୁଟିକୁ ଆସୁ ।

ଦୁଷ୍ମନ୍ତ : ଏ ଦେଶର ଜବାନକୁ ଛୁଟିଦବ କିଏ ? ତଥାପି ଲେଖିବି । ଆଗାମୀ ତିଥିରେ ତା' କାମ ସାରିଦବା ।

[କାଗଜଟା ଟାଣିଆଣି ଚିଠି ଲେଖିବାକୁ ଆରମ୍ଭ କରିଛନ୍ତି ଦୁଷ୍ମନ୍ତ । ଚାହିଁ ରହିଛନ୍ତି ଶକୁନ୍ତଳା]

◆

Digitized by PPRACHIN, SOA

ଦ୍ୱାଦଶ ଦୃଶ୍ୟ

[ଅରବିନ୍ଦ ବାବୁଙ୍କ ଡ୍ରଇଂରୁମ୍ । ଏକ ଅସ୍ୱାଭାବିକ ପରିସ୍ଥିତିର ପଦଚିହ୍ନ ସ୍ପଷ୍ଟ ବାରି ହୋଇପଡୁଥିଲା । ବାହାରୁ ସତର୍କ ପଦକ୍ଷେପରେ ଆସିଛି ମୁରାରୀ । ଘର ଭିତରକୁ ଲକ୍ଷ୍ୟକରି ଡାକିଛି....]

ମୁରାରୀ : ସାର୍.... ସାର୍.... । ଆସନ୍ତୁ.... । କେହି କୁଆଡ଼େ ନାହାନ୍ତି.... ।

[ଘର ଭିତରୁ ଗୋଟାଏ ଆଟାଚି ଧରି ଆସିଛନ୍ତି ଅରବିନ୍ଦ । ମୁଖମଣ୍ଡଳରେ ଭୟର ସୂଚନା]

ସାର୍, ମୁଁ ସବୁଯାଗା ଦେଖିସାରିଛି । କେହି ନାହାନ୍ତି ।

ଅରବିନ୍ଦ : ମତେ ବି ସୁଯୋଗର ଫାଇଦା ଉଠାଇବାକୁ ପଡ଼ିବ । ଫ୍ଲାଇଟ ସାଡଟା ପନ୍ଦରରେ ।

ମୁରାରୀ : ସାର୍, ଆଦିଲ ମିଆଁର ଗାଡ଼ିଟା ରେଡ଼ି ଅଛି । ସିଏ ଆପଣଙ୍କୁ ଏୟାରପୋର୍ଟରେ ଛାଡ଼ିଦେବ । ପଛପଟଗେଟ୍ ଦେଇଯିବେ ।

ଅରବିନ୍ଦ : ଏତିକିବେଳକୁ ଏ ଦୁର୍ଯୋଧନଟା ଏମିତି କାମଟା କରିବସିଲା, ମଣିଷ ଟିକିଏ ମୁହଁ ଦେଖେଇପାରୁନି ।

ମୁରାରୀ : ସାର୍, ପୋଲିସ୍ ବି ମତେ ଦୁର୍ଯୋଧନବାବୁଙ୍କ କଥା ପଚାରୁଥିଲା । ଆପଣ ତାଙ୍କୁ କୋଉଠି ଲୁଚେଇ ରଖିଛନ୍ତି, ସେଇକଥା ନେଇ ଗୁଡ଼େଇ ତୁଡ଼େଇ ପ୍ରଶ୍ନ ପଚାରିଲା । ସାର୍, ଆପଣ ତାଙ୍କୁ ପ୍ୟାରୋଲ୍‌ରେ ଆଣି ଭୁଲ୍ କଲେ ।

ଅରବିନ୍ଦ : ତାକୁ ଜେଲ୍ କୋଠରୀ ଭିତରେ ରଖି ମୁଁ କେମିତି ଶାନ୍ତିରେ ଶୋଇପାରନ୍ତି ? ମୁରାରୀ, ପୋଲିସ୍‌ର ସନ୍ଦେହ ମୋ ଉପରେ ଘନୀଭୂତ ହେବାରେ ଲାଗିଛି । ମୁଁ ଯେଉଁଠି ରହିଲେ ବି ତମ ସହିତ ମୋବାଇଲ୍‌ରେ କଣ୍ଟାକ୍ଟ କରୁଥିବି । ଏ ଖବର କୌଣସି ପ୍ରକାରେ ଯେମିତି ଲିକ୍ ନହୁଏ !

Digitized by PPRACHIN, SOA

ମୁରାରୀ : ସାର୍, ମୋ ଉପରେ ଆପଣଂକର ସେତିକି ଭରସା ନାହିଁ ? ଆଉ ଲେଟ୍ କରନ୍ତୁ ନାହିଁ ।

ଅରବିନ୍ଦ : ଭରସା ଅଛି ବୋଲି ତ କହୁଛି । ଆଜିର ଏ ଦୁର୍ଦ୍ଦିନରେ ତମେ ହେଉଛ ମୋର ଏକମାତ୍ର ଭରସା ।

ମୁରାରୀ : ସାର୍, କୁହନ୍ତୁ । ଆଉ କି ପ୍ରକାର ସାହାଯ୍ୟ ମୁଁ କରିପାରିବି ?

ଅରବିନ୍ଦ : ହୋଟେଲ, ଫାର୍ମ, ସେୟାର ଅଫିସ୍‌ର କାଗଜପତ୍ର ସବୁ ପୋଲିସ୍ ସିଲ୍ କରିଛି । ମୋ ତରଫରୁ ତମେ ଏସବୁ ପାଇଁ ଓକିଲ ଦେଇ ଲଢ଼ିବ । ଟଙ୍କା ଠିକ୍ ସମୟରେ ତମପାଖରେ ପହଂଚିଯିବ ।

ମୁରାରୀ : ହେଲେ ସାର୍.... ?

ଅରବିନ୍ଦ : ମୁଁ ବେଶି ଦୂରକୁ ଯାଉନି । ଦୁବାଇଠାରେ ରହିବି । ସେଇଠୁ ସବୁକାମ ବୁଝାବୁଝି କରିବି । ତମର କିଛି ଅସୁବିଧା ହେବନି । ହଁ, ମୋର ଦୁବାଇ ରହଣି ବିଷୟରେ ଯେମିତି କେହି ସୁରାକ୍ ନ ପାଆନ୍ତି !

ମୁରାରୀ : ଆପଣ ସାର୍ ସେ ବିଷୟରେ ନିଶ୍ଚିନ୍ତ ରୁହନ୍ତୁ । ସାର୍, ଦୁର୍ଯ୍ୟୋଧନବାବୁଙ୍କ ବିଷୟରେ କିଛି ମୁଁ ଯଦି ସାହାଯ୍ୟ କରିପାରେ– ? ସେ ଏବେ ?

ଅରବିନ୍ଦ : ସେ କୋଉଠି ଅଛି ତା' ବିଷୟରେ କେହି କିଛି ଜାଣିନାହାନ୍ତି । ପୋଲିସ ବି ତା' ସୁରାକ୍ ପାଇବନି । (ଘଡ଼ିଦେଖି) ଟାଇମ୍ ହେଇଯାଉଛି । ମତେ ଶୀଘ୍ର ଏୟାରପୋର୍ଟରେ ପହଂଚିବାକୁ ପଡ଼ିବ । ହଁ, ଏ ଆଟାଚିଟାକୁ ତମେ କୌଣସି ପ୍ରକାରେ ଏୟାରପୋର୍ଟ ପହଂଚେଇ ଦିଅ । (ଆଟାଚିଦେଇ)

ମୁରାରୀ : ଏଥିରେ ସାର୍– ? (ଆଟାଚି ନେଇ)

ଅରବିନ୍ଦ : କିଛି ଦରକାରୀ କାଗଜପତ୍ର ଅଛି । ମୁଁ ଜାଣେ ତମକୁ କେହି ସନ୍ଦେହ କରିବେ ନାହିଁ ।

ମୁରାରୀ : ସାର୍, ଆଦିଲ ଗାଡ଼ି ଗଳି ଭଳିତରେ ଆମ୍ବଗଛ ମୂଳରେ ରଖିଛି । ଆପଣ ଚାଲନ୍ତୁ । ମୁଁ ଆପଣଙ୍କ ପଛେ ପଛେ ଯାଉଛି.... ।

[ଅରବିନ୍ଦ ବାହାରକୁ ଯିବାକୁ ଅଗ୍ରସର ହେଲା ବେଳେ, ବାରଣ କରିଛି କଙ୍ଗାରୁ ପୋଷାକରେ ପରିବର୍ତ୍ତନ । ହାତରେ ରିଭଲଭର । ଆଟାଚିଟା ଛଡ଼ାଇ ନେଇଛି ମୁରାରୀ ହାତରୁ । ସାଙ୍ଗରେ ଜଣେ ପୋଲିସ ଅଫିସର..]

କଙ୍ଗାରୁ : Don't move ! ଅରବିନ୍ଦ ପଟ୍ଟନାୟକ ତମର ସବୁଖେଳ ସରିଯାଇଛି । ଘର ଚାରିପଟେ ପୋଲିସ୍ ସଜାଗ ଅଛି ।

Digitized by PPRACHIN, SOA

ପୋ : ଅ	:	ତମର ସବୁ ଯୋଜନା ବିଷୟରେ ପୋଲିସ ଜାଣିସାରିଛି ।
ଅରବିନ୍ଦ	:	କଙ୍ଗାରୁ, ଏ ସବୁ କ'ଣ ହେଉଛି ?
ମୁରାରୀ	:	ଆରେ ହେଇ, ତୁ ସାର୍‌ଙ୍କ ସାଙ୍ଗରେ ଖେଳୁଛୁ ! ସିଏ ଗୋଟାଏ ଜରୁରୀ କାମରେ ବାହାରିଛନ୍ତି । କହୁଛି, ଛାଡ଼ିଦେ.... ।
ପୋ : ଅ	:	ଭଲ ଖେଳଟାଏ ଖେଳିଗଲ, ଅରବିନ୍ଦ ପଟ୍ଟନାୟକ ।
କଙ୍ଗାରୁ	:	ତମ ଦୁହିଁଙ୍କ କଥାବାର୍ତ୍ତା ରେକର୍ଡ଼ିଂ ହୋଇସାରିଛି । ଅରବିନ୍ଦ ପଟ୍ଟନାୟକ ତମର ସବୁ ଚାଲାକି ଫସରଫାଟି ଯାଇଛି । ଦୁର୍ଯ୍ୟୋଧନକୁ ଫେରାର୍ କରେଇଦେଇ ତମେ ଭାବିଥିଲ ବାଜିଟା ଜିତିଯିବ ! ହେଲେ ଭାଗ୍ୟ ତମର ଅନୁକୂଳ ନୁହେଁ ।
ପୋ : ଅ	:	ରାଜସ୍ଥାନ ପୋଲିସ୍ ତମ ଅପେକ୍ଷାରେ ।
ମୁରାରୀ		'କଙ୍ଗାରୁ'....
କଙ୍ଗାରୁ	:	ଚୁପ୍.... ତୁ' ବି' କମ୍ ନୁହଁ । ଦେଖୁଛୁ ଏଇ କାର୍ଡ଼ଟାକୁ ? [କାର୍ଡ଼ ଦେଖାଇ] ଇନ୍‌ସପେକ୍ଟର ପି.ରାମାରାଓ from Crime Branch କେବଳ ତମରିମାନଂକ ପାଇଁ ମୁଁ କଙ୍ଗାରୁ ସାଜିଥିଲି ।
ମୁରାରୀ	:	ମୁଁ କ'ଣ କରିଛି ଯେ ! ସାର୍ ଯାହା କହିଲେ, ଯେମିତି କହିଲେ, ମୁଁ କେବଳ ତାଂକ ଆଦେଶ ପାଳନ କରିଛି ମାତ୍ର । ମୋର ଦୋଷ କ'ଣ ?
ପୋ : ଅ	:	ସେ ସବୁ କୋର୍ଟରେ କହିବୁ । ଅରବିନ୍ଦ ପଟ୍ଟନାୟକ, ତମେ ଡାକେ ଡାକେ ଗଲେ ପୋଲିସ୍ ପତରେ ପତରେ ଯିବ । ଭାବିଥିଲ ପୁଅଟାକୁ ଭଗେଇ ଦେଇ ଦେଶଛାଡ଼ି ପଳେଇଥାନ୍ତ ! ସରକାରୀ ଅର୍ଥ ତୋଷରପାତ ଅଭିଯୋଗରେ ପୋଲିସ ତମ ନାଁରେ ୩ଟି କେଶ୍ ଦାଏର କରିଛି । ଯେତିକିଦିନ ଏ ଦେଶର ଜନତାଙ୍କୁ ଭୂଆଁ ବୁଲେଇଲ ବୁଲେଇଲ, ଏଣିକି ନିଜେ ଘଣା ପେଲିବାକୁ ପ୍ରସ୍ତୁତ ହେଇଯାଅ....
		[ଭିତରକୁ ପ୍ରବେଶ କରିଛନ୍ତି ଦୁଷ୍ମନ୍ତ]
ଦୁଷ୍ମନ୍ତ	:	ଅରବିନ୍ଦ, ଆଜି ଦିନ ତମାମ ମୁଁ ତତେ ଖୋଜୁଛି । ପାଉନି । ଆରେ ପେପର୍‌ରେ ଯାହା ସବୁ ବାହାରିଛି, ସେସବୁ କ'ଣ ସତ ?
ଅରବିନ୍ଦ	:	ଦୁଷ୍ମନ୍ତ, ତୁ ମତେ ଆଉ କିଛି ପଚାରନା । ମୁଁ ଭାରି ଲଜ୍ଜିତ । ତୋ ପ୍ରତି ମୁଁ ବହୁତ ଅନ୍ୟାୟ କରିଛି ।

Digitized by PPRACHIN, SOA

ଦୁଷ୍ମନ୍ତ : ଅବଶ୍ୟ ଏ ସବୁ ତୁ ଏକା ଏକା କେବେ କରିପାରିବୁନି । ତତେ ନିଶ୍ଚୟ କେହି ସାହାଯ୍ୟ କରିଛି (ମୁରାରୀକୁ ଚାହିଁଛନ୍ତି)

ମୁରାରୀ : ମୁଁ କିଛି କରିନି, ଭାଇ । ମତେ କ'ଣ ଆପଣ ଚିହ୍ନିନାହାନ୍ତି ?

ଦୁଷ୍ମନ୍ତ : ମୁଁ ତ ଆଗରୁ ଜାଣିଛି । ହେଲେ ତୋତେ ଏ ଦେଶର ଜନତା ଜାଣିନଥିଲେ । ଏବେ ଠିକ୍ ଜାଣିଗଲେ ।

କଙ୍ଗାରୁ : ଚାଲ, ବାହାରେ ପୋଲିସ ଭ୍ୟାନ ଅପେକ୍ଷା କରିଛି ।

ଦୁଷ୍ମନ୍ତ 'ଅରବିନ୍ଦ'.... !

ଅରବିନ୍ଦ : ମତେ କ୍ଷମା କରିଦବୁ, ଦୁଷ୍ମନ୍ତ । ଦେବିକା ତତେ ଲାଗିଲା । ଚାଲ ଇନ୍‌ସପେକ୍ଟର....

[ଆଗେଇବା ମୁଦ୍ରାରେ ଅରବିନ୍ଦ, ମୁରାରୀ । ଦୁଷ୍ମନ୍ତ ଚାହିଁ ରହିଥିଲେ ।]

◆

Digitized by PPRACHIN, SOA

ଶେଷ ଦୃଶ୍ୟ

[ଦୁଷ୍ମନ୍ତଙ୍କ ଡ୍ରଇଂରୁମ୍ । କିଛିଟା ନୂତନତାର ସ୍ୱାଦ ବାରି ହୋଇ ପଡୁଥିଲା । ବିବ୍ରତ ଅବସ୍ଥାରେ ପଦଚାରଣା କରୁଥିଲେ ଶକୁନ୍ତଳା । ଯେପରି କାହାକୁ ଅପେକ୍ଷା କରିଥିଲେ । ବାହାରୁ ଆସିଛି ଦେବିକା । ହାତରେ ଖବରକାଗଜ]

ଶକୁନ୍ତଳା : ତୁ ଏକା ଆସିଲୁ.... ! ସେମାନେ କୁଆଡ଼େ ଗଲେ ? ତୁ ଏୟାରପୋର୍ଟ ଯାଇଥିଲୁଟି ?

ଦେବିକା : [ନୀରବରେ ତଳକୁ ମୁହଁ କରିଛି]

ଶକୁନ୍ତଳା : ତୁ ଆଦୌ ବ୍ୟସ୍ତ ହ'ନି ମା' । ତୋ ବାପ ସିନା ଜେଲ୍ ଯାଇଛି, ହେଲେ ଏ ମା' ପରା ବଂଚିଛି । ତୁ ମୋର ବୋହୂ ନୁହଁ, ଝିଅ.... ।

ଦେବିକା : 'ମାଉସୀ'–

ଶକୁନ୍ତଳା : ଏଇ ଆଗାମୀ ତିଥିରେ ତମ ଦିହିଁଙ୍କ ବାହାଘର ମୁଁ ସାରିଦେବି । ପୁରୋହିତ ବି ଠିକ୍ ହେଇସାରିଛି । ଆରେ ମା' ତୁ ଆମମାନଂକୁ ଛାଡ଼ି ଭାରତ ସାଙ୍ଗରେ ଚାଲିଯିବୁନୁ ତ ? ସିଏ ତାର ଯାଉ । ଏଠି ଚାରିମାସ ରହି ସାରିଲେ, ତୁ ଯୁଆଡ଼କୁ ଯିବୁ ।

ଦେବିକା : ମାଉସୀ, ମୋ କଥା ଟିକିଏ ଶୁଣନ୍ତୁ ।

ଶକୁନ୍ତଳା : ଆଜି ମୋ ପୁଅ କାଶ୍ମୀରରୁ ଫେରୁଛି । ମୁଁ କାହାରି କଥା ଶୁଣିବିନି । ଆରେ ମା' ତୁ ଏ ଅସନା ଶାଢ଼ୀଟା କାହିଁକି ପିନ୍ଧିଛୁ ? ଯା' ବଦଳେଇ ପକା । ଭାରତ ଦେଖିଲେ କ'ଣ ଭାବିବ, କହିଲୁ !

ଦେବିକା : ମାଉସୀ, ମୋ କଥା ଟିକିଏ ଶୁଣନ୍ତୁ ।

ଶକୁନ୍ତଳା : ହଉ, କ'ଣ କହୁଛୁ କହ । ତୋ କଥା ଶୁଣିବିନି ତ ଆଉ କାହା କଥା ଶୁଣିବି !

ଦେବିକା : ଆଜିର ଖବରକାଗଜ ଦେଖିଛନ୍ତି ?

Digitized by PPRACHIN, SOA

ଶକୁନ୍ତଳା : ଆଖିକୁ ଭଲ ଦେଖାଯାଉନି । ତୁ ତ ମୋର ଆଖି । ତୁ ପଢ଼ିଦେଲେ ହେଇଯିବନି । କ'ଣ ବାହାରିଛି ମା' କହିଲୁ ।

[ଦେବିକା ଚାହିଁଛି ଶକୁନ୍ତଳାଙ୍କୁ]

ଶକୁନ୍ତଳା : ଆରେ ଚାହିଁଛୁ କ'ଣ, ପଢ଼ ।

[କାଗଜଟି ଦେବିକା ହାତରୁ ନେଇ ଦେଖିଛନ୍ତି]

ଆଲୋ ମା'.... ଇଏ ତ ଆମ ଭାରତ ଫଟୋ ଭଳି ଦେଖାଯାଉଛି ! ମୋ ପୁଅ ଆସୁ ଆସୁ ତା' ଫଟୋ କାଗଜରେ ବାହାରିଗଲାଣି ! କ'ଣ ବାହାରିଛି, ଟିକେ ପଢ଼ି ଶୁଣେଇଲୁ ମା'.... ।

ଦେବିକା : କେମିତି ପଢ଼ିବି, ମାଉସୀ.... ! (କାନ୍ଦି କାନ୍ଦି)

ଶକୁନ୍ତଳା : ତୁ କାନ୍ଦୁଛୁ କାହିଁକି ? କ'ଣ ହେଇଛି ? (କାଗଜଟା ଆଖି ପାଖକୁ ନେଇ) ନା...., କିଛି ପଢ଼ିହଉନି । ଖାଲି ତା' ଫଟୋଟା ଝାପ୍‌ସା ଦେଖାଯାଉଛି.... । କହ ମା' କ'ଣ ହେଇଛି ? ଭାରତର କିଛି ଅସୁବିଧା ହେଇନି ତ ? ତା' ବାପାତ ଏୟାରପୋର୍ଟ ଯାଇଛନ୍ତି.... !

ଦେବିକା : ମୁଁ କହିପାରିବିନି, ମାଉସୀ । ମତେ କିଛି ପଚାରନା.... ।

[ସ୍ତମ୍ଭୀଭୂତ ହୋଇପଡ଼ିଛନ୍ତି ଶକୁନ୍ତଳା]

ଶକୁନ୍ତଳା : ତୁ ମତେ କିଛି ଲୁଚଉଛୁ.... !

ଦେବିକା : ମାଉସୀ, ପୁଅ ସେକ୍ଟରରେ ଯୁଦ୍ଧ କରୁକରୁ ସିଏ ବହୁତ ଦୂରକୁ ଚାଲିଯାଇଛନ୍ତି, ଯୋଉଠୁ କେହି କେବେ ଫେରେନା ।

ଶକୁନ୍ତଳା 'ନା'.... ! [ଚିତ୍କାର କରିଛନ୍ତି । କାଗଜଟାକୁ ଚିରି ପକାଇଛନ୍ତି] ମିଛକଥା । ତମେମାନେ ସମସ୍ତେ ମିଛ କହୁଛ । ତା' ବାପା ଏୟାରପୋର୍ଟ ଯାଇଛନ୍ତି, ତାକୁ ଆଣିବାକୁ.... । ଏଇ ସାଙ୍ଗେ ସାଙ୍ଗେ ଫେରିଆସିବେ । ତୁ ଦେଖିବୁ ମା'.... ମୋ ପୁଅ ତା' ମା' ପାଖକୁ ନିଶ୍ଚୟ ଫେରିବ ।

[ଗାଡ଼ି ଅଟକିବାର ଶବ୍ଦ ହୋଇଛି]

ହେଇ ସେମାନେ ଆସିଗଲେ । ଯା' ମା'... ସେମାନଙ୍କୁ ପାଛୋଟି ନେଇଆ... । ମୁଁ ଦୁବ ବରକୋଳି ପତ୍ର ଆଣେ.... ଏତେ ଦିନ ପରେ ମୋ ପୁଅ ଘରକୁ ଆସୁଛି....

[ଭିତରକୁ ଆସିଛନ୍ତି ଦୁଷ୍ମନ୍ତ । ହାତରେ ଧରିଛନ୍ତି ନାଲି କନାରେ ଗୁଡ଼ାଯାଇଥିବା ଏକ ମାଟିକୁମ୍ଭ । ଦୁଷ୍ମନ୍ତ ଚାହିଁଛନ୍ତି ଶକୁନ୍ତଳାଙ୍କୁ.... । ଶକୁନ୍ତଳା ମାଟିକୁମ୍ଭକୁ.... । ସାଙ୍ଗରେ ପୋଲିସ୍ ଅଫିସର]

Digitized by PPRACHIN, SOA

ପୋ : ଅ : ଆପଣମାନେ ଧୈର୍ଯ୍ୟ ଧରନ୍ତୁ ।

ଦେବିକା 'ମାଉସୀ'....

[ଚୁପ୍ ରହିବାକୁ ସୂଚନା ଦେଉଛନ୍ତି ଶକୁନ୍ତଳା]

[ଦୁଷ୍ମନ୍ତ ମାଟିକୁମ୍ଭକୁ ତଳେ ରଖିବାକୁ ଯାଉଥିବା ବେଳେ ବାଧା ଦେଉଛନ୍ତି ଶକୁନ୍ତଳା....]

ଶକୁନ୍ତଳା : ଏ କ'ଣ କରୁଛ ! ଯୁଦ୍ଧ କରି କରି ସେ ଥକିପଡ଼ିଛି । ତାକୁ ମୋ କୋଳକୁ ଦିଅ । ସିଏ ଟିକିଏ ଶୋଇପଡୁ । ତାର ବିଶ୍ରାମ ଆବଶ୍ୟକ । ଆରେ ଚାହିଁଛ କ'ଣ.... ମୋ କୋଳକୁ ଦିଅ ।

[କୁମ୍ଭଟିକୁ ବଢ଼ାଇ ଦେଉଛନ୍ତି ଦୁଷ୍ମନ୍ତ ।]

କୋଳରେ ରଖି କୁମ୍ଭକୁ ଆଉଁସିଛନ୍ତି ଶକୁନ୍ତଳା....

ପୋ : ଅ ସାର୍, ଚିଫ୍ ମିନିଷ୍ଟର ଆସିବେ । ସାମ୍ବାଦିକମାନେ ଆସିବେ । ଆପଣ ପ୍ରସ୍ତୁତ ଥାଆନ୍ତୁ । ମୁଁ ବାହାରେ ଅଛି (ପ୍ରସ୍ଥାନ)

ଦୁଷ୍ମନ୍ତ : 'ଶକୁନ୍ତଳା'.... ।

ଶକୁନ୍ତଳା : ପାଟିକରନି । ସିଏ ଟିକେ ଶାନ୍ତିରେ ଶୋଇପଡୁ । ଉଠିଲେ ମତେ କ୍ଷିରି ମାଗିବ । ମୁଁ ତା' ପାଇଁ ସବୁ ତିଆରି କରି ରଖିଛି.... । ମୋ ଧନଟା କେତେଦିନ ହେଲା କ୍ଷିରି ଖାଇନି.....

ଦେବିକା 'ମାଉସୀ'....

[ଚୁପ୍ ରହିବାକୁ ଇଂଗିତ ଦେଉଛନ୍ତି ଶକୁନ୍ତଳା । ଲୋରି ଶୁଣାଉଛନ୍ତି ପୁଅକୁ । ସ୍ୱର କରୁଣ]

ଶକୁନ୍ତଳା : ଧୋରେ ବାଇଆ ଧୋ

ଯୋଉ କିଆରୀରେ ବହଳ ମାଣ୍ଡିଆ

ସେଇ କିଆରୀରେ ଶୋ....

ଧୋରେ ବାଇଆ ଧୋ....

[ଧୀରେ ଧୀରେ ଶକୁନ୍ତଳାଙ୍କ କଣ୍ଠ ଶେଷଆଡ଼କୁ ଆର୍ଦ୍ର ହୋଇଆସିଛି । ସମସ୍ତେ ପାଖକୁ ଲାଗି ଆସିଛନ୍ତି ।]

♦

Digitized by PPRACHIN, SOA

ପାଠକୀୟ ଭାଷ

ଓଡ଼ିଆ ମଂଚ ଓ ନାଟକ ଜଗତର ଏକ ସୁପରିଚିତ ନାମ ଡ. ନାରାୟଣ ସାହୁ । 'ଆଣ୍ଟା ଖୋଜି ବୁଲୁଥିବା ଈଶ୍ୱର', 'କାହାଣୀ ସବାଶେଷ ଲୋକର'ଠାରୁ ଆରମ୍ଭ କରି 'ଅଧା ଦେଖା ସ୍ୱପ୍ନ'ର ପରିସର ଡେଇଁ 'ସୁବର୍ଣ୍ଣ ସକାଳ'ରେ ପହଂଚିଥିବା ନାଟ୍ୟକାର ଶ୍ରୀ ସାହୁଙ୍କର କୋଡ଼ିଏଟି ପ୍ରାୟ ଭିନ୍ନ ସ୍ୱାଦର ନାଟକ ସେ ଓଡ଼ିଆ ନାଟ୍ୟ ଜଗତକୁ ଦାନ କରିଛନ୍ତି । ପ୍ରତ୍ୟେକଟି ନାଟକର ସ୍ୱର ତାଙ୍କର ଯେପରି ଭିନ୍ନ ସେହିପରି ନବ ଦିଗନ୍ତର ଓ ନବ ପ୍ରୟୋଗର ଉନ୍ମୋଚକ ମଧ । ନାଟକ ଏପରି ଏକ କ୍ଷେତ୍ର ଯେଉଁଠି କିଛି ପୁରୁଣା ହୁଏ ନାହିଁ ଏବଂ ସବୁବେଳେ ନୂଆ ରାସ୍ତା, ନୂଆ ଚେତନା, ନୂଆ ଅବବୋଧ, ନୂଆ ସଂଘର୍ଷର ପୃଷ୍ଠା ଅହରହ ଉନ୍ମୋଚିତ ହେଉଥାଏ । ଏହି ପରିପ୍ରେକ୍ଷୀରେ ନାଟକ କ୍ଷେତ୍ରରେ ଯେଉଁ କେତେ ଜଣ ନାଟ୍ୟକାରଙ୍କର ଭାରି କଣ୍ଠର ଗୁଂଜରଣ ଶୁଣାଯାଏ ସେମାନଙ୍କ ମଧରେ ଶ୍ରୀ ସାହୁ ଅନ୍ୟତମ । ତାଙ୍କର ପ୍ରତ୍ୟେକ ନାଟକର ପୃଷ୍ଠଭୂମି, କଥାବସ୍ତୁ, ଚରିତ୍ର ଚିତ୍ରଣରେ ତଥା ନାଟକୀୟ ପରିବେଷଣରେ ନୂତନନତାକୁ ଆସ୍ୱାଦନ କରି ହୁଏ । ଏହି ପରିପ୍ରେକ୍ଷୀରେ ସର୍ବଦା କ୍ରିୟାଶୀଳ ନାଟ୍ୟକାର ଶ୍ରୀ ସାହୁଙ୍କର ଅନ୍ୟ ଏକ କୃତି ''ଦୂର ଆକାଶର ତାରା'' । ସଂପୂର୍ଣ୍ଣ ଭାବରେ ସାଂପ୍ରତିକ ଜୀବନର ପ୍ରାତ୍ୟାହିକ କଥା ଉପରେ ଆଧାରିତ ଏକ ନାଟକ । ଜେଜେମାଙ୍କୁ ଛୋଟିଆ ପ୍ରଶ୍ନଟିଏ ପଚାରିଲେ– ''ତୁମ ବାପା ମା' କେଉଁଠି ଅଛନ୍ତି ?'' ଜେଜେମା ହାତ ଦେଖେଇ ଆକାଶର ତାରାଙ୍କୁ ଦେଖାଇ ଦିଏ, ଠିକ୍ ସେମିତି ପିଢ଼ି ପରେ ପିଢ଼ି ନିଜର ପୂର୍ବ ପୁରୁଷଙ୍କୁ ଦୂର ଆକାଶର ତାରା ଗହଣରେ ଖୋଜିଥାନ୍ତି । କିନ୍ତୁ ଯେତେବେଳେ ସେଇ ଦୂର ଆକାଶରେ ଆତଯାତ ହେଉଥିବା ତାରାମାନଙ୍କ ଗହଣରୁ ନିଜ ଉତ୍ତର ପୁରୁଷକୁ ଖୋଜିବାକୁ ହୁଏ, ହାରିଯାଏ ସେଠି ଆଦର୍ଶ, ହାରିଯାଏ ଜୀବନର ସତ୍ୟ, ହାରିଯାଏ ଜୀବନର ସବୁ ଅଂକ କଷା । ଏମିତି ଏକ ପ୍ରଶ୍ନୋତ୍ତରି ପ୍ରଶ୍ନକୁ ନେଇ ରଚିତ ନାଟକ ''ଦୂର ଆକାଶର ତାରା ।''

ଦୂର ଆକାଶର ତାରାର କାହାଣୀ କୌଣସି କଳ୍ପନା ଜଗତର କଥା ନୁହେଁ । ପ୍ରତିଦିନ ଆମ ଚାରିପାଖରେ ଘଟୁଥିବା ଅନେକ ଘଟଣାର ସମାବେଶ ମାତ୍ର । ଆଦର୍ଶବାଦୀ ଦୁଷ୍ମନ୍ତ ମହାପାତ୍ରଙ୍କର ଆଦର୍ଶବାଦୀ ସନ୍ତାନ ଭାରତ । ବିଶ୍ୱବିଦ୍ୟାଳୟର କୃତୀ ଛାତ୍ର ।

Digitized by PPRACHIN, SOA

ତାର ଗୋଟିଏ ସଂଳାପରୁ ତାକୁ ସହଜରେ ଚିହ୍ନି ହୋଇଯାଏ- "ତୁ କ'ଣ ଚାହୁଁଛୁ, ଗୁଣ୍ଡା ବଦମାସ ମଦୁଆ ଏମାନେ ସମସ୍ତେ ରାଜନୀତି କରନ୍ତୁ ! ଏଇନେ ବିଧାନ ସଭାରେ ଯାହା ସବୁ ହେଉଛି ସମସ୍ତେ ଦେଖୁଛନ୍ତି... ।" ଆଦର୍ଶ ପିତାର ଆଦର୍ଶ ସନ୍ତାନ । ଠିକ୍ ସେମିତି ଆଦର୍ଶବାଦୀ ଶିକ୍ଷକ ଦୁଷ୍ମନ୍ତ ବାବୁ । ଭାଂଗିଯିବେ ପଛେ ନଇଁଯିବେ ନାହିଁ । ରାଜନୈତିକ ଚାପ, ବଂଧୁ ବାନ୍ଧବ, ମାୟା ମମତା କାହା ସହିତ ସେ ସାଲିସ୍ କରିପାରୁ ନାହାନ୍ତି । କିନ୍ତୁ ଜୀବନ ପାଇଁ ଆଦର୍ଶ ସବୁ କିଛି ନୁହେଁ । ଆଦର୍ଶ ଓ ଆଦର୍ଶ ମଧ୍ୟରେ ଦ୍ୱନ୍ଦ ଆରମ୍ଭ ହେଉଛି, ଯେତେବେଳେ ବିଶ୍ୱବିଦ୍ୟାଳୟର କୃତୀ ଛାତ୍ର ହେବା ସତ୍ତ୍ୱେ ମଧ୍ୟ ଭାରତକୁ ଚାକିରୀ ଖଣ୍ଡେ ମିଳୁ ନାହିଁ । ନିଜ ପିତାଙ୍କର ଆଦର୍ଶ ପ୍ରତି ଅତ୍ୟଧିକ ଆନୁଗତ୍ୟ ତାଙ୍କ ଚାରି ପାଖରେ ସୃଷ୍ଟି କରିଛି ଅନେକ ଶତ୍ରୁ ଏବଂ ସେଥିରେ ସବୁଠୁଁ ବେଶୀ କ୍ଷତି ହେଉଛି ତାଙ୍କ ପରିବାରର । ରାଜନୈତିକ ନେତାମାନେ ଯେପରି ସାରା ସଂସାରକୁ ଦାସ କରି ରଖିଛନ୍ତି, ନାଟ୍ୟକାର ତାର ବାସ୍ତବ ଚିତ୍ର ଅଂକନ କରିଛନ୍ତି ମନ୍ତ୍ରୀ ଅରବିନ୍ଦ ଓ ତାଙ୍କ ପୁତ୍ର ଦୁର୍ଯୋଧନ ମଧ୍ୟରେ । ଅରବିନ୍ଦ ଓ ଦୁଷ୍ମନ୍ତ ବାଲ୍ୟ ବଂଧୁ, ଅଥଚ ଅରବିନ୍ଦଙ୍କ ରାଜନୀତି ଓ ଦୁଷ୍ମନ୍ତଙ୍କ ଆଦର୍ଶ ତାଙ୍କ ଭିତରେ ଏକ ବିରାଟ ପାଚେରୀ ଠିଆ କରି ଦେଇଛି । ସେଥିରେ ପେଶି ହୋଇଯାଉଛି 'ଭାରତ' । ମଧ୍ୟବିତ୍ତ ଆଦର୍ଶବାଦୀ ପରିବାରରେ ଜନ୍ମଗ୍ରହଣ କରି ରାଜନୈତିକ ନେତାମାନଙ୍କ ଦ୍ୱାରା ନିଷ୍ପେସିତ ହେଉଥିବା ଅନେକ ଯୁବକଙ୍କର ପ୍ରତିନିଧି ଭାରତ, ଯେଉଁମାନେ ଆଜିର ପୃଥିବୀରେ ବଂଚୁଛନ୍ତି । ଗୋଟିଏ ପାଖରେ ଆଦର୍ଶର ଦୁହାଇ ଦେଇ ନିଜର ଏକ ସ୍ୱତନ୍ତ୍ର ପୃଥିବୀ ଗଢ଼ିଥିବା ମଣିଷମାନେ ଭୁଲି ଯାଉଛନ୍ତି, ଆଜିର ପୃଥିବୀର ବିଷସ୍ରୋତରେ ଅସହାୟ ଭାବରେ ଭାସୁଥିବା ବିନ୍ଦୁମାନଙ୍କ କଥା, ଆଉ ଗୋଟିଏ ପାଖରେ ସମାଜରେ ବିଷ ମଂଜି ବୁଣୁଥିବା ସ୍ୱାର୍ଥପର ରାଜନୈତିକ ନେତା, ଯେଉଁମାନେ ବିଷସ୍ରୋତରେ ଅସହାୟ ଭାବରେ ଭାସୁଥିବା ମୁକ୍ତା ବିନ୍ଦୁମାନଙ୍କୁ ସାଉଁଟି ନେଇ ନିଜ ସ୍ୱାର୍ଥରେ ବିନିଯୋଗ କରିବାପାଇଁ ତତ୍ପର ।

ଏଇ ନାଟକଟି ଅତ୍ୟନ୍ତ ବାସ୍ତବବାଦୀ । ଯଦିଓ ସଂଳାପ ମଧ୍ୟରେ ଅନେକ ଯାଗାରେ ଶ୍ରୀ ସାହୁଙ୍କର କବି ମନର କୋମଳ ସ୍ପର୍ଶକୁ ଅନୁଭବ କରିହୁଏ, ତଥାପି ତାହା ନାଟକୀୟ ସତ୍ୟ ପ୍ରକାଶ କରିବାରେ କୌଣସି ପ୍ରତିବଂଧକ ସୃଷ୍ଟି କରେ ନାହିଁ । କଥାବସ୍ତୁ ଏତେ ବେଶୀ ବାସ୍ତବମୁଖୀ ଯେ ନିକଟ ଅତୀତରେ ଘଟିଥିବା କିଛି ଘଟଣାର ସ୍ପଷ୍ଟ ଛାପ ଏଥିରେ ଦେଖିବାକୁ ମିଳେ । ଭାରତ ଚରିତ୍ରର ପ୍ରାରମ୍ଭ, ତାର ପୀଡ଼ା ଅବସ୍ଥା ଚକ୍ରରେ ଅରବିନ୍ଦଙ୍କ ଆଶ୍ରୟ ଗ୍ରହଣ ପୁନଶ୍ଚ ତାର ଜୀବନକୁ ନିୟନ୍ତ୍ରିତ କରି ରଖିବାର ସାମର୍ଥ୍ୟ ମଧ୍ୟରେ ନାଟ୍ୟକାର କେତୋଟି ଅତି ଉଚ୍ଚ କୋଟୀର ସତ୍ୟକୁ ତଥ୍ୟଭିତ୍ତିକ କରି ପ୍ରତିଷ୍ଠିତ କରିଛନ୍ତି । ନାଟ୍ୟକାରଟିଏ ସମାଜର ଜାଗ୍ରତ ପହରୀ । ସେ ଧର୍ମ ପାଳନ କରି ନପାରିଥିଲେ

Digitized by PPRACHIN, SOA

ଆଜିଯାଏ ପୃଥିବୀର କୌଣସି ନାଟ୍ୟକାର ସଫଳ ନାଟ୍ୟକାର ଭାବରେ ପରିଗଣିତ ହୋଇପାରେ ନାହିଁ ।

ଅଂଧାରରେ କିଛି ବାଟ ଚାଲିଲେ ଅଂଧାର କ୍ରମେ ଆଲୋକିତ ହେଇଉଠେ । ହଠାତ୍ ସେଇ ଆଲୋକିତ ଅନ୍ଧାରରେ ଚାଲୁ ଚାଲୁ ତୀବ୍ର ଆଲୋକର ସାମ୍ନାସାମ୍ନି ହେଲେ ଆଖି ଝଲକା ହେଇଯାଏ । ଠିକ୍ ସେହିପରି ଆଲୋକରେ ବାଟ ଚାଲୁ ଚାଲୁ ଅଂଧାରରେ ପହଂଚିଗଲେ ଝୁଣ୍ଟି ପଡ଼ିବାର ଭୟ ଥାଏ । ଜୀବନର ଅଜସ୍ର ଅନୁଭବ ମଧ୍ୟରେ ଏ ଆଲୋକ ଓ ଅନ୍ଧାର ଅତି ନିବିଡ଼ ଭାବରେ ଜଡ଼ିତ ଥା'ନ୍ତି । ଆଦର୍ଶ ଜୀବନର ଆଲୋକ କିନ୍ତୁ ବାଂସ୍ତବ ଜୀବନ ମଣିଷକୁ ଅନେକ ଅନ୍ଧାର ସହିତ ପରିଚିତ କରାଇ ଦେଇଥାଏ । ଏଇ ଆଲୋକ ଅନ୍ଧାରର ଲୁଚକାଳି ଖେଳ ଭିତରେ ଦୋହଲୁଥାଏ ଜୀବନ । ସେଇ ଜୀବନକୁ ନେଇ ନାଟ୍ୟକାର ଶ୍ରୀ ସାହୁଙ୍କର ଏଇ ନାଟକଟି । କଥା, ଚରିତ୍ର, ସଂଳାପ, ମଂଚସଜ୍ଜା, ଦୃଶ୍ୟସଜ୍ଜା ତଥା ସଂପୂର୍ଣ୍ଣ ନାଟକୀୟ ସଂଭାରରେ ପରିପୂର୍ଣ୍ଣ ଏହା ଏକ ସଫଳ ନାଟକ । ଏଇ ନାଟକରେ ପ୍ରତ୍ୟେକ ବର୍ଗୀୟ ଚରିତ୍ରମାନେ ନିଜକୁ ଅତି ସହଜରେ ଚିହ୍ନିପାରିବେ । ଦର୍ଶକ ଆସନରୁ ଉଠିଆସି ହୁଏତ ଦୁଷ୍ମନ୍ତ, ହୁଏତ ଅରବିନ୍ଦ, ହୁଏତ ଭାରତ, ହୁଏତ ଦୁର୍ଯ୍ୟୋଧନ, ମୁରାରୀ, ଶକୁନ୍ତଳା, ଦେବିକା ମଧ୍ୟରେ ନିଶ୍ଚୟ ଏକାକାର ହେବେ, ଗ୍ରହଣ କରିନେବେ ଏମାନଙ୍କ ଦ୍ୱିଧା, ଏମାନଙ୍କ ଜୀବନ ଦର୍ଶନ, ଏମାନଙ୍କ ଆତ୍ମପୀଡ଼ନ ଅଥବା ଆତ୍ମଗ୍ଲାନିକୁ । "ଦୂର ଆକାଶର ତାରା" ନାଟକ ଚମକପ୍ରଦ ହେଉ ବା ନହେଉ ଚିତ୍ତଗ୍ରାହୀ ନିଶ୍ଚୟ ହେବ, ଏହା ମୋର ଆଶା ଓ ବିଶ୍ୱାସ । ନାଟକଟିର ସାମଗ୍ରିକ ସଫଳତା କାମନା କରୁଛି ।

ଡ. ତୁଳସୀ ଓଝା
ପ୍ରାକ୍ତନ ଅଧ୍ୟକ୍ଷା, ସରକାରୀ ମହିଳା ମହାବିଦ୍ୟାଳୟ, ପୁରୀ

Digitized by PPRACHIN, SOA

ଓଡ଼ିଆ ନାଟକ ରଚନା ଏବଂ ନାଟ୍ୟ ସମାଲୋଚନା କ୍ଷେତ୍ରରେ ଡକ୍ଟର ନାରାୟଣ ସାହୁ ଏକ ସୁପରିଚିତ ନାମ । ଅଦ୍ୟାବଧି ତାଂକର ୧୮ଟି ସମାଲୋଚନା ପୁସ୍ତକ, ୨ଟି ଜୀବନୀ, ୭ଟି ଶିଶୁ ଉପଯୋଗୀ ପୁସ୍ତକ, ୫ଟି ସଂପାଦନା ପୁସ୍ତକ ଏବଂ ୧୪ଟି ନାଟକ ପ୍ରକାଶିତ । ଏତଦ୍‌ବ୍ୟତୀତ ସେ ୨ଟି ଚଳଚ୍ଚିତ୍ର, ୨ଟି ଟି.ଭି. ସିରିଏଲ୍, ୫ଟି ଟେଲିଫିଲ୍ମର ଚିତ୍ରନାଟ୍ୟ ତଥା ସଂଳାପ ରଚୟିତା ।

ନାରାୟଣ ସାହୁଙ୍କର କେତୋଟି ବହୁ ଚର୍ଚ୍ଚିତ ପୁସ୍ତକ ହେଉଛି- ନାଟକ ଓ ମଞ୍ଚର କଳାକୌଶଳ, ନାଟକ ତତ୍ତ୍ୱବିଚାର, ବୃତ୍ତିକୋଷ । ଜନାଦୃତ ନାଟ୍ୟପୁସ୍ତକ ମଧ୍ୟରେ ରହିଛି- ଆଶ୍ରା ଖୋଜି ବୁଲୁଥିବା ଈଶ୍ୱର (ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ), କାହାଣୀ ସବାଶେଷଲୋକର, ସୁବର୍ଣ୍ଣସକାଳ, ପ୍ରଶ୍ନ, ଉପାସନା, ମୂକ, ଅଧାଦେଖା ସ୍ୱପ୍ନ, ପୁନଶ୍ଚ ସଂଗ୍ରାମ, ଅପରାହ୍ନର ଅବଶୋଷ, ପ୍ରାୟଶ୍ଚିତ୍ତ, ନିଷିଦ୍ଧ ସଂଳାପ, କ୍ରାନ୍ତି ଇତ୍ୟାଦି । ତାଂକର ଏକାଙ୍କିକା ସଂକଳନ ହେଉଛି- ଫ୍ରଣ୍ଟଲାଇନ ଓ ଅନ୍ୟାନ୍ୟ ନାଟକ, ଏମିତିବି ହୁଏ ଓ ଅନ୍ୟାନ୍ୟ ନାଟକ, ଶିଶୁନାଟକ ସଂକଳନ- ପିଲାଙ୍କ ନାଟକ ।

ମଞ୍ଚ, ବେତାର, ଦୂରଦର୍ଶନ ଏବଂ ଚଳଚ୍ଚିତ୍ରଜଗତ ସହିତ ନାଟ୍ୟକାର ସାହୁ ତିନିଦଶନ୍ଧି ଧରି ଜଡ଼ିତ । ୧୯୯୦ରୁ ସେ ଉତ୍କଳ ବିଶ୍ୱବିଦ୍ୟାଳୟର ଅଧ୍ୟାପନା ସହିତ ସଂପୃକ୍ତ ।

Digitized by PPRACHIN, SOA